# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୬/୧୦/୨୦୨୨ (୧୪ ପୃଷ୍ଠା) | Bhubaneswar, Wednesday, October 26/2022 Page 14 ₹ 7.00 | ★★★★★★

୪୮ଶ ଭାଗ ୩୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 329 | ମୂଲ୍ୟ ₹୭/-



DSPL - 159

କୃଷକ ଓଡ଼ିଶା



# ସଫଳ
# SAFAL
Simplified Application For Agricultural Loans

## ଦେଶର ସର୍ବପ୍ରଥମ ସହଜ ଓ ସୁବିଧାଜନକ କୃଷି ଏବଂ କୃଷି ଉଦ୍ୟୋଗ ଋଣ ଆବେଦନ ପୋର୍ଟାଲ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା ଲୋକାର୍ପଣ

୨୬ ଅକ୍ଟୋବର ୨୦୨୨ | ସଂନ୍ଧ୍ୟା ୫ଟା ୩୦ ମିନିଟ୍

www.safal.odisha.gov.in



- 'କୃଷକ ଓଡ଼ିଶା' ଡାଟାବେସ୍ ସହିତ ସଂଯୁକ୍ତ
- ୪୦ ରୁ ଅଧିକ ବ୍ୟାଙ୍କ ସଂଯୋଗୀକୃତ
- ୩୦୦ ରୁ ଅଧିକ ରକମର କୃଷି ଋଣ ପାଇଁ ଆବେଦନ ସୁବିଧା
- ୭୦ରୁ ଅଧିକ ମଡେଲ୍ ପ୍ରକଳ୍ପ ରିପୋର୍ଟ
- ଅନଲାଇନ୍ ଆବେଦନ ସୁବିଧା ସହିତ 'ମୋ ସେବା କେନ୍ଦ୍ର'ରୁ ଆବେଦନ ସୁବିଧା
- ଋଣ ଦରଖାସ୍ତର ସ୍ଥିତି ଯାଞ୍ଚ ସୁବିଧା

OIPR-01102/13/0012/2223

ଅଧିକ ସୂଚନା ନିମନ୍ତେ ଯୋଗାଯୋଗ କରନ୍ତୁ
ଆମ କୃଷି ହେଲ୍ପ ଲାଇନ୍ ୧୫୫୩୩୩

### ସହଯୋଗୀ ବ୍ୟାଙ୍କ୍

AXIS BANK | Bandhan Bank | Bank of Baroda | Bank of India | Bank of Maharashtra | Canara Bank | Central Bank of India | DCB BANK | ESAF Small Finance Bank | Federal Bank | HDFC Bank | ICICI Bank | IDBI Bank | IDFC First Bank | Indian Bank | Indian Overseas Bank | Odisha Gramya Bank | pnb | Punjab & Sind Bank | SBI | UCO Bank | Union Bank | 17 DCCB Banks

କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ

**କାର୍ ବିସ୍ଫୋରଣ ମାମଲା: ୟୁଏପିଏରେ ୫ ଗିରଫ**

କୋଏମ୍ବାଟୁରରେ କାର୍ ବିସ୍ଫୋରଣ ମାମଲା ସହ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର ୟୁଏପିଏ(ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ)ରେ ଗିରଫ କରାଯାଇଥିବା ପୋଲିସ କମିଶନର ବାଲକ୍ରିଷ୍ଣନ କହିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ୨୦୧୯ରେ ଜାତୀୟ ତଦନ୍ତକାରୀ ସଂସ୍ଥା ଜେରା କରିଥିଲା। ଗିରଫମାନେ ହେଲେ ମହମ୍ମଦ ତାଲ୍କା, ମହମ୍ମଦ ଆଝାରୁଦ୍ଦିନ, ମହମ୍ମଦ ରିୟାଜ, ଫିରୋଜ ଇସ୍‌ମାଇଲ ଏବଂ ମହମ୍ମଦ ନୱାଜ ଇସ୍‌ମାଇଲ। କାର୍‌ରେ ଥିବା ଏକ ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ କେତେଜଣ ପୂର୍ବରୁ କେରଳ ଯାଇଥିବା ତଦନ୍ତରୁ ଜଣାପଡ଼ିଛି।

## ସଂକ୍ଷେପରେ

### କେରଳ: ଆଉ ୨ କୁଳପତିଙ୍କୁ କାରଣ ଦର୍ଶାଅ ନୋଟିସ

**ଥିରୁଭାନନ୍ତପୁରମ୍,୨୫।୧୦:** କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍ ମଙ୍ଗଳବାର ଆଉ ୨ ଜଣ କୁଳପତିଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଛନ୍ତି। ସେମାନଙ୍କର ନିଯୁକ୍ତି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିୟମାବଳୀର ଉଲ୍ଲଂଘନ କରୁଥିବାରୁ କେଉଁ ଆଇନଗତ ଅଧିକାର ବଳରେ ସେମାନେ ପଦବୀରେ ରହିଛନ୍ତି ବୋଲି ନୋଟିସରେ ପ୍ରଶ୍ନ କରାଯାଇଛି। ଶ୍ରୀନାରାୟଣଗୁରୁ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ କେରଳ ୟୁନିଭର୍ସିଟି ଅଫ୍ ଡିଜିଟାଲ ସାଇନ୍ସ, ଇନୋଭେଶନ ଆଣ୍ଡ୍ ଟେକ୍‌ନୋଲୋଜିର ଭିସିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଗତ ସପ୍ତାହରେ ରାଜ୍ୟପାଳ ଅନ୍ୟ ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଇସ୍ତଫା ଦେବାକୁ କହିଥିଲେ। ସୋମବାର ମଧ୍ୟାହ୍ନ ସୁଦ୍ଧା ସେମାନେ ଜବାବ ଦାଖଲ କରିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ନଭେମ୍ବର ୩ ସୁଦ୍ଧା ଜବାବ ଦାଖଲ କରିବାକୁ କୁହାଯାଇଛି।

### ଦଳିତ ଦମ୍ପତି ଓ ପୁଅଙ୍କୁ ଗୁଳିକରି ହତ୍ୟା

**ଡାମୋହ,୨୫।୧୦:** ମଧ୍ୟପ୍ରଦେଶର ଡାମୋହ ଜିଲା ଡେୱାନ୍ ଗ୍ରାମରେ ଏକ ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ସକାଳେ ଦଳିତ ଦମ୍ପତି ଓ ସେମାନଙ୍କ ୩୨ ବର୍ଷର ପୁଅଙ୍କୁ ଗୁଳିକରି ହତ୍ୟା କରାଯାଇଛି। ହତ୍ୟାକାଣ୍ଡରେ ୬ ଜଣ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଦମ୍ପତିଙ୍କ ଅନ୍ୟ ଦୁଇ ପୁଅ ଆହତ ହୋଇଛନ୍ତି। ଫେରାର ଥିବା ଅଭିଯୁକ୍ତମାନଙ୍କ ଘର ଉକ୍ତ ଗ୍ରାମରେ। ପୋଲିସ ସେମାନଙ୍କ ବିରୋଧରେ ହତ୍ୟା ସମେତ ଆଇପିସିର ଅନ୍ୟାନ୍ୟ ଦଫା ଏବଂ ଅନୁସୂଚିତ ଜାତି/ଉପଜାତି ଅତ୍ୟାଚାର ନିରାକରଣ ଆଇନର ଧାରା ଲଗାଇ ସେମାନଙ୍କୁ ଧରିବା ଲାଗି ତନାଘନା ଚଳାଇଛି।

### ଲିଙ୍ଗାୟତ ସନ୍ଥଙ୍କ ଆତ୍ମହତ୍ୟା

**ବେଙ୍ଗାଲୁରୁ,୨୫।୧୦:** କର୍ଣ୍ଣାଟକର କଞ୍ଚୁଗାଲ ବନ୍ଦେମଠ ଲିଙ୍ଗାୟତ ସନ୍ଥଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସୋମବାର ସକାଳେ ମିଳିଛି। ବ୍ଲାକମେଲ୍‌ରେ ଅତିଷ୍ଠ ହୋଇ ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ତାଙ୍କ ମୃତଦେହ ନିକଟରୁ ମିଳିଥିବା ଏକ ସୁଇସାଇଡ୍ ନୋଟ୍‌ରେ ତାଙ୍କୁ କେତେଜଣ ହଇରାଣ କରିବା ସହ ବ୍ଲାକ୍‌ମେଲ୍ କରୁଥିଲେ ବୋଲି ଉଲ୍ଲେଖ ଅଛି। ଶ୍ରୀବାସବଲିଙ୍ଗେଶ୍ୱର ସ୍ୱାମୀ ମେଗାଡ଼ି ତାଲୁକ୍ କେମ୍ପୁରା ମଠର ମୁଖ୍ୟ। ମଠ ପରିସରରେ ଥିବା ପୂଜା ଘର ଝରକା ଗ୍ରିଲ୍‌ରୁ ତାଙ୍କ ମୃତଦେହ ଝୁଲୁଥିଲା। ଶ୍ରୀବାସବଲିଙ୍ଗେଶ୍ୱର ୧୯୯୭ରେ ମଠ ମହନ୍ତ ଭାବେ ଦାୟିତ୍ୱ ନେଇଥିଲେ।

### ୨୦୨୪ ଜାନୁୟାରୀରେ ଭକ୍ତଙ୍କ ପାଇଁ ଖୋଲିବ ରାମମନ୍ଦିର

**ଅଯୋଧ୍ୟା,୨୫।୧୦:** ଅଯୋଧ୍ୟା ଦୀପୋତ୍ସବ ପାଳନ ପରେ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ମଙ୍ଗଳବାର ପ୍ରଥମ ଥର ପାଇଁ ଗଣମାଧ୍ୟମକୁ ମନ୍ଦିର ନିର୍ମାଣ ଦେଖାଇଛି। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ପୂଜାର୍ଚ୍ଚନା ସହ ଦୀପୋତ୍ସବରେ ଭାଗ ନେଇଥିଲେ। ସେ ଯେଉଁ ମଞ୍ଚରୁ ମନ୍ଦିର ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ, ଖବରଦାତାମାନଙ୍କୁ ସେଠାକୁ ନିଆଯାଇଥିଲା। ମନ୍ଦିରର ୫୦% ନିର୍ମାଣ ଶେଷ ହୋଇଥିବା ଟ୍ରଷ୍ଟ ସାଧାରଣ ସମ୍ପାଦକ ଚମ୍ପତ୍ ରାୟ୍ କହିଛନ୍ତି। ରାମଲାଲାଙ୍କ ମୂର୍ତ୍ତି ସ୍ଥାପନ ପରେ ୨୦୨୪ ଜାନୁୟାରୀ ମକର ସଂକ୍ରାନ୍ତିରୁ ଏହା ଭକ୍ତମାନଙ୍କ ପାଇଁ ଖୋଲିବ ବୋଲି ସେ କହିଛନ୍ତି।



ବକିଂହାମ୍ ପ୍ୟାଲେସ୍‌ରେ କିଙ୍ଗ ଚାର୍ଲ୍ସ ୩ୟଙ୍କ ସହ ଋଷି ସୁନକ।

## ବିଶ୍ୱ ନେତାଙ୍କ ପ୍ରତିକ୍ରିୟା

"ଋଷି ସୁନକ ବ୍ରିଟେନର ପ୍ରଧାନମନ୍ତ୍ରୀ ହେବା ପରେ ବୈଶ୍ୱିକ ସମସ୍ୟାଗୁଡ଼ିକର ସମାଧାନ ଓ ରୋଡ୍‌ମ୍ୟାପ୍ ୨୦୩୦କୁ କାର୍ଯ୍ୟକାରୀ କରାଯିବା ନେଇ ମୁଁ ଆଶାବାଦୀ। ଆମ ଐତିହାସିକ ସମ୍ପର୍କକୁ ଏକ ଆଧୁନିକ ସହଭାଗିତାରେ ପରିବର୍ତ୍ତିତ କରିବା ଦିଗରେ ଅଗ୍ରସର ହେଉଥିବାବେଳେ ବ୍ରିଟିଶ ଭାରତୀୟମାନଙ୍କ ଜୀବନ୍ତ ସେତୁ ଋଷିଙ୍କୁ ଦୀପାବଳିର ଶୁଭେଚ୍ଛା।

*–ନରେନ୍ଦ୍ର ମୋଦି, ଭାରତର ପ୍ରଧାନମନ୍ତ୍ରୀ*

"ବ୍ରିଟେନର ପ୍ରଧାନମନ୍ତ୍ରୀ ହୋଇଥିବା ଋଷି ସୁନକଙ୍କୁ ଅଭିନନ୍ଦନ। ୟୁକ୍ରେନ୍‌କୁ ଦୃଢ଼ ସମର୍ଥନ ସହ ବୈଶ୍ୱିକ ସୁରକ୍ଷା ଓ ସମୃଦ୍ଧି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ସକାଶେ ଆଶାବାଦୀ।

*–ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି*

"ବ୍ରିଟିଶ ସମାଜ ତଥା ସାରା ବିଶ୍ୱ ଆଗରେ ଥିବା ଆହ୍ୱାନଗୁଡ଼ିକୁ ସଫଳତାର ସହ ଅତିକ୍ରମ କରିବା ଲାଗି ଋଷି ସୁନକଙ୍କୁ ଶୁଭେଚ୍ଛା। ୟୁକ୍ରେନ୍-ବ୍ରିଟେନ୍ ପ୍ରତିରକ୍ଷା ସହଭାଗିତାକୁ ମଜଭୁତ କରିବା ପାଇଁ ମୁଁ ପ୍ରସ୍ତୁତ।

*–ଭୋଲୋଡିମିର ଜେଲେନ୍‌ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି*

"ଋଷି ସୁନକଙ୍କ ଅଧୀନରେ ବ୍ରିଟେନ ସହ ଉତ୍ତମ ସମ୍ପର୍କର କୌଣସି କାରଣ ଦେଖୁନାହିଁ ରୁଷିଆ।

*–ଡିମିଟ୍ରି ପେସ୍‌କୋଭ୍, କ୍ରେମଲିନ୍ ମୁଖପାତ୍ର*

"କାନାଡା ଓ ବ୍ରିଟେନର ସହଭାଗିତା ଇତିହାସ ଏବଂ ଆମେ ପରସ୍ପର ସହ ବିନିମୟ କରୁଥିବା ପ୍ରାଥମିକତା ଦ୍ୱାରା ପରିଭାଷିତ ହୋଇଛି।

*–ଜଷ୍ଟିନ୍ ଟ୍ରୁଡୋ, କାନାଡା ପ୍ରଧାନମନ୍ତ୍ରୀ*

"ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ୟୁରୋପ ସମେତ ବିଶ୍ୱ ସମ୍ମୁଖରେ ରହିଥିବା ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ବ୍ରିଟେନ ସହ ମିଳିତ ଭାବେ କାର୍ଯ୍ୟ କରିବୁ।

*–ଇମାନ୍ୱେଲ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି*

"ଋଷି ସୁନକଙ୍କ ନେତୃତ୍ୱରେ ବ୍ରିଟେନ ସହ ସମ୍ପର୍କ ଦୃଢ଼ତର ହେବ। ପାରସ୍ପରିକ ସମ୍ମାନ, ସହଭାଗିତା ବଳରେ ଚାଇନା-ବ୍ରିଟେନ୍ ସମ୍ପର୍କକୁ ଉପଯୁକ୍ତ ମାର୍ଗରେ ଆଗେଇନେବା ପାଇଁ ବେଜିଂ ଆଗ୍ରହୀ।

*–ୱାଙ୍ଗ୍ ୱେନବିନ୍, ଚାଇନା ବହିର୍ବ୍ୟାପାର ମୁଖପାତ୍ର*

"ସମାନ ଆହ୍ୱାନକୁ ସାମ୍ନା କରି ସ୍ଥିରତା ଆଣିବା ପାଇଁ ଏକାଠି କାର୍ଯ୍ୟ କରିବା ଦିଗରେ ଆମ ଚୁକ୍ତି ଅନୁଯାୟୀ ୟୁରୋପୀୟ ସଂଘକୁ ପୂର୍ଣ୍ଣ ସମ୍ମାନ ମିଳିବା ଆବଶ୍ୟକ।

*–ଉର୍ସୁଲା ଭୋନ୍ ଡେର ଲେୟେନ୍, ୟୁରୋପିଆନ୍ କମିଶନ ଅଧ୍ୟକ୍ଷା*

# ବ୍ରିଟେନରେ ନୂଆ ସକାଳ

## ଋଷି ସୁନକଙ୍କ ପ୍ରଧାନମନ୍ତ୍ରିତ୍ୱକୁ ନେଇ ବ୍ରିଟେନ ଗଣମାଧ୍ୟମର ପ୍ରତିକ୍ରିୟା




**ଲଣ୍ଡନ,୨୫।୧୦**

ଦିନେ ବ୍ରିଟିଶ୍‌ମାନେ ଭାରତକୁ ଶାସନ କରୁଥିଲେ। କିନ୍ତୁ ଆଜି ଜଣେ ଭାରତୀୟ ବଂଶୋଦ୍ଭବଙ୍କ ହାତକୁ ଯାଇଛି ବ୍ରିଟେନର ଶାସନ ଡୋରି। ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବ୍ରିଟେନ ମଙ୍ଗଳବାର ନୂଆ ପ୍ରଧାନମନ୍ତ୍ରୀ ରୂପେ ଋଷି ସୁନକଙ୍କୁ ପାଇଛି। କେତେକ ଗଣମାଧ୍ୟମ ତାଙ୍କ ନେତୃତ୍ୱକୁ ସ୍ୱୀକୃତି ପ୍ରଦାନ ପୂର୍ବକ ଏହାକୁ ବ୍ରିଟେନରେ 'ନୂଆ ସୂର୍ଯ୍ୟୋଦୟ' ରୂପେ ଅଭିହିତ କରିଛନ୍ତି। ଆଉ କେତେକ ମିଡିଆ ହାଉସ୍ ଋଷିଙ୍କ ବିଜୟର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଦେଶର ସବୁ ଖବରକାଗଜର ପ୍ରଥମ ପୃଷ୍ଠାରେ ଋଷିଙ୍କ ଫଟୋ ଛାଇ ହୋଇଯାଇଛି।

ଗାର୍ଡିଆନ୍ ନିଜ ଶିରୋନାମାରେ ଲେଖିଛି, ଟୋରି ଏମ୍‌ପିମାନଙ୍କୁ ସୁନକଙ୍କ ଚେତାବନୀ, ଏକାଠି ହୁଅ, ନଚେତ ମର। ପ୍ରଥମ ଥର ପାଇଁ ଜଣେ ହିନ୍ଦୁ ବ୍ରିଟେନର ନେତୃତ୍ୱ ନେଇ ଇତିହାସ ରଚିଛନ୍ତି। ଦି ମେଲ୍ ଲେଖିଛି, 'ବ୍ରିଟେନ ପାଇଁ ନୂଆ ସକାଳ'। ଦି ସନ୍ ଏହାର ହେଡ୍‌ଲାଇନ୍ ରଖିଛି, ଋଷି, ତୁମ ସହ ବଳ ରହିଛି। କିନ୍ତୁ ଦି ମିରର୍ ଏହାର ଶିରୋନାମାରେ ଉଲ୍ଲେଖ କରିଛି, ଆମର ନୂଆ (ଅଣନିର୍ବାଚିତ) ପ୍ରଧାନମନ୍ତ୍ରୀ। ତୁମକୁ କିଏ ଭୋଟ ଦେଇଛି। ସେହିପରି ସ୍କଟଲାଣ୍ଡର ଡେଲି ରେକର୍ଡ ଋଷିଙ୍କ ନେତୃତ୍ୱକୁ 'ଗଣତନ୍ତ୍ରର ମୃତ୍ୟୁ' ବୋଲି ଅଭିହିତ କରିଛି। ଇତିମଧ୍ୟରେ ଫାଇନାନ୍ସିଆଲ ଟାଇମ୍ସ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରରୁ ରାଜନେତା ପାଲଟିଥିବା ଋଷି ଆଗକୁ ଦେଶର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କିପରି କରିବେ ତାହା ଉପରେ ଗୁରୁତ୍ୱାରୋପ କରିଛି।



ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ସହ।

## ଚ୍ୟାଲେଞ୍ଜ

ବ୍ରିଟେନ ଉଚ୍ଚ ମୁଦ୍ରାସ୍ଫୀତି ଓ ସୁଧହାର ବୃଦ୍ଧି ଯୋଗୁ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ୟୁକ୍ରେନ୍ ଯୁଦ୍ଧ ଯୋଗୁ ଚଳିତ ବର୍ଷ ବିଦ୍ୟୁତ୍ ବିଲ୍ ଦ୍ୱିତୀୟ ଥର ପାଇଁ ବୃଦ୍ଧି ପାଇଛି। ମୁଦ୍ରା ବଜାରରେ ଷ୍ଟର୍ଲିଂ ଦୁର୍ବଳ ହେବାରେ ଲାଗିଛି। ବିଦାୟୀ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କ ଟିକସ ହ୍ରାସ ଯୋଜନା ବିଫଳ ହେବା ପରେ ବ୍ରିଟେନର ଅନ୍ତର୍ଜାତୀୟ ଆର୍ଥିକ ବିଶ୍ୱସନୀୟତାକୁ ପୁନଃ ଅବସ୍ଥାପିତ କରିବା ଋଷିଙ୍କ ସର୍ବୋଚ୍ଚ ପ୍ରାଥମିକତା ହେବ। ବଜେଟରେ ବିତ୍ତୀୟ ନିଅଣ୍ଟ ଏବଂ ଖର୍ଚ୍ଚ କାଟ୍ ସମ୍ପର୍କିତ ବିବୃତି ଅକ୍ଟୋବର ୩୧ରେ ଦିଆଯିବ।

# ଋଷି ସୁନକ: ପରିଚୟ

**ଅକ୍ସଫୋର୍ଡ ୟୁନିଭର୍ସିଟି ଏବଂ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ସ୍ନାତକ ଶିକ୍ଷା ଲାଭ କରିଥିବା ଋଷି ସୁନକ ହେଉଛନ୍ତି ବ୍ରିଟେନ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିବାରେ ପ୍ରଥମ ଭାରତୀୟ ବଂଶୋଦ୍ଭବ। ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରରୁ ରାଜନେତା ସାଜିଥିବା ଏହି ୪୨ ବର୍ଷୀୟ ବ୍ରିଟେନର ୨୧୦ ବର୍ଷର ଇତିହାସରେ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ଋଷି ଓ ଭାରତ ସହ ତାଙ୍କ ସମ୍ପର୍କ ନେଇ କିଛି ତଥ୍ୟ....**

➡୧୯୮୦ ମେ' ୧୨ରେ ଋଷି ସୁନକ ବ୍ରିଟେନର ସାଉଥ୍‌ଆମ୍ପଟନରେ ଏକ ଭାରତୀୟ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପୂର୍ବପୁରୁଷ ପଞ୍ଜାବର ବାସିନ୍ଦା ଥିଲେ।

➡ଋଷିଙ୍କ ମା' ଉଷା ଜଣେ ଫାର୍ମାସିଷ୍ଟ ଓ ବାପା ଯଶବୀର ସୁନକ ଡାକ୍ତର। ଋଷି ଇଂଲଣ୍ଡର ସବୁଠୁ ପ୍ରତିଷ୍ଠିତ ସ୍କୁଲଗୁଡ଼ିକ ମଧ୍ୟରୁ ଅନ୍ୟତମ ୱିନ୍‌ଚେଷ୍ଟରରେ ଶିକ୍ଷାଲାଭ କରିବା ପରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ସେ ଗୋଲ୍ଡମ୍ୟାନ୍ ସାକ୍ସ ଗ୍ରୁପ୍‌ରେ ୩ ବର୍ଷ କାର୍ଯ୍ୟ କରିଥିଲେ। ପରେ ସେ କାଲିଫର୍ନିଆସ୍ଥିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢ଼ିବା ବେଳେ ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ଝିଅ ଅକ୍ଷତା ମୂର୍ତ୍ତିଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଥିଲା।

➡ବିଲିୟନେୟାର ଆକ୍ଟିଭିଷ୍ଟ ହେଜ୍ ଫଣ୍ଡ ମ୍ୟାନେଜର କ୍ରିସ୍ ହନ୍‌ଙ୍କ ଟିସିଆଇ ଫଣ୍ଡ ମ୍ୟାନେଜମେଣ୍ଟରେ ସେ ପ୍ରାୟ ୩ ବର୍ଷ କାର୍ଯ୍ୟ କରିବା ପରେ ଟିସିଆଇ ସହକର୍ମୀ ପାଟ୍ରିକ୍ ଡେଗୋର୍ସଙ୍କ ହେଜ୍ ଫଣ୍ଡ ଥେଲେମ୍ ପାର୍ଟନର୍ସରେ ଯୋଗଦେଇଥିଲେ।

➡୨୦୦୯ରେ ଅକ୍ଷତା ମୂର୍ତ୍ତିଙ୍କୁ ବିବାହ କଲେ। ଏହି ଦମ୍ପତିଙ୍କର କ୍ରିଷ୍ଣା ଓ ଅନୁଷ୍କା ନାମରେ ଦୁଇ ଝିଅ ଅଛନ୍ତି।

➡୨୦୧୫ରେ ୟର୍କଶାୟାରସ୍ଥିତ ରିଚ୍‌ମଣ୍ଡରୁ ନିର୍ବାଚିତ ହେବା ପରେ ପ୍ରଥମ ଥର ପାଇଁ ବ୍ରିଟେନ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଭଗବତ ଗୀତା ଉପରେ ହାତ ରଖି ଏମ୍‌ପି ଭାବେ ଶପଥ ନେଇଥିଲେ।

➡ବ୍ରେକ୍‌ଜିଟ୍‌ର ଆଜୀବନ ସମର୍ଥକ ଋଷି ୟୁରୋପରୁ ବ୍ରିଟେନ ଅଲଗା ହେବା ସପକ୍ଷରେ ୨୦୧୬ରେ ଅଭିଯାନ ଚଳାଇଥିଲେ। ବ୍ରେକ୍‌ଜିଟ୍ ପରେ ଟୋରି ପାର୍ଟିରେ ତାଙ୍କ ପ୍ରାଧାନ୍ୟ ବୃଦ୍ଧି।

➡୨୦୧୮ରେ ଥେରେସା ମେ'ଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଋଷିଙ୍କୁ ପ୍ରଥମ ଥର ପାଇଁ ମନ୍ତ୍ରୀପଦ ମିଳିଥିଲା। ହାଉସିଂ, କମ୍ୟୁନିଟିଜ୍ ଆଣ୍ଡ ଲୋକାଲ ଗଭର୍ନମେଣ୍ଟ ମିନିଷ୍ଟ୍ରିରେ କନିଷ୍ଠ ମନ୍ତ୍ରୀ ରୂପେ କାର୍ଯ୍ୟ କରିଥିଲେ।

➡୨୦୧୯ ଜୁଲାଇରେ ବୋରିସ୍ ଜନ୍‌ସନ୍ ପ୍ରଧାନମନ୍ତ୍ରୀ ଦୌଡ଼ରେ ଥିବାବେଳେ ଋଷି ତାଙ୍କୁ ସମର୍ଥନ କରିଥିଲେ। ବୋରିସ୍ ତତ୍କାଳୀନ ଚାନ୍ସେଲର ସାଜିଦ୍ ଜାଭିଦ୍‌ଙ୍କ ଅଧୀନରେ ଟ୍ରେଜେରି ମିନିଷ୍ଟର କରିଥିଲେ।

➡୨୦୨୦ ଫେବୃୟାରୀରେ ଡାଉନିଂ ଷ୍ଟ୍ରିଟ୍‌ର ନଂ.୧୦ ଓ ନଂ.୧୧ ମଧ୍ୟରେ କ୍ଷମତା ଯୁଦ୍ଧ ପରେ ଜାଭିଦ୍ ନିଜ ପଦରୁ ଇସ୍ତଫା ଦେଇଥିଲେ। ବୋରିସ୍ ଋଷିଙ୍କୁ ଅର୍ଥମନ୍ତ୍ରୀ ନିଯୁକ୍ତ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ରହିବାରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଥିଲେ। ଅର୍ଥମନ୍ତ୍ରୀ ଥିବାବେଳେ ସେ ଡାଉନିଂ ଷ୍ଟ୍ରିଟ୍‌ସ୍ଥିତ ନିଜ ବାସଭବନରେ ଦୀପାବଳି ପାଳନ କରିଥିଲେ।



ସ୍ତ୍ରୀ ଅକ୍ଷତା ମୂର୍ତ୍ତି, ଦୁଇ ଝିଅ କ୍ରିଷ୍ଣା ଓ ଅନୁଷ୍କାଙ୍କ ସହ।

➡୨୦୨୦ ଏପ୍ରିଲରେ କୋଭିଡ୍-୧୯ ମହାମାରୀଜନିତ ଲକ୍‌ଡାଉନ୍ ବେଳେ ଋଷି ଅନେକ ମିନି ବଜେଟ୍ ଆଣି ବ୍ରିଟେନବାସୀଙ୍କ ଆସ୍ଥା ଜିଣିବାରେ ସକ୍ଷମ ହୋଇଥିଲେ।

➡ଋଷି ଅନେକ ସମୟରେ ନିଜ ଐତିହ୍ୟ ପରମ୍ପରା କଥା କହିଥାଆନ୍ତି। ସଂସ୍କୃତି ଓ ମୂଲ୍ୟବୋଧ ଉପରେ ତାଙ୍କ ପରିବାର ସଦସ୍ୟମାନେ ତାଙ୍କୁ କିପରି ସ୍ମରଣ କରାଇଥାଆନ୍ତି, ସେନେଇ ମଧ୍ୟ ଋଷି ଅବତାରଣା କରନ୍ତି।

➡କୋଭିଡ୍-୧୯ ମହାମାରୀ ବେଳେ ବୋରିସ୍ ଜନ୍‌ସନ୍ ଦେଶବ୍ୟାପୀ ପ୍ରଥମ ଲକ୍‌ଡାଉନ୍ ଜାରି କରିଥିବାବେଳେ ଋଷି ଅନେକ ଲକ୍ଷ ନିଯୁକ୍ତିକୁ ସୁରକ୍ଷା ଦେବା ପାଇଁ ଏକ ବୃହତ୍ ଆର୍ଥିକ ଉଦ୍ଧାର ପ୍ୟାକେଜ୍ ଘୋଷଣା କରିଥିଲେ।

➡ଋଷିଙ୍କୁ ବୋରିସ୍‌ଙ୍କ ଘନିଷ୍ଠ ବିବେଚନା କରାଯାଉଥିବାବେଳେ ତାଙ୍କ ସ୍ତ୍ରୀ ଅକ୍ଷତାଙ୍କ ବିରୋଧରେ ଟିକସ ଫାଙ୍କିବା ନେଇ ଅଭିଯୋଗ ଆସିଥିଲା। ବୋରିସ୍‌ଙ୍କ ପାର୍ଟିଗେଟ୍ ସ୍କାଣ୍ଡାଲ ସାମ୍ନାକୁ ଆସିବା ପରେ ବିବାଦ ସୃଷ୍ଟି ହେବାରୁ ଋଷି ପ୍ରଥମେ ଇସ୍ତଫା ଦେଇ ତାଙ୍କ ଉପରେ ଇସ୍ତଫା ଚାପ ସୃଷ୍ଟି କରିଥିଲେ।

➡ନିକଟରେ ଅକ୍ଷତା ନିଜକୁ ଏବେ ମଧ୍ୟ ଭାରତୀୟ ନାଗରିକ ଏବଂ ବ୍ରିଟେନରେ ଅସ୍ଥାୟୀ ଭାବେ ବସବାସ କରୁଥିବା ନେଇ ଘୋଷଣା କରିବା ପରେ ସୁନକ ଦମ୍ପତିଙ୍କ ସମ୍ପତ୍ତିକୁ ନେଇ ଯାଞ୍ଚ କରାଯାଇଥିଲା। ବ୍ରିଟେନ ନାଗରିକ ହୋଇ ନ ଥିବାରୁ ତାଙ୍କୁ ଇନ୍‌ଫୋସିସ୍ ଶେୟାରରୁ ମିଳିଥିବା ଲାଭାଂଶରେ ୨୦ ନିୟୁତ ପାଉଣ୍ଡ ଟିକସ ଛାଡ଼ ପାଇଥିଲେ।

➡୨୦୨୨ ଜୁଲାଇରେ ଋଷି ପ୍ରଧାନମନ୍ତ୍ରୀ ଦୌଡ଼ରେ ସାମିଲ ହୋଇ ପ୍ରଚାର ଚଳାଇଥିବାବେଳେ ତାଙ୍କ ବିଳାସପୂର୍ଣ୍ଣ ଘର, ବ୍ୟୟବହୁଳ ସୁଟ୍ସ ଓ ଜୋତାକୁ ନେଇ ସମାଲୋଚିତ ହୋଇଥିଲେ।

➡ଋଷି ୭୦୦ ନିୟୁତ ପାଉଣ୍ଡରୁ ଊର୍ଦ୍ଧ୍ୱ ସମ୍ପତ୍ତିର ଅଧିକାରୀ। ଏହାବ୍ୟତୀତ ୟର୍କଶାୟରରେ ତାଙ୍କର ଏକ କୋଠା ଅଛି। ଋଷି ଓ ତାଙ୍କ ସ୍ତ୍ରୀ ଅକ୍ଷତାଙ୍କ ଏକ ଘର ଲଣ୍ଡନର କେନ୍‌ସିଂଟନରେ ରହିଛି।

# ହ୍ୱାଇଟ୍ ହାଉସ୍‌ରେ ଦୀପାବଳି

**ୱାଶିଂଟନ୍, ୨୫।୧୦:** ହ୍ୱାଇଟ୍ ହାଉସ୍‌ରେ ସୋମବାର ଦୀପାବଳି ପାଳନ କରାଯାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଉପରାଷ୍ଟ୍ରପତି କମଳା ହାରିସ୍ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବାଇଡେନ୍ ଦୀପ ଲଗାଉଥିବା ଦେଖିବାକୁ ମିଳିଥିଲା। ବାଇଡେନ୍ କହିଥିଲେ, 'ଦୀପାବଳି ଉତ୍ସବ ଆୟୋଜନ କରିବା ସମ୍ମାନର କଥା। ପୂର୍ବ ଅପେକ୍ଷା ଚଳିତ ବର୍ଷ ହ୍ୱାଇଟ୍ ହାଉସ୍‌ରେ ପ୍ରଥମ କରି ଦୀପାବଳିରେ ଏତେ ବଡ଼ଧରଣ ଭାବେ ଆୟୋଜନ ହୋଇଛି। ଇତିହାସରେ ସବୁଠୁ ଅଧିକ ସଂଖ୍ୟାରେ ଏସୀୟ ଆମେରିକୀୟ ଏବେ ଆମ ପାଖରେ ଅଛନ୍ତି। ଦୀପାବଳିକୁ ଆମେରିକା ସଂସ୍କୃତିର ଏକ ଅଂଶ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ'।



### ସହାୟତା ମାଗିଲେ ବଳାତ୍କାର ପୀଡ଼ିତା, ଭିଡିଓ କଲେ ଦେଖଣାହାରୀ

**କନୌଜ,୨୫।୧୦**

ଉତ୍ତରପ୍ରଦେଶର କନୌଜରେ ଜଣେ ୧୨ ବର୍ଷର ବାଳିକା ବଳାତ୍କାରର ଶିକାର ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସହାୟତା ପାଇଁ ଚିତ୍କାର କରୁଥିବାବେଳେ ସେଠାରେ ଉପସ୍ଥିତ ଲୋକେ ସାହାଯ୍ୟର ହାତ ବଢ଼ାଇବା ପରିବର୍ତ୍ତେ ତାଙ୍କର ଭିଡିଓ ଶୁଟିଂ କରିବା ଭଳି ସମ୍ବେଦନଶୀଳ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଲୋକେ ଏହି କରୁଣ ଦୃଶ୍ୟକୁ ସେମାନଙ୍କ ମୋବାଇଲ ଫୋନ୍‌ରେ ଶୁଟିଂ କରୁଥିବାବେଳର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୀଡ଼ିତା ଜଣକ ଗୁରୁତର ଆହତ ହୋଇଥିଲେ ଓ ତାଙ୍କ ମୁଣ୍ଡ ସମେତ ଶରୀରର ବିଭିନ୍ନ ଅଙ୍ଗରେ ଏକାଧିକ ଚୋଟ ଲାଗିଥିଲା। ସେ ହାତ ଟେକି ଚିତ୍କାର କରି କାନ୍ଦୁଥିବାବେଳେ କେହି ତାଙ୍କ କଥା ଶୁଣୁ ନ ଥିଲେ। ପୋଲିସ ଜାଣିଛି କି ନାହିଁ ବୋଲି କେହି ଜଣେ ପଚାରୁଥିବାବେଳେ ଅନ୍ୟ ଜଣେ ପୋଲିସ ମୁଖ୍ୟଙ୍କ ନମ୍ବର ପଚାରୁଥିବା ଶୁଣାଯାଇଛି।

# ରୁଷିଆ ସହ ବୁଝାମଣା ପାଇଁ ବାଇଡେନ୍‌ଙ୍କୁ ଡେମୋକ୍ରାଟ୍‌ଙ୍କ ଚିଠି

**ୱାଶିଂଟନ୍, ୨୫।୧୦**

### ୟୁକ୍ରେନ୍ ଯୁଦ୍ଧ ବନ୍ଦ ଆହ୍ୱାନ

ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବା ପାଇଁ ମସ୍କୋ ସହ ୱାଶିଂଟନ୍ ବୁଝାମଣା କରୁ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଡେମୋକ୍ରାଟିକ୍ ପାର୍ଟିର ୩୦ ଜଣ ହାଉସ୍ ମେମ୍ବର ତାଙ୍କୁ ଚିଠି ଲେଖିଛନ୍ତି। ସେମାନେ ରୁଷିଆର ଆକ୍ରମଣକୁ ବେଆଇନ ବୋଲି କହିବା ସହ ଏହାକୁ ନିନ୍ଦା କରିଥିଲେ ହେଁ ବୁଝାମଣା ୟୁକ୍ରେନ୍ ଉପରେ ନିର୍ଭର କରେ ବୋଲି ମଧ୍ୟ କହିଛନ୍ତି। ଟିକସଦାତାଙ୍କ ନିୟୁତ ନିୟୁତ ଡଲାର ୟୁକ୍ରେନ୍ ଯୁଦ୍ଧରେ ଲାଗୁଥିବାରୁ ଏଥିପାଇଁ ଆମେରିକୀୟ ଆଇନ ପ୍ରଣେତାମାନେ ଉତ୍ତରଦାୟୀ। ତେଣୁ ଯୁଦ୍ଧ ଶେଷ କରିବା ପାଇଁ ସମସ୍ତ ସମ୍ଭାବ୍ୟ ରାସ୍ତା ଖୋଜିବା ମଧ୍ୟ ଆମେରିକାର ବଡ଼ ଦାୟିତ୍ୱ ବୋଲି ଆଇନ ପ୍ରଣେତାମାନେ ଚିଠିରେ ଉଲ୍ଲେଖ କରିଛନ୍ତି। ହାଉସ୍ ପ୍ରୋଗ୍ରେସିଭ୍ କାକସ୍‌ର ଲିଡର ପ୍ରମିଳା ଜୟପାଲଙ୍କ ନେତୃତ୍ୱରେ ଡେମୋକ୍ରାଟ୍‌ମାନେ ଏହି ଚିଠି ଲେଖିଛନ୍ତି। ୟୁକ୍ରେନ୍ ପାଇଁ ସ୍ୱୀକାରଯୋଗ୍ୟ ହେବାଭଳି ସମାଧାନର ରାସ୍ତା ଖୋଜି ଆମେରିକା ରୁଷିଆ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରୁ ବୋଲି ଏଥିରେ ଆହ୍ୱାନ ଦିଆଯାଇଛି। ଏହା ଦ୍ୱାରା ଶତ୍ରୁତା ଶେଷ କରିବା ପାଇଁ ପ୍ରୋତ୍ସାହନ ମିଳିପାରିବ। ସ୍ୱାଧୀନ ୟୁକ୍ରେନ୍‌କୁ ସୁରକ୍ଷା ଗ୍ୟାରେଣ୍ଟି ଦେବା ନିମନ୍ତେ ଅନ୍ତର୍ଜାତୀୟ ସମୁଦାୟ ଏକାଠି ହୋଇ ବାଟ ବାହାର କରାଯାଇପାରିବ। ସବୁ ପକ୍ଷ ବିଶେଷକରି ୟୁକ୍ରେନ୍‌କୁ ସୁହାଇବା ଭଳି ଆଲୋଚନା ହୋଇପାରିବ ବୋଲି ସେମାନେ ଚିଠିରେ ଗୁରୁତ୍ୱ ଦେଇଛନ୍ତି।

ଏ ନେଇ ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି, ଏହି ଯୁଦ୍ଧ ଶେଷ ହେଉ ବୋଲି ୟୁକ୍ରେନ୍‌ଠାରୁ ଅଧିକ କେହି ଚାହୁଁ ନ ଥିବେ। କିନ୍ତୁ କେବେ ତାହା ହେବ ଜଣାନାହିଁ। କାରଣ ଆଲୋଚନା ବା ବୁଝାମଣା ପାଇଁ ରୁଷିଆ ପକ୍ଷରୁ କୌଣସି ଆଗ୍ରହ ଦେଖାଯାଉନାହିଁ। ବୁଝାମଣା ଟେବୁଲରେ ୟୁକ୍ରେନ୍ ନିଜର ପକ୍ଷ ଦୃଢ଼ ଭାବେ ରଖିବା ପାଇଁ ୟୁକ୍ରେନୀୟ ସହଯୋଗୀଙ୍କୁ ଆମେରିକା ସମର୍ଥନ ଦେଉଛି ବୋଲି ସେ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୬/୨୦୨୨ (୧୪ ପୃଷ୍ଠା) | Bhubaneswar, Wednesday, October 26/2022 | Page 14 | ପୃଷ୍ଠା-୧




**ଅନେକ ଭୁଲ୍ ନିଷ୍ପତ୍ତି ନେଇଛନ୍ତି ରାଧିକା**

ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍ଟେ ନିଜ ଫିଲ୍ମ କ୍ୟାରିୟର୍‌ରେ ଏକାଧିକ ଭୁଲ୍ ନିଷ୍ପତ୍ତି ନେଇଥିବା କହିଛନ୍ତି।

୦୮

୧୨

**ହରମନପ୍ରୀତ୍ ଅଧିନାୟକ ମନୋନୀତ**

ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍ ପାଇଁ ହରମନପ୍ରୀତ୍ ସିଂଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି।



**ଆଜିର ସମ୍ପାଦକୀୟ**

ଚାଇନା ସମର୍ଥକ









# ନିଜ ନୀତି ନିଜକୁ ଅଡୁଆ

## ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ପ୍ରକ୍ରିୟା

- ରବି ଚାଉଳ ମାତ୍ର ୧୮% ସଂଗୃହୀତ
- ଚାଉଳ ରିସାଇକ୍ଲିଂ ହେବା ଆଶଙ୍କା ଅଧିକ
- ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ବିଳମ୍ବିତ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ, ୨୫।୧୦

ରାଜ୍ୟ ସରକାର ଧାନ ସଂଗ୍ରହ ପାଇଁ ନୀତି ନିର୍ଦ୍ଧାରଣ କରିଥାନ୍ତି। ହେଲେ ସେହି ନୀତି ବେଳେ ବେଳେ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥାଏ। ଏଭଳି ଏକ ସ୍ଥିତି ବରଗଡ଼ ଜିଲାରେ ଦେଖିବାକୁ ମିଳିଛି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, କୌଣସି ମିଲର୍ସ ପୂର୍ବବର୍ଷ କଷ୍ଟମ ମିଲିଂଭିତ୍ତିରେ ଉଠାଇଥିବା ଧାନ ପରିମାଣ ହାରରେ ଶତ ପ୍ରତିଶତ ଚାଉଳ ଜମା ନ ଦେଲେ, ଉକ୍ତ ମିଲର୍ସ ପରବର୍ତ୍ତୀ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବେନାହିଁ। ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଗତ ୨୦୨୧-୨୨ କେଏମ୍‌ଏସ୍ (ଖରିଫ ମାର୍କେଟିଂ ସିଜନ) ଗାଇଡ୍ ଲାଇନ୍‌ରେ ଏହା ସ୍ପଷ୍ଟ ଉଲ୍ଲେଖ ରହିଛି। ଇତିମଧ୍ୟରେ ୨୦୨୨-୨୩ କେଏମ୍‌ଏସ୍ ଆରମ୍ଭ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବରଗଡ଼ ଜିଲାର ମିଲର୍ସଙ୍କ ପାଖରୁ ଶତ ପ୍ରତିଶତ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ହୋଇପାରିନାହିଁ। ୨୦୨୧-୨୨ ଖରିଫରେ ୯୯.୯୨ % ଚାଉଳ ସଂଗୃହୀତ ହୋଇଥିଲା। ଗତ ରବିରେ ଏପର୍ଯ୍ୟନ୍ତ (ନଭେମ୍ବର ୨୧ତାରିଖ ସୁଦ୍ଧା) ମାତ୍ର ୧୮.୬୧ % ଚାଉଳ ସଂଗ୍ରହ ହୋଇଥିବାବେଳେ ମିଲର୍ସଙ୍କ ପାଖରେ ଆହୁରି ୮୧.୩୯ % ଚାଉଳ ବାକି ପଡ଼ିଛି। ଅପରପକ୍ଷେ ପ୍ରତିବର୍ଷ ନଭେମ୍ବର ମାସରେ ହିଁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯାଇଥାଏ। ଏଥର ପ୍ରଥମଥର ଲାଗି ଜିଲାରେ ଡିସେମ୍ବର ପହିଲାରୁ ଏହାକୁ ଆରମ୍ଭ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ମିଲର୍ସଙ୍କଠାରୁ ଚାଉଳ ସଂଗ୍ରହ କରାଯାଇ ପାରି ନ ଥିବାରୁ ନିଜ ଦୋଷ ଦୁର୍ବଳତା ଲୁଚାଇବା ପାଇଁ ପ୍ରଶାସନ ଏଥର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଏଭଳି ବିଳମ୍ବ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହା ନିଜ ନୀତି ସରକାରଙ୍କ ପାଇଁ ଅଡୁଆ ବୋଲି ସେମାନେ ସମାଲୋଚନା କରିଛନ୍ତି। ଏହା ବିରୋଧରେ ବିଭିନ୍ନ ଚାଷୀ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ମଧ୍ୟ ସଜବାଜ ହେଉଥିବା ଜଣାପଡ଼ିଛି।



ଅମଳ ଧାନ

ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ କେଏମ୍‌ଏସ୍-୨୦୨୧-୨୨ ଗାଇଡ୍‌ଲାଇନ୍‌କୁ ଅନୁଧ୍ୟାନ କଲେ ନଭେମ୍ବର ୧ରୁ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଖରିଫ ଏବଂ ମେ ୧ରୁ ଜୁନ ୩୦ତାରିଖ ପର୍ଯ୍ୟନ୍ତ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥାଏ। ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ଯୋଗ୍ୟ ବିବେଚିତ ମିଲର୍ସ ମଣ୍ଡିରୁ ଧାନ ଉଠାଇଥାନ୍ତି ଏବଂ ନିର୍ଦ୍ଧାରିତ ହାରରେ ଯୋଗାଣ ନିଗମକୁ ଚାଉଳ ଜମା ଦେଇଥାନ୍ତି। ଏହି କ୍ରମରେ କୌଣସି ମିଲର ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଉଠାଇଥିବା ଧାନ ଅନୁପାତରେ ଶତ ପ୍ରତିଶତ ଚାଉଳ କିମ୍ବା ବକେୟା ଚାଉଳ ହାରରେ ସଂରକ୍ଷିତ ରାଶି ଜମା ନ ଦେଲେ ସମ୍ପୃକ୍ତ ମିଲର ପରବର୍ତ୍ତୀ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇପାରିବେନାହିଁ। ମାତ୍ର ରାଜ୍ୟ ସରକାରଙ୍କ ଏହି ଗାଇଡ୍‌ଲାଇନର ବାସ୍ତବତା ଏବେ ପଦାରେ ପଡ଼ିଛି।

ଜିଲା ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କେଏମ୍‌ଏସ୍-୨୦୨୧-୨୨ର ଖରିଫରେ ୬ଲକ୍ଷ ୧୪ହଜାର ୧୦୨.୧୯୮ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା। ଏହି କ୍ରମରେ ଜିଲାର ୧୧୨ ମିଲର୍ସ କଷ୍ଟମ ମିଲିଂଭିତ୍ତିରେ ୪ଲକ୍ଷ ୧୭ହଜାର ୫୮୯.୪୮୯ ମେଟ୍ରିକ ଟନ୍ ଚାଉଳ ଜମା ଦେବା କଥା। କିନ୍ତୁ ମିଲର୍ସମାନେ ୪ଲକ୍ଷ ୧୭ହଜାର ୨୭୧.୫୯୪ ମେଟ୍ରିକ ଟନ୍ (୯୯.୯୨%) ଚାଉଳ ଜମା ଦେଇ ପରବର୍ତ୍ତୀ ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାରେ ☞ପୃଷ୍ଠା-୨

# ଇତିହାସ ରଚିଲେ ଋଷି ସୁନକ

- ବ୍ରିଟେନ ପ୍ରଧାନମନ୍ତ୍ରୀ ଭାବେ ପ୍ରଥମ ଭାରତୀୟ ବଂଶୋଦ୍ଭବ
- ୨୧୦ ବର୍ଷର ଇତିହାସରେ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ

ଲଣ୍ଡନ,୨୫।୧୦

ବ୍ରିଟେନର ପୂର୍ବତନ ଅର୍ଥମନ୍ତ୍ରୀ ତଥା କଞ୍ଜରଭେଟିଭ୍ ପାର୍ଟି ଏମ୍‌ପି ଋଷି ସୁନକ ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ସେ ବ୍ରିଟେନ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିଛନ୍ତି। ଏଥିସହ ୪୨ ବର୍ଷୀୟ ଋଷି ବ୍ରିଟେନର ୨୧୦ ବର୍ଷର ଇତିହାସରେ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ଶାସକ କଞ୍ଜରଭେଟିଭ୍ ପାର୍ଟିର ନେତୃତ୍ୱ ନେବା ଦୌଡ଼ରେ ବିଜୟୀ ହେବାର ଦିନକ ପରେ ମଙ୍ଗଳବାର କିଙ୍ଗ୍ ଚାର୍ଲ୍ସ ୩ୟ ତାଙ୍କୁ ୫୭ତମ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ନୂଆ ଦାୟିତ୍ୱ ଗ୍ରହଣ ☞ପୃଷ୍ଠା-୨



ଋଷି ସୁନକ

"ଅତୀତର ଭୁଲ୍ ସୁଧାରି ଦେଶକୁ ଆଗକୁ ନେବି''

## ବାଂଲାଦେଶରେ ବାତ୍ୟା ସିତ୍ରାଙ୍ଗ୍‌ର ତାଣ୍ଡବ: ୧୬ ମୃତ

**କୋଲକାତା,୨୫।୧୦:** ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ବାତ୍ୟା ସିତ୍ରାଙ୍ଗ୍ ବାଂଲାଦେଶରେ ବ୍ୟାପକ କ୍ଷୟକ୍ଷତି ଘଟାଇବା ସହ ୧୬ ଜଣଙ୍କ ଜୀବନ ନେଇଛି। ବାତ୍ୟା ପୂର୍ବରୁ ୧୦ ଲକ୍ଷ ଲୋକଙ୍କୁ ସେମାନଙ୍କ ଘରୁ ନିରାପଦ ସ୍ଥାନକୁ ନିଆଯାଇଥିଲା। ବାତ୍ୟାରେ ବିଦ୍ୟୁତ୍ ବିଚ୍ଛିନ୍ନ କାରଣରୁ ୧୫ ଉପକୂଳ ଜିଲାର ପ୍ରାୟ କୋଟିଏ ଲୋକ ଅନ୍ଧାରରେ ରହିଛନ୍ତି। ଦକ୍ଷିଣ ଓ ଦକ୍ଷିଣ ପଶ୍ଚିମ ବାଂଲାଦେଶର ସମସ୍ତ ସ୍କୁଲ୍ ବନ୍ଦ କରିଦିଆଯାଇଛି। ସୋମବାର ବିଳମ୍ବିତ ରାତିରେ ସିତ୍ରାଙ୍ଗ୍ ଦକ୍ଷିଣ ବାଂଲାଦେଶରେ ଲ୍ୟାଣ୍ଡଫଲ୍ କରିଥିଲା। ବୋଟ୍ ବୁଡ଼ିଯାଇ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗଛଡାଳ ପଡ଼ି ଅନ୍ୟମାନଙ୍କ ଜୀବନ ଯାଇଛି। ବାତ୍ୟା ପାଇଁ ଉତ୍ତରପୂର୍ବ ଭାରତରେ ବିମାନ ଚଳାଚଳ ଗୁରୁତର ପ୍ରଭାବିତ ହୋଇଛି। ସୋମବାର ସକାଳୁ ୧୦ଟି ବିମାନକୁ ବାତିଲ କରିଦିଆଯାଇଥିଲା। ରେଲ୍‌ୱେ ପକ୍ଷରୁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ଅଗରତାଲାରୁ କୋଲକାତା ଯାଉଥିବା ୩ ବିମାନ, ଅଗରତାଲାକୁ ସିଲଂ, ଐଜଓ୍ୱଲକୁ ସଂଯୋଗ କରୁଥିବା ବିମାନ ଏବଂ ଇମ୍ଫାଲରୁ ଶିଲଂ, ଦିଲ୍ଲୀ, ଅଗରତାଲାଙ୍କୁ ସଂଯୋଗ କରୁଥିବା ବିମାନ ଉଡ଼ାଣ ବାତିଲ ହୋଇଛି।

## ନଭେମ୍ବର ୧୯ରେ ବ୍ୟାଙ୍କ ଧର୍ମଘଟ

**ନୂଆଦିଲ୍ଲୀ,୨୫।୧୦:** ଅଖିଳ ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ (ଏଆଇବିଇଏ)ର ସଦସ୍ୟମାନେ ନଭେମ୍ବର ୧୯ରେ ଧର୍ମଘଟରେ ଯୋଗଦେବେ। ଫଳରେ ସେଦିନ ବ୍ୟାଙ୍କ ସେବା ବାଧାପ୍ରାପ୍ତ ହେବ ବୋଲି ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି। ୟୁନିୟନରେ ସକ୍ରିୟ ଥିବା ବ୍ୟାଙ୍କରମାନଙ୍କୁ ଟାର୍ଗେଟ କରାଯାଉଥିବାରୁ ଏହାର ପ୍ରତିବାଦରେ ଧର୍ମଘଟ ଡାକରା ଦିଆଯାଇଛି। କାର୍ଯ୍ୟକର୍ତ୍ତାଙ୍କ ପ୍ରତି ହଇରାଣ ଦିନକୁ ଦିନ ବଢୁଥିବା ଏଆଇବିଇଏ ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟାଚଲମ୍ କହିଛନ୍ତି। ଏଆଇବିଇଏ ୟୁନିୟନ ନେତାଙ୍କୁ କେତେକ ବ୍ୟାଙ୍କ କାର୍ଯ୍ୟରୁ ବାହାର କରିଦେଇଛନ୍ତି। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଟ୍ରେଡ୍ ୟୁନିୟନ ଅଧିକାର ଦେଉନାହାନ୍ତି। କାନାରା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଏବଂ ଆଇଡିବିଆଇ ବ୍ୟାଙ୍କ ସେମାନଙ୍କ ବିଭିନ୍ନ କାର୍ଯ୍ୟ ଆଉଟ୍‌ସୋର୍ସିଂରେ କରୁଛନ୍ତି। ଦ୍ୱିପାକ୍ଷିକ ବୁଝାମଣା ଏବଂ ବ୍ୟାଙ୍କସ୍ତରରେ ବୁଝାମଣାର ଉଲ୍ଲଂଘନ କରାଯାଇ ୩,୩୦୦ରୁ ଉର୍ଦ୍ଧ୍ୱ କିରାଣିଙ୍କୁ ଗୋଟିଏ ଷ୍ଟେଶନରୁ ଅନ୍ୟ ଷ୍ଟେଶନକୁ ବଦଳି କରାଯାଇଥିବା ଭେଙ୍କଟାଚଲମ୍ କହିଛନ୍ତି।



ଭୁବନେଶ୍ୱର ଆକାଶରେ ମଙ୍ଗଳବାର ସୂର୍ଯ୍ୟୋପରାଗର ଦୃଶ୍ୟ।

# ୨୦ ମିନିଟ୍ ଦୃଶ୍ୟମାନ ହେଲା ସୂର୍ଯ୍ୟୋପରାଗ

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)

ଚଳିତ ବର୍ଷର ଶେଷ ସୂର୍ଯ୍ୟୋପରାଗ ମଙ୍ଗଳବାର ଦୃଶ୍ୟମାନ ହୋଇଛି। ୟୁରୋପରେ ଏହା ଅଧିକ ଦେଖାଯାଇ ଥିବାବେଳେ ଏସିଆରେ ଆଂଶିକ ଦୃଶ୍ୟମାନ ହୋଇଛି। ଭାରତରେ ଅପରାହ୍ନ ୪ଟା ୨୯ ମିନିଟ୍‌ରୁ ପରାଗ ଆରମ୍ଭ ହୋଇ ସର୍ବାଧିକ ସମୟ ଧରି ଦୃଶ୍ୟମାନ ହୋଇଥିଲା। ଲେହରେ ୫୫% ସୂର୍ଯ୍ୟ ଘୋଡ଼େଇ ହୋଇଥିବାବେଳେ ଦିଲ୍ଲୀ, ନୋଏଡା, ଅମୃତସର, କୋଲକାତା ଭଳି ସ୍ଥାନରେ ଆଂଶିକ ସୂର୍ଯ୍ୟୋପରାଗ ଦେଖାଯାଇଛି। ଭୁବନେଶ୍ୱରରେ ଅପରାହ୍ନ ୪ଟା ୫୬ରୁ ୫ଟା ୧୬ ପର୍ଯ୍ୟନ୍ତ ପ୍ରାୟ ୨୦ ମିନିଟ୍ ପାଇଁ ସୂର୍ଯ୍ୟୋପରାଗ ଦେଖାଯାଇଥିଲା। ସୂର୍ଯ୍ୟର ମାତ୍ର ୧୦ରୁ ୧୫% ଘୋଡ଼େଇ ☞ପୃଷ୍ଠା-୨

## ଚିକେନ୍ ବିରିୟାନୀ ଖାଇ ପ୍ରତିବାଦ କଲେ ହେତୁବାଦୀ

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)

ଧର୍ମୀୟ ଭାବନାକୁ ମାନି ବହୁ ଲୋକ ସୂର୍ଯ୍ୟୋପରାଗର ୧୨ଘଣ୍ଟା ପୂର୍ବରୁ ପାକତ୍ୟାଗ କରିଥିଲେ। କିନ୍ତୁ ପରାଗ ସହ ଖାଦ୍ୟର କୌଣସି ସମ୍ପର୍କ ନ ଥିବା ଦର୍ଶାଇ ବ୍ରହ୍ମପୁରରେ ସାମୂହିକ ଭୋଜନ ଆୟୋଜିତ ହୋଇଥିଲା। ସେହିପରି ଭୁବନେଶ୍ୱରର ଅନେକ ସ୍ଥାନରେ ଲୋକେ ଚିକେନ ବିରିୟାନୀ ଖାଉଥିବାର ଦେଖିବାକୁ ମିଳିଥିଲା। ☞ପୃଷ୍ଠା-୨

# ୨ ଘଣ୍ଟା ହ୍ୱାଟ୍ସଆପ୍ ଡାଉନ୍

ନୂଆଦିଲ୍ଲୀ, ୨୫।୧୦

ଇନ୍‌ଷ୍ଟାଣ୍ଟ ମେସେଜିଂ ସର୍ଭିସ୍ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍ ସୋମବାର ପ୍ରଥମ କରି ୨ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଡାଉନ୍ ହୋଇଯାଇଥିଲା। ଭାରତ ସମେତ ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ହ୍ୱାଟ୍ସଆପ୍ କାମ କରିବା ବନ୍ଦ କରିଦେଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟାରୁ ଅପରାହ୍ନ ପ୍ରାୟ ୨.୧୫ ପର୍ଯ୍ୟନ୍ତ ଏହି ସମସ୍ୟା ଲାଗି ରହିଥିଲା। ଏହାକୁ ନେଇ ସୋସିଆଲ ମିଡିଆ ୟୁଜର୍ସମାନେ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ରିପୋର୍ଟ କରିବା ସହ ଅସୁବିଧା ଜଣାଇଥିଲେ। ଅପରାହ୍ନ ୨ଟା ୧୫ ହ୍ୱାଟ୍ସଆପ୍ କାମ କରିବା ଆରମ୍ଭ କରିଥିଲେ ହେଁ କିଛି ସମୟ ଧରି ଧିମା ରହିଥିଲା। ପରେ ଏହା ସ୍ୱାଭାବିକ ହୋଇଥିଲା। କିଛି ଟେକ୍ନିକାଲ ସମସ୍ୟା ପାଇଁ ଏପରି ହୋଇଥିବା ପ୍ୟାରେଣ୍ଟ କମ୍ପାନୀ ମେଟା ପକ୍ଷରୁ କୁହାଯାଇଛି। କିଛି ସମୟ ଧରି ୟୁଜର୍ସ ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ଦୁଃଖିତ ବୋଲି ମେଟା ମୁଖପାତ୍ର କହିଛନ୍ତି। ତେବେ କାହିଁକି ଏତେ ସମୟ ଧରି ହ୍ୱାଟସ୍‌ଆପ କାମ କରି ନ ଥିଲା ତାହାର ପ୍ରକୃତ କାରଣ ବିଷୟରେ କମ୍ପାନୀ ପକ୍ଷରୁ କିଛି ସୂଚନା ଦିଆଯାଇନାହିଁ। ବିଶ୍ୱରେ ପ୍ରାୟ ୨୦୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଯୋଗାଯୋଗ ପାଇଁ ହ୍ୱାଟ୍ସଆପ୍ ଉପରେ ନିର୍ଭରଶୀଳ। ଗତ ବର୍ଷ ମଧ୍ୟ ହ୍ୱାଟ୍ସଆପ୍ କିଛି ସମୟ ପାଇଁ କାମ କରିବା ବନ୍ଦ କରିଦେଇଥିଲା। ଏହାକୁ ନେଇ ସୋସିଆଲ ମିଡିଆ ବ୍ୟବହାରକାରୀ ଅନେକ କୌତୂହଳପୂର୍ଣ୍ଣ ମିମ୍‌ସ ପ୍ରସ୍ତୁତ କରି ଶେୟାର କରିଛନ୍ତି।

## କ୍ଷମା ମାଗିଲା ମେଟା




## ବଢ଼ିବ ଥଣ୍ଡା

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେଇଛି। ସମ୍ଭାବ୍ୟ ବାତ୍ୟା ବିପଦ ମଧ୍ୟ ଟଳିଯାଇଛି। ବାତ୍ୟା ଯିବା ପରେ ରାଜ୍ୟରେ ହାଲୁକା ଶୀତ ଆରମ୍ଭ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ସେଲ୍‌ସିୟସକୁ ଖସି ଆସିଛି। ଆସନ୍ତା ୨/୩ ଦିନ ମଧ୍ୟରେ ପାରଦ ଆହୁରି ୩ରୁ ୪ ଡିଗ୍ରୀ ତଳକୁ ଖସିବ। ୨୮ ତାରିଖ ସୁଦ୍ଧା ଶୀତ ବଢ଼ିବା ଆରମ୍ଭ କରିବ। ଉପକୂଳଠାରୁ ଉପାନ୍ତ ସବୁଠି ପାରଦ ତଳମୁହାଁ ହେବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୬.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୭, ସୋନପୁର ୧୭.୨, ଭବାନୀପାଟଣା ୧୭.୫, ହୀରାକୁଦ ୧୮.୭, କେନ୍ଦୁଝର ୧୮.୬, ଝାରସୁଗୁଡା ୧୮.୬, ବୌଦ୍ଧରେ ୧୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ବିବାହରେ ପସନ୍ଦର ସ୍ୱାଧୀନତା ଜରୁରୀ

ନୂଆଦିଲ୍ଲୀ,୨୫।୧୦

ବିବାହରେ ପସନ୍ଦ କରିବା ସ୍ୱାଧୀନତା ସମ୍ବିଧାନର ଅତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଜୀବନ ସାଥୀ ବାଛିବା ସ୍ୱାଧୀନତା ଉପରେ ଧର୍ମବିଶ୍ୱାସର ପ୍ରଶ୍ନର କୌଣସି ପ୍ରାସଙ୍ଗିକତା ନ ଥିବା ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ପରିବାର ସଦସ୍ୟଙ୍କ ସମେତ ଅନ୍ୟମାନଙ୍କଠାରୁ ବିପଦ ଥିବା ଉକ୍ତ ଦମ୍ପତିଙ୍କ ସୁରକ୍ଷା ଦିଗରେ ପୋଲିସ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଶା କରାଯାଏ ବୋଲି ହାଇକୋର୍ଟ କହିଛନ୍ତି। ଯୁବତୀଙ୍କ ପରିବାରର ଇଚ୍ଛା ବିରୋଧରେ ତାଙ୍କୁ ବିବାହ କରିଥିବା ଅଭିଯୋଗକାରୀଙ୍କୁ ସ୍ତ୍ରୀ ଘର ଲୋକେ ତାଙ୍କୁ ଅପହରଣ କରିନେଇ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିଲେ। ଉକ୍ତ ମାମଲାରେ ଅଭିଯୁକ୍ତମାନଙ୍କ ଜାମିନ ଆବେଦନର ଶୁଣାଣି ବେଳେ ହାଇକୋର୍ଟ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଦମ୍ପତିଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ଅଦାଲତ ମତ ଦେଇଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦିଲ୍ଲୀ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭାରତର ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ବିବାହରେ ପସନ୍ଦ କରିବାର ସ୍ୱାଧୀନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଜଷ୍ଟିସ୍ ଅନୁପ କୁମାର ମେନ୍ଦିରତ୍ତା ରାୟରେ କହିଛନ୍ତି। ଯେତେବେଳେ କୌଣସି ବ୍ୟକ୍ତିଙ୍କ ଜୀବନ ଓ ସ୍ୱାଧୀନତା କଥା ଉଠୁଛି, ବିଶେଷ କରି ଯେଉଁ ଦମ୍ପତି ସେମାନଙ୍କ ନିଜସ୍ୱ ସ୍ୱାଧୀନ ଇଚ୍ଛାରେ ଆଇନ ଅନୁଯାୟୀ ବିବାହ କରିଛନ୍ତି, ସେମାନଙ୍କ କ୍ଷେତ୍ରରେ ପୋଲିସ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ସହ ସୁରକ୍ଷା ସୁନିଶ୍ଚିତ କରିବା ଆଶା କରାଯାଏ ବୋଲି ଅଦାଲତ କହିଛନ୍ତି। ଅପରାଧର ଗୁରୁତ୍ୱକୁ ବିଚାରକୁ ନେଇ ସ୍ତ୍ରୀଙ୍କ ମାଆ ଏବଂ ଜେଜେମା'ଙ୍କୁ ଜାମିନ ପ୍ରଦାନ କରିବାକୁ ହାଇକୋର୍ଟ ମନା କରିଦେଇଛନ୍ତି।



## ଦିଲ୍ଲୀ ହାଇକୋର୍ଟ

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୬ ଅକ୍ଟୋବର, ୨୦୨୨



**ଆଜିର ମନ୍ତବ୍ୟ**

"ଭାରତୀୟ ବଂଶୋଦ୍ଭବ ଋଷି ସୁନକ ବ୍ରିଟେନ ପ୍ରଧାନମନ୍ତ୍ରୀ ହେବା ଭାରତ ପାଇଁ ଏକ ଶିକ୍ଷା। ହିନ୍ଦୁ, ଶିଖ୍, ବୌଦ୍ଧ କିମ୍ବା ଜୈନ ଧର୍ମର ହୋଇ ନ ଥିବା କୌଣସି ବ୍ୟକ୍ତି ଭାରତର ପ୍ରଧାନମନ୍ତ୍ରୀ ହୋଇପାରିବେ କି?

– ଶଶୀ ଥରୁର, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଜ୍ୟୋତିନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋଡ଼ା ଘା'ରେ ଚୂନ,
ପଚା ଘା'ରେ ଲୁଣ ।**

ପୋଡା ଘା'ରେ ଚୂନ ଦେଲେ ଘା' ବହୁତ ପୋଡ଼େ। କଷ୍ଟ ଆହୁରି ବଢ଼ିଯାଏ। ସେହିପରି ପଚା ଘା'ରେ ଲୁଣ ଦେଲେ ତାହା ଆହୁରି ବିଷାଣିଆ ହୋଇଯାଏ। ଯନ୍ତ୍ରଣା ଉପଶମ ନ କରାଇ ଆହୁରି ଯନ୍ତ୍ରଣା ଦେବା ଭୋକ୍ତା ପାଇଁ ଖୁବ୍ ମର୍ମନ୍ତୁଦ ଘଟଣା ହେବା ଭଳି ଜଣଙ୍କର ଦାରୁଣ ଦୁଃଖ ଉପରେ ଆହୁରି ଦୁଃଖର ପାହାଡ଼ ଲଦିଦେଇ ତା'ର ଦୁଃଖକଷ୍ଟକୁ ଆହୁରି ବଢ଼େଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପୁଷେ ବର୍ଷେ ସର୍ବନାଶେ,
ମାଘେ ବରଷେ ସୁନା ଖସେ;
ଚଷା ଭାଇ ଖିଲି ଖିଲି ହସେ ।**

ଉତ୍ତମ ଚାଷ ପାଇଁ ଭଲ ବର୍ଷାର ଆବଶ୍ୟକତା ରହିଥାଏ। ତେବେ ପୌଷ ମାସରେ ଅଧିକ ବର୍ଷା ନଈବଢ଼ିର ଆଶଙ୍କାକୁ ବଢ଼ାଇ ଦେଇଥାଏ, ଯାହାକି ଚାଷ ପାଇଁ ସର୍ବନାଶର କାରଣ ପାଲଟି ଯାଇଥାଏ। ପରନ୍ତୁ ମାଘ ମାସରେ ବର୍ଷାର ପରିମାଣ ଅଧିକ ହେଲେ ଚାଷ ପାଇଁ ତାହା ବେଶ୍ ଉପଯୋଗୀ ବା ବରଦାନ ସାବ୍ୟସ୍ତ ହୋଇପାରିଥାଏ। ଏପରିସ୍ଥଳେ ମାଘ ମାସରେ ହେଉଥିବା ବର୍ଷା ଚାଷୀ ମନରେ ଖୁସି ଓ ଆନନ୍ଦ ଭରିଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## classifieds Everyday

0674-2580101, 2549302




GROOM WANTED

Beautiful Khandayat Girl Ph.D./Govt. Professor (Caste no-bar) 'SUHAG' 9938199964, 9090486408. D-1834

Residential gharabari plot at Brahmanjharilo Cuttack with boundarywall, Electripole, inside Temple on Bank Loan facilities near English Medium High school 6k.m. from Phulnakhara, 11k.m. from Bhubaneswar. 7809525452. D-73990




Construct your Dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1823




SALE

Beauty parlour for sale at Prime location in Saheed Nagar. Contact: 9861068715, 7978670541. D-1814

ପାହାଲରେ ୩୦ଫୁଟ ରୋଡ୍‌ଥାଇ ବାଉଣ୍ଡାରି ସହ ପ୍ଲଟ୍ ମିଳୁଛି। ବର୍ଗଫୁଟକୁ ୨୦୦୦ଟଙ୍କା। ଯୋଗାଯୋଗ– 6370621085, 8093078148. D-1833

Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685. D-1806

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73655

Independent duplex house (5 bed room) for sale in Bomikhal, Bhubaneswar, price- 2.20 crores. Contact No. 9938303321. D-1845




Newly opened full body massage center by expert therapist. 7381172169. D-73653

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73991

AFFIDAVIT

I, Anubhav Kumar Singh, S/o Bimal Prasad Singh residing at Bhubaneswar, Odisha have changed my name to Anubhav Singh vide affidavit dated 11.10.2022, sworn before Notary Pratap Kumar Dalabehera, Bhubaneswar. D-1844

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମାର୍ଗାଓରେ ଆଜି ସେମିଫାଇନାଲ ମୁକାବିଲା

## ନାଇଜେରିଆ-କଲମ୍ବିଆ, ଜର୍ମାନୀ-ସ୍ପେନ୍ ଭେଟ

**ମାର୍ଗାଓ, ୨୫।୧୦ (ତପନ ସ୍ୱାଇଁ)**




ଚଳିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଶେଷ ପର୍ଯ୍ୟାୟରେ ଉପନୀତ। ସ୍ଥାନୀୟ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ହେବ ସେମିଫାଇନାଲ ମ୍ୟାଚ। ପ୍ରଥମ ସେମିରେ କଲମ୍ବିଆକୁ ଭେଟିବ ନାଇଜେରିଆ। ଦକ୍ଷିଣ ଆମେରିକା ଓ ଆଫ୍ରିକାର ଏହି ଦୁଇ ଦଳ ମଧ୍ୟରେ ମ୍ୟାଚ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଦ୍ୱିତୀୟ ସେମିରେ ଟାଇଟଲ ଫେଭରାଇଟ ଜର୍ମାନୀ ଓ ସ୍ପେନ୍ ମଧ୍ୟରେ ମୁକାବିଲା ହେବ। ୨ଟି ଯାକ ୟୁରୋପ ଦଳ ହୋଇଥିବାରୁ ପରସ୍ପରର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଭଲଭାବେ ଅବଗତ ଅଛନ୍ତି। ତେଣୁ କଡ଼ା ଟକ୍କର ଅପେକ୍ଷାରେ ରହିଛି ମାର୍ଗାଓର ଏହି ଐତିହାସିକ ଷ୍ଟାଡିୟମ। ପ୍ରଥମ ମ୍ୟାଚଟି ଅପରାହ୍ନ ୪ଟା ୩୦ ଓ ଦ୍ୱିତୀୟ ସେମିଫାଇନାଲ ରାତି ୮ଟାରେ ଆରମ୍ଭ ହେବ।

### ୟୁରୋ ଫାଇନାଲ ରିପ୍ଲେ

ଜର୍ମାନୀ-ସ୍ପେନ୍ ସେମିଫାଇନାଲ ୧୭ ବର୍ଷରୁ କମ୍ ୟୁରୋ ଚାମ୍ପିୟନଶିପ୍ ଫାଇନାଲର ରିପ୍ଲେ ସଦୃଶ ହେବ। ସେତେବେଳେ ସ୍ପେନ୍ ପେନାଲ୍ଟି ଶୁଟ୍ ଆଉଟରେ ହାରି ଯାଇଥିଲା। ତେଣୁ ଏଠାରେ ଜର୍ମାନୀଠାରୁ ମଧୁର ପ୍ରତିଶୋଧ ନେବା ସୁଯୋଗ ଅପେକ୍ଷାରେ ରହିଛି ସ୍ପାନିଶ୍ ଟିମ୍। 'ଫୁଟବଲ ହେଉଛି ପ୍ରତିଶୋଧ ନେବାର ଖେଳ' ବୋଲି ସ୍ପେନ କୋଚ୍ କେନିଓ ଗୋଞ୍ଜାଲୋ ପ୍ରକାଶ କରିଛନ୍ତି। ୟୁରୋ ଚାମ୍ପିୟନଶିପ୍ ଖେଳିଥିବା ଜର୍ମାନୀ ଓ ସ୍ପେନ୍ ଦଳରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ସ୍ପେନ୍ ଦଳରେ ୩ଟି ଏବଂ ଜର୍ମାନୀ ଦଳରେ ମାତ୍ର ୨ଟି ପରିବର୍ତ୍ତନ କରାଯାଇଛି। ତେବେ କରୋନାରେ ସଂକ୍ରମିତ ହୋଇଥିବାରୁ ଜର୍ମାନୀ ମୁଖ୍ୟ କୋଚ୍ ଫ୍ରେଡ୍‌ରିକ୍ କ୍ରୋମ୍ପ ଦଳ ସହ ରହିପାରି ନାହାନ୍ତି। ତାଙ୍କ ଅନୁପସ୍ଥିତରେ ଏହି ମ୍ୟାଚ ଖେଳିବ ଜର୍ମାନୀ। କ୍ୱାର୍ଟର ଫାଇନାଲରେ ଅନ୍ୟତମ ଶକ୍ତିଶାଳୀ ଦଳ ବ୍ରାଜିଲକୁ ହରାଇ ସେମିଫାଇନାଲରେ ପହଞ୍ଚିଥିଲା ଜର୍ମାନୀ। ସ୍ପେନ୍ ବିପକ୍ଷରେ ମଧ୍ୟ ଦଳ ସେପରି ପ୍ରଦର୍ଶନ ଦୋହରାଇବ ବୋଲି ଆଶା ପ୍ରକାଶ କରିଛନ୍ତି ସହକାରୀ କୋଚ୍ ଜୁଲିଆ ସିମିକ୍। "ଆମେ ନିକଟରେ ସ୍ପେନ୍‌କୁ ୨ ଥର ଭେଟି ସାରିଛୁ। ଥରେ ୟୁରୋ କପ୍‌ରେ ଏବଂ ଆଉ ଥରେ ବନ୍ଧୁତ୍ୱମୂଳକ ମ୍ୟାଚରେ। ସ୍ପେନ୍ ଏକ ଶକ୍ତିଶାଳୀ ଦଳ। ଏହାକୁ କୌଣସି ଭାବେ ହାଲୁକାରେ ନେଇ ହେବନାହିଁ। ତେବେ ଆମେ ବିଜୟ ଲକ୍ଷ୍ୟରେ ଖେଳିବୁ" ବୋଲି ସିମିକ୍ କହିଛନ୍ତି। ତେବେ ମନେ ରଖିବାକୁ ହେବ ଯେ ସ୍ପେନ୍ ହେଉଛି ଗତଥରର ଚାମ୍ପିୟନ। ଚଳିତ ଟୁର୍ନାମେଣ୍ଟରେ ଏହି ଦଳ ବର୍ତ୍ତମାନ ସୁଦ୍ଧା ୬୮ ପ୍ରତିଶତ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଛି। ଆକ୍ରମଣାତ୍ମକ ରଣନୀତିରେ ଏହି ଦଳ ୭୫ଟି ଶଟ୍ ଟାର୍ଗେଟ କରି ସାରିଛି। ତେବେ ଚଳିତ ବିଶ୍ୱକପରେ ଏହି ଦଳର ଏକମାତ୍ର ଚିନ୍ତା ହେଉଛି ଖେଳାଳିମାନେ ଅଧିକ ଗୋଲ ସ୍କୋର କରିପାରି ନାହାନ୍ତି। ୬୦ ମିନିଟର ଖେଳ ପରେ ଯାଇ ଦଳ ଗୋଲ ଦେବାରେ ସକ୍ଷମ ହୋଇଛି। ସେମିଫାଇନାଲରେ ମିଡ୍‌ଫିଲ୍ଡର ମିକି ଲୋପେଜ ୨ଟି ଗୋଲ ଦେଇ ନ ଥିଲେ ହୁଏତ ଦଳ ଜାପାନକୁ ହରାଇ ସେମିଫାଇନାଲରେ ପହଞ୍ଚି ପାରି ନ ଥାନ୍ତା। ଏହି ଗୋଲ ୨ଟି ପୁଣି ୮୭ ଓ ୯୦+୩ ମିନିଟରେ ଆସିଥିଲା। ଆଗାମୀ ମ୍ୟାଚରେ ଏଥିପ୍ରତି ଦଳକୁ ସଜାଗ ରହିବାକୁ ପଡ଼ିବ। ଅନ୍ୟପକ୍ଷରେ ଜର୍ମାନୀ ଗତ ୪ ମ୍ୟାଚରେ ୧୩ଟି ଗୋଲ ଦେଇ ସାରିଛି। ଏହା ପୁଣି ଭିନ୍ନଭିନ୍ନ ଗୋଲ ସ୍କୋରରଙ୍କ ଦ୍ୱାରା। ୨୦୧୨ ପରେ ଜର୍ମାନୀ ପ୍ରଥମଥର ପାଇଁ ସେମିଫାଇନାଲରେ ପହଞ୍ଚିଛି। ତେଣୁ ଦଳ ସହଜରେ ବାଟ ଛାଡ଼ିବାକୁ ଚାହିଁବ ନାହିଁ ନିଶ୍ଚିତ। ବ୍ରାଜିଲ ବିପକ୍ଷରେ ଖେଳି ନ ଥିବା ଆକ୍ରମଣାତ୍ମକ ମିଡ୍‌ଫିଲ୍ଡର ଆଲାରା ଶିଟଲର ଆଗାମୀ ମ୍ୟାଚ ଖେଳିବେ। ତେଣୁ ଜର୍ମାନୀର ଶକ୍ତି ବୃଦ୍ଧି ହୋଇଛି।

### ନାଇଜେରିଆ, କଲମ୍ବିଆ ପାଇଁ ପ୍ରଥମ ସୁଯୋଗ

ନାଇଜେରିଆ ଓ କଲମ୍ବିଆ ପ୍ରଥମଥର ପାଇଁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ସେମିଫାଇନାଲ ଖେଳିବାକୁ ଯାଉଛନ୍ତି। ତେଣୁ ଯେଉଁ ଦଳ ବିଜୟ ହାସଲ କରିବ ଇତିହାସ ରଚିବ। କ୍ୱାର୍ଟର ଫାଇନାଲରେ ଟାଇଟଲ ଫେଭରାଇଟ ଆମେରିକାକୁ ହରାଇ ନାଇଜେରିଆ ନିଜ ଫୁଟବଲ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛି। ଅନ୍ୟପକ୍ଷରେ ଉତ୍ସାହୀ ପ୍ରଦର୍ଶନ ଦେଇ ଡେବ୍ୟୁ ସିଜନରେ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଥିବା ତାଞ୍ଜାନିଆକୁ ହରାଇ ଆଗକୁ ବଢ଼ିଛି କଲମ୍ବିଆ। 'ନାଇଜେରିଆ ନିଜ ଦେଶରୁ ଭରପୂର ସମର୍ଥନ ପାଉଛି। ଆମେରିକାକୁ ହରାଇବା ପରେ ଦଳର ମନୋବଳ ବହୁ ପରିମାଣରେ ବଢ଼ି ଯାଇଛି' ବୋଲି ମିଡ୍‌ଫିଲ୍ଡର ଇମାନୁଏଲ ବ୍ଲେସିଂ ପ୍ରକାଶ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ନିଜ ନୀତି...

୫ଲକ୍ଷ ୨୪ହଜାର ୬୫୪.୫୩୫ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା। ଏହି ଅନୁପାତରେ ମିଲର୍ସଙ୍କଠାରୁ ୩ଲକ୍ଷ ୫୬ହଜାର ୭୬୫.୦୮୩ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ ହେବା କଥା। କିନ୍ତୁ ଆଉ କିଛିଦିନ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ମିଲର୍ସଙ୍କଠାରୁ ନଭେମ୍ବର ୨୧ତାରିଖ ସୁଦ୍ଧା ମାତ୍ର ୬୬ହଜାର ୩୯୮.୩୯୯(୧୮.୬୧%) ମେଟ୍ରିକ ଟନ୍ ସଂଗ୍ରହ ହୋଇପାରିଛି। ଏଫ୍‌ସିଆଇ ଚାଉଳ ନ ଉଠାଇବା ଯୋଗୁ ଏଭଳି ସମସ୍ୟା ଦେଖାଯାଇଛି ବୋଲି ବିଭାଗୀୟ ଅଧିକାରୀ ସଫେଇ ଦେଇଛନ୍ତି। ଅନ୍ୟପଟେ ଏହା ଚାଉଳ ରିସାଇକ୍ଲିଂ ପାଇଁ ମିଲର୍ସଙ୍କୁ ଏକ ଅପୂର୍ବ ସୁଯୋଗ ଦିଆଯାଇଛି। ଗୋଦାମ ଖାଲି ନ ଥିବା ଆଳ କରି ମିଲର୍ସ ମଣ୍ଡିକୁ ଧାନ ଉଠାଇବାକୁ ଆସିବେନାହିଁ ଏବଂ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ବୋଲି ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆ କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନଙ୍କୁ ପଚାରିବାରୁ ସେ କହିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଯେଉଁ ସ୍ୱାକ୍ଷରିତ ରାଜିନାମା (ଏମ୍‌ଓୟୁ) ହୋଇଥିଲା, ସେହି କ୍ରମରେ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଚାଉଳ ନେଉନାହିଁ। ଫଳରେ ସେହି ସମସ୍ୟା ଉପୁଜିଛି ବୋଲି କହିଥିଲେ। ଅନ୍ୟପଟେ ମିଲର୍ସ ଶତ ପ୍ରତିଶତ ଚାଉଳ ଜମା ଦେଇ ନ ପାରିଲେ, ସେମାନଙ୍କୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ କି ନାହିଁ ପଚାରିବାରୁ ସେ ଦିଗରେ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୋରେନ କହିଥିଲେ।

## ୨୦ ମିନିଟ୍ ଦୃଶ୍ୟମାନ...

ହୋଇଥିଲା। ଓଡ଼ିଶାରେ ସନ୍ଧ୍ୟା ୬ଟା ୨୬ ମିନିଟ୍‌ରେ ପରାଗ ଶେଷ ହୋଇଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ପରାଗ ଛାଡ଼ିଥିଲେ ମଧ୍ୟ ଘରେ ରୋଷେଇକୁ ବାରଣ କରାଯାଇଥିଲା। ବୁଧବାର ସକାଳେ ଲୋକେ ସୂର୍ଯ୍ୟ ଦର୍ଶନ କରିବା ପରେ ଘର ଧୁଆଧୋଇ ସହ ସ୍ନାନ ସାରି ଠାକୁର ପୂଜା କରାଯିବ। ପରାଗ ସ୍ପର୍ଶର ୧୨ଘଣ୍ଟା ପୂର୍ବରୁ ଲୋକେ ପାକତ୍ୟାଗ ଓ ଦେବ ନୀତି ନିଷେଧ କରିଥିଲେ। ଅର୍ଥାତ୍ ମଙ୍ଗଳବାର ଭୋର ୪ଟା ୫୬ରୁ ପାକତ୍ୟାଗ ହୋଇଥିଲା। ରାତିରୁ ଉଠି ଲୋକେ ଠାକୁର ପୂଜା ମଧ୍ୟ ସାରିଥିଲେ। କାର୍ତ୍ତିକ ମାସ ଚାଲୁଥିବାରୁ ହବିଷିଆଳିମାନେ ରାତି ୨ଟାରୁ ଗାଧୋଇ ଠାକୁର ପୂଜା ଶେଷ କରି ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ।

## ଚିକେନ୍ ବିରିୟାନୀ...



ହେତୁବାଦୀମାନେ ପାକତ୍ୟାଗ, ହାଣ୍ଡିଛାଡ଼, ହାଲୁକା ଖାଦ୍ୟ ଖାଇବା ଭଳି ନିୟମର ପ୍ରତିବାଦ କରିଥିଲେ। ସେମାନେ ନିଜେ ଚିକେନ ବିରିୟାନୀ ଖାଇବା ସହ ଅନ୍ୟମାନଙ୍କୁ ମଧ୍ୟ ଖୁଆଉଥିବା ଦେଖିବାକୁ ମିଳିଥିଲା। ହେତୁବାଦୀଙ୍କ ମତରେ ସୂର୍ଯ୍ୟୋପରାଗ ସ୍ୱାଭାବିକ ଖାଦ୍ୟପେୟ ଉପରେ କୌଣସି ପ୍ରଭାବ ପକାଏ ନାହିଁ। ବରଂ ଖାଦ୍ୟ ନ ଖାଇଲେ ଲୋକେ ଅସୁସ୍ଥ ହୋଇପଡ଼ିବେ। ଧର୍ମୀୟ ଭାବନା ଏବଂ ବୈଜ୍ଞାନିକ ତଥ୍ୟ ମଝିରେ ଲୋକେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ହେତୁବାଦୀଙ୍କ କହିବାନୁସାରେ, ଯେପରି ସକାଳ-ରାତି ହୁଏ, ଏହା ମଧ୍ୟ ସେହିପରି ଏକ ପ୍ରାକୃତିକ ପ୍ରକ୍ରିୟା, ଯାହାର କୌଣସି ପ୍ରଭାବ ଖାଦ୍ୟପେୟ ଉପରେ ନାହିଁ। ଅପରପକ୍ଷେ ହେତୁବାଦୀଙ୍କ ଏଭଳି ମତକୁ ଜ୍ୟୋତିର୍ବିଦମାନେ ନିନ୍ଦା କରିବା ସହିତ ବିନାଶ କାଳେ ବିପରୀତ ବୁଦ୍ଧି ବୋଲି କହିଛନ୍ତି।

## ଇତିହାସ ରଚିଲେ...

ପରେ ଦେଶବାସୀଙ୍କୁ ନିଜ ପ୍ରଥମ ସମ୍ବୋଧନରେ ଋଷି କହିଛନ୍ତି, ନିକଟରେ ତାଙ୍କ ପୂର୍ବସୂରୀମାନେ କରିଥିବା କେତେକ ଭୁଲ୍‌କୁ ସେ ସୁଧାରିବେ। ବ୍ରିଟେନରେ ଆର୍ଥିକ ସ୍ଥିରତା ଆଣିବା ଓ ଲୋକଙ୍କ ମଧ୍ୟରେ ସରକାରୀ କାର୍ଯ୍ୟସୂଚୀକୁ ନେଇ ବିଶ୍ୱାସ ଜନ୍ମାଇବା ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ହେବ। ୨୦୧୯ ସାଧାରଣ ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିକୁ ବିପୁଳ ସଫଳତା ମିଳିଥିଲା। ବୋରିସ୍ ଜନ୍‌ସନ୍ ଦଳର ନେତା ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ହୋଇଥିଲେ। କିନ୍ତୁ କୋଭିଡ୍-୧୯ ମହାମାରୀଜନିତ ଲକ୍‌ଡାଉନ୍ ବେଳେ ବୋରିସ୍ କେତେକ ପାର୍ଟି ଆୟୋଜନ କରି ବିବାଦୀୟ ହୋଇଥିଲେ। ଶେଷରେ ଗତ ଜୁଲାଇ ୫ରେ ତତ୍କାଳୀନ ଅର୍ଥମନ୍ତ୍ରୀ ଋଷି ସୁନକ ନିଜ ପଦରୁ ଇସ୍ତଫା ଦେଇ ବୋରିସ୍‌ଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ। ଋଷିଙ୍କ ଇସ୍ତଫା ପରେ କ୍ୟାବିନେଟର ଅନେକ ମନ୍ତ୍ରୀ ପଦ ଛାଡ଼ିଥିଲେ। ଫଳରେ ବୋରିସ୍‌ଙ୍କ ଉପରେ ଇସ୍ତଫା ଚାପ ବଢ଼ିଥିଲା। ବୋରିସ୍ ଇସ୍ତଫା ଦେବା ପରେ ଅନୁଷ୍ଠିତ କଞ୍ଜରଭେଟିଭ୍ ପାର୍ଟି ନେତା ଦୌଡ଼ରେ ଲିଜ୍ ଟ୍ରସ୍‌ଙ୍କଠାରୁ ଋଷି ପରାଜିତ ହୋଇଥିଲେ। ଟ୍ରସ୍ ମାତ୍ର ୪୫ ଦିନ ପ୍ରଧାନମନ୍ତ୍ରୀ ରହିବା ପରେ ନିଜ ପ୍ରତିଶ୍ରୁତି ପାଳନ କରିବାକୁ ଅକ୍ଷମତା ପ୍ରକାଶ କରି ଗତ ୨୦ ତାରିଖରେ ଇସ୍ତଫା ଦେଇଥିଲେ। ଟ୍ରସ୍‌ଙ୍କ ଉତ୍ତରାଧିକାରୀ ଦୌଡ଼ରେ ଋଷି ଆଗୁଆ ଥିବାବେଳେ ତାଙ୍କ ବିରୋଧରେ ପ୍ରାର୍ଥୀ ହେବା ପାଇଁ ବୋରିସ୍ ଚାହୁଁଥିଲେ। କିନ୍ତୁ ଅନ୍ୟୁନ ୧୦୦ ଏମ୍‌ପିଙ୍କ ସମର୍ଥନ ଯୋଗାଡ଼ କରି ନ ପାରିବାରୁ ସେ ଶେଷ ମୁହୂର୍ତ୍ତରେ ଓହରିଯାଇଥିଲେ। ସେହିପରି ହାଉସ୍ ଅଫ୍ କମନ୍ସ ଲିଡର ପେନି ମୋର୍ଡାଣ୍ଟ ମଧ୍ୟ ସମର୍ଥନ ନ ପାଇବାରୁ ପ୍ରାର୍ଥୀ ହେବାକୁ ଚାହିଁଲେ ନାହିଁ। ଫଳରେ ଶାସକ କଞ୍ଜରଭେଟିଭ୍ ପାର୍ଟିର ନିର୍ବାଚନ ପରିଚାଳନା ସଂକ୍ରାନ୍ତ ୧୯୨୨ କମିଟି ଅଧ୍ୟକ୍ଷ ସାର୍ ଗ୍ରାହାମ ବ୍ରାଡି ସୋମବାର କଞ୍ଜରଭେଟିଭ୍ ପାର୍ଟିର ନୂଆ ନେତା ଭାବେ ଋଷିଙ୍କ ନାମ ଘୋଷଣା କରିଥିଲେ। ଏହି ଘୋଷଣା ସହ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ଋଷି ବିରଳ ଇତିହାସ ସୃଷ୍ଟି କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ୧୦ ଡାଉନିଂ ଷ୍ଟ୍ରିଟ୍ ବାହାରେ ସମ୍ବୋଧନ କରି ଋଷି ନିଜ ପ୍ରଥମ ବକ୍ତବ୍ୟରେ କହିଛନ୍ତି, ଦେଶର ଆର୍ଥିକ ସଙ୍କଟ ଦୂର କରିବା ଏବଂ ଏକ ଉତ୍ତରଦାୟୀ ସରକାରର ନେତୃତ୍ୱ ନେବା ପାଇଁ ସେ ପ୍ରସ୍ତୁତ। ତାଙ୍କ ପୂର୍ବସୂରୀ ଲିଜ୍ ଟ୍ରସ୍ କରିଥିବା ଭୁଲ୍‌ଗୁଡ଼ିକୁ ସୁଧାରିବା ପାଇଁ ସେ ଚେଷ୍ଟା କରିବେ। ସେହି କାର୍ଯ୍ୟ ଏବେ ହିଁ ଆରମ୍ଭ ହୋଇଛି। ଚାନ୍ସେଲର ଥିବାବେଳେ ସେ ଲୋକଙ୍କୁ ଓ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଯଥାସାଧ୍ୟ ଉଦ୍ୟମ କରିଥିଲେ। ସେହି ଆବେଗକୁ ନେଇ ସେ ବର୍ତ୍ତମାନର ଚ୍ୟାଲେଞ୍ଜଗୁଡ଼ିକୁ ସାମ୍ନା କରିବେ। ପରବର୍ତ୍ତୀ ପିଢ଼ିକୁ ଋଣଯନ୍ତା ଭିତରକୁ ଠେଲିଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଆମ ଦେଶକୁ ମୁଁ କଥାରେ ନୁହେଁ, କାମରେ ଏକାଠି କରିବି। ଜନସେବା ପାଇଁ ଦିନରାତି ଏକ କରିଦେବି। ଆମେ ଅନେକ ଅବିଶ୍ୱାନୀୟ କାର୍ଯ୍ୟରେ ସଫଳତା ହାସଲ କରିବା। କୋଭିଡ୍ ମହାମାରୀ ପରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସାରା ବିଶ୍ୱରେ ସଙ୍କଟ ସୃଷ୍ଟି କରିଛି। ୟୁକ୍ରେନ୍ ଯୁଦ୍ଧ ତୁରନ୍ତ ଶେଷ ହେବା ଆବଶ୍ୟକ ବୋଲି ଋଷି କହିଛନ୍ତି।

୭ ସପ୍ତାହ ମଧ୍ୟରେ ତୃତୀୟ ପ୍ରଧାନମନ୍ତ୍ରୀ ହୋଇଥିବା ଋଷି ଦେଶର ଆର୍ଥିକ ସଙ୍କଟ ଦୂର କରିବାରେ କେତେ ସଫଳ ହେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏହି ଐତିହାସିକ ଦିନରେ କଞ୍ଜରଭେଟିଭ୍ ପାର୍ଟି ଜଣେ ନୂଆ ପ୍ରଧାନମନ୍ତ୍ରୀ ବାଛିଛି। ଋଷି ସୁନକଙ୍କ ପ୍ରତି ସହୃଦୟରେ ସମର୍ଥନ କରିବେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଟୁଇଟ୍ କରିଛନ୍ତି। ବିଭିନ୍ନ ମହଲରୁ ଋଷିଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

ଲିଜ୍ ଟ୍ରସ୍‌ଙ୍କ କ୍ୟାବିନେଟର ସଦସ୍ୟମାନେ ଇସ୍ତଫା ଦେବା ପରେ ନୂଆ ପ୍ରଧାନମନ୍ତ୍ରୀ ଋଷି ସୁନକ ନିଜ ମନ୍ତ୍ରିମଣ୍ଡଳ ଗଠନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସେ ପୂର୍ବ କ୍ୟାବିନେଟର ଅନେକ ମନ୍ତ୍ରୀଙ୍କୁ ବିଦା କରିବା ସହ ନିଜ ପସନ୍ଦର ଏମ୍‌ପିମାନଙ୍କୁ ସୁଯୋଗ ଦେଇଛନ୍ତି। ମିନିଷ୍ଟେରିଆଲ୍ ଆଣ୍ଡ ଅଦର ସେଲେରିଜ୍ ଆକ୍ଟ ୧୯୭୫ ଅନୁସାରେ ଋଷି ୨୨ କ୍ୟାବିନେଟ ମନ୍ତ୍ରୀଙ୍କୁ ନିଯୁକ୍ତି ଦେଇପାରିବେ।

- ଡୋମିନିକ୍ ରାବ୍‌ଙ୍କୁ ଉପପ୍ରଧାନମନ୍ତ୍ରୀ ସହ ଲର୍ଡ ଚାନ୍ସେଲର ଏବଂ ନ୍ୟାୟ ବିଭାଗର ମନ୍ତ୍ରୀ ପଦ ମିଳିଛି।
- ଋଷିଙ୍କ କ୍ୟାବିନେଟରେ ଜେରେମି ହଣ୍ଟ୍ ପୂର୍ବ ଭଳି ଅର୍ଥମନ୍ତ୍ରୀ ରହିବେ। କ୍ୱାସି କ୍ୱାର୍ଟେଙ୍ଗଙ୍କ ବିପର୍ଯ୍ୟସ୍ତ ମିନି ବଜେଟ ପ୍ରସ୍ତାବ ପରେ ଜେରେମି ଦାୟିତ୍ୱ ନେଇଥିଲେ।
- ଲିଜ୍ ଟ୍ରସ୍‌ଙ୍କ କ୍ୟାବିନେଟରେ ଗୃହମନ୍ତ୍ରୀ ଥିବା ସୁଏଲା ବ୍ରାଭରମ୍ୟାନ୍ ସପ୍ତାହେ ତଳେ ଇସ୍ତଫା ଦେଇଥିଲେ। ଋଷି ତାଙ୍କୁ ପୁନର୍ବାର ସମାନ ଦାୟିତ୍ୱ ପ୍ରଦାନ କରି କ୍ୟାବିନେଟରେ ସାମିଲ କରିଛନ୍ତି।
- ପୂର୍ବରୁ ଋଷିଙ୍କ ସହ କଞ୍ଜରଭେଟିଭ୍ ପାର୍ଟି ନେତା ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଜାକବ୍ ରିସ୍-ମୋଗ୍‌ଙ୍କ ସ୍ଥାନରେ ଗ୍ରାଣ୍ଟ ଶାପ୍‌ସଙ୍କୁ ବିଜ୍‌ନେସ୍ ସେକ୍ରେଟାରି ପଦରେ ଅବସ୍ଥାପିତ କରାଯାଇଛି।
- ଚଳିତ ଥର ଋଷିଙ୍କ ଚ୍ୟାଲେଞ୍ଜର ହେବାକୁ ଯାଇ ଶେଷ ମୁହୂର୍ତ୍ତରେ ଓହରି ଯାଇଥିବା ପେନି ମୋର୍ଡାଣ୍ଟ ପୂର୍ବଭଳି ହାଉସ୍ ଅଫ୍ କମନ୍ସର ନେତୃତ୍ୱ ନେବେ।
- ଗତ ସେପ୍ଟେମ୍ବରରେ ବହିର୍ବ୍ୟାପାର, କମନ୍‌ୱେଲ୍‌ଥ ଏବଂ ଡେଭେଲପମେଣ୍ଟ ଅଫିସ୍ ସମ୍ଭାଳିଥିବା ଗିଲିଆନ୍ କିଗାନ୍‌ଙ୍କୁ ଶିକ୍ଷା ବିଭାଗ ଦାୟିତ୍ୱ ଦିଆଯାଇଛି।
- ଟ୍ରସ୍‌ଙ୍କ କ୍ୟାବିନେଟରେ ବହିର୍ବ୍ୟାପାର ମନ୍ତ୍ରୀ ଥିବା ଜେମ୍ସ କ୍ଲେଭରଲିଙ୍କୁ ସମାନ ଦାୟିତ୍ୱ ସହ ପୁନଃ ନିଯୁକ୍ତି ଦିଆଯାଇଛି।
- ୨୦୧୯ ଜୁଲାଇରୁ ପ୍ରତିରକ୍ଷା ମନ୍ତ୍ରୀ ଥିବା ବେନ୍ ୱାଲାସେଙ୍କୁ ଋଷିଙ୍କ କ୍ୟାବିନେଟରେ ମଧ୍ୟ ସମାନ ଦାୟିତ୍ୱ ମିଳିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଅଶ୍ୱିନୀର ପୂର୍ବର ସମସ୍ୟା କେତେକାଂଶରେ ସୁଧୁରି ଯାଇଥିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଗତକାଲିର ଯୋଜନାରେ ଟେନ୍‌ସନ କିଛି ମାତ୍ରାରେ କମିଯିବ। ପରିବାରରେ ସ୍ତ୍ରୀଙ୍କ ଅସହଯୋଗ ତଥା ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ଦେଖାଦେଇପାରେ।

**ବୃଷ**

ଦ୍ୱିଜା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିପାରିଲେ ସମାଲୋଚନାରୁ ରକ୍ଷାପାଇବେ । କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ଦୁଃଖକୁ ଲୁଚାଇ ହସି ହସି କଥା କହିବାକୁ ପଡ଼ିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**ମିଥୁନ**

ମୃଗଶିରା ପରିସ୍ଥିତିକୁ ଆଖି ଆଗରେ ରଖି କାମ କରିବା ଭଲ। ମନ ବୁଝିଲାଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ରାଜନୀତିରେ କିମ୍ବା କର୍ମକ୍ଷେତ୍ରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**

ଅଶ୍ଳେଷାର ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହ କର୍ମକ୍ଷେତ୍ରର ସ୍ଥିତି ସ୍ୱାଭାବିକ ରହିବ। ଭୁଲ୍ ବୁଝାମଣା ହେତୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ। କାମଟିକୁ ସମ୍ପନ୍ନ କରିବା ପରିପ୍ରେକ୍ଷୀରେ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ।

**ସିଂହ**

ମଘା ନକ୍ଷତ୍ର ଆର୍ଥିକ ସ୍ୱଚ୍ଛଳତା ନ ରହିବା କାରଣରୁ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ପ୍ରାୟତଃ ମନ୍ଦ ହେବନି । ବନ୍ଧୁମାନଙ୍କ ପ୍ରରୋଚନାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**

ହସ୍ତା ନକ୍ଷତ୍ର ପାରିବାରିକ ଜୀବନରେ ଉଚିତ ବୁଝାମଣା ସହ ଜୀବନଚର୍ଯ୍ୟା ପ୍ରୀତିପ୍ରଦ ରହିବ । ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଆତ୍ମୀୟସ୍ୱଜନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ପାଇଁ ଚିନ୍ତା ବଢ଼ିପାରେ। ବାଣିଜ୍ୟ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ସାମାନ୍ୟ ହଡ଼ବଡ଼େଇ ଯାଇପାରନ୍ତି ।

**ତୁଳା**

ସ୍ୱାତୀ ନକ୍ଷତ୍ର କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ସହ ଋଣ ପରିଶୋଧ ସକାଶେ ଅନୁକୂଳ ସୁବିଧା ପାଇବେ। ସାମୟିକ ଭାବରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ହଠାତ୍ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ବିଛା**

ଧୈର୍ଯ୍ୟର ସୀମା ଲଙ୍ଘନ ପୂର୍ବକ କଠୋର ବାକ୍ୟାଳାପ ପରିସ୍ଥିତିକୁ ଗମ୍ଭୀର କରିଦେବ। ଦୂରଦର୍ଶିତା ଅଭାବରୁ ହାତ ମୁଠାରୁ ସୁଯୋଗ ଖସିଯାଇପାରେ। ଅନୁରାଧା ନକ୍ଷତ୍ର ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସାମାଜିକ ସ୍ତରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ**

ମୂଳା ନକ୍ଷତ୍ର ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ଏବଂ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ଆଶଙ୍କା ଦେଖାଦେବ । ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇବେ।

**ମକର**

ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟା କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ଥିବାର ଅନୁଭବ କରିବେ। ଶ୍ରବଣା ନକ୍ଷତ୍ର ପ୍ରଶାସନିକ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ମନୋରଞ୍ଜନ ସକାଶେ ମନ ବଳାଇବେ।

**କୁମ୍ଭ**

ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ଶତଭିଷା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ**

ଅନ୍ୟମାନଙ୍କ ସହ ସୁସମ୍ପର୍କ ଅଭାବଜନିତ କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । ବୃଥା ସନ୍ଦେହ କିମ୍ବା ଭୁଲ୍ ବୁଝାମଣାଜନିତ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ରେବତୀ ନକ୍ଷତ୍ର କୌଣସି ଦୂରାଗତ ବନ୍ଧୁଙ୍କ ଦ୍ୱାରା ହଜି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

ଆଜି ଅକ୍ଟୋବର ୨୬ ତାରିଖ, କାର୍ତ୍ତିକ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ବୁଧବାର, ରାଶିନକ୍ଷତ୍ର- ଦିବା ଘ.୦୧.୨୩ମି. ପର୍ଯ୍ୟନ୍ତ ସ୍ୱାତୀ/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୮ମି. ଗତେ ଘ.୦୮.୦୫ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୩୪,୬୩,୩୪୪ | ୬୫,୮୪,୭୧୨ | ୬୧,୨୪,୩୭,୦୫୪ |
| ଭାରତ | ୪,୪୬,୪୪,୯୩୮ | ୫,୨୮,୯୮୦ | ୪,୪୦,୯୩,୪୦୯ |
| ଓଡ଼ିଶା | ୧୩,୩୫,୯୨୦ | ୯୨୦୩(+୫୩) | ୧୩,୨୬,୨୬୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପଟିଆମାଳ ଜଙ୍ଗଲରୁ ଦନ୍ତାର ମୃତଦେହ ଠାବ

**ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର, ୨୫ା୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ରେଞ୍ଜ୍ ଅଧୀନ ପଟିଆମାଳ ଜଙ୍ଗଲରେ ସୋମବାର ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ବନ ବିଭାଗର ଏକ ଟିମ୍ ଓ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀର ବ୍ୟବଚ୍ଛେଦ ପରେ ଉକ୍ତ ଜଙ୍ଗଲରେ ଜେସିବି ସାହାଯ୍ୟରେ ଗାତ ଖୋଳାଯାଇ ପୋତିଦିଆଯାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜର ଦେବାଶିଷ ଭୋଇ କହିଛନ୍ତି। ସୂଚନାଥାଉ କି, ଦୀର୍ଘଦିନ ହେବ ୧୩ ଟିକିଆ ହାତୀପଲ ପଟିଆମାଳ ଜଙ୍ଗଲରେ



**ମୃତ୍ୟୁର କାରଣ ଅସ୍ପଷ୍ଟ**

ରହିଆସୁଛନ୍ତି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏ ପରିକି ପାଚେରି ଓ ଘର ଭାଙ୍ଗୁଥିବା ନଜିର ରହିଛି। ଏନେଇ ଗ୍ରାମବାସୀ ବନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ହାତୀ ଘଉଡ଼ାଇବା ପାଇଁ ବନ କର୍ମଚାରୀ ନିୟୋଜିତ ହୋଇଥିଲେ। ତେବେ ସୋମବାର ପଟିଆମାଳ ଜଙ୍ଗଲରେ ଏକ ହାତୀ ମରିପଡ଼ିଥିବା ବନ କର୍ମଚାରୀ ଦେଖିବାକୁ ପାଇଥିଲେ। ଖବରପାଇ ରେଞ୍ଜର ଓ ପ୍ରାଣୀ ଚିକିତ୍ସକ ପହଞ୍ଚିଥିଲେ।

# ସ୍ତ୍ରୀଙ୍କୁ କଇଁଚିରେ ଭୁସି ହତ୍ୟା

**ଢେଙ୍କାନାଳ ଅଫିସ, ୨୫ା୧୦**

ସାମାନ୍ୟ ଘରୋଇ କଳିକୁ କେନ୍ଦ୍ରକରି ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଞ୍ଚଳରେ ଅଭାବନୀୟ କାଣ୍ଡ ଘଟିଛି। ସ୍ୱାମୀ କଇଁଚିରେ ଭୁସି ଦେବାରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତ ମାନସ ମଲ୍ଲିକଙ୍କୁ ଗିରଫ କରିଛି। ଏହି ଘଟଣା ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲା ଗୋଳାଗାଁ ଗ୍ରାମର ମାନସ ଦୀର୍ଘଦିନ ହେଲା ଶ୍ୱଶୁରଘର ନିହଲପ୍ରସାଦରେ ରହୁଥିଲେ। ଶୁକ୍ରବାର ଖାଇବାକୁ କେନ୍ଦ୍ର କରି ସ୍ତ୍ରୀ ରେଖା (୩୭)ଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ରେଖା ରୋଷେଇ କରୁଥିବାବେଳେ ଉତ୍ତ୍ୟକ୍ତ ମାନସ ତାଙ୍କ ପେଟରେ କଇଁଚି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ରେଖାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୨୦୨/୨୨ରେ ଏକ ମାମଲା ରୁଜୁ କରାଯାଇଛି। ସେମାନଙ୍କ ଦୁଇଜଣ ଝିଅପୁଅ ଅଛନ୍ତି।

# ଛୁରାମାଡ଼ରେ ବାପାଙ୍କ ମୃତ୍ୟୁ, ପୁଅ ଗିରଫ

**ଆସିକା,୨୫ା୧୦(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ପଢାଳ ଗ୍ରାମରେ ପାରିବାରିକ କଳହରୁ ପୁଅ ଛୁରାମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ସୋମବାର ରାତି ପ୍ରାୟ ୯ଟାରେ ଏହି ଅଭାବନୀୟ ଘଟଣା ଘଟିଛି । ମୃତକ ହେଲେ ଦେବରାଜ ନାହାକ (୬୪) । ପୋଲିସ ମଙ୍ଗଳବାର ମୃତଦେହ ଜବତ କରିବା ସହ ଅଭିଯୁକ୍ତ ପୁଅ ଅରୁଣ ନାହାକଙ୍କୁ ଗ୍ରାମ ଆମ୍ବତେଟାରୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଅରୁଣ ବିବାହିତ ଓ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି । ଏପରିସ୍ଥଳେ ଗତ ୬ ମାସ ହେଲା ସେ ଅନ୍ୟ ଏକ ଝିଅକୁ ବିବାହ କରି ଘରକୁ ଆଣିଥିଲେ । ଏହା କୈଳିକ ବିଧିରେ ଅନୁମୋଦନ ହୋଇ ନ ଥିଲା । ଦ୍ୱିତୀୟ ସ୍ତ୍ରୀ ଅନ୍ତଃସତ୍ତ୍ୱା ହେବାରୁ ବାପଘର ଯିବା ଲାଗି କୈଳିକ ଅନୁମତି ନିମନ୍ତେ ପ୍ରଥମ ସ୍ତ୍ରୀଙ୍କ ସ୍ୱୀକୃତିପତ୍ର ଆବଶ୍ୟକ ଥିଲା । ଏହା ଆଣିବା ଲାଗି ଅରୁଣ ତାଙ୍କ ବାପାଙ୍କୁ ବାଧ୍ୟ କରିଥିଲେ। ଦୀପାବଳିରେ ନ ଯାଇ ପରଦିନ ଯିବି ବାପା କହିବାରୁ ଅରୁଣ ରାଗିଯାଇ ଘରେ ପାଟିତୁଣ୍ଡ କରିଥିଲେ। ରାତି ପ୍ରାୟ ୯ଟାରେ ବାପାଙ୍କୁ ପୁଣି ଗାଳି ଦେଇ ମାରିଦେବେ ବୋଲି ଧମକ ଦେଇଥିଲେ। ଭୟଭୀତ ହୋଇ ଦେବରାଜ ଘରୁ ଦୌଡ଼ି ପଳାଉଥିବା ବେଳେ ଅରୁଣ ତାଙ୍କ ପିଛା କରି ଛାତିକୁ ଛୁରି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ଦେବରାଜଙ୍କୁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତକଙ୍କ ସମ୍ପର୍କୀୟ ପୁତୁରା ବିଦେଶୀ ନାହାକଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ.୭୨୧/୨୨ରେ ଏକ ମାମଲା ରୁଜୁହୋଇଛି।ଅଭିଯୁକ୍ତଦେବରାଜଙ୍କୁକୋର୍ଟଚାଲାଣକରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ଗାଈ ପାଇଁ ବାପାଙ୍କୁ ହତ୍ୟା

**ଲହୁଣୀପଡ଼ା,୨୫ା୧୦ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ଘଣିଘଷା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି । ଗାଈ ପାଇଁ ନିଶାସକ୍ତ ପୁଅର ଠେଙ୍ଗା ଓ ପଥର ମାଡରେ ବାପାଙ୍କ ମୃତ୍ୟୁ ଘଟିଛି । ପୋଲିସ ଏହି ଘଟଣାରେ ପୁଅ ଆକାଶ ମୁଣ୍ଡା(୧୯)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ପ୍ରକାଶ ଯେ, ଘଣିଘଷା ଗ୍ରାମର ଭୁବନ ମୁଣ୍ଡା (୪୮) ପ୍ରତ୍ୟେକ ଦିନ ଭଳି ସୋମବାର ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ । କିନ୍ତୁ କୌଣସି କାରଣବଶତଃ ସେ ଗାଈଗୁଡ଼ିକ ଜଙ୍ଗଲରେ ଛାଡି ଦେଇ ଘରକୁ ପଳାଇ ଆସିଥିଲେ । ଏହା ଦେଖି ଘରେ ଥିବା ତାଙ୍କ ପୁଅ ଆକାଶ ରାଗିଯାଇ ଜଙ୍ଗଲରେ ଗାଈ କାହିଁକି ଛାଡି ପଳାଇ ଆସିଲ କହି ଝଗଡା କରିବା ସହିତ ଧକ୍କା ମାରିଥିଲେ। ଏପରି କି ଏକ ଠେଙ୍ଗାରେ ପିଟି ପିଟି ଘରୁ ସେହି ଜଙ୍ଗଲ ପର୍ଯ୍ୟନ୍ତ ନେଇଥିଲେ । ସେଠାରେ ନିସ୍ଥୁକ ମାଡ ମାରିବାରୁ ସେ ତଳେ ପଡି ଯାଇଥିଲେ । ନିଶାରେ ଥିବା ଆକାଶ ହିତାହିତ ଜ୍ଞାନ ଭୁଲିଯାଇ ପଥରରେ ଭୁବନଙ୍କ ମୁଣ୍ଡକୁ ବାରମ୍ବାର ଛେଚିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହାପରେ ଘଟଣାସ୍ଥଳରୁ ସେ ଫେରାର ହୋଇ ଯାଇଥିଲେ। ଗ୍ରାମର କେତେଜଣ ବ୍ୟକ୍ତିଙ୍କ ଠାରୁ ସୂଚନା ପାଇ ପରିବାର ଲୋକେ ଜଙ୍ଗଲରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଲହୁଣୀପଡ଼ା ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନା ପଠାଇଥିଲେ । ନିଶାସକ୍ତ ଅବସ୍ଥାରେ ଏପରି କାଣ୍ଡ ଘଟାଇଥିବା ଆକାଶ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ବାଣ ବିସ୍ଫୋରଣ: ବାପା ମୃତ,ପୁଅ ଗୁରୁତର

**କାମାକ୍ଷାନଗର, ୨୫ା୧୦(ଡି.ଏନ୍.ଏ.)**

ଢେଙ୍କାନାଳଜିଲାକାମାକ୍ଷାନଗରଥାନାବଡ଼ସୁଆଁଳ ଗ୍ରାମରେ ସୋମବାର ବାଣ ଦୋକାନରେ ବିସ୍ଫୋରଣ ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ନାବାଳକ ପୁଅଙ୍କ ସମେତ ୩ଜଣ ସଙ୍କଟାପନ୍ନ ଅଛନ୍ତି। ଦୀପାବଳିରେ ଏହି ଦୁଃଖଦ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସୂଚନାଯୋଗ୍ୟ, ଗ୍ରାମର ଶିଶିର ପାଳଙ୍କ ବାଣ ଦୋକାନରେ ଭିଡ଼ ଜମିଥିଲା। ଏହି ସମୟରେ କୌଣସି କାରଣରୁ ବାଣ ବିସ୍ଫୋରଣ ହୋଇଥିଲା। ସେଠାରେ ଉପସ୍ଥିତ ଦୁଷ୍ମନ୍ତ ନାୟକ (୫୨), ତାଙ୍କର ନାବାଳକ ପୁଅ ପ୍ରତୀକ ନାୟକ (୯), ଗ୍ରାମର ଶ୍ରବଣ ପାଳଙ୍କ ନାବାଳିକା ଝିଅ ଅନୁଷ୍କା ପାଳ (୯), ଜଗବନ୍ଧୁ ନାୟକ (୩୨) ଗୁରୁତର ହୋଇଥିବାବେଳେ ଦୋକାନୀ ଶିଶିର ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସଙ୍କଟାପନ୍ନ ଦୁଷ୍ମନ୍ତ, ପ୍ରତୀକ, ଅନୁଷ୍କାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିବାବେଳେ ଦୁଷ୍ମନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଦୁଇଜଣ କଟକରେ ଚିକିତ୍ସାଧୀନ ଅଛନ୍ତି। ଜଗବନ୍ଧୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଥାନାରେ ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

Baidyanath 100 years of caring

ଘରେ ଡାକ୍ତର
ସାଧାରଣ ଅସୁସ୍ଥତା ପାଇଁ ଆୟୁର୍ବେଦିକ ଚିକିତ୍ସା

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ୍ ଲୌହ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ (ରୟାଲ୍ ଚ୍ୟବନପ୍ରାସ) |
| ଆର୍ଥରାଇଟିସ୍, ଗାଉଟ୍, ରୁମେଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ ଗୋଲ୍ଡ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ଟ୍ୟାବ୍, ଇସାବେଲ୍-ଏଚ୍ |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ଼, ପ୍ରୋଷ୍ଟେଡ୍ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସାନ୍ତକ ବଟି |
| ହୃତପିଣ୍ଡର ସମସ୍ୟା | ଗୁଡ଼ ହାର୍ଟ, କୋଲେଷ୍ଟ ଗାର୍ଡ଼ |
| ବଦହଜମି | ଏକ୍ୱାଜେଷ୍ଟେ |
| କିଡ୍‌ନୀ ଏବଂ ଗଲ୍ ଷ୍ଟୋନ୍ | ପଥରୀନା |
| ଲ୍ୟୁକେରିଆ | ଲ୍ୟୁକୋନିଲ୍ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିବରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗ୍ଗୁଲୁ ଟ୍ୟାବ୍ |
| ମଧୁମେହ | ମଧୁମେହାରି ଦାନା, ଡାୟାବେଟ୍ ଗାର୍ଡ଼ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ ⬇
JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905

Azadi Ka Amrit Mahotsav
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ)**
**କାର୍ଡଧାରକ ମାନଙ୍କୁ ନିଜର କାର୍ଡକୁ ଟୋକନାଇଜ୍ କରିବା ପାଇଁ ପ୍ରୋତ୍ସାହିତ କରେ**

କାର୍ଡଧାରକ ମାନଙ୍କ ସ୍ୱାର୍ଥ ସୁରକ୍ଷାକୁ ଆଖିରେ ରଖି ଆରବିଆଇ ନିର୍ଦ୍ଦେଶ ଦେଇଛନ୍ତି ଯେ 1 ଅକ୍ଟୋବର 2022 ଠାରୁ କାର୍ଡ ନେଟୱାର୍କ ଏବଂ କାର୍ଡ ପ୍ରଦାନକାରୀଙ୍କ ବ୍ୟତୀତ ଅନ୍ୟ କୌଣସି ସଂସ୍ଥା କାର୍ଡ ଡାଟା ଯଥା କାର୍ଡ ନମ୍ବର, କାର୍ଡର ସମାପ୍ତି ତାରିଖ ଇତ୍ୟାଦି (କାର୍ଡ-ଅନ୍-ଫାଇଲ କିମ୍ବା CoF) ଷ୍ଟୋର କରିପାରିବେ ନାହିଁ । ତା ସହ କାର୍ଡଧାରକଙ୍କୁ ଯେପରି କୌଣସି ଅସୁବିଧା ନ ହୁଏ, ଏହା ସୁନିଶ୍ଚିତ କରିବା ପାଇଁ ଆରବିଆଇ CoF ଟୋକନାଇଜେସନ ଆରମ୍ଭ କରିଛନ୍ତି । ଟୋକନାଇଜେସନ ଏଥିପାଇଁ କରାଯାଇଛି ଯା'ଦ୍ୱାରା କାର୍ଡଧାରକଙ୍କୁ ପ୍ରତ୍ୟେକ ଟ୍ରାଞ୍ଜାକସନ ପାଇଁ ପ୍ରତିଥର କାର୍ଡର ବିବରଣୀ ଯେମିତି ଭରିବାକୁ ନ ପଡ଼େ । ତତ୍ ସହିତ ମର୍ଚାଣ୍ଟ, କାର୍ଡର ବିବରଣୀ ଷ୍ଟୋର କିମ୍ବା ତାକୁ ବ୍ୟବହାର କରି ପାରିବେ ନାହିଁ, ଫଳସ୍ୱରୂପ କାର୍ଡର ବିବରଣୀ ହଜିବାର ସମ୍ଭାବନା କିମ୍ବା ତା ସହ ସଂପୃକ୍ତ ଦୁରୁପଯୋଗର ସମ୍ଭାବ୍ୟ କ୍ଷତିକୁ ଏଡ଼ାଇ ହେବ । ଟୋକନର ବ୍ୟବହାର କାର୍ଡ ଟ୍ରାଞ୍ଜାକସନର ସୁରକ୍ଷା ଏବଂ ସୁବିଧାକୁ ବଢ଼େଇଥାଏ ତଥା ଏହା କାର୍ଡଧାରକ ମାନଙ୍କ ହିତରେ ଉଦ୍ଦିଷ୍ଟ ।

**ଟୋକନାଇଜେସନ କ'ଣ କିମ୍ବା କାର୍ଡ-ଅନ୍-ଫାଇଲ (CoF) ଟୋକନାଇଜେସନ କ'ଣ ?**

1. ଟୋକନାଇଜେସନ (କିମ୍ବା କାର୍ଡ-ଅନ୍-ଫାଇଲ CoF ଟୋକନାଇଜେସନ) ଯେ କୌଣସି ସମୟରେ ନିଜ ସୁବିଧା ଅନୁସାରେ କରିହେବ ।
2. ଟୋକନାଇଜେସନ ହେଉଛି ଡେବିଟ କିମ୍ବା କ୍ରେଡିଟ କାର୍ଡର ବିବରଣୀକୁ ଏକ ସ୍ୱତନ୍ତ୍ର ବିକଳ୍ପ କୋଡ, ଯାହାକୁ "ଟୋକନ" କୁହାଯାଏ, ସହ ବଦଳେଇବାର ପ୍ରକ୍ରିୟା ।
3. ଟୋକନାଇଜେସନ କେବଳ ଅନ-ଲାଇନ/ଇ-କମର୍ସ ଟ୍ରାଞ୍ଜାକସନ ପାଇଁ ବିହିତ, ଏବଂ ଏହା ଆମନା-ସାମନା କିମ୍ବା ପଏଣ୍ଟ ଅଫ ସେଲ (PoS) ଟ୍ରାଞ୍ଜାକସନ ପାଇଁ ନୁହେଁ ।
4. ଟୋକନାଇଜେସନ ପ୍ରତ୍ୟେକ ଅନ-ଲାଇନ/ଇ-କମର୍ସ ମର୍ଚାଣ୍ଟ ପାଖରେ ତଥା ପ୍ରତ୍ୟେକ କାର୍ଡ ପାଇଁ କେବଳ ଗୋଟିଏ ଥର କରାଯିବା ଆବଶ୍ୟକ । ନିର୍ଦ୍ଦିଷ୍ଟ କାର୍ଡ ଏବଂ ନିର୍ଦ୍ଦିଷ୍ଟ ଅନ-ଲାଇନ/ଇ-କମର୍ସ ମର୍ଚାଣ୍ଟଙ୍କ ପାଇଁ ପ୍ରତ୍ୟେକ ଟୋକନ ଅଲଗା ହୋଇଥାଏ । କାର୍ଡଧାରକ ଅଗଣିତ ଅନ-ଲାଇନ/ଇ-କମର୍ସ ମର୍ଚାଣ୍ଟ ପାଖରେ କାର୍ଡକୁ ଟୋକନାଇଜ କରିପାରିବେ ।
5. ଏକ ଟୋକନକୁ ସେଇ ମର୍ଚାଣ୍ଟଙ୍କ ବ୍ୟତୀତ ଅନ୍ୟ କୌଣସି ମର୍ଚାଣ୍ଟଙ୍କ ପାଖରେ ପେମେଣ୍ଟ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ, ଯାହା ପାଇଁ ସେଇ ଟୋକନ୍‌କୁ ବନା ଯାଇଛି ।
6. ଥରେ ଟୋକନ ବନିଗଲା ପରେ କାର୍ଡଧାରକଙ୍କୁ ଭବିଷ୍ୟତରେ ଟ୍ରାଞ୍ଜାକସନ ପାଇଁ ଟୋକନର ବିବରଣୀ ଭରିବା କିମ୍ବା ମନେ ରଖିବାର ଆବଶ୍ୟକତା ନାହିଁ । ଟୋକନାଇଜ ହୋଇଥିବା କାର୍ଡକୁ ଚିହ୍ନିବା ପାଇଁ, ଚେକ-ଆଉଟ ପ୍ରକ୍ରିୟା ସମୟରେ କାର୍ଡର ଶେଷ ଚାରି ଅଙ୍କକୁ ଡିସପ୍ଲେ /ପ୍ରଦର୍ଶନ କରାଯିବ ।
7. କାର୍ଡଧାରକ ନିଜର ଇଚ୍ଛାନୁଯାୟୀ ନିଜର ଟୋକନ୍‌ର ରେଜିଷ୍ଟ୍ରେସନ ସମାପ୍ତ କରିପାରିବେ ।

**ଏକ କାର୍ଡକୁ କିପରି ଟୋକନାଇଜ୍ କରିହେବ?**

1. ଟୋକନାଇଜେସନ ବିକଳ୍ପ ଚୟନ କରିବା ପାଇଁ କାର୍ଡଧାରକଙ୍କୁ ମର୍ଚାଣ୍ଟ ୱେବସାଇଟ /ଆପ୍ଲିକେସନ ରେ ୱାନ-ଟାଇମ ରେଜିଷ୍ଟ୍ରେସନ କରିବାକୁ ହେବ ।
2. ରେଜିଷ୍ଟର କରିବା ପାଇଁ କାର୍ଡଧାରକଙ୍କୁ ନିଜର କାର୍ଡର ବିବରଣୀ ଭରିବାକୁ ହେବ ତଥା ସମ୍ମତି ପ୍ରଦାନ କରିବାକୁ ପଡ଼ିବ । କାର୍ଡ ପ୍ରଦାନକାରୀ ପ୍ରାମାଣିକରଣର ଏକ ଅତିରିକ୍ତ କାରକ ଯଥା OTP ମାଧ୍ୟମରେ ଏହି ସମ୍ମତିକୁ ବୈଧତା ପ୍ରଦାନ କରିବେ ।

**କାର୍ଡଧାରକ ମାନଙ୍କୁ ଏକ ସୁରକ୍ଷିତ, ନିରାପଦ, ବାଧାହୀନ ଏବଂ ସୁବିଧାଜନକ ଅଭିଜ୍ଞତା ପାଇବା ପାଇଁ ନିଜର କାର୍ଡକୁ ଟୋକନାଇଜ୍ କରିବା ପାଇଁ ପ୍ରୋତ୍ସାହିତ କରା ଯାଉଅଛି ।**

*ଏହି ଉପଦେଶ ଆରବିଆଇ ଦ୍ୱାରା କେବଳ ସୂଚନା ଏବଂ ସାଧାରଣ ମାର୍ଗଦର୍ଶନ ପାଇଁ ଜାରି କରା ଯାଇଅଛି । କୌଣସି ସ୍ପଷ୍ଟୀକରଣ କିମ୍ବା ବାଖ୍ୟା ନିମନ୍ତେ, ଆରବିଆଇ ଦ୍ୱାରା ଜାରି ସର୍କୁଲାର ତଥା ବିଜ୍ଞପ୍ତିର ସାହାଯ୍ୟ ନିଆଯାଇ ପାରିବ ।*

*Her compassion and values continue to guide us even today*



90th BIRTH ANNIVERSARY
**Mrs Ila Panda**
26th Oct 1932 - 11th Jan 2005

imfa 60 YEARS

**In loving memory**
Baijayant 'Jay', Paramita, Nivedita, Subhrakant
Jagi, Braja, KG, Shaifalika
Raie, Reva, Anuva, Aditya, Raisah Ila, Raemana
Relatives, Members & Associates of IMFA Group

Tel: +91 674 2611100 | Email: memoriam@imfa.in

❝ ଅତିମାନବ କିଏ ? ଯେ ଏହି ଜଡମୁଖୀ ବିଭଗ୍ନ ମାନବୀୟ ବ୍ୟକ୍ତିଜୀବନର ଊର୍ଦ୍ଧ୍ୱକୁ ଉଠିଯାଇପାରେ– ଏବଂ ନିଜକୁ ବିଶ୍ୱମୟ କରିଦେଇ ଏକ ଦିବ୍ୟଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦ ଓ ଦିବ୍ୟଜ୍ଞାନରେ ନିଜକୁ ଦିବ୍ୟମଣିଷ କରି ଦେଇପାରେ। –ଶ୍ରୀଅରବିନ୍ଦ



# ଚାଇନା ସମର୍ଥକ

ପ୍ରତିବର୍ଷ ମୌସୁମୀ ଫେରିଯିବା ପରେ ଶୀତ ପୂର୍ବରୁ ଦିଲ୍ଲୀରେ ନିର୍ମାଣ, ଶିଳ୍ପ ଓ ପରିବହନ ଜନିତ ବାୟୁ ପ୍ରଦୂଷଣ ସ୍ପଷ୍ଟ ହୋଇଥାଏ। ଏହାବାଦ୍ ଏହି ସମୟରେ ଉତ୍ତର ଭାରତରେ ମୁଖ୍ୟତଃ ପଞ୍ଜାବ, ହରିୟାଣା ଏବଂ ପୂର୍ବ ଉତ୍ତରପ୍ରଦେଶରେ ଶସ୍ୟଖୁଣ୍ଟା ପୋଡ଼ିକୁ ଦିଲ୍ଲୀ ବାୟୁ ପ୍ରଦୂଷଣର ଅନ୍ୟ ଏକ କାରଣ ଭାବେ ଦର୍ଶାଯାଏ। ଏପରିକି ଖୁଣ୍ଟାପୋଡ଼ିକୁ ରୋକିବା ଲାଗି ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କେନ୍ଦ୍ର ସରକାର ମଧ୍ୟ ବିପୁଳ ବ୍ୟୟବରାଦ କରୁଛନ୍ତି। ତଥାପି କୌଣସି ପରିବର୍ତ୍ତନ ଲକ୍ଷ୍ୟ କରାଯାଇପାରୁନାହିଁ। ସୂଚନାଯୋଗ୍ୟ ଯେ, ଦିଲ୍ଲୀର ବାୟୁ ପ୍ରଦୂଷଣ କ୍ଷେତ୍ରରେ ଖୁବ୍ କମ୍ ଯୋଗଦାନ ଥିବା ଖୁଣ୍ଟା ପୋଡ଼ାକୁ ଏକ ପ୍ରମୁଖ କାରଣ ବୋଲି ସବୁବେଳେ ଦର୍ଶାଯାଉଛି। ହେଲେ ଶସ୍ୟ ଅମଳ ଋତୁରେ ଲକ୍‌ଡାଉନବେଳେ ଗାଡ଼ିମୋଟର ଓ କଳକାରଖାନ ବନ୍ଦ ହୋଇଥିବା ସମୟରେ ଦିଲ୍ଲୀ ବାୟୁମଣ୍ଡଳ ସମ୍ପୂର୍ଣ୍ଣ ପରିଷ୍କାର ରହିଥିଲା ; ଯେଉଁଥିରୁ ଜଣାପଡ଼ିଥିଲା ଯେ ଖୁଣ୍ଟାପୋଡ଼ା ପ୍ରଦୂଷଣର ଏକମାତ୍ର ବୃହତ୍ କାରଣ ନୁହେଁ । ଏହାବାଦ୍ ତୃତୀୟରେ ଦୀପାବଳିରେ ବାଣ ଫୁଟାଇବା ଦ୍ୱାରା ପ୍ରଦୂଷଣ ସ୍ତର ବଢୁଛି ବୋଲି ଏହା ଉପରେ ସେଠାକାର ସରକାର କଟକଣା ଲଗାଇ ଆସୁଛନ୍ତି। ଦୀପାବଳିର ପରବର୍ତ୍ତୀ ସମୟରେ ବିବାହ ଓ ଏ ସମ୍ପର୍କିତ ସାମାଜିକ ଉତ୍ସବଗୁଡ଼ିକୁ ଲକ୍ଷ୍ୟ କରି ଚଳିତ ବର୍ଷ ମଧ୍ୟ ଦିଲ୍ଲୀ ସରକାର ୧ ଜାନୁୟାରୀ ୨୦୨୩ ପର୍ଯ୍ୟନ୍ତ ବାଣ ଉତ୍ପାଦନ, ଗଚ୍ଛିତ, ବିକ୍ରି ଏବଂ ସବୁ ପ୍ରକାର ବାଣ ଫୁଟାଇବା ଉପରେ କଟକଣା ଜାରି କରିଛନ୍ତି। କିନ୍ତୁ ଏହି କଟକଣାକୁ ନ ମାନି ଲୋକେ ଏଥର ଦୀପାବଳିରେ ବାଣ ଫୁଟାଇଛନ୍ତି। ବାଣ ଫୁଟାକୁ କେନ୍ଦ୍ରକରି ସେଠାରେ ଏକ ଭିନ୍ନ ସ୍ଥିତି ବି ଦେଖିବାକୁ ମିଳିଛି । ଭାରତୀୟ ଜନତା ପାର୍ଟି (ଭାଜପା) ନେତା ତାଜିନ୍ଦର ପାଲ ସିଂ ବଗ୍ଗା ଦିଲ୍ଲୀ ସରକାରଙ୍କ କଟକଣାକୁ ଖାତିର ନ କରି ତାଙ୍କ ଘର ସମ୍ମୁଖରେ ବାଣ ଫୁଟାଇବା ସହ ବସ୍ତି ପିଲାମାନଙ୍କୁ ବାଣ ବାଣ୍ଟିଛନ୍ତି। ବଗ୍ଗା ନିଜ ପାରିବାପଣିଆ ଦେଖାଇବାକୁ ଯାଇ ବାଣ ଫୁଟାଇବା ଭିଡ଼ିଓ ଟୁଇଟ୍ କରିଛନ୍ତି। ଅନ୍ୟ ଏକ ଭିଡ଼ିଓରେ ପିଲାମାନଙ୍କୁ ସେ ବାଣ ବାଣ୍ଟୁଥିବା ମଧ୍ୟ ଦେଖାଯାଇଛି। ଏହି ଦୃଶ୍ୟ ସାମ୍ନାକୁ ଆସିବା ପରେ ସେ ବିବାଦରେ ଫସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆରମ୍ଭରୁ ଦିଲ୍ଲୀରେ ବାଣ ଫୁଟା କଟକଣାକୁ ଭାଜପା ନେତାମାନେ ବିରୋଧ କରିଆସୁଛନ୍ତି। ବଗ୍ଗା ମଧ୍ୟ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ବିଫଳ ହୋଇଥିଲେ। କେବଳ ଏତିକି ନୁହେଁ ବାଣ ଫୁଟାଇବା ପରେ ତାଙ୍କ ବିରୋଧରେ ଯେକୌଣସି କାର୍ଯ୍ୟାନୁଷ୍ଠାନ ଲାଗି ସେ ଆହ୍ୱାନ ଦେଇଛନ୍ତି। ଏହାକୁ ଧର୍ମୀୟ କିମ୍ବା ରାଜନୈତିକ ଦୃଷ୍ଟିକୋଣରୁ ବଗ୍ଗା କିମ୍ବା ଭାଜପା ନେତାମାନେ ବିଚାର କରିପାରନ୍ତି, କିନ୍ତୁ କ୍ଷତିଗ୍ରସ୍ତ ହେଉଛନ୍ତି ଦିଲ୍ଲୀର ବାସିନ୍ଦା, ବିଶେଷକରି ସାନ ପିଲାମାନେ, ଯାହାଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ଶ୍ୱାସଜନିତ ରୋଗ ବୃଦ୍ଧିପାଉଛି। ଚଳିତ ବର୍ଷ ଦୀପାବଳି ପରଦିନ ଅର୍ଥାତ୍ ମଙ୍ଗଳବାର ସକାଳେ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ ଥିଲା ୩୨୩। ନୋଏଡାର ଏହା ଥିଲା ୩୪୨, ଯାହା କି 'ଅତି ଖରାପ' ସ୍ତର। ଏହି ଗମ୍ଭୀର ସ୍ତର ସୁସ୍ଥ ଲୋକଙ୍କୁ ପ୍ରଭାବିତ କରିବା ସହ ଯେଉଁମାନେ ଅସୁସ୍ଥ ଅଛନ୍ତି ସେମାନଙ୍କୁ ଜଟିଳ ସମସ୍ୟା ମଧ୍ୟକୁ ଠେଲିଦେବ।

> **ତାଜିନ୍ଦର ସିଂ ବଗ୍ଗାଙ୍କ ଭଳି ବ୍ୟକ୍ତି ବାରୁଦ ବ୍ୟବହାର କରି ବାବରଙ୍କୁ ମନେ ପକାଇ ଦେଇଥିବାରୁ ତାଙ୍କୁ ହିନ୍ଦୁ ବିରୋଧୀ ବୋଲି କୁହାଯାଇପାରିବ। ତତ୍‌ସହିତ ଚାଇନାରୁ ଆସୁଥିବା ବାଣ ବ୍ୟବହାର କରୁଥିବା ହେତୁ ବଗ୍ଗା ଜଣେ ଭାରତ ବିରୋଧୀ ନାଗରିକ ବୋଲି ମଧ୍ୟ ପ୍ରତିପାଦିତ ହେବେ।**

ବଗ୍ଗାଙ୍କ ଭଳି ଜଣେ ଭାଜପା ନେତା ଖୋଲାଖୋଲି ଭାବେ ସରକାରଙ୍କ କଟକଣା ଓ ଦିଲ୍ଲୀ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ବାଣ ଫୁଟାଇବା ସହ ଏହାକୁ ଉତ୍ସାହିତ କରିବା ନିଶ୍ଚିତ ଭାବେ ନିନ୍ଦନୀୟ। କାରଣ ସମସ୍ତେ ଜାଣନ୍ତି ଯେ, ବାଣ ଯେଉଁ ବାରୁଦରେ ତିଆରି ହୋଇଥାଏ ତାହା ପୂର୍ବରୁ ଭାରତବର୍ଷରେ ନ ଥିଲା। ଦେଖିବାକୁ ଗଲେ ବାରୁଦ ଭଳି ସାମଗ୍ରୀକୁ ପ୍ରଥମ ଥର ପାଇଁ ଭାରତ ଭୂମିରେ ମୋଗଲ ଆକ୍ରମଣକାରୀ ବାବର ଆଣିଥିଲେ। ଯେହେତୁ ଭାରତୀୟଙ୍କ ପାଖରେ ସେହି ରାସାୟନିକ ଦ୍ରବ୍ୟ ନ ଥିଲା, ସେଥିପାଇଁ ବାବର ଯୁଦ୍ଧରେ ଜିତିଥିଲେ। ଅନ୍ୟପଟେ ଏହା ପ୍ରମାଣ କରୁଛି ଯେ, ଭାରତବର୍ଷରେ ପୂର୍ବରୁ ଯେତେବେଳେ ଦୀପାବଳି ପାଳନ କରାଯାଉଥିଲା ସେତେବେଳେ ଦୀପ ଜଳାଇବା ସହିତ ପୂଜାପାଠ ହେଉଥିଲା, ଯାହା କି ସବୁ ଅଞ୍ଚଳ ପାଇଁ ଭିନ୍ନ ପ୍ରକାରର ଅର୍ଥ ରଖୁଥିଲା। କିନ୍ତୁ ବାଣ ଫୁଟାଇବାର ପ୍ରଥା କେବେହେଲେ ଆମ ସଂସ୍କୃତିରେ ନ ଥିଲା। ବହୁ ବର୍ଷ ପୂର୍ବେ ତାମିଲନାଡୁର ଶିବକାଶୀରୁ ବାଣ ଆସୁଥିଲା ବୋଲି ଜାଣୁଥିଲୁ। ଏବେ ତାହା ମଧ୍ୟ ନାହିଁ। ପ୍ରାୟ ଅଧିକାଂଶ ବାଣ ଚାଇନାରେ ନିର୍ମିତ ହେଉଥିବା ଦେଖାଯାଉଛି। ସେଥିପାଇଁ ତାଜିନ୍ଦର ସିଂ ବଗ୍ଗାଙ୍କ ଭଳି ବ୍ୟକ୍ତି ବାରୁଦ ବ୍ୟବହାର କରି ବାବରଙ୍କୁ ମନେ ପକାଇ ଦେଇଥିବା ହେତୁ ତାଙ୍କୁ ହିନ୍ଦୁ ବିରୋଧୀ ବୋଲି କୁହାଯାଇପାରିବ। ତତ୍‌ସହିତ ଚାଇନାରୁ ଆସୁଥିବା ବାଣ ବ୍ୟବହାର କରୁଥିବା ଯୋଗୁ ବଗ୍ଗା ଜଣେ ଭାରତ ବିରୋଧୀ ନାଗରିକ ବୋଲି ମଧ୍ୟ ପ୍ରତିପାଦିତ ହେବେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 6 | | | | 7 | 5 | 9 |
| | 2 | 3 | | | | 6 | | |
| | | | | 6 | 1 | 3 | | |
| | | | 5 | 1 | 8 | | | |
| | | | | | 2 | | | |
| | 3 | | | 4 | | | 1 | |
| 7 | | | | 2 | | | | |
| 6 | | 8 | | | | 9 | | |
| | | | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 7 | 9 | 6 | 4 | 5 | 1 | 8 |
| 8 | 1 | 4 | 5 | 2 | 3 | 9 | 7 | 6 |
| 5 | 6 | 9 | 8 | 7 | 1 | 4 | 3 | 2 |
| 6 | 8 | 5 | 2 | 3 | 7 | 1 | 4 | 9 |
| 7 | 9 | 3 | 4 | 1 | 8 | 2 | 6 | 5 |
| 1 | 4 | 2 | 6 | 9 | 5 | 3 | 8 | 7 |
| 3 | 2 | 8 | 7 | 4 | 9 | 6 | 5 | 1 |
| 4 | 7 | 6 | 1 | 5 | 2 | 8 | 9 | 3 |
| 9 | 5 | 1 | 3 | 8 | 6 | 7 | 2 | 4 |

ଗତ ସଂସ୍କରଣର ଉତ୍ତର



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

# ଏ ସମୟ ଚାଲିଯିବ

ଜଣେ ମନ୍ତ୍ରୀ ଥିଲେ। ଥିଲେ ବୋଇଲେ କେଇବର୍ଷ ପୂର୍ବରୁ ଥିଲେ, ଏବେ ଆଉ ନାହାନ୍ତି। କେଇଦିନ ତଳେ ତାଙ୍କୁ ଏକ ସାଂସ୍କୃତିକ ସଭାର ଶ୍ରୋତାମେଳରେ ଦେଖିବାକୁ ମିଳିଲା। ପଛଧାଡ଼ିରେ ଏକା ଏକା ବସିଥିଲା ବେଳେ ତାଙ୍କୁ ଦେଖି ଲାଗୁଥିଲା, ସଭା ମଧ୍ୟକୁ ଆସୁଥିବା ଚିହ୍ନାଜଣା ଲୋକଙ୍କ ସହ ସମ୍ପର୍କ ଯୋଡ଼ିବାକୁ ସେ ଅଭିଳାଷୀ। ମାତ୍ର ତାଙ୍କୁ ଦେଖି ନ ଦେଖିଲା ପରି ଚାଲି ଯାଉଥିଲେ ସଭିଏଁ ଓ ସେ ବସିଥିଲେ ଏକା ଏକା ଜଣେ ଅବାଞ୍ଛିତ ଅତିଥିଙ୍କ ପରି ।

ଅଥଚ କେଇବର୍ଷ ତଳେ ଯେତେବେଳେ ଥିଲା ତାଙ୍କ ମୁଣ୍ଡ ଉପରେ ମନ୍ତ୍ରିତ୍ୱର ମୁକୁଟ, ସେତେବେଳେ ଯେକୌଣସି ସଭାରେ ସେ ଥିଲେ ସବୁଠାରୁ ବାଞ୍ଛିତ ବ୍ୟକ୍ତିତ୍ୱ। ଅନ୍ୟମାନେ ଥିଲେ ତାଙ୍କ ପାଇଁ ଅତ୍ୟନ୍ତ ଅବାଞ୍ଛିତ, ଯେଉଁମାନଙ୍କୁ ଘଣ୍ଟା ଘଣ୍ଟା ଧରି ସେ ଅପେକ୍ଷା କରାଇ ନିଜର ମହଙ୍ଗାପଣର ପ୍ରମାଣ ଦେଇପାରୁଥିଲେ। କେବଳ ସଭାରେ ନୁହେଁ, ତାଙ୍କ ଅଫିସରେ ଓ ବାସଭବନରେ କେତେ ଲୋକ ଅପେକ୍ଷା କରୁ ନ ଥିଲେ ତାଙ୍କର ସାମାନ୍ୟ ଦର୍ଶନ ଓ ଅନୁଗ୍ରହ ପାଇବା ପାଇଁ! ସେ ଯେତେବେଳେ କେଉଁଠିକୁ ଗସ୍ତରେ ଯାଉଥିଲେ, ସେତେବେଳେ ତାଙ୍କ ଆଗରେ ପୋଲିସ ଗାଡ଼ି ଓ ପଛରେ ଅଫିସରଙ୍କ ଗାଡ଼ିର ପଟୁଆର ଦେଖି ଲାଗୁଥିଲା, ସତେ ଯେମିତି ପୁରାକାଳର କେଉଁ ମହାରାଜାଙ୍କ ପାରିଧି ଯାତ୍ରା। କାରଣ ସେ ଥିଲେ ମନ୍ତ୍ରୀ, ସାଧାରଣଙ୍କଠୁଁ ଏକ ଅପହଞ୍ଚ ଇଲାକାର ଅଧୀଶ୍ୱର।

ଲକ୍ଷ୍ୟ କରିବାର କଥା ଯେ ମନ୍ତ୍ରୀ ହୋଇ ସେ ଜନ୍ମ ନେଇ ନ ଥିଲେ। ଅନ୍ୟ ବହୁ ଲୋକଙ୍କ ପରି ଗାଁଦାଣ୍ଡର ଧୂଳିଖେଳ, ନିମ୍ନ ମଧ୍ୟବିତ୍ତ ଘରର କଞ୍ଚାଲଙ୍କା, ବଡ଼ିପୋଡ଼ା ଓ ପଖାଳ ଭିତରେ ଗଢ଼ି ଉଠିଥିଲା ତାଙ୍କ ଶୈଶବ, କୈଶୋର ଓ ତାରୁଣ୍ୟ। ଯୌବନରେ ସେମିତି ବି କିଛି ରୋମାଞ୍ଚ ନ ଥିଲା। ମାତ୍ର ଯେଉଁଦିନ ଭାଗ୍ୟ ତାଙ୍କ ଲଲାଟରେ ମନ୍ତ୍ରିତ୍ୱର ମୋହର ମାରିଦେଲା, ସେଦିନ ଅଚାନକ ସାଧାରଣରୁ ଅସାଧାରଣ ପାଲଟିଗଲେ ସେ। ଜନସାଧାରଣଙ୍କର ସେବକ ହେବାର ଶପଥ ନେଇ ଯେଉଁ ମୁକୁଟ ପିନ୍ଧିଥିଲେ, ସେଇ ଶପଥକୁ ବିସ୍ମରି ଯାଇ ସେ ପାଲଟିଗଲେ ନିଜକୁ ଉଚ୍ଚତମ ଶିଖରରେ ଅଧିଷ୍ଠିତ ମୁନିବ ବିଚାରୁଥିବା ମନ୍ତ୍ରୀ ମହୋଦୟ। ନିଜ ଅଲକ୍ଷ୍ୟରେ ବିସ୍ମୃତି ଗର୍ଭରେ ହଜିଗଲା ନିଜ ମଇଳା ଅତୀତ।

ମନ୍ତ୍ରିତ୍ୱ ଲାଭ କରିବା ପୂର୍ବରୁ, ମନ୍ତ୍ରୀ ହେବା ପରେ ଓ ମନ୍ତ୍ରିତ୍ୱ ଚାଲିଯିବା ପରେ ; ଜୀବନର ଏହି ତିନୋଟି ପର୍ଯ୍ୟାୟ ଗୋଟିକ ପରେ ଗୋଟିଏ ଆସେ ଓ ପୁଣି ଚାଲିଯାଏ। ମାତ୍ର ମଞ୍ଚ ଉପରେ ଅଭିନୟ ସାରି ଗ୍ରୀନରୁମ୍‌ରେ ମୁହଁରୁ ପ୍ରଲେପ ଲିଭାଇ ଘରକୁ ବାହୁଡ଼ି ଆସିଲା ପରି ମୁକୁଟ ଚାଲିଯିବା ପରେ ମନ୍ତ୍ରୀ ବୋଲାଉଥିବା ମଣିଷଟି ବଞ୍ଚିରହେ ଜୀବନର ଅବଶିଷ୍ଟ କାଳ। ମନ୍ତ୍ରିତ୍ୱ ସିନା ଅବସର ନେଇ ଚାଲିଯାଏ, କିନ୍ତୁ ଜୀବନର ଅବସର ତଥାପି ବାକି ଥାଏ। ସେଇ ପୁରୁଣା ପରିବେଶ, ସେଇ ସାଧାରଣ ଜୀବନ ; ଯେଉଁଠୁ ଶିଡ଼ି ଚଢ଼ି ସେ ଉପରକୁ ଉଠିଥିଲେ ଓ ଅଚାନକ ଅସାଧାରଣ ପାଲଟି ଯାଇଥିଲେ ; ପୁଣି ତାଙ୍କୁ ଆଦରିନିଏ ପୂର୍ବ ପରି। ମାତ୍ର କ୍ଷମତା ମୋହରେ ନିଜକୁ ବାଦ୍‌ଶାହା ମନେକରୁଥିବା ଲୋକ କ୍ଷମତା ଚାଲିଗଲା ପରେ ସମାଜକୁ ଫେରିଆସନ୍ତି ସିନା, ମାତ୍ର ଅଲୋଡ଼ା, ଅସ୍ପୃଶ୍ୟ ହୋଇ ସମାଜର ପଛଧାଡ଼ିରେ ପଡ଼ିରହନ୍ତି, ସେଦିନ ସଭାରେ ପଛଧାଡ଼ିରେ ଏକା ଏକା ବସିଥିବା ଓ ବିକଳରେ ନିଜ ଅତୀତକୁ ଝୁରି ହେଉଥିବା ସେଇ ପୂର୍ବତନ ମନ୍ତ୍ରୀଙ୍କ ପରି।



ବଡ଼ ବିଚିତ୍ର ଚିଜ ଯେ ସମୟ। ଏଇ ସମୟ ଦିନେ ପୂର୍ଣ୍ଣ କରିଦେଇଥିଲା ମୋଗଲ ସମ୍ରାଟ୍ ଶାହାଜାହାନଙ୍କୁ। ବିଶାଳ ସାମ୍ରାଜ୍ୟ, ଅପରୂପା ସୁନ୍ଦରୀ ପତ୍ନୀ ; ଏକକୁ ଆରେକ ବଳି ଏକାଧିକ ପୁତ୍ର। ଅଥଚ ସମୟର ସ୍ରୋତରେ ଦିନେ ସବୁ କିଛି ଓଲଟପାଲଟ ହୋଇଗଲା। ପ୍ରିୟତମା ପତ୍ନୀଙ୍କର ଅକାଳ ମୃତ୍ୟୁ ପରେ ବିରହ ବେଦନାରେ ଜଡ଼ସଡ଼ ତାଙ୍କ ଶରୀର ଉପରକୁ ଓହ୍ଲାଇ ଆସିଲା ଅକାଳ ବାର୍ଦ୍ଧକ୍ୟ। ନିଜ ପ୍ରିୟାଙ୍କ ମଧୁର ସ୍ମୃତିରେ ସମର୍ପିତ ସ୍ମୃତିସୌଧ ବିଶ୍ୱର ବିସ୍ମୟ ତାଜମହଲ ନିର୍ମାଣ କରି ମଧ୍ୟ ସେ ଏହାକୁ ଉପଭୋଗ କରିପାରି ନ ଥିଲେ। କାରଣ ଉଚ୍ଚାକାଂକ୍ଷୀ ପରାକ୍ରମୀ ପୁଅ ଆଉରଙ୍ଗଜେବ୍‌ଙ୍କ ଆଦେଶରେ ତାଙ୍କୁ ବନ୍ଦୀ କରି କାରାଗୃହରେ ନିକ୍ଷେପ କରାଯାଇଥିଲା। ଝଲକାଏ ବିଜୁଳି ଚହଟିଲା ପରି ଭଲ ସମୟ ଆସିଲା ଓ ତାଙ୍କ ଅଲକ୍ଷ୍ୟରେ ପୁଣି ଅପସରି ଯାଇ ତାଙ୍କୁ ହତାଶାର ଘନ ଅନ୍ଧକାର ମଧ୍ୟରେ ବୁଡ଼ାଇଦେଲା। ସମୟର ଆବର୍ତ୍ତରେ କେବଳ ସମ୍ରାଟ୍ ଶାହାଜାହାନ ନୁହନ୍ତି, ଏମିତି ବହୁ ଚରିତ୍ର ଆସନ୍ତି, ନିଜ ନିଜକୁ ଦୃଷ୍ଟାନ୍ତ ରୂପେ ପ୍ରତିପାଦିତ କରନ୍ତି ଓ ସମୟର ସ୍ୱରୂପକୁ ସୂକ୍ଷ୍ମଭାବେ ପ୍ରତ୍ୟକ୍ଷ କରିବା ପାଇଁ ଉତ୍ତରଦାୟାଦମାନଙ୍କୁ ଚେତାବନୀ ଦେଇ ଚାଲିଯା'ନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ଯେ, ବର୍ତ୍ତମାନକୁ ନିଜ ହାତମୁଠାରେ ବନ୍ଦୀ କରି ରଖିବାର ଦୁଃସାହସ କରୁଥିବା ଲୋକଙ୍କ ପାଇଁ ଏହି ଚେତାବନୀ ଶୁଣିବାକୁ ସମୟ ଥାଏ ନା ସ୍ପୃହା ଥାଏ! ଏ ପ୍ରସଙ୍ଗରେ ପ୍ରାଚୀନ ଲୋକକଥାର କାହାଣୀଟିଏ।

ନିଜ ଉଚ୍ଚ ଆଦର୍ଶ ଓ ମୂଲ୍ୟବୋଧ ପାଇଁ ଜଣେ ତ୍ରିକାଳଦର୍ଶୀ ଋଷିଙ୍କର ହୃଦୟ ଜିତିଥିବା ରାଜା ସଲୋମନଙ୍କୁ ଏକ ଦିବ୍ୟ ମୁଦ୍ରିକା ଉପହାର ଦେଇ ସେହି ସନ୍ନ୍ୟାସୀ କହିଲେ, ''ରାଜନ୍! ଜୀବନର ସବୁଠୁ କଠିନ ମୁହୂର୍ତ୍ତରେ ଅବା କୌଣସି ବିଷମ ସଙ୍କଟରେ ଯେବେ ଆଗକୁ ସବୁ ରାସ୍ତା ବନ୍ଦ ହୋଇ ଯାଇଥିବ, ସେତେବେଳେ ଏହି ମୁଦିଟି ତୁମକୁ ରାସ୍ତା ଦେଖାଇବ।'' ମୁଦିଟି ପାଇ ସଲୋମନ ପ୍ରୀତ ହେଲେ ସିନା, ସବୁ ଠିକ୍‌ଠାକ୍ ଚାଲୁଥିବାରୁ ମୁଦିଟିର ଚମତ୍କାରିତା ପରୀକ୍ଷା କରିବାକୁ କିଛି ଅବସର ପାଇଲେ ନାହିଁ। ବହୁ ବର୍ଷ ପରେ ପଡ଼ୋଶୀ ରାଜ୍ୟର ପରାକ୍ରମୀ ରାଜା ସଲୋମନଙ୍କୁ ଯୁଦ୍ଧରେ ପରାଜିତ କରି ତାଙ୍କ ରାଜ୍ୟ ଦଖଲ କରିନେବାରୁ ପ୍ରାଣ ବଞ୍ଚାଇ ସେ ରାଜ୍ୟ ଛାଡ଼ି ଜଙ୍ଗଲରେ ଆତ୍ମଗୋପନ କଲେ। ପରାଜୟର ଅପମାନ ଓ ଧରାପଡ଼ିବାର ଭୟରୁ ମୁକୁଳିବା ପାଇଁ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲେ। ଉଚ୍ଚ ପାହାଡ଼ ଶିଖରରୁ ତଳକୁ ଡେଇଁ ପ୍ରାଣ ବିସର୍ଜନ କରିବାକୁ ଗଲାବେଳେ ତାଙ୍କ ନଜର ପଡ଼ିଲା ଋଷିପ୍ରଦତ୍ତ ନିଜ ଆଙ୍ଗୁଠିର ସେହି ମୁଦିଟି ଉପରେ। ଋଷିଙ୍କ କଥା ମନେପଡ଼ିଗଲା। ସେ ମୁଦିଟିକୁ ଆଙ୍ଗୁଠିରୁ କାଢ଼ି ଏପଟସେପଟ ଦେଖୁଦେଖୁ ମୁଦି ମଧ୍ୟରୁ ଆବିଷ୍କାର କଲେ ମୁଡ଼ା କାଗଜଟିଏ। ସେ କାଗଜଟିକୁ ଖୋଲିଲେ ଓ ଦେଖିଲେ ଲେଖା ଅଛି ଛୋଟ ଏକ ଆଶ୍ୱାସନା– ଏ ସମୟ ବି ଚାଲିଯିବ। କହିବାବାହୁଲ୍ୟ, ଏକ ଭଲ ସମୟର ଭରସା ଦେଉଥିବା ଏହି ଦିବ୍ୟ ବାଣୀ ତାଙ୍କୁ ଆତ୍ମହତ୍ୟାରୁ ନିବୃତ୍ତ କଲା। ସେ ଜୀବନକୁ ନୂଆ ଭାବେ ଚିହ୍ନିବାକୁ ଚେଷ୍ଟା କଲେ ଓ ସେଇ ଜଙ୍ଗଲ ମଧ୍ୟରେ ବାସ କରିଥିବା ଭିଲ୍‌ମାନଙ୍କୁ ସଙ୍ଗଠିତ କରି ନିଜର ଏକ ସେନାବାହିନୀ ଗଢ଼ିଲେ ଓ ପରେ ପରେ ନିଜ ରାଜ୍ୟକୁ ଉଦ୍ଧାର କରିବାରେ ସମର୍ଥ୍ୟ ହେଲେ।

କାହାଣୀଟିର ଅନ୍ତିମ ଭାଗ କେବଳ ଭାବୋଦ୍ଦୀପକ ନୁହେଁ, ତାହା ଭିତରେ ରହିଛି ଏଇ ନିବନ୍ଧର ସିଦ୍ଧାନ୍ତ। ଆକ୍ରମଣକାରୀ ପଡ଼ୋଶୀ ରାଜାଙ୍କ ଉପରେ ବିଜୟ ଲାଭ କରି ଦ୍ୱିତୀୟବାର ରାଜ୍ୟାଭିଷେକ ପାଇଁ ପଟୁଆରରେ ବାହାରିଥାନ୍ତି ସଲୋମନ। ସାଙ୍ଗରେ ମନ୍ତ୍ରୀ, ସେନାପତି ଓ ସାମନ୍ତଙ୍କ ସହ ପ୍ରଜାବର୍ଗଙ୍କ ବିଶାଳ ପଟୁଆର। ସଭିଙ୍କୁ ହାତ ହଲାଇ ସମ୍ବର୍ଦ୍ଧନାର ଉତ୍ତର ଦେଉଦେଉ ଅଚାନକ ନିଜ ଆଙ୍ଗୁଠିର ସେଇ ମୁଦିଟି ଉପରେ ଦୃଷ୍ଟି ପଡ଼ିଗଲା ରାଜାଙ୍କର ଓ ମନେପଡ଼ିଗଲା ସନ୍ନ୍ୟାସୀଙ୍କର ସେଇ ପରମାର୍ଥକ ବାଣୀ– ''ଏ ସମୟ ବି ଚାଲିଯିବ''। ବିଜୟୋଲ୍ଲାସରେ ଉତ୍ଫୁଲ୍ଲିତ ରାଜା ସମ୍ବିତ୍ ଫେରି ପାଇଲେ ଯେମିତି। ସେ ହାତୀ ଉପରୁ ତଳକୁ ଓହ୍ଲାଇ ଆସିଲେ ଓ ପ୍ରଜାବୃନ୍ଦଙ୍କ ସହ ଚାଲିଚାଲି ଆଗକୁ ବଢ଼ିବାକୁ ଲାଗିଲେ। କାହାଣୀଟିର ଭାବାର୍ଥ ଆଉ କେହି ବୁଝନ୍ତୁ କି ନ ବୁଝନ୍ତୁ, ଏଇ ନିବନ୍ଧଟିର ଆରମ୍ଭରେ ଉଲ୍ଲେଖ ଥିବା ଆମର ସେଇ ପୂର୍ବତନ ମନ୍ତ୍ରୀ ବୁଝିଥା'ନ୍ତେ ହେଲେ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫



# ମନୁଷ୍ୟ ମଧ୍ୟରେ ପଶୁ ପ୍ରବୃତ୍ତି

ଡ. ପ୍ରମୋଦ କୁମାର ପଣ୍ଡା

ମନୁଷ୍ୟ ସବୁ ଜୀବଙ୍କ ମଧ୍ୟରେ ଶ୍ରେଷ୍ଠ। ମନୁଷ୍ୟର ବୁଦ୍ଧି ଓ ଜ୍ଞାନର ପରିସୀମା ଅନନ୍ତ ଆଡକୁ ବ୍ୟାପିଥାଏ। ମନୁଷ୍ୟ ନିଜ ବୁଦ୍ଧି ଓ ଜ୍ଞାନ ବଳରେ ତା'ର ଉପଯୋଗିତାରେ ଲାଗୁଥିବା ଜୀବଜନ୍ତୁ, ବୃକ୍ଷଲତା, ମୃତ୍ତିକା, ଜଳ, ବାୟୁମଣ୍ଡଳକୁ ବୁଝିବାରେ ସକ୍ଷମ ହୋଇଥିବା ବେଳେ ସେଗୁଡ଼ିକର ସଂରକ୍ଷଣ ପାଇଁ କେଉଁ ଆଦିମ କାଳରୁ ପ୍ରୟାସ କରିଆସିଛି। ତୁଳସୀ, ବେଲ ଆଦି ବୃକ୍ଷର ଔଷଧୀୟ ଗୁଣ ଥିବାରୁ ତାକୁ ଧର୍ମ ସହିତ ଜଡ଼ିତ କରିଛି। ସେହିପରି ଜୀବଜନ୍ତୁ ଯଥା ସିଂହ, ଷଣ୍ଢ, ନାଗ, ଗରୁଡ଼, ପେଚା, ମୟୂର, ହଂସ, ମୂଷା ପ୍ରଭୃତିଙ୍କର ସଂରକ୍ଷଣ ପାଇଁ ସେମାନଙ୍କୁ ଭଗବାନଙ୍କର ବାହନ ରୂପେ ପରିକଳ୍ପନା କରିଛି। ସମାଜରେ ପରସ୍ପରର ସୁଖ ଦୁଃଖରେ ସାମିଲ ହୋଇ ବସବାସ କରିବା ପାଇଁ ଗ୍ରାମ୍ୟ ଜୀବନର ପରିକଳ୍ପନା କରିଛି। ପୂର୍ବେ ଆମର ସାମାଜିକ ଜୀବନ ବି ଅତ୍ୟନ୍ତ ସୁନ୍ଦର ଥିଲା। ବିଭିନ୍ନ ପର୍ବପର୍ବାଣି ମାଧ୍ୟମରେ ପରସ୍ପର ମଧ୍ୟରେ ସୁସମ୍ପର୍କ ଗଢ଼ିଉଠୁଥିଲା। ସାମାଜିକ ରୀତିନୀତି ଯଥା ବିବାହ, ବ୍ରତ ଆଦି ପାଳନ ବେଳେ ଭୋଜିଭାତ ଦାରା ପରସ୍ପରର ନିବିଡ଼ତା ବଢୁଥିଲା। ଅନ୍ୟର ଦୁଃଖ ଅସୁବିଧା ସମୟରେ ଲୋକମାନେ ଅଣ୍ଟାଭିଡି ସହଯୋଗର ହାତ ବଢ଼ାଉଥିଲେ। ଯୌଥ ପରିବାରରେ ରୋଗ ବ୍ୟାଧି ଓ ବୃଦ୍ଧ ବୃଦ୍ଧାଙ୍କ ଯତ୍ନ ନେବା ପାଇଁ ପର୍ଯ୍ୟାପ୍ତ ସଦସ୍ୟ ରହୁଥିଲେ। ଜୀବନ ଅତି ଆନନ୍ଦରେ କଟୁଥିଲା। ପରେ ଆମର ସ୍ୱାର୍ଥକେନ୍ଦ୍ରିକ ଜୀବନର ଅୟମାରମ୍ଭ ହେଲା। ଆମ୍ଭେମାନେ ଅନ୍ୟର ସୁଖ ଦୁଃଖ ଅପେକ୍ଷା ନିଜ ସାର୍ଥ ସାଧନାରେ ବ୍ରତୀ ହେବାକୁ ଆରମ୍ଭ କଲେ। ପରିବାର ସଂଜ୍ଞା ମଧ୍ୟ ବଦଳିବାରେ ଲାଗିଲା। ଏପରିକି ବର୍ତ୍ତମାନର ଯୁବପିଢ଼ି, ନିଜ ପରିବାର ଅର୍ଥ କେବଳ ସାମୀ ସ୍ତ୍ରୀ ଓ ପୁଅ ଝିଅ ବୋଲି ବୁଝୁଛନ୍ତି। ବୃଦ୍ଧ ମାତାପିତାଙ୍କ ଯତ୍ନ ନେବାକୁ ଯୁବାପିଢ଼ି ସମୟ ଓ ସମ୍ବଳର ଅପଚୟ ବୋଲି ବିବେଚନା କଲେଣି। ଦୁର୍ନୀତି ଓ ଭ୍ରଷ୍ଟାଚାର ନୂଆ ରୂପରେ ଉଭା ହୋଇଛି। ଆଶ୍ଚର୍ଯ୍ୟର କଥା ଯେ ଧନୀ ଓ ଶିକ୍ଷିତମାନେ ଅଧିକ ଭ୍ରଷ୍ଟାଚାରରେ ଲିପ୍ତ ରହୁଛନ୍ତି। ମାନବିକତା ବି ଲୋପ ପାଇଯାଉଛି। ରାଜ ରାସ୍ତାରେ କେହି ଅନ୍ୟମାନଙ୍କୁ ଆକ୍ରମଣ କରୁଥିବାବେଳେ ସାଧାରଣ ଜନତା ଦେଖଣାହାରୀ ସାଜିବା ଅତ୍ୟନ୍ତ ଦୁଃଖଦାୟକ। କେହି ବିପଦରେ ପଡ଼ିଥିବାବେଳେ ଅନେକେ ମୁହଁବୁଲାଇ ଚାଲିଯାଉଛନ୍ତି। ମାତ୍ର ପଶୁପକ୍ଷୀଙ୍କ ପାଖରେ ତା'ର ବିକଳ୍ପ ଆମେ ଡିସ୍କଭରି ଚ୍ୟାନେଲରୁ ଦେଖିବାକୁ ପାଉଛୁ। ଯଦି ଗୋଟିଏ ମଇଁଷିକୁ ବାଘ କିମ୍ବା ସିଂହ ଆକ୍ରମଣ କରେ ତା'ହେଲେ ମଇଁଷି ପଲ ପହଞ୍ଚି ତାକୁ ଉଦ୍ଧାର କରିଥାନ୍ତି। ଆଜିକାଲି ପଶୁପକ୍ଷୀମାନଙ୍କଠାରେ ମାନବତା ଦେଖିବାକୁ ମିଳିଲାଣି, ଯାହାକି ସାଧାରଣତଃ ସେମାନଙ୍କଠୁ ଅପେକ୍ଷିତ ନୁହେଁ। ମନୁଷ୍ୟ ପାଖରେ ନିଜେ ବଞ୍ଚିବା, ନିଜେ ଖାଇବା ଓ ନିଜ ପାଇଁ ସଞ୍ଚୟ ଭଳି ପଶୁ ପ୍ରବୃତ୍ତି ବଢ଼ିବାରେ ଲାଗିଛି।



ଆମ ଦେଶରେ ସାକ୍ଷରତା ହାର କ୍ରମଶଃ ବଢ଼ିବାରେ ଲାଗିଛି। ତା' ଛଡା ବିଭିନ୍ନ ଧର୍ମାନୁଷ୍ଠାନ ତାଙ୍କର ନୀତିବାଣୀ ଟିଭି, ରଡିଓ, ଇ-ଟ୍ୟୁବ୍, ଖବରକାଗଜ, ସଭାସମିତି ମାଧ୍ୟମରେ ଜୋରଦାର ପ୍ରଚାର କରୁଛନ୍ତି, କିନ୍ତୁ ଫଳ ଶୂନ। ଏପରିକି ବଳାତ୍କାର ଓ ଗଣବଳାତ୍କାର ଭଳି ପଶୁ ପ୍ରବୃତ୍ତି କ୍ରମଶଃ ସମାଜରେ ବଢ଼ିବାରେ ଲାଗିଛି। ସମାଜରେ ଶୃଙ୍ଖଳା, ସଂଯମତା, ଆଦର୍ଶବାଦର ଅଭାବ ଅନେକାଂଶରେ ପରିଲକ୍ଷିତ ହେଲାଣି। ମନୁଷ୍ୟ ଏକ ସାମାଜିକ ପ୍ରାଣୀ, ସମାଜର ପ୍ରତ୍ୟକ ସ୍ତରରେ ତାକୁ ଅନ୍ୟର ସହଯୋଗର ଆବଶ୍ୟକତା ପଡ଼ିଥାଏ। ଆମର ବିକାଶରେ ଯେଉଁମାନେ ସାହାଯ୍ୟ କରୁଛନ୍ତି, ସେମାନଙ୍କ ପାଇଁ ଆମର କର୍ତ୍ତବ୍ୟକୁ ମଧ୍ୟ ସମ୍ପାଦନ କରିବାକୁ ପଡ଼ିବ।

ବିବାହ କେବଳ ଶରୀର ସୁଖ ପାଇଁ ଉଦ୍ଦିଷ୍ଟ ନ ଥାଏ। ମିଳିମିଶି ପରସ୍ପର ଅସୁବିଧା ସମୟରେ ସାହାଯ୍ୟ କରିବା ଦ୍ୱାରା ଜୀବନ ମଧୁମୟ ହୋଇଥାଏ। ସ୍ୱାମୀ ସ୍ତ୍ରୀ ନିଜେ ନିଜେ ଖୁସି ଅନୁଭବ କରିବା ସହିତ ବୃଦ୍ଧ ମାତାପିତାଙ୍କର ଯତ୍ନ ଦ୍ୱାରା ଜୀବନର ଋଣ ପରିଶୋଧ ଏବଂ ପିଲାଙ୍କର ଲାଳନପାଳନ ଦ୍ୱାରା ମନୁଷ୍ୟ ପିଢ଼ିକୁ ସଂସ୍କାର ଦ୍ୱାରା ଆଗକୁ ବଢ଼ାଇବାର ପ୍ରକ୍ରିୟା ସମ୍ପାଦିତ କରିଥାନ୍ତି। ଫଳରେ ମନୁଷ୍ୟ ପିଢ଼ିର ପୃଥିବୀରେ ଅବସ୍ଥାନ ସୁନିଶ୍ଚିତ ହୋଇଥାଏ। ପରପିଢ଼ିକୁ ଆଗକୁ ବଢ଼ାଇବା ଜୀବଜଗତର ଏକ ସ୍ୱୟଂକ୍ରୀୟ ପ୍ରକ୍ରିୟା। କିନ୍ତୁ ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗିଯାଇ ଜୀବନ ହାରିବା ବି ଆଜିକାର ଯୁବା ପିଢ଼ିଙ୍କର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ଆମେ ଯଦି ଶହେ ବର୍ଷର ପୂର୍ବ ସ୍ଥିତିକୁ ତର୍ଜମା କରିବା, ଦେଖାଯିବ ଯେ ସେତେବେଳେ ଗରିବୀ, ଅଭାବ ଅନଟନ, ଖାଦ୍ୟାଭାବ, ରୋଗ ବ୍ୟାଧି, ମରୁଡ଼ି, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦି କିଛି କମ୍ ନ ଥିଲା, ମାତ୍ର ଜନସାଧାରଣଙ୍କ ସହଣିଶକ୍ତି, ଏ ସବୁ ବିପଦରେ ନ ଭାଙ୍ଗିବା ପାଇଁ ପ୍ରଚୁର ସାହସ ଓ ସାମର୍ଥ୍ୟ ଦେଉଥିଲା। ଶୂନ୍ୟତା ଭିତରେ ଆଶା ସଞ୍ଚାର କରି ଉଜୁଡା ଘରକୁ ପୁଣି ସଜାଡ଼ି ନେଉଥିଲା ନିଜ ବୁଦ୍ଧି ବଳରେ। ଦୁଃଖ ଲାଗେ ଉଚ୍ଚଶିକ୍ଷିତ ରୋଜଗାର ସମ୍ପନ୍ନ ଯୁବାଗୋଷ୍ଠୀ ସାମାନ୍ୟ ବ୍ୟାପାରରେ ଦୋହଲିଯାଇ ମୂଲ୍ୟବାନ ଜୀବନ ହାରିବାକୁ ପଛାଉନାହାନ୍ତି। ପଶୁ ପାଖରେ ମାନବତା ଉଦ୍ରେକ ହେଉଥିବା ବେଳେ ମନୁଷ୍ୟଠାରେ ପଶୁର ପରିପ୍ରକାଶ ସଭ୍ୟତାର ବିକାଶ ପାଇଁ ଶୁଭଙ୍କର ନୁହେଁ। ଏହା ସଭ୍ୟତା ଅଭ୍ୟୁଦୟ ନିୟମର ବିପରୀତରେ ଯାଉନାହିଁ ତ ? ଆସନ୍ତୁ ସମସ୍ତେ ମିଶି ସମାଜରୁ ପଶୁ ପ୍ରବୃତ୍ତିର ବିଲୋପ ପାଇଁ ଚେଷ୍ଟା କରିବା।

ମୋ–୮୯୧୭୪୨୬୪୪୦

## ଏଇ ଭାରତରେ

୧୭ ବର୍ଷ ବୟସରେ ଏକ ରୋବୋ ନିର୍ମାଣ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି କାନପୁରର ମହମ୍ମଦ ସୟଦ ଛାଥୋ୍। ସେ ଏବେ ଇ.କେ.ନାୟାନାର ମେମୋରିଆଲ ଗଭର୍ନମେଣ୍ଟ ଆୟର ସେକେଣ୍ଡାରୀ ସ୍କୁଲ, ଭେଙ୍ଗାଡର ଦ୍ୱାଦଶ ଶ୍ରେଣୀ କମ୍ପ୍ୟୁଟର ବିଜ୍ଞାନ ଛାତ୍ର। ୨୦୧୯ରେ କାନପୁର ରେସ୍ତୋରାଁରେ ଏକ ରୋବୋ ଖାଦ୍ୟ ପରଷୁ ଥିବା ସମୟରେ ସୟିଦ ତାହା ଦେଖିଥିଲେ। ପରେ ମା'ଙ୍କୁ ଘର କାମରେ ସହଯୋଗ କଲାଭଳି ସମାନ ଧରଣର ଏକ ରୋବୋ ତିଆରି କରିବା ଲାଗି ସେ ନିଷ୍ପତ୍ତି ନେଇଥିଲେ। ପରେ ସେ ଅନେକ ଭିଡିଓ ଅନୁସରଣ କରି ତାହାର ନିର୍ମାଣ ସମ୍ପର୍କିତ ଜ୍ଞାନ ହାସଲ କରିଥିଲେ। ଏକ ବର୍ଷ ମଧ୍ୟରେ ତାହାର ଏକ ମଡେଲ ବି ପ୍ରସ୍ତୁତ କରିନେଲେ। ପରେ ପୂର୍ଣ୍ଣାଙ୍ଗ ରୂପ ଦେଇ ରୋବୋ ନାମ ରଖିଛନ୍ତି 'ପାଟୋଟି'। ଏହା ତାଙ୍କ ପରିବାରକୁ ପ୍ରତିଦିନ ସକାଳୁ ଉଠାଇ ଦେଉଛି। ଯଦି କଫି ପ୍ରସ୍ତୁତ ହୋଇଥାଏ ତେବେ ତାହାକୁ ନେଇ ବେଡ ରୁମରେ ଦେଇ ଆସୁଛି। ଏହା ଅତିବେଶିରେ ୬କେ.ଜି. ଜିନିଷ ନେଇପାରୁଛି। ଏବେ ସୟିଦ ତାଙ୍କ ଶ୍ରେଣୀ ସାଥୀମାନଙ୍କ ସହ ଅଟୋମେଶନ ରୋବୋଟିକ୍ ଷ୍ଟାର୍ଟଅପ୍ ଆରମ୍ଭ କରିବାକୁ ଯୋଜନା କରିଛନ୍ତି। ସୟିଦ ଉକ୍ତ ରୋବୋକୁ ମାତ୍ର ୧୦,୦୦୦ ଟଙ୍କାରେ ନିର୍ମାଣ କରିଛନ୍ତି। ଏହାକୁ ନିର୍ମାଣ କରିବା ପୂର୍ବରୁ ସେ ଲାଇଟ, ଫ୍ୟାନ ଓ ଅନ୍ୟ ଇଲେକ୍ଟ୍ରିକାଲ ଉପକରଣଗୁଡ଼ିକର ନିୟନ୍ତ୍ରଣ ଲାଗି ଏକ ମୋବାଇଲ ଆପ୍ଲିକେଶନ ବିକାଶ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଅକ୍ଟୋବର ୧୯୯୭

- ତୁର୍କୀର କୋନାୟା ପ୍ରଦେଶରେ ବସ୍ ସହ ଏକ ଟ୍ୟାଙ୍କର ଧକ୍କା ଖାଇ ନିଆଁ ଲାଗିଯିବା ଫଳରେ ୪୮ ଯାତ୍ରୀ ଜୀବନ୍ତ ଦଗ୍ଧ।
- ଭାରତ ସରକାରଙ୍କ ସହ ବିବାଦ ନ ତୁଟିବା ପର୍ଯ୍ୟନ୍ତ ଜାପାନର ସୁଜୁକି ମୋଟର୍ସ କର୍ପୋରେସନ ମାରୁତି ଉଦ୍ୟୋଗ ଲିମିଟେଡ୍‌କୁ କୌଣସି ନୂଆ ମଡେଲ ଯୋଗାଇ ନ ଦେବାକୁ ଘୋଷଣା।

## ଚିରନ୍ତନୀ

ଓଢ଼ନା ତଳରୁ ଚାହିଁବା ସେ ତ
ଅଧିକ ପାପ
ଧରାପଡ଼େ ତହୁଁ ଗୋପନ ସବୁ
ମନର ମାପ।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଆର୍ଥିକ ଅସମାନତା ଦେଶର ଗମ୍ଭୀର ସମସ୍ୟା

ମହାଶୟ,

ଆର୍ଥିକ ଅସମାନତା ଦେଶର ଏକ ଗମ୍ଭୀର ସମସ୍ୟା। ଧନୀ ଓ ଗରିବଙ୍କ ମଧ୍ୟରେ ଅର୍ଥନୈତିକ ବୈଷମ୍ୟ ଶୀର୍ଷସ୍ତରରେ ପହଞ୍ଚିଛି। ଏବେ ୧୦ ପ୍ରତିଶତ ଧନୀଙ୍କ ପାଖରେ ରହିଛି ୪୫ ପ୍ରତିଶତ ଜାତୀୟ ସମ୍ପତ୍ତି। ଅପର ପକ୍ଷରେ ୬୦ ପ୍ରତିଶତ ଲୋକଙ୍କ ପାଖରେ ଅଛି ମାତ୍ର ୬ ପ୍ରତିଶତ ଜାତୀୟ ସମ୍ପତ୍ତି। ୬୦ ପ୍ରତିଶତ ଲୋକଙ୍କର ସମ୍ପତ୍ତି ଯେତେ, ସେମାନଙ୍କ ଦ୍ୱାରା ନିର୍ବାଚିତ ନେତାଙ୍କର ସମ୍ପତ୍ତି ତା'ର ୧୪୩ ଗୁଣ। କରୋନା ମହାମାରୀ ସମୟରେ ଏହି ବୈଷମ୍ୟ ଅଧିକ ହୋଇଛି। ଏହି ସମୟରେ ଦେଶର ୯୮ ପ୍ରତିଶତ ଲୋକଙ୍କର ଆୟ ହ୍ରାସ ପାଇଥିବା ବେଳେ ଧନୀମାନେ ଅଧିକ ଧନୀ ହୋଇଛନ୍ତି। ୧୩୨ ଜଣ ଅରବପତିଙ୍କ ପାଖରେ ମୋଟ ୭୧, ୯୦୦ କୋଟି ଡଲାର ବା ୫୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ରହିଛି। ୯୮ ଜଣ ଅରବପତିଙ୍କ ପାଖରେ ୬୫, ୭୦୦ କୋଟି ଡଲାର ବା ୪୯ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। କେନ୍ଦ୍ର ସରକାର ଦେଶର ଜି.ଡି.ପି. ଅଭିବୃଦ୍ଧି ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଅଥଚ ଧନୀ ଓ ଗରିବଙ୍କ ମଧ୍ୟରେ ଅର୍ଥନୈତିକ ବୈଷମ୍ୟ ହ୍ରାସ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ନୀରବ। ସରକାର ବୁଝିବା ଦରକାର ଯେ, ଦେଶର ଜିଡିପି ଯେତେ ବଢ଼ି ଯିବ ଏଥିରେ ସାଧାରଣ ଜନତାଙ୍କର କିଛି ଲାଭ ନାହିଁ। ଧନୀ ଓ ସୁପର ଧନୀଙ୍କ ଅହେତୁକ ସମ୍ପତ୍ତି ବୃଦ୍ଧି ଜିଡିପି ଅଭିବୃଦ୍ଧିର ମୁଖ୍ୟ ଉତ୍ସ। ଏଥିରେ ଗରିବ ଓ ମଧ୍ୟବିତ୍ତଙ୍କ ଅବଦାନ ଶୂନ କହିଲେ ଭୁଲ୍ ହେବନାହିଁ। ଦେଶରେ ସୃଷ୍ଟ ସମ୍ପତ୍ତି ସମସ୍ତଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟି ହେଲେ ସାଧାରଣ ଲୋକଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ। ଆର୍ଥିକ ଅସମାନତାର ସମାଧାନ ଜରୁରୀ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବାଣ ପଡ଼ି ଗୋପବନ୍ଧୁଙ୍କ ଷଠିଘରେ ଅଗ୍ନିକାଣ୍ଡ**

ସାକ୍ଷୀଗୋପାଳ,(ଡି.ଏନ୍.ଏ./ସ୍ୱ.ପ୍ର.):ପୁରୀ ଜିଲା ସତ୍ୟବାଦୀ ବ୍ଲକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଷଠିଘରେ ଦୀପାବଳି ସନ୍ଧ୍ୟାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଦୀପାବଳିରେ ଏହି ଅଘଟଣକୁ ନେଇ ଗ୍ରାମବାସୀ ଦୁଃଖ ପ୍ରକାଶ କରିଛନ୍ତି। ଦୀପାବଳି ସନ୍ଧ୍ୟାରେ ବାଣ ଫୁଟୁଥିବା ବେଳେ ହଠାତ୍ ଗୋଟିଏ ଆକାଶଦୀପରୁ ବାଣ ଆସି ଷଠିଘର ଏକ ଚାଳ ଉପରେ ଖସିପଡି ଅଗ୍ନିକାଣ୍ଡ ଘଟିଥିଲା। ଘରର ଗୋଟିଏ ବଖରା ଅଗ୍ନିକାଣ୍ଡରେ ଜଳିଯାଇଥିବା ବେଳେ ଅନ୍ୟ ବଖରାଗୁଡ଼ିକୁ ମଧ୍ୟ ନିଆଁ ବ୍ୟାପିଛି। ନିଆଁ ଯୋଗୁ ଘରର ଚାଳଛପର କୁହୁଳିବା ଦେଖି ଗ୍ରାମବାସୀ ନିଆଁ ଲିଭାଇବାରେ ଲାଗିଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

**ସଂକ୍ଷେପରେ**

## ସୂର୍ଯ୍ୟୋପରାଗ ଲାଗି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି

ପୁରୀ ଅଫିସ,୨୫।୧୦: ମଙ୍ଗଳବାର ରାଜ୍ୟରେ କେତୁଗ୍ରସ୍ତ ଆଂଶିକ ସୂର୍ଯ୍ୟୋପରାଗ ଅନୁଷ୍ଠିତ ହୋଇଛି। ସୂର୍ଯ୍ୟୋପରାଗକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଭୋର ୪ଟା ୫୭ରେ ପାକ ତ୍ୟାଗ ଓ ଦେବନୀତି ନିଷେଧ ଥିବାରୁ ଭୋର ୪ଟା ୫୫ମିନିଟ୍‌ରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭୋଗ ମଣ୍ଡପ ନୀତି କରାଯାଇ ସମସ୍ତ ନୀତି ବନ୍ଦ ରହିଥିଲା। ତେବେ ସୂର୍ଯ୍ୟୋପରାଗ ଥିବାରୁ ସୋମବାର ସନ୍ଧ୍ୟାରେ ମହାପ୍ରଭୁଙ୍କ ରାତ୍ର ପହୁଡ ଅନୁଷ୍ଠିତ ହୋଇଥିଲା। ସୋମବାର ସନ୍ଧ୍ୟା ୬ଟା ୪୦ରେ ଶ୍ରୀବିଗ୍ରହଙ୍କ ବଡ଼ସିଂହାର ବେଶ ହୋଇ ସନ୍ଧ୍ୟା ୭ଟା ୫ରେ ବଡ଼ସିଂହାର ଭୋଗ କରାଯାଇ ସନ୍ଧ୍ୟା ୭ଟା ୩୫ରେ ରାତ୍ରପହୁଡ କରାଯାଇଥିଲା। ଅପରପକ୍ଷେ ମଙ୍ଗଳବାର ପରାଗକୁ ଦୃଷ୍ଟିରେ ରଖି ସୋମବାର ରାତି ୧୨ଟା ୧୦ରେ ମହାପ୍ରଭୁଙ୍କ ମଙ୍ଗଳବାର ନୀତି ନିମନ୍ତେ ଦ୍ୱାର ଫିଟିଥିଲା। ପରେ ରାତି ୧୨ଟା ୫୦ରେ ମଙ୍ଗଳ ଆଳତି, ୧୨ଟା ୫୫ରେ ମଇଲମ, ୧ଟା ୧୦ରେ ତଡ଼ପ ଲାଗି, ରୋଷ ହୋମ ଓ ଅବକାଶ ପୂଜା ୧ଟା ୧୫, ମଇଲମ ୧ଟା ୩୫, ସୂର୍ଯ୍ୟପୂଜା ୨ଟା, ରାଧା ଦାମୋଦର ବେଶ ଶେଷ ୨ଟା ୧୫, ଦ୍ୱାରପାଳ ୨ଟା ୨୦, ଗୋପାଳ ବଲ୍ଲଭ ୨ଟା ୨୫ରୁ ୨ଟା ୩୫, ସକାଳ ଧୂପ ଶେଷ ୩ଟା ୨୫, ବାଲଧୂପ ୩ଟା ୩୫ରୁ ୩ଟା ୫୦, ମଇଲମ ୪ଟାରେ କରାଯାଇ ଅମାବାସ୍ୟା ଶ୍ରୀ ନାରାୟଣ ସାଗରବିଜେ ନୀତି ଭୋର ୪ଟାରେ ହୋଇଥିଲା। ପରେ ଭୋଗ ମଣ୍ଡପ ୪ଟା ୩୦ରୁ ୪ଟା ୪୦ ଶେଷ ହୋଇଥିଲା। ୪ଟା ୫୫ ମିନିଟ ସୁଦ୍ଧା ନୀତି ସରିବା ପରେ ଅନ୍ୟ ସମସ୍ତ ନୀତିକୁ ସ୍ଥଗିତ ରଖାଯାଇଥିଲା। ତେବେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଯାଇ ଦିନତମାମ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଗ୍ରହଣ ସମୟ ଅନୁଯାୟୀ ଅପରାହ୍ନ ୪ଟା ୫୭ ମିନିଟ୍ ୪୫ ସେକେଣ୍ଡରେ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ୧୬ମିନିଟ୍ ୩୩ ସେକେଣ୍ଡରେ ଗ୍ରହଣ ମୋକ୍ଷ ହୋଇଥିଲା। ପରେ ସନ୍ଧ୍ୟା ୫ଟା ୪୫ ମିନିଟ୍‌ରେ ମଇଲମ, ୫ଟା ୫୦ରେ ତଡପଲାଗି, ସନ୍ଧ୍ୟା ୬ଟା ୨୦ରେ ମହାସ୍ନାନ ନୀତି ଶେଷ କରାଯାଇ ମଇଲମ, ରୋଷହୋମ କରାଯାଇ ୬ଟା ୫୦ରେ ଗ୍ରହଣ ଗଭାଲାଗି ବେଶ କରାଯାଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ଦ୍ୱିତୀୟ ଭୋଗ ମଣ୍ଡପ, ମଧ୍ୟାହ୍ନ ଧୂପ ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

### ବାପା ଆଣିଲେ ହତ୍ୟା ଅଭିଯୋଗ

କଣ୍ଟାପଡା, ୨୫।୧୦(ଡି.ଏନ୍.ଏ.): କଟକ ଜିଲା ଓଲଟପୁର ଥାନା ଅଧୀନ ଅଡଶପୁରସ୍ଥିତ ଏକ ଘରୋଇ ହଷ୍ଟେଲରୁ ରଶ୍ମିରେଖା ଖିଲାର ନାମ୍ନୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହକୁ ସୋମବାର ରାତିରେ ପୋଲିସ ଜବତ କରିଛି। ତାଙ୍କ ଘର ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ବଡକଇଁଚି(ବେଦମତୀ) ଗ୍ରାମରେ ହୋଇଥିବାବେଳେ ସେ ଉକ୍ତ ହଷ୍ଟେଲରେ ରହି ସ୍ଥାନୀୟ ୟୁ.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିଲେ। ତେବେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଦୀପାବଳୀ ଅବସରରେ ସୋମବାର ରଶ୍ମିରେଖାଙ୍କ ଦୁଇଜଣ ରୁମ୍‌ମେଟ୍ ହଷ୍ଟେଲ ଛାତ ଉପରକୁ ଦୀପ ଜାଳିବା ପାଇଁ ଯାଇଥିଲେ। ସେ ଏକୁଟିଆ ରୁମ୍ ଭିତରେ ଥିଲେ। କିଛି ଘଣ୍ଟା ପରେ ଛାତ୍ରୀଦ୍ୱୟ ରୁମ୍‌କୁ ଫେରି କବାଟ ବାଡେଇଥିଲେ। ହେଲେ ସେ କବାଟ ଖୋଲି ନ ଥିଲେ। ଖବରପାଇ ହଷ୍ଟେଲ ପରିଚାଳିକା ଏ ସମ୍ପର୍କରେ ଓଲଟପୁର ଥାନାକୁ ଜଣାଇଥିଲେ। ରାତି ପ୍ରାୟ ୧୧ଟାରେ ପୋଲିସ ପହଞ୍ଚି କବାଟ ଖୋଲିବା ପରେ ରୁମ୍ ଭିତରେ ଓଢ଼ଣୀରେ ଛାତ୍ରୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ତାଙ୍କ ପରିବାରକୁ ଜଣାଇବା ପରେ ବିଳମ୍ବିତ ରାତିରେ ରଶ୍ମିରେଖାଙ୍କ ବାପା ହୃଷୀକେଷ ହଷ୍ଟେଲରେ ପହଞ୍ଚିଥିଲେ। ତାଙ୍କ ଝିଅକୁ ହତ୍ୟାକରି ଝୁଲାଇ ଦିଆଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତିକରି ଦଫା ୩୦୨ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା(ନଂ.୧୧୪/୨୨) ରୁଜୁ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏ ସମ୍ପର୍କରେ ଓଲଟପୁର ଥାନା ଆଇଆଇସି ବିଜୟା ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ହତ୍ୟା ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ।

# ୱାନ୍‌ମ୍ୟାନ୍ ଗ୍ୟାଙ୍ଗ୍ 'ସଞ୍ଜୟ' ପୁଣି ଗିରଫ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଏକା ଚୋରି କରି 'ୱାନ୍‌ମ୍ୟାନ୍ ଗ୍ୟାଙ୍ଗ' ବନିଥିବା ପେସାଦାର ଚୋର ପୁଣି କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ଚୋରି ଉଦ୍ୟମ ବେଳେ ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସର ମିଳିତ ଟିମ୍ ତାଙ୍କୁ ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ସୌଭାଗ୍ୟ ନଗରରେ ରହୁଥିବା ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଧୀନ ଶରଧାପୁର ଗ୍ରାମର ସଞ୍ଜୟ କୁମାର ନିଶଙ୍କ (୩୩)। ତାଙ୍କ ଠାରୁ ୪୨୩ ଗ୍ରାମର ସୁନା ଅଳଙ୍କାର, ୬୦୬ ଗ୍ରାମ ରୁପା ଅଳଙ୍କାର, ୨ଟି ଲ୍ୟାପଟପ୍, ୨ଟି ମୋବାଇଲ ଫୋନ୍ ଏବଂ ଗୋଟିଏ ବାଇକ୍ ଜବତ ହୋଇଛି। ସଞ୍ଜୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସଞ୍ଜୟଙ୍କୁ ଜେରା ପାଇଁ ରିମାଣ୍ଡରେ ଆଣିବାକୁ ପୋଲିସ ଯୋଜନା କରୁଛି। ତେବେ ସେ ଅଭ୍ୟାସଗତ ଭାବେ ଚୋରି କରୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ କହିଛି।





ଜବତ ହୋଇଥିବା ଚୋରି ସାମଗ୍ରୀ ଓ ଗିରଫ ଅଭିଯୁକ୍ତ ସଞ୍ଜୟ କୁମାର ନିଶଙ୍କ।

### ରହିଛି ୧୨ ମାମଲା, ୨୦୧୮ରେ ଗିରଫ ହୋଇ ଜେଲ ଯାଇଥିଲେ

ସଞ୍ଜୟ ୨ବର୍ଷ ତଳେ ଏଭଳି ଚୋରି କରୁଥିଲେ। ତାଙ୍କ ନାମରେ ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି, ନୟାପଲ୍ଲୀ ସମେତ ବିଭିନ୍ନ ଥାନାରେ ୧୨ଟି ଚୋରି ମାମଲା ରହିଛି। ୨୦୧୮ ଜୁଲାଇ ୨୬ରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ସଞ୍ଜୟଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଥିଲା। ସେତେବେଳେ ତାଙ୍କଠାରୁ ବହୁ ସୁନା ଓ ରୁପା ଅଳଙ୍କାର, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ୪୩ ମୋବାଇଲ ଫୋନ୍, ୨୬ଟି ଲାପଟପ୍, ୧୭ଟି ହାତଘଣ୍ଟା ଆଦି ଜବତ ହୋଇଥିଲା। ସେ ଇନ୍‌ଫୋସିଟି, ଚନ୍ଦ୍ରଶେଖରପୁର ଓ ନନ୍ଦନକାନନ ଆଦି ଅଞ୍ଚଳରେ ଚୋରି କରି ଆତଙ୍କ ସୃଷ୍ଟି କରିଥିଲେ।

**ମହିଳାଙ୍କ ଅନ୍ତଃବସ୍ତ୍ର ପ୍ରତି ଥିଲା ଦୁର୍ବଳତା**

- ଅଭ୍ୟାସଗତ ଭାବେ ଚୋରି କରୁଥିଲେ, ବିଭିନ୍ନ ଥାନାରେ ୧୨ ମାମଲା
- ୪୨୩ ଗ୍ରାମ ସୁନା, ୬୦୬ ରୁପା ଅଳଙ୍କାର, ଲାପଟପ୍, ବାଇକ ଜବତ

### ଘରେ କେହି ନ ଥିବାବେଳେ ତାଲା ଭାଙ୍ଗି ପଶୁଥିଲେ

ଘରେ କେହି ନ ଥିବାବେଳେ ସଞ୍ଜୟ ଚୋରି କରୁଥିଲେ। ଏଥିପାଇଁ ସେ ପାଖରେ କଇଁଚି, ପ୍ଲାସ୍, ସ୍କ୍ରୁ ଡ୍ରାଇଭର ପ୍ରଭୃତି ଉପକରଣ ରଖୁଥିଲେ। ଗତ ପ୍ରାୟ ୨ରୁ ୩ ମାସ ମାସରେ ସେ ୫ଟି ସ୍ଥାନରୁ ଚୋରି କରିଥିଲେ। ଗତ ୧୪ ତାରିଖ ସନ୍ଧ୍ୟାରେ ୟୁନିଟ-୮ ଅଞ୍ଚଳର ରଞ୍ଜନ କୁମାର ନନ୍ଦ ତାଙ୍କ ସ୍ତ୍ରୀଙ୍କ ସହ ରାଶନ କିଣିବାକୁ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ସଞ୍ଜୟ ତାଙ୍କ ଘରର ତାଲା ଭାଙ୍ଗି ୧ ଲକ୍ଷ ଟଙ୍କା, ୨ଟି ସୁନାଚେନ, ୪ଟି ସୁନାଚୁଡ଼ି ଓ ୨ ହଳ କାନଫୁଲ ଚୋରି କରି ନେଇଯାଇଥିଲେ। ଏ ନେଇ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୭୩/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଅଳଙ୍କାର ସମେତ ଅନ୍ତଃବସ୍ତ୍ର ମଧ୍ୟ ଚୋରି କରୁଥିଲେ

ମହିଳାଙ୍କ ଅନ୍ତଃବସ୍ତ୍ର ପ୍ରତି ସଞ୍ଜୟଙ୍କ ଦୁର୍ବଳତା ଥିଲା। ସେ ଯେଉଁ ଘରେ ପଶୁଥିଲେ ସେଠାରୁ ସୁନା ଅଳଙ୍କାର, ଟଙ୍କା ସହ ବିଭିନ୍ନ ଅନ୍ତଃବସ୍ତ୍ରକୁ ମଧ୍ୟ ଚୋରିକରିନେଇଆସୁଥିଲେ। ସୌଭାଗ୍ୟ ନଗରସ୍ଥିତ ତାଙ୍କ ଭଡ଼ାଘରେ ଚଢ଼ାଉ ପରେ ସେଠାରୁ ବହୁ ଅନ୍ତଃବସ୍ତ୍ର ଜବତ ହେବା ପରେ ପୋଲିସ ଚକିତ ହୋଇଯାଇଥିଲା। ଏସବୁକୁ ସେ ଚୋରି କରି ଆଣୁଥିଲେ ବୋଲି ସଞ୍ଜୟ ପୋଲିସକୁ କହିଛନ୍ତି।

### ସଞ୍ଜୟଙ୍କ ପାଖରେ କେମିତି ପହଞ୍ଚିଲା ପୋଲିସ

ବିଭିନ୍ନ ସ୍ଥାନରେ ଏକାଧିକ ଚୋରି ଘଟଣାକୁ ଦେଖି ସ୍ପେଶାଲ ସ୍କ୍ୱାଡ୍‌କୁ ଦାୟିତ୍ୱ ଦିଆଯାଇଥିଲା। ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସର ଏକ ମିଳିତ ଟିମ୍ ଚୋରି ମାମଲାରେ ତଦନ୍ତ ଆରମ୍ଭ କରିଥିଲା। ତେବେ ୫ଟି ଚୋରି ଘଟଣାରେ ବିଭିନ୍ନ ଦିଗରୁ ଅନୁସନ୍ଧାନ ପରେ ଜଣେ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ସଞ୍ଜୟ ଅପରାହ୍ନ ୨ଟାରୁ ରାତି ୯ଟା ମଧ୍ୟରେ ଚୋରି କରୁଥିଲେ। ଏପରିକି ୨ଟି ସ୍ଥାନରୁ ସୁନା ଅଳଙ୍କାର ସମେତ ମହିଳାଙ୍କ ଅନ୍ତଃବସ୍ତ୍ର ଚୋରି ହୋଇଥିବା ବଡ଼ ପ୍ରମାଣ ମିଳିଥିଲା। ପୂର୍ବରୁ ଚୋରି କରି ଗିରଫ ହୋଇ ଜେଲ ଯାଇଥିବା ସଞ୍ଜୟଙ୍କ ସମ୍ପୃକ୍ତି ଥିବା ପ୍ରମାଣ ମିଳିବା ପରେ ତାଙ୍କୁ ଧରିବାକୁ ପୋଲିସ ଯୋଜନା ପ୍ରସ୍ତୁତ କରିଥିଲା। ସୋମବାର ନୟାପଲ୍ଲୀ ଏନ୍-୧ରୁ ସେ ଚୋରି ଉଦ୍ୟମ କରୁଥିବା ବେଳେ ସୂଚନା ପାଇ ପୋଲିସ ଟିମ୍ ତାଙ୍କୁ କାବୁ କରିଥିଲା।

## ହାତୀ ଆକ୍ରମଣରେ ଯୁବତୀ ଗୁରୁତର

ନିରାକାରପୁର,୨୫।୧୦(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏପରିକି ପାଚେରି ଓ ଘର ଭାଙ୍ଗୁଥିବା ନଜିର ରହିଛି। ଗତ ରବିବାର ରାତିରେ ହାତୀ ଆକ୍ରମଣରେ ଏହି ବନାଞ୍ଚଳ ଅଧୀନ ନୂଆଗଡ ପଞ୍ଚାୟତ ପାତ୍ରପଡା ଆଦିବାସି ସାହିର ଜସ୍ମିତା ଜେନା ଗୁରୁତର ଆହତ ହୋଇଥିଲେ। ଚାନ୍ଦପୁର ମେଡିକାଲରେ ଚିକିତ୍ସା ପରେ ସେ ଘରକୁ ଫେରିଛନ୍ତି। ସୂଚନା ମୁତାବକ, କୌଣସି କାମ ପାଇଁ ଜସ୍ମିତା ଘର ବାରିପଟକୁ ରାତିରେ ଯାଇଥିଲେ। ହଠାତ୍ ହାତୀକୁ ଦେଖି ଭୟଭୀତ ହେବା ସହ ଘରକୁ ଦୌଡ଼ି ପଳାଇ ଆସିବା ସମୟରେ ତଳେ ପଡ଼ିଯାଇଥିଲେ। ହାତୀଟି ଅନ୍ଧାରରେ ନ ଜାଣିପାରି ଯୁବତୀଙ୍କ ପାଦ ଉପରେ ତାର ଗୋଡ ପକାଇଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତେବେ ହାତୀଟି ଆଗକୁ ଯାଇ ପୁଣି ଆସିବାରୁ ଉପସ୍ଥିତ ବୁଦ୍ଧି ଯୋଗୁ କୌଶଳକ୍ରମେ ସେ ଅନ୍ୟ ଏକ ଘରେ ପଶିଯାଇଥିଲେ। ଫଳରେ ହାତୀଟି ଫେରିଯାଇଥିଲା। ଅନ୍ୟପଟେ ସରକାରୀ ନିୟମ ଅନୁଯାୟୀ ଆହତଙ୍କୁ ଆର୍ଥିକ ସହାୟତା ମିଳିବ ବୋଲି ଭୂଷଣ୍ଡପୁର ଫରେଷ୍ଟର ରାକେଶ ପଣ୍ଡା କହିଛନ୍ତି।



ମେଗା ଏମ୍‌ସିସି ସ୍ଥାପନ ନେଇ ବିଏମ୍‌ସିର ଅଧିକାରୀମାନେ ପଳାଶୁଣୀଠାରେ ସ୍ଥାନ ପରିଦର୍ଶନ କରୁଛନ୍ତି।

# ପଳାଶୁଣୀରେ ହେବ ମେଗା ଏମ୍‌ସିସି

ଭୁବନେଶ୍ୱର, ୨୫।୧୦ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ ରଖିବା ସହ ସ୍ମାର୍ଟସିଟିକୁ ୧ ନମ୍ବରରେ ପରିଣତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବହୁ ପ୍ରଚେଷ୍ଟା ଜାରି ରଖିଛି। ପ୍ରତିଦିନ ସହରରୁ ଟନ୍ ଟନ୍ ଅଳିଆ ବାହାରୁଥିବାବେଳେ ଏହାର ସୁପରିଚାଳନା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ସ୍ଥାପନ କରାଯାଇଛି। ତେବେ ଖୁବ୍ ଶୀଘ୍ର ପଳାଶୁଣୀଠାରେ ମେଗା ଏମ୍‌ସିସି ସ୍ଥାପନ ହେବାକୁ ଯାଉଛି। ଏଥିପାଇଁ ସ୍ଥାନ ମଧ୍ୟ ଚିହ୍ନଟ ହୋଇସାରିଛି। ଏହି ମେଗା ଏମ୍‌ସିସିର କ୍ଷମତା ୫୦ ଟିପିଡି (ଟନ୍ ପର୍ ଡେ') ରହିବ ବୋଲି ସୂଚନା ଦିଆଯାଇଛି। ଏ ନେଇ ମଙ୍ଗଳବାର ବିଏମ୍‌ସି ଏବଂ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ) ପକ୍ଷରୁ ସ୍ଥାନ ନୀରିକ୍ଷଣ କରାଯାଇଥିଲା। ପୂର୍ବରୁ ଏହି ସ୍ଥାନରେ କେତେଜଣ ବ୍ୟକ୍ତି ଜବରଦଖଲ କରି ରହିଥିବାବେଳେ ସେମାନଙ୍କୁ ସେଠାରୁ ଉଚ୍ଛେଦ କରାଯାଇଛି। ଯଥାଶୀଘ୍ର ଏହି ପ୍ରୋଜେକ୍ଟ ଆରମ୍ଭ ହେବ ବୋଲି କୁହାଯାଇଛି। ସହରରୁ ବାହାରୁଥିବା ଅଳିଆର ସୁପରିଚାଳନା ପାଇଁ ମୋଟ୍ ୫୦ଟି ଏମ୍‌ସିସି କରାଯିବାର ଲକ୍ଷ୍ୟ ରଖାଯାଇଥିବାବେଳେ ଏବେ ପ୍ରାୟ ୩୫ଟିର ନିର୍ମାଣ କାର୍ଯ୍ୟ ସରିଛି। ଖୁବ୍ ଶୀଘ୍ର ଅନ୍ୟ ଏମ୍‌ସିସି ନିର୍ମାଣ ହେବା ପରେ ସହରରେ ଆବର୍ଜନା ପରିଚାଳନା ସୁଗମ ହୋଇପାରିବ। କ୍ଷେତ୍ର ପରିଦର୍ଶନ ସମୟରେ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁସାହୁ, ସିଟି ଇଞ୍ଜିନିୟର ଅରୁଣ ନାୟକ, ବିଡିଏ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଅମ୍ବିକା ମହାନ୍ତି ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୀପାବଳିରେ ଅଘଟଣ: ଜଳିଗଲା ୯ ବଖରା

ବେଗୁନିଆ,୨୫।୧୦(ଡି.ଏନ୍.ଏ.):

ଆଲୋକର ପର୍ବ ଦୀପାବଳିରେ ବେଗୁନିଆ ବ୍ଲକ ହଜ ପଞ୍ଚାୟତ ଅନ୍ତର୍ଗତ କଲରାଝର ଗାଁରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୯ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ବିଶ୍ୱମ୍ବର ଦାଶଙ୍କ ୬ ବଖରା, ଦଣ୍ଡୁ ପ୍ରଧାନଙ୍କ ୨ ବଖରା ଏବଂ ବସନ୍ତ ଦାଶଙ୍କ ଗୋଟିଏ ବଖରା ପୋଡିଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ରଣପୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସିକୋ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ଏଥିସହ ବିପନ୍ନ ପରିବାରଙ୍କୁ ୩ଟି ପଲିଥିନ ଯୋଗାଇ ଦିଆଯାଇଛି। ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ବଡ଼ଜେନା ମଧ୍ୟ ପହଞ୍ଚି ୩ ବିପନ୍ନ ପରିବାରଙ୍କୁ ୫ହଜାର ଟଙ୍କା ଲେଖାଏ ଓ ସାମଗ୍ରୀ ପ୍ରଦାନ କରିଛନ୍ତି। ଅନ୍ୟପଟେ ଘର ନ ଥିବାରୁ ପଡ଼ୋଶୀଙ୍କ ବାରଣ୍ଡାରେ ସମୟ କାଟିବେ ବୋଲି ବିଶ୍ୱମ୍ବର କହିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ବିପନ୍ନ ପରିବାରଙ୍କୁ ଆର୍ଥିକ ସହାୟତା ସହ ରନ୍ଧା ଖାଦ୍ୟ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୨୮ରୁ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

**ସୋନାଲ ମାନସିଂହ ପାଇବେ ଗୁରୁ ଦେବପ୍ରସାଦ ଜୀବନବ୍ୟାପୀ ସାଧନା ସମ୍ମାନ**

ଓଡ଼ିଶୀ ନୃତ୍ୟଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଗୁରୁ ଦେବ ପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ଅକ୍ଟୋବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ପ୍ରସିଦ୍ଧ ନୃତ୍ୟାଙ୍ଗନା ତଥା ନୃତ୍ୟ ସଂଯୋଜିକା ପଦ୍ମବିଭୂଷଣ ଡ. ସୋନାଲ ମାନସିଂହଙ୍କୁ ଗୁରୁ ଦେବପ୍ରସାଦ ଜୀବନବ୍ୟାପୀ ସାଧନା ସମ୍ମାନ-୨୦୨୨ ପ୍ରଦାନ କରାଯିବ। କୁଚିପୁଡ଼ି ନୃତ୍ୟ କ୍ଷେତ୍ରରେ ବିଦୁଷୀ ଦୀପିକା ରେଡ୍ଡୀ ଓ କଥକ ନୃତ୍ୟ କ୍ଷେତ୍ରରେ ପ୍ରେରଣା ଶ୍ରୀମୋଲୀଙ୍କୁ ଗୁରୁ ଦେବପ୍ରସାଦ ସମ୍ମାନ-୨୦୨୨ ଦିଆଯିବ। ସେହିଭଳି ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ-୨୦୨୨ରେ ମାଲେସିଆର ଓଡ଼ିଶୀ ନୃତ୍ୟଶିଳ୍ପୀ ତାମ୍ ମେୟୀ ମେୟୀ ଏବଂ ପ୍ରସିଦ୍ଧ ସଖୀ ଓ ଘୁଡୁକି ନାଚର ଗୁରୁ ରାଧାଶ୍ୟାମ ତରାଇଙ୍କୁ ସମ୍ମାନିତ କରାଯିବ। ମାଲେସିଆର କୁନି ଓଡ଼ିଶୀ ନୃତ୍ୟଶିଳ୍ପୀ ଐଶର୍ଯ୍ୟା ଲକ୍ଷ୍ମୀ ଏରିସନ୍ ଏବଂ ପୁରୀର କୁନି ଓଡ଼ିଶୀ ନୃତ୍ୟ ଶିଳ୍ପୀ ସୁହାନା ମିଶ୍ରଙ୍କୁ ଗୁରୁ ଦେବପ୍ରସାଦ ଶିଶୁ ପ୍ରତିଭା ସମ୍ମାନ-୨୦୨୨ ପ୍ରଦାନ କରାଯିବ। ସମ୍ମାନ ପ୍ରଦାନ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ଦଳଗତ ନୃତ୍ୟ ସହିତ ବିଶ୍ୱମୋହନ ଭଟ୍ଟଙ୍କ ଦ୍ୱାରା ମୋହନ ବୀଣା ବାଦନ, ଦ୍ୱିତୀୟ ସନ୍ଧ୍ୟାରେ ଆୟାକ ସକିନା ଓ ମଞ୍ଜୁଙ୍କ ଦ୍ୱାରା ଦ୍ୱୈତ୍ୟ ଓଡ଼ିଶୀ ନୃତ୍ୟ, ହାନାମୋମିୟ ୟୁମିକୋ ଚଟାନୀଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ, ଦୀପିକା ରେଡ୍ଡୀଙ୍କ ଦ୍ୱାରା ଏକକ କୁଚିପୁଡ଼ି ନୃତ୍ୟ, ବାଗମିତ୍ରୀ ଦାସଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ଏବଂ ଶେଷରେ କଳା ବିକାଶ କେନ୍ଦ୍ର ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ ହେବ। ଉଦଯାପନୀ ସନ୍ଧ୍ୟାରେ ପୁରସ୍କାର ପ୍ରଦାନ ସହିତ ପ୍ରେରଣା ଶ୍ରୀମୋଲୀଙ୍କ ଦ୍ୱାରା କଥକ ନୃତ୍ୟ ଏବଂ ମାଲେସିଆର ସୂତ୍ର ଫାଉଣ୍ଡେସନ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଉପସ୍ଥାପନ କରାଯିବ। ଏ ନେଇ ଅନୁଷ୍ଠାନର ନିର୍ଦ୍ଦେଶକ ଗଜେନ୍ଦ୍ର ପଣ୍ଡା ମଙ୍ଗଳବାର ପାନ୍ଥନିବାସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଉତ୍ସବ ସମ୍ପର୍କରେ ତ୍ରିଧାରା ଅନୁଷ୍ଠାନର ନିର୍ଦ୍ଦେଶକ ଗଜେନ୍ଦ୍ର ପଣ୍ଡା ସୂଚନା ଦେଉଛନ୍ତି।

## ଗଛକୁ ଧକ୍କାଦେଲା କାର୍: ୫ ଗୁରୁତର



ଦୁର୍ଘଟଣାଗ୍ରସ୍ତ କାର୍।

ବାଲୁଗାଁ,୨୫।୧୦(ଡି.ଏନ୍.ଏ.):

ବାଲୁଗାଁ-ବାଣପୁର ୧୬ନମ୍ବର ଜାତୀୟ ରାଜପଥର ଗୋପୀନାଥପୁର ଛକଠାରେ ସୋମବାର ଏକ କାର୍ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେବାରୁ ୫ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଯାତ୍ରୀ ବ୍ରହ୍ମପୁର ଅଞ୍ଚଳର ହୋଇଥିବା ବେଳେ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗୋପୀନାଥପୁର ଛକ ଓଭରବ୍ରିଜ୍ ଠାରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା କାର୍ (ଓଡି୦୨ ଏୱାଇ ୦୩୯୩) ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। କାରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ସେଥିରେ ଥିବା ୫ଜଣ ଯାତ୍ରୀ ଆହତ ହୋଇଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ଆହତଙ୍କୁ ବାଲୁଗାଁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ରାଜପଥରେ ଗତ ଏକ ବର୍ଷ ମଧ୍ୟରେ ୨୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଗୁରୁତର ହୋଇ ଅକର୍ମଣ୍ୟ ହୋଇପଡ଼ିଛନ୍ତି। ତେବେ ଏହି ରାଜପଥ ଦୁର୍ଘଟଣାପ୍ରବଣ ଅଞ୍ଚଳ ପାଲଟିଥିବା ବେଳେ ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ନିରାକରଣ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବାଣ ନିଆଁରୁ ୨ ଅଗ୍ନିକାଣ୍ଡ ଜଳିଗଲା କପଡ଼ା ଶୋ'ରୁମ୍, କାର୍‌ରେ ନିଆଁ ଲାଗିଲା

କଟକ ଅଫିସ,୨୫।୧୦:

କଟକର ଦୁଇଟି ସ୍ଥାନରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରାଙ୍କ ସୂଚନା ଅନୁସାରେ, ରାତି ପ୍ରାୟ ୯ଟା ୨୦ରେ ନୟାସଡ଼କସ୍ଥିତ ଓଟିଏମ୍ ଶୋରୁମ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। କେହି ରକେଟ୍ ବାଣରେ ଲଗାଇବାରୁ ତାହା ଉକ୍ତ ସୋରୁମ୍ ଆଡକୁ ଯାଇଥିଲା। ଫଳରେ ଉକ୍ତ ସୋରୁମ୍‌ର ସମ୍ମୁଖ ଭାଗ ଜଳିବାକୁ ଲାଗିଥିଲା। କପଡ଼ା ସୋରୁମ୍ ହୋଇଥିବାରୁ ଖୁବ୍‌ଶୀଘ୍ର ନିଆଁ ବ୍ୟାପିବାକୁ ଲାଗିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପ୍ରାୟ ଦେଢ଼ ଘଣ୍ଟା ପରିଶ୍ରମ କରି ନିଆଁ ଆୟତ୍ତ କରିଥିଲେ। ଉକ୍ତ ସୋରୁମର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଭିତରେ ଥିବା ବହୁ ପରିମାଣର କପଡ଼ା ସାମଗ୍ରୀକୁ ରକ୍ଷା କରାଯାଇପାରିଛି। ଏଥିରେ ପ୍ରାୟ ୧ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଗ୍ନିଶମ ଅଧିକାରୀ କହିଛନ୍ତି। ସେହିପରି ବିଡ଼ାନାସୀ ଅଞ୍ଚଳରେ ରକେଟ ବାଣ ଏକ କାର ଉପରେ ପଡ଼ିବାରୁ ତାହା ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ସୂଚନାଯୋଗ୍ୟ, ଦୀପାବଳୀରେ ବାଣ ଫୁଟାଇବା ନିମନ୍ତେ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ସମୟ ପୋଲିସ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। ସହର ଭିତରେ ବାଣ ନ ଫୁଟାଇବାକୁ କୁହାଯାଇଥିଲା।

# ଯୌତୁକ ପାଇଁ ବଧୂଙ୍କୁ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

- ନିର୍ଯାତନାରୁ ସୁଶ୍ରୀ ଆତ୍ମହତ୍ୟା କରିଥିବା ସନ୍ଦେହ
- ମାମଲା ରୁଜୁ; ଶ୍ୱଶୁର, ସ୍ୱାମୀ, ନଣନ୍ଦ ଫେରାର

ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗନଗରରେ ଜଣେ ବଧୂଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ସୁଶ୍ରୀ ସଙ୍ଗୀତା ବସ୍ତିଆ (୨୬)। ସୁଶ୍ରୀଙ୍କ ମୃତଦେହକୁ ଏମ୍‌ସରେ ବ୍ୟବଚ୍ଛେଦ ପରେ ମଙ୍ଗଳବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ସୁଶ୍ରୀଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ଯୌତୁକ ନିର୍ଯାତନା ଦେଇ ହତ୍ୟା କରିଥିବା ଭାଇ ବିଶ୍ୱରଞ୍ଜନ ବସ୍ତିଆ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଦଫା ୪୯୮ ଏ, ୩୦୪ ବି, ୩୦୬, ୩୪ ଆଇପିସି ଏବଂ ୪ ଡିପି ଆକ୍ଟରେ ଏକ ମାମଲା (ନଂ. ୨୫୬/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଥାନାଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି, ପ୍ରାଥମିକ ତଦନ୍ତରୁ ସୁଶ୍ରୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତେବେ ତାଙ୍କ ଶ୍ୱଶୁର ଜିତେନ୍ଦ୍ର ନାୟକ, ଶାଶୁ ସାବିତ୍ରୀ, ସ୍ୱାମୀ ପ୍ରବୀଣ, ନଣନ୍ଦ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଉଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୨୧ ଜାନୁୟାରୀ ୨୦ରେ ନିଆଳି ଥାନା ଅନ୍ତର୍ଗତ ବାହାରଣା ଗ୍ରାମର ସୁଶ୍ରୀ ଗୋବିନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ପ୍ରବୀଣ ନାୟକଙ୍କୁ ବିବାହ କରିଥିଲେ। ବିବାହ ବେଳେ ବରପକ୍ଷ ଦାବି ଅନୁଯାୟୀ ୨ଲକ୍ଷ ଟଙ୍କା ସମେତ ସୁନା ଅଳଙ୍କାର ସମେତ ଅନ୍ୟ ସାମଗ୍ରୀ ସୁଶ୍ରୀଙ୍କ ପରିବାର ଲୋକେ ଦେଇଥିଲେ। ପ୍ରବୀଣ ବେଙ୍ଗାଲୁରୁରେ ଏକ ସଫ୍ଟୱେୟାର କମ୍ପାନୀରେ ଇଞ୍ଜିନିୟର ଭାବେ କାମ କରୁଥିଲେ। ପରିବାର ଲୋକ ଭୁବନେଶ୍ୱର କଳିଙ୍ଗନଗର କେ-୯ ଅଞ୍ଚଳରେ ଭଡ଼ା ରହୁଥିଲେ। ସୁଶ୍ରୀ ଏଠାରେ ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାମ କରୁଥିଲେ। ତେବେ କିଛିଦିନ ତଳେ ପ୍ରବୀଣ ଭୁବନେଶ୍ୱର ଚାଲିଆସି ବ୍ୟବସାୟ ଆରମ୍ଭ କରିଥିଲେ। କୌଣସି କାରଣକୁ ନେଇ କିଛିମାସ ହେବ ପରିବାରରେ ଝଗଡ଼ା ଲାଗି ରହୁଥିଲା। ସୋମବାର ସନ୍ଧ୍ୟାରେ ସୁଶ୍ରୀ ଘର ଫ୍ୟାନରେ ଶାଢ଼ି ଦ୍ୱାରା ଝୁଲି ପଡ଼ିବା ପରେ ତାଙ୍କୁ ଉଦ୍ଧାର କରାଯାଇ ଏମ୍‌ସ ନିଆଯାଇଥିବା ପ୍ରବୀଣ ଥାନାକୁ ଖବର ଦେଇଥିଲେ। ଏପରିକି ପ୍ରବୀଣ ମଧ୍ୟ ସୁଶ୍ରୀଙ୍କ ପରିବାର ଲୋକଙ୍କୁ ଏ ନେଇ ଜଣାଇଥିଲେ। ପୋଲିସ ପହଞ୍ଚି ହସ୍ପିଟାଲରେ ସୁଶ୍ରୀଙ୍କ ମୃତଦେହ ଜବତ କରିବା ସହ ଭଡ଼ାଘରକୁ ଯାଇ ତଦନ୍ତ ଆରମ୍ଭ କରିଥିଲା।



ସୁଶ୍ରୀ ସଙ୍ଗୀତା ବସ୍ତିଆ

## ସଂକ୍ଷେପରେ

### ପରାଗ ସ୍ନାନ କଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର,୨୫।୧୦ (ଡି.ଏନ୍.ଏ.): କେତୁଗ୍ରସ୍ତ ସୂର୍ଯ୍ୟୋପରାଗ ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜ ପରାଗ ସ୍ନାନ କରିଛନ୍ତି। ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସ୍ଥିରୀକୃତ ପରାଗ ନୀତି ଅନୁଯାୟୀ ପରାଗ ଲାଗିଥିବା ସମୟରେ ଶ୍ରୀଲିଙ୍ଗରାଜ, ମା'ପାର୍ବତୀ, ଦୁର୍ଗା, ବସୁଦେବ ବିମାନ ଓ ପାଲିଙ୍କିରେ ବସି ବିନ୍ଦୁସାଗର କୂଳରେ ଥିବା ବ୍ରହ୍ମାଘାଟ ନିକଟକୁ ଯାତ୍ରା କରିଥିଲେ। ସେଠାରେ ଖଟୁଲିରେ ଅବସ୍ଥାନ କରିବା ପରେ ପତ୍ରୀସେବକ ଏକ ଗଡୁ ପାଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ଉକ୍ତ ପାଣିକୁ ପାଳିଆ ପୂଜାପଣ୍ଡା ସେବକ ସଂସ୍କାର କରିସାରିବା ପରେ ଶ୍ରୀଜୀଉଙ୍କୁ ସ୍ନାନ କରାଇଥିଲେ। ମନ୍ଦିର ମେକାପ ନେଇଥିବା ନୂତନ ବସ୍ତ୍ରକୁ ଶ୍ରୀଜୀଉଙ୍କୁ ପରିଧାନ କରାଯାଇଥିଲା। ଏହାପରେ ଶ୍ରୀଜୀଉ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ପାଳିଆବଡୁ ସେବକ ବିନ୍ଦୁ ସାଗରରୁ ଆଣିଥିବା ପାଣିରେ ମନ୍ଦିରରେ ଥିବା ଶ୍ରୀଜୀଉଙ୍କୁ ସ୍ନାନ କରିଥିଲେ। ଏହା ପରେ ଠା' କରାଯାଇ ବିଶୋଇ ଦେଇଥିବା ଖଇକୁ ରୁପା ଥାଳିରେ ରଖାଯାଇ ପୂଜାପଣ୍ଡା ସେବକ ପଞ୍ଚ ଉପଚାରରେ ଭୋଗ ନୈବେଦ୍ୟ କରିଥିଲେ।

### ଜଳିଗଲା ବାଇକ୍, ବର୍ତ୍ତିଲେ ଚାଳକ

ଯାଁଳା,୨୫।୧୦(ଡି.ଏନ୍.ଏ.): ଇନ୍‌ଫୋସିଭ୍ୟାଲି ଥାନା ଅନ୍ତର୍ଗତ ଓଗାଳପଡା ଗ୍ରାମର ଶିବରାମଙ୍କ ବାଇକ୍ ହଠାତ୍ ଜଳିଯାଇଥିଲା। ହେଲେ ସେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ମୁତାବକ, ଶିବରାମ ସୋମବାର ଅପରାହ୍ନରେ ତଳଖେତା ଛକସ୍ଥିତ ପେଟ୍ରୋଲ ପମ୍ପରେ ପେଟ୍ରୋଲ ପକାଇ ଘରକୁ ଫେରିବା ବେଳେ ଗାଡିଟି ଷ୍ଟାର୍ଟ ହୋଇନଥିଲା। ଫଳରେ ଗାଡିକୁ ପେଲି ଷ୍ଟାର୍ଟ କରିବା ସହ ୫୦୦ ମିଟର ଯିବା ପରେ ଗାଡିଟି ହଠାତ୍ ଜଳି ଉଠିଥିଲା। ସଙ୍ଗେ ସଙ୍ଗେ ଶିବରାମ ଗାଡିରୁ ଓହ୍ଲାଇ ପଡ଼ିଥିଲେ। ଶିବରାମ ଓ ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ଫଳରେ ଗାଡିଟି ଜଳି ନଷ୍ଟ ହୋଇଯାଇଥିଲା।

# ୩୦ କୋଟିର ହିସାବ ଦେବେ ଅର୍ଚ୍ଚନା- ଜଗବନ୍ଧୁ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)



**ବେଆଇନ ଅର୍ଥ କାରବାରର ତଦନ୍ତ କରୁଛି ଇଡି**
- କମିଶନରେଟ ପୋଲିସଠାରୁ ତଥ୍ୟ ନେଇଛି
- ଜେରା ହେବେ ବହୁ କ୍ଷମତାଶାଳୀ ବ୍ୟକ୍ତି

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ମାୟାଜାଲରେ ଫସାଇ ଟଙ୍କା ହଡ଼ପ କରିଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ ଥିବା ବେଳେ ଏହି ମାମଲାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଅର୍ଚ୍ଚନା ଓ ଜଗବନ୍ଧୁ ଗତ ୫ ବର୍ଷ ମଧ୍ୟରେ ୩୦ କୋଟି ଟଙ୍କା ରୋଜଗାର କରିଥିବା କୁହାଯାଉଛି। ତେବେ ଏହି ଆର୍ଥିକ କାରବାରର ଉତ୍ସ ସମ୍ପର୍କରେ ଜାଣିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଆରମ୍ଭ କରିଛି। ଇଡି ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ ଜଣେ ବରିଷ୍ଠ ଅଧିକାରୀଙ୍କ ପକ୍ଷରୁ ଏନେଇ ସୂଚନା ମିଳିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କମିଶନରେଟ ପୋଲିସଠାରୁ ଅର୍ଚ୍ଚନା ମାମଲା ସମ୍ପର୍କିତ ସମସ୍ତ ଅଭିଯୋଗର ଏତଲା କପି ନେଇଛି ଇଡି। ଏଥିସହ ଇଡି ପକ୍ଷରୁ ଅର୍ଚ୍ଚନାଙ୍କ ବ୍ୟାଙ୍କ ସମ୍ପର୍କିତ ଆର୍ଥିକ ନେଣଦେଣ ତଥ୍ୟ ପ୍ରଦାନ ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)କୁ ଚିଠି ଲେଖାଯାଇଛି। ଅର୍ଚ୍ଚନାଙ୍କ ବ୍ୟାଙ୍କ ଆକାଉଣ୍ଟକୁ କିଏ ଟଙ୍କା ପଠାଉଥିଲେ, କେତେ ଟଙ୍କା ଆକାଉଣ୍ଟକୁ ଆସିଥିଲା, ନଗଦ ଅର୍ଥର କାରବାର କିଭଳି କରାଯାଉଥିଲା ଏସବୁ ଉତ୍ସକୁ ଇଡି ଖୋଜିବା ଆରମ୍ଭ କରିଛି। ଇଡି ଏହି ମାମଲାରେ ତଦନ୍ତ ଆରମ୍ଭ କରିଥିବାରୁ ଜେଲରେ ଥିବା ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଖୁବ୍‌ଶୀଘ୍ର ଜେରା ହୋଇପାରନ୍ତି ବୋଲି ସୂଚନା ମିଳିଛି। ବହୁ ବଡ଼ବଡ଼ିଆ ବ୍ୟକ୍ତି ଅର୍ଚ୍ଚନାଙ୍କୁ ସାହାଯ୍ୟ କରୁଥିଲେ। ଏପରି କି ତାଙ୍କୁ ବହୁ ସମୟରେ ଆର୍ଥିକ ସହଯୋଗ କରୁଥିଲେ। ତେଣୁ ସେମାନେ ମଧ ଇଡି ଦ୍ୱାରା ଜେରା ହେବେ ବୋଲି ଜଣାପଡ଼ିଛି। ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ନାମରେ ଡରାଇବା, ବ୍ଲାକ୍‌ମେଲିଂ, ଦାଦାବଟି ଆଦାୟ ଆଦି ବିଭିନ୍ନ ଅଭିଯୋଗ ରହିଥିବାବେଳେ ପୋଲିସ ୧୬ଟି ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅର୍ଚ୍ଚନାଙ୍କ କଳା କାରନାମାରେ ସମ୍ପୃକ୍ତି ନେଇ ଠୋସ୍ ପ୍ରମାଣ ମିଳିବା ପରେ ଜଗବନ୍ଧୁଙ୍କୁ ଗିରଫ କରାଯାଇଛି। ତାଙ୍କର ଅନ୍ୟତମ ସହଯୋଗୀ ଖଗେଶ୍ୱର ପାତ୍ର ଏବେ କେଉଁଠି ଓ ତାଙ୍କୁ ପୋଲିସ କେବେ ଗିରଫ କରିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅର୍ଚ୍ଚନା ଓ ଜଗବନ୍ଧୁ ଜେଲରେ ରହଣି କାଳ ମଧ୍ୟରେ ଜେଲ୍ ମାନୁଆଲ ଅନୁଯାୟୀ ସପ୍ତାହକୁ ଥରେ ପରସ୍ପରକୁ ଭେଟିପାରିବେ ବୋଲି ନିର୍ଦ୍ଦେଶ ରହିଛି।

## ବିଲରୁ ଯୁବକଙ୍କ ମୃତଦେହ ଜବତ

ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର, ୨୫।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଟାଙ୍ଗୀ-ମଙ୍ଗଳାଯୋଡ଼ି ରାସ୍ତା ପାର୍ଶ୍ୱ ବିଲରୁ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ଏହି ଥାନା ଅଧୀନ ମଙ୍ଗଳାଯୋଡି ଗ୍ରାମ ଗୋପାଳପୁର ଶାସନର ନୀହାର ରଞ୍ଜନ ଦାଶ(୨୪)। ସୂଚନା ମୁତାବକ, ବିଲରେ ଏକ ବାଇକ୍ ଜଣେ ଯୁବକଙ୍କ ଉପରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଯୁବକଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବାଇକ ଓ ମୋବାଇଲ୍ ଜବତ ସହ ଏକ ମାମଲା (ନଂ.୬୨୧/୨୨)ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ସାହିତ୍ୟରେ ଯୁବଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ଯୁବ ଲେଖକ ସମ୍ମିଳନୀ**

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)


କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ଯୁବ ଲେଖକ ସମ୍ମିଳନୀରେ ଅତିଥିଙ୍କ ଗହଣରେ ଉପସ୍ଥିତ ଯୁବଲେଖକମାନେ।

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଗତ ୨୨ ଏବଂ ୨୩ତାରିଖ ୨ଦିନ ଧରି ପୂର୍ବାଞ୍ଚଳ ଯୁବ ଲେଖକ ସମ୍ମିଳନୀ ଦାର୍ଜିଲିଂସ୍ଥିତ ସାଉଥଫିଲଡ କଲେଜଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟରୁ ପ୍ରତିନିଧିମାନେ ଅଂଶଗ୍ରହଣ କରି ଗଳ୍ପ, ପ୍ରବନ୍ଧ ଓ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ନେପାଳୀ ଭାଷାର ଆବାହକ ଜୀବନ ନାମଦୁମ ମୂଳ ଭାଷଣ ପାଠ କରି ଯୁବ ଲେଖକମାନଙ୍କର ଭୂମିକା ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସାହିତ୍ୟ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସରାଓ ଯୁବ ଲେଖକମାନଙ୍କୁ ଉତ୍ସାହିତ କରିବା ପାଇଁ ସାହିତ୍ୟ ଏକାଡେମୀର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ। ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ପରିଷଦର ଅଧ୍ୟକ୍ଷ ପ୍ରଫେସର ଅଶୋକ ଅବିଚଳ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସାଉଥ୍‌ଫିଲ୍ଡ କଲେଜ ଅଧ୍ୟକ୍ଷା ଅନୁରାଧା ରାଏ ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ଧନ୍ୟବାଦ ଦେଇଥିଲେ। ସମ୍ମିଳନୀର ତୃତୀୟ ଅଧିବେଶନରେ ଗଳ୍ପପାଠ କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ବିଜୟାନନ୍ଦ ସିଂହ ସଭାପତିତ୍ୱ କରି ସାହିତ୍ୟରେ ଗଳ୍ପର ପ୍ରଭାବ ଖୁବ ବେଶି ବୋଲି କହିଥିଲେ। ଓଡିଶାରୁ ଯୁବ କବି ତ୍ରିଲୋଚନ ସାହୁ ଏବଂ କଥାକାର ଯୋଗେଶ୍ୱର ପଣ୍ଡା ଯୋଗଦେଇ ସ୍ୱରଚିତ କବିତା ଓ ଗଳ୍ପ ପାଠ କରି ପ୍ରଶଂସିତ ହୋଇଥିଲେ ।

## ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ଭରତପୁର ଥାନା ଅନ୍ତର୍ଗତ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ପୋଲିସ ମଙ୍ଗଳବାର ସକାଳେ ସନ୍ଦେହଜନକ ଅବସ୍ଥାରେ ପଡ଼ିରହିଥିବା ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜଗଡ଼ ଗ୍ରାମର ଲିଙ୍ଗରାଜ ଡାଲୁଆ (୩୭)। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୨୫/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଲିଙ୍ଗରାଜଙ୍କୁ ତାଙ୍କ ସ୍ତ୍ରୀ ଛାଡ଼ି ପଳାଇ ଯାଇଥିବାରୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସେ ଭୁବନେଶ୍ୱର ଚାଲି ଆସିଥିଲେ। ଏଠାରେ ରହି ଏକ ହୋଟେଲରେ ମିସ୍ତ୍ରି ଭାବେ କାମ କରୁଥିଲେ। ତେବେ ଗତ ୨ବର୍ଷ ହେବ ସେ କୌଣସି ସ୍ଥାନରେ କାମ କରୁ ନ ଥିଲେ। ବରମୁଣ୍ଡା ଅଞ୍ଚଳରେ କେବଳ ବୁଲାବୁଲି କରୁଥିଲେ। ସୋମବାର ବିଳମ୍ବିତ ରାତିରେ ଲିଙ୍ଗରାଜ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟ ରାସ୍ତାପାର୍ଶ୍ୱରେ ମୁହଁମାଡ଼ି ପଡ଼ିରହିଥିଲେ। ସମସ୍ତେ ବାଣ ଫୁଟାଉଥିଲେ ମଧ ସେଠାରେ କାହାର ନଜର ପଡ଼ି ନ ଥିଲା। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଲିଙ୍ଗରାଜଙ୍କ ମୃତଦେହକୁ ଜବତ କରିଥିଲା। ତାଙ୍କ ମୁହଁରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ଲିଙ୍ଗରାଜଙ୍କ କିପରି ମୃତ୍ୟୁ ହେଲା ସେନେଇ ସନ୍ଦେହ ଲାଗି ରହିଛି। ଥାନାଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଲିଙ୍ଗରାଜଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଏହି ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବା ସେ କହିଛନ୍ତି।

# ସାଇକେଲ ଟ୍ରାକ୍, ପବ୍ଲିକ ପ୍ଲାଜାରେ ଗାଡ଼ି ପାର୍କିଂ କଲେ ଜରିମାନା

ଭୁବନେଶ୍ୱର, ୨୫।୧୦ (ବ୍ୟୁରୋ)

**ଦିନକରେ ୨୫, ସପ୍ତାହରେ ୧୧୮ ଜଣଙ୍କ ଚାଲାଣ କଟିଲା**

ଯିଏ ଯେଉଁଠି ପାରୁଛନ୍ତି, ସେଠାରେ ଗାଡି ପାର୍କିଂ କରି ଦେଉଛନ୍ତି। ନୋ ପାର୍କିଂ ଜୋନ୍ ହେଉ ଅବା ସାଇକେଲ୍ ଟ୍ରାକ୍ କିଛି ମାନିବାର ନାହିଁ। ଶିଶୁ ଭବନ ଠାରୁ ବାଣୀବିହାର ପର୍ଯ୍ୟନ୍ତ ହୋଇଥିବା ସ୍ମାର୍ଟ ଜନପଥରେ ମଧ ସମାନ ଅବସ୍ଥା। ସାଇକେଲ ଟ୍ରାକ୍ ଏବଂ ପବ୍ଲିକ ପ୍ଲାଜାରେ ଲୋକେ ମନଇଚ୍ଛା ଗାଡ଼ି ପାର୍କିଂ କରୁଥିବାରୁ ଜନସାଧାରଣ ହଇରାଣ ହେଉଛନ୍ତି। ତେଣୁ ଏହି ଅମାନିଆଙ୍କୁ ସାବାଡ଼ କରିବା ପାଇଁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ସାଇକେଲ ଟ୍ରାକ୍ ଏବଂ ପବ୍ଲିକ୍ ପ୍ଲାଜାରେ ଗାଡ଼ି ପାର୍କିଂ କଲେ ଅମାନିଆଙ୍କଠାରୁ ୫ଶହ ଟଙ୍କା ଜରିମାନା ଆଦାୟ କରାଯାଉଛି। ମଙ୍ଗଳବାର ଗୋଟିଏ ଦିନରେ ୨୫ଜଣଙ୍କ ଚାଲାଣ କଟିଛି। ଗତ ସପ୍ତାହକ ଭିତରେ ୧୧୮ଜଣଙ୍କ ଚାଲାଣ କଟିଥିବା ସୂଚନା ଦିଆଯାଇଛି। ସ୍ମାର୍ଟ ଜନପଥରେ ଲାଗିଥିବା କ୍ୟାମେରା ଏହି ଅମାନିଆମାନଙ୍କୁ ଚିହ୍ନଟ କରୁଛି। ଏଠାରେ କେହି ଗାଡ଼ି ପାର୍କିଂ କଲେ ନିୟନ୍ତ୍ରଣ କକ୍ଷରେ ଲାଗିଥିବା କ୍ୟାମେରାରେ ଆଲର୍ଟ ଆସୁଛି। ଏହାପରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଚାଲାଣ କାଟୁଛି। ଗାଡ଼ିର ପଞ୍ଜୀକରଣ ନମ୍ବର ଆଧାରରେ ମିଳିଥିବା ଠିକଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରକୁ ଚାଲାଣ ଯାଉଛି। ଶିଶୁଭବନଠାରୁ ବାଣୀବିହାର ପର୍ଯ୍ୟନ୍ତ ଜନପଥରେ ଥିବା ୫.୮ କିଲୋମିଟର ସାଇକେଲ ଟ୍ରାକ୍ ଓ ପବ୍ଲିକ୍ ପ୍ଲାଜାକୁ ସାଧାରଣ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ କରାଯାଇଛି। ମାତ୍ର କେତେଜଣ ବ୍ୟକ୍ତି ଏଠାରେ ଗାଡ଼ି ପାର୍କିଂ କରିବା ସହ ରାସ୍ତାକୁ ଅବରୋଧ କରୁଛନ୍ତି। ଫଳରେ ଲୋକେ ଯାତାୟାତ କରିବାରେ ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ବିଏସ୍‌ସିଏଲ୍ ଜେନେରାଲ ମ୍ୟାନେଜର କମଲ୍‌ଜିତ୍ ଦାସ କହିଛନ୍ତି, ଲୋକଙ୍କୁ ବାରମ୍ବାର ସଚେତନ କରାଯାଉଥିଲେ ବି ସେମାନେ ଏହାକୁ ଅଣଦେଖା କରୁଛନ୍ତି। ମନଇଚ୍ଛା ଗାଡ଼ି ପାର୍କିଂ କରି ଅବରୋଧ କରିବା ଦ୍ୱାରା ସାଇକେଲ ଟ୍ରାକ୍ ଏବଂ ପବ୍ଲିକ୍ ପ୍ଲାଜାର ଉଦ୍ଦେଶ୍ୟ ପୂରଣ ହୋଇପାରୁ ନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି ଏବେ କଡ଼ା ପଦକ୍ଷେପ ନିଆଯାଉଛି।

# ପୂଜା ପାଇଲେ ମା' କାଳୀ

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)

**ବିଭିନ୍ନ ସ୍ଥାନରେ ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ**

ରାଜଧାନୀରେ ବିଭିନ୍ନ ପୂଜା କମିଟି ଏବଂ କାଳୀ ମନ୍ଦିରରେ ମା' କାଳୀଙ୍କ ପୂଜା ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ମଙ୍ଗଳବାର ସୂର୍ଯ୍ୟୋପରାଗ ଥିବାରୁ ସୋମବାର ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରଶେଖରପୁର ପ୍ରେସ୍ କଲୋନୀସ୍ଥିତ ଦକ୍ଷିଣ କାଳୀ ମନ୍ଦିରରେ ମା' କାଳୀଙ୍କ ପୂଜା ହେବା ସହ ଦୀପାବଳି ଉତ୍ସବ ପାଳନ କରାଯାଇଥିଲା। ରବିବାର ରାତିରେ ଅଙ୍କୁରାରୋପଣ ହୋଇ ସୋମବାର ସକାଳେ କଳସ ଯାତ୍ରା ହୋଇଥିଲା। ମନ୍ଦିରର ସମ୍ପାଦକ ଜନକର ସାହୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସପ୍ତମ ବାଟାଲିୟନ ପୁଷ୍କରିଣୀରୁ ପାଣି ଅଣାଯିବା ପରେ ଘଟ ସ୍ଥାପନ, ମଣ୍ଡଳ ପୂଜା, ଉପଚାର ପୂଜା, ଚଣ୍ଡୀପାଠ, ସନ୍ଧିପୂଜା, ୧୦୮ ଦୀପ ଉତ୍ସର୍ଗ, କୁଷ୍ମାଣ୍ଡ ବଳିଦାନ, ଆଳତି ଓ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ମନ୍ଦିରରେ ବହୁ ଭକ୍ତ ଉପସ୍ଥିତ ରହି ଦୀପାବଳି ଉତ୍ସବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୧୨ ନମ୍ବର ଓ୍ୱାର୍ଡ କର୍ପୋରେଟର ଜୟନ୍ତୀ ସାହୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଲାଭ କରିବା ସହିତ କାର୍ଯ୍ୟରତ ପୋଲିସ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରସନ୍ନ କୁମାର ସାହୁ, ଚଗଲା ଜେନା, ମିଟୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୬ଦିନ ଧରି ପୂଜା ଚାଲିବ। ୩ଦିନ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ମୀନାବଜାର, ଦୋଳିର ବ୍ୟବସ୍ଥା କରାଯାଇଛି।

ସେହିପରି ବୀର ସୁରେନ୍ଦ୍ର ସାଏ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ୨୩ତମ ଶ୍ୟାମାକାଳୀ ପୂଜା ଆୟୋଜିତ ହୋଇଛି। କୋଲକାତାରୁ ଆସିଥିବା କାରିଗରଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ ହୋଇଛି। ସୋମବାର ଅପରାହ୍ନ ୨ଟା ୪୫ରେ ଜଳଯାତ୍ରାଠାରୁ ଆରମ୍ଭ ହୋଇ ରାତି ୯ଟା ୪୫ରେ ମା'ଙ୍କ ଚକ୍ଷୁଦାନ ହୋଇ ପୂଜାବିଧି ଆରମ୍ଭ ହୋଇଥିଲା। ରାତି ୨ଟା ୨୫ରେ ପୂର୍ଣ୍ଣାଳତି ପରେ ବନ୍ଦାପନା ଓ ପୁଷ୍ପାଞ୍ଜଳି ଅର୍ପଣ ହୋଇ ୨ଟା୪୦ରେ ଘଟ ବିସର୍ଜନ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୭ ଓ ୨୮ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନାଟକ, ଛୋଟ ପିଲାଙ୍କ ନୃତ୍ୟ ଓ ଭଜନ ପରିବେଷଣ ହେବ। ଆସନ୍ତା ୨୯ ତାରିଖ ସନ୍ଧ୍ୟାରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ମା'ଙ୍କ ମୂର୍ତ୍ତି ଭିଏସ୍‌ଏସ୍ ନଗର କଲୋନୀ ପରିକ୍ରମା କରାଯିବା ପରେ କୁଆଖାଇ ନଦୀରେ ବିସର୍ଜନ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।


ସତ୍ୟନଗର କାଳୀ ମନ୍ଦିର


ପୁରୁଣା ଷ୍ଟେସନ ବଜାର


ଭିଏସ୍‌ଏସ୍ ନଗର


ଶାନ୍ତି ୟୁଥ୍ ଆସୋସିଏସନ, ବରମୁଣ୍ଡା


କଟକରୋଡ଼ର ବରୁଣ ସେନଗୁପ୍ତା କୁଟୀର


ଚନ୍ଦ୍ରଶେଖରପୁର କାଳୀ ମନ୍ଦିର


ଲକ୍ଷ୍ମୀସାଗର


କଟକରୋଡ ବଙ୍ଗାଳୀ କଲୋନୀ


ଗୌତମନଗର

## ଉପଭୋକ୍ତାଙ୍କୁ ମିଳିପାରେ ଆଶ୍ୱସ୍ତି

**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ସବୁବର୍ଗର ଲୋକ ଅନ୍‌ଲାଇନରେ ସାମଗ୍ରୀ କିଣିବାକୁ ପସନ୍ଦ କରୁଛନ୍ତି। ଏପରିକି ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭ କରି ବିଳାସପୂର୍ଣ୍ଣ ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛି ଅନ୍‌ଲାଇନରେ ମଧ ଶପିଂ କରିହେଉଛି। ହେଲେ ଅନେକ ସମୟରେ ଗ୍ରାହକ ରେଟିଂ ଦେଖି ଜିନିଷ କିଣିଥାନ୍ତି। କିନ୍ତୁ ଅନେକ ସମୟରେ ଭ୍ରମାତ୍ମକ ରେଟିଂ ଗ୍ରାହକଙ୍କୁ ଅସୁବିଧାରେ ପକାଇଥାଏ। ବର୍ତ୍ତମାନ ଅନ୍‌ଲାଇନ ଶପିଂ କରୁଥିବା ଉପଭୋକ୍ତାଙ୍କ ଅଭିଯୋଗକୁ ଆଧାରକରି ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ୍ସ (ବିଆଇଏସ୍) ରିୱାର୍ଡ ରେଟିଂକୁ ପ୍ରକୃତ ରେଟିଂଠାରୁ ଅଲଗା ରଖିବାକୁ ଉଭୟ ମନ୍ତ୍ରଣାଳୟ ଓ କମ୍ପାନୀଗୁଡ଼ିକୁ ପ୍ରସ୍ତାବ ଦିଆଯାଇଛି।

# ଗୁଗଲ ଉପରେ ୯୩୬ କୋଟିର ଜରିମାନା

ନୂଆଦିଲ୍ଲୀ,୨୫।୧୦




■ ଗୋଟିଏ ମାସରେ ୨ଥର ଫାଇନ

■ ସିସିଆଇର ଦୃଢ଼ କାର୍ଯ୍ୟାନୁଷ୍ଠାନ

ବିଶ୍ୱର ପ୍ରମୁଖ ସର୍ଚ୍ଚ ଇଞ୍ଜିନ (ଆଇଟି କମ୍ପାନୀ) ଗୁଗଲର ଏକଚାଟିଆକୁ କାର୍ଯ୍ୟକଳାପ ରୋକିବା ପାଇଁ ଭାରତୀୟ ପ୍ରତିଯୋଗିତା ଆୟୋଗ (ସିସିଆଇ) ପୁଣି ଥରେ ଜରିମାନା ଲାଗୁ କରିଛି। ଏପରିକି ଅକ୍ଟୋବରରେ ୨ୟ ଥର ପାଇଁ ଗୁଗଲ ଉପରେ ଏଭଳି ଏକ ବଡ଼ ଧରଣର ଜରିମାନା ଲାଗୁ କରାଯାଇଛି। ବିଶେଷ କରି ପ୍ଲେ ଷ୍ଟୋର ନୀତିରେ ନିଜର ଦବ୍‌ଦବାର ଦୁରୁପଯୋଗ କରିବା ମାମଲାରେ ସିସିଆଇ ଗୁଗଲ ଉପରେ ୯୩୬ କୋଟି ଟଙ୍କା ଜରିମାନା ଲଗାଇଛନ୍ତି। ଏହା ପୂର୍ବରୁ ଗୁଗଲ ଉପରେ ସିସିଆଇ ଅକ୍ଟୋବର ୨୧ରେ ୧୩୩୮ କୋଟି ଟଙ୍କାର ଜରିମାନା ଲାଗୁ କରିଥିଲା। ଏହିପରି ଚଳିତ ମାସରେ ଗୁଗଲ ଉପରେ ମୋଟ ପ୍ରାୟ ୨୩୦୦ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଛି। ସେହିଭଳି ଆଣ୍ଡ୍ରଏଡ୍ ମୋବାଇଲ ଉପକରଣ ବଜାରରେ ମଜଭୁତ ସ୍ଥିତିର ଦୁରୁପଯୋଗ ନେଇ ଗୁଗଲ ଉପରେ ଏହି ଜରିମାନା ଲାଗୁ କରିଥିଲା ସିସିଆଇ। ଇଣ୍ଟରନେଟ୍ ସର୍ଚ୍ଚ କମ୍ପାନୀକୁ ଅନୁଚିତ ବ୍ୟବସାୟିକ ଗତିବିଧିକୁ ବନ୍ଦ କରିବାକୁ ସିସିଆଇ ନିର୍ଦ୍ଦେଶ ଦେଇଥିଲା। ଏହା ସହ ଗୁଗଲକୁ ଏକ ନିର୍ଦ୍ଧାରିତ ସମୟସୀମା ଭିତରେ ନିଜର କାର୍ଯ୍ୟଶୈଳୀକୁ ସଂଶୋଧିତ କରିବାକୁ ଆୟୋଗ ମଧ ନିର୍ଦ୍ଦେଶ ଦେଇଥିଲା। ଚଳିତ ମାସରେ ସିସିଆଇ ଆଉ ଏକ ଆଣ୍ଟିଟ୍ରଷ୍ଟ ଅନୁସନ୍ଧାନ ଶେଷ କରିବା ପରେ ମଙ୍ଗଳବାର ଗୁଗଲ ଉପରେ ୯୩୬.୪୪ କୋଟି ଟଙ୍କାର ଜରିମାନା ଲଗାଇଛନ୍ତି। ଏପରିକି ବଜାରରେ ନିଜ ଆଧିପତ୍ୟର ଅପବ୍ୟବହାର କରିଥିବା ଅଭିଯୋଗରେ ସିସିଆଇ ଏଭଳି ଏକ ବଡ଼ ଧରଣର ଜରିମାନା ଲଗାଇଥିବା କୁହାଯାଉଛି। ବିଶେଷ କରି ଏକ ସ୍ମାର୍ଟଫୋନରେ ଆପ୍ ଏବଂ ପ୍ରୋଗ୍ରାମ ଚାଲିବା ଲାଗି ଏକ ଅପରେଟିଂ ସିଷ୍ଟମ୍ ଦରକାର ପଡ଼ିଥାଏ। ଆଣ୍ଡ୍ରଏଡ୍ ହେଉଛି ସେଭଳି ଏକ ଅପରେଟିଂ ସିଷ୍ଟମ୍, ଯାହାକୁ ୨୦୧୫ରେ ଗୁଗଲ ଅଧିଗ୍ରହଣ କରିଥିଲା। ସେହିପରି ଅନୁଚିତ ଉପାୟରେ ବ୍ୟବସାୟ କରୁଥିବା ଅଭିଯୋଗରେ ସିସିଆଇ ଗୁଗଲ ଉପରେ ଏଯାବତ୍ ୨୨୭୪.୨୦ କୋଟି ଟଙ୍କାର ଜରିମାନା ଲାଗୁ କରିଛନ୍ତି। ଏହା ଭାରତୀୟ ଓ ଏଠାକାର ବ୍ୟବସାୟୀମାନଙ୍କ ପାଇଁ ଏକ ଶକ୍ତ ଧକ୍କା ବୋଲି ଗୁଗଲ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଗୁଗଲ ଆଣ୍ଡ୍ରଏଡ୍ ଓଏସ୍‌ର ପରିଚାଳନା କରିଥାଏ। ଏଥିପାଇଁ ଅନ୍ୟ କମ୍ପାନୀଗୁଡ଼ିକୁ ମଧ ଲାଇସେନ୍ସ ଜାରି କରାଯାଇଥାଏ। ଗୁଗଲର ଓଏସ୍ ଏବଂ ଆପ୍‌ର ବ୍ୟବହାର ଓଇଏମ୍‌ଏସ୍ ଅର୍ଥାତ୍ ଅରିଜିନାଲ ଇକ୍ୱିପମେଣ୍ଟ ମ୍ୟାନୁଫାକର ନିଜ ମୋବାଇଲ ଡିଭାଇସ୍ ପାଇଁ କରିଥାଏ। ଓଏସ୍ ଏବଂ ଆପ୍‌ର ବ୍ୟବହାରକୁ ନେଇ ଅନେକ ପ୍ରକାର ଚୁକ୍ତି ହୋଇଥାଏ। ଏହାକୁ ମୋବାଇଲ ଆପ୍ଲିକେଶନ ଡିଷ୍ଟ୍ରିବ୍ୟୁଶନ ଏଗ୍ରିମେଣ୍ଟ କୁହାଯାଏ।

## ହାୟରର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୨୫।୧୦



ଦେଶର ପ୍ରମୁଖ ହୋମ୍ ଆପ୍ଲାଏନ୍ସେସ୍ ଓ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ କମ୍ପାନୀ 'ହାୟର' ପକ୍ଷରୁ ଏକ ଅତ୍ୟାଧୁନିକ ତଥା ନୂତନ ଉତ୍ପାଦ 'ୱାଶିଂ ମେଶିନ'ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ହାୟରର ୫୨.୫ ସେମି ସୁପର ଡ୍ରମ୍, ଆଡ୍‌ଭାନ୍ସଡ୍ ସୁପରସାଇଲେଣ୍ଟ ଡାଇରେକ୍ଟ ମୋଶନ ମୋଟର ସହ ନୂଆ ଏଆଇ-ସକ୍ଷମ ବୈପ୍ଳବିକ ୱାଶିଂମେଶିନ ସିରିଜ୍ ହାୟର ୯୭୯ ଫ୍ରଣ୍ଟ ଲୋଡ୍ ୱାଶିଂମେଶିନର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଫ୍ରଣ୍ଟଲାଇନ୍ ଉଦ୍ଭାବନଗୁଡ଼ିକ ସହ ସୁସଜ୍ଜିତ ଏହି ଡାଇରେକ୍ଟ ମୋଶନ ମୋଟର ସହ ସୁପର ଡ୍ରମ୍ ୯୭୯ ସିରିଜ୍‌କୁ ଗ୍ରାହକଙ୍କର ସୁବିଧା ଅନୁଯାୟୀ କେବଳ ଏକ ଭଏସ୍ କମାଣ୍ଡ ସହ ସହଜରେ ବ୍ୟବହାର କରାଯାଇପାରିବ। ହାୟରର ନୂଆ ୱାଶିଂମେଶିନ ସିରିଜ୍ ଏବେ ଦେଶବ୍ୟାପୀ ଉପଲବ୍ଧ ରହିଛି। ଏହାର ୧୦ କେଜି କ୍ଷମତା ବିଶିଷ୍ଟ ଏଚ୍‌ଡବ୍ଲ୍ୟୁ୧୦୦-ବିଡିଭି୧୪୯୭୯ଏସ୍‌୮ୟୁ୧ ମଡେଲ ୯୫,୯୯୦ ଟଙ୍କାରେ ଉପଲବ୍ଧ ହେଉଛି। ଏଥିରେ ମୋଟର ଉପରେ ୨୦ ବର୍ଷର ୱାରେଣ୍ଟି ସହ ୩ ବର୍ଷର ବିସ୍ତୃତ ୱାରେଣ୍ଟି ରହିଛି।

ଏ ସମ୍ପର୍କରେ ହାୟର ଆପ୍ଲାଏନ୍ସେସ୍ ଇଣ୍ଡିଆର ଅଧ୍ୟକ୍ଷ ସତୀଶ ଏନ୍‌ଏସ୍ କହିଛନ୍ତି, ଆମର ନୂଆ ଆଇଓଟି-ସକ୍ଷମ ଫ୍ରଣ୍ଟ ଲୋଡ୍ ସୁପର ଡ୍ରମ୍ ୯୭୯ ସିରିଜ୍ ୱାଶିଂମେଶିନ ହେଉଛି ଏକ ଅତ୍ୟାଧୁନିକ ଉଦ୍ଭାବନ ଯାହା ଏଆଇର ସୁବିଧାଗୁଡ଼ିକୁ ବ୍ୟବହାର କରୁଛି ଏବଂ ଉପଭୋକ୍ତାଙ୍କୁ ସରଳ, ବୁଦ୍ଧିମାନ ଓ ବ୍ୟକ୍ତିଗତ ଲଣ୍ଡ୍ରି ସମାଧାନ ପ୍ରଦାନ କରୁଛି।

## ସଂକ୍ଷେପରେ

### ଶାମ୍ପୁ ଫେରାଇନେଲା ୟୁନିଲିଭର

**ନୂଆଦିଲ୍ଲୀ,୨୫।୧୦:** ଅନ୍ତଃରାଷ୍ଟ୍ରୀୟ ଏଫ୍‌ଏମ୍‌ସିଜି କମ୍ପାନୀ ୟୁନିଲିଭରର ବିଭିନ୍ନ ଶାମ୍ପୁରେ କର୍କଟ ସୃଷ୍ଟିକାରୀ କେମିକାଲ ମିଳିଥିବା କୁହାଯାଉଛି। ଏପରିକି କମ୍ପାନୀ ଆମେରିକା ବଜାରରୁ ଡୋଭ, ନେକ୍ସସ, ସୁଆଭେ, ଟିଆଇଜିଆଇ ଓ ଟ୍ରେସ୍‌ମେ ଏୟରୋସୋଲ ଡ୍ରାଇ ଶାମ୍ପୁ ଉଭୟ ଦୋକାନୀ ଡିଷ୍ଟ୍ରିବ୍ୟୁଟରଙ୍କଠାରୁ ଫେରାଇ ଆଣିଛି। ବିଶେଷକରି ଆମେରିକା ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ(ଏଫ୍‌ଡିଏ)ର ସୂଚନା ଅନୁସାରେ ଏହିସବୁ ଉତ୍ପାଦ ଅକ୍ଟୋବର ୨୦୨୧ ପୂର୍ବରୁ ପ୍ରସ୍ତୁତ ହୋଇଥିଲା ଓ ଏଗୁଡ଼ିକୁ ସାରା ଦେଶରେ ରିଟେଲରଙ୍କୁ ବିତରଣ କରାଯାଇଥିଲା। ଏଥିରେ ଥିବା ବେଞ୍ଜିନ ଯୋଗୁ ମଣିଷଙ୍କଠାରେ କର୍କଟ ରୋଗ ସୃଷ୍ଟି ହୋଇପାରେ। ଏଫ୍‌ଡିଏର ରିକଲ ନୋଟିସରେ ବେଞ୍ଜିନ ଅନେକ ଉପାୟରେ ମଣିଷ ଶରୀରକୁ ଯାଇପାରେ ବୋଲି କୁହାଯାଇଛି। ଏହାକୁ ଶୁଂଘିଲେ ମୁହଁ ଓ ତ୍ୱଚା ମାଧମରେ ଶରୀରକୁ ଏହା ଯାଇପାରେ। ଏଥିଯୋଗୁ ଲ୍ୟୁକୋମିଆ ଓ ବ୍ଲଡ୍ କ୍ୟାନ୍‌ସର ହୋଇଥାଏ।

### କର୍ମଚାରୀ ଛଟେଇ କରିବ ଫେସ୍‌ବୁକ୍

**ନୂଆଦିଲ୍ଲୀ,୨୫।୧୦:** ବିଶ୍ୱର ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍ (ମେଟା) ତା'ର ମୋଟ କର୍ମଚାରୀଙ୍କ ସଂଖ୍ୟାରୁ ୨୦% ଛଟେଇ କରିପାରେ ବୋଲି ଜଣାପଡ଼ିଛି। କାରଣ ବର୍ତ୍ତମାନ ପରିସ୍ଥିତିରେ କମ୍ପାନୀକୁ ଚାକିରି ଏବଂ ପୁଞ୍ଜିଗତ ବ୍ୟୟ ହ୍ରାସ କରିବାର ଆବଶ୍ୟକତା ରହିଛି ବୋଲି ଫେସ୍‌ବୁକ୍/ମେଟାର ପ୍ରତିଷ୍ଠାତା ମାର୍କ ଜୁକରବର୍ଗ କମ୍ପାନୀର ଅଂଶଧାରୀମାନଙ୍କୁ ଏକ ପତ୍ର ମାଧମରେ ଜଣାଇଛନ୍ତି। ଗତ କିଛି ମାସ ହେବ ସାରା ବିଶ୍ୱରେ ଉଭୟ ରାଜନୈତିକ ଓ ଭୌଗୋଳିକ ସମସ୍ୟା ଲାଗି ରହିଛି। ଫଳରେ ଆର୍ଥିକ ମାନ୍ଦାବସ୍ଥା ମଧ ସେହି ପରିମାଣରେ ଜାରି ରହିଛି। ଏଭଳି ସ୍ଥିତିରେ କମ୍ପାନୀ କର୍ମଚାରୀ ଛଟେଇ କରିବା ନେଇ ଯୋଜନା କରୁଥିବା ଜଣାପଡ଼ିଛି। ଏପରିକି ମାନ୍ଦାବସ୍ଥା ଯୋଗୁ ସାରା ଦୁନିଆରେ ଭିନ୍ନ ଭିନ୍ନ ସେକ୍ଟର ବଡ଼ କମ୍ପାନୀଗୁଡିକ କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଛନ୍ତି।

## ଓଲା ଏସ୍‌୧ ଏୟାରର ଅନାବରଣ

ନୂଆଦିଲ୍ଲୀ,୨୫।୧୦




ଦେଶର ପ୍ରମୁଖ ଇଲେକ୍‌ଟ୍ରିକ୍ ଭେଇକିଲ୍ (ଇଭି) କମ୍ପାନୀ ଓଲା ଇଲେକ୍‌ଟ୍ରିକ୍ ପକ୍ଷରୁ ନୂଆ ଓଲା ଏସ୍‌୧ ଏୟାରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ମଡେଲ କମ୍ପାନୀର ଏସ୍‌୧ ପ୍ଲାଟ୍‌ଫର୍ମ ଉପରେ ନିର୍ମିତ ହୋଇଛି। ବିଶେଷକରି ୨.୫ କେଡବ୍ଲ୍ୟୁଏଚ୍ ବ୍ୟାଟେରି ପ୍ୟାକ୍ ଓ ୪.୫ କେଡବ୍ଲ୍ୟୁ ହବ୍ ମୋଟର ଦ୍ୱାରା ପରିଚାଳିତ ଏସ୍‌୧ ଏୟାରର ଓଜନ ମାତ୍ର ୯୯ କେଜି ରହିଛି। ଏହା ଘଣ୍ଟା ପ୍ରତି ୮୫ କି.ମି. ଘଣ୍ଟା'ର ଟପ୍ ସ୍ପିଡ୍ ପ୍ରଦାନ କରୁଛି ଓ କେବଳ ୪.୩ ସେକେଣ୍ଡରେ ୦ରୁ ୪୦ ବେଗରେ ଗତି କରିପାରୁଛି। ଏହା ଇକୋ ମୋଡ୍‌ରେ ୧୦୦ କି.ମି.ର ଏକ ଆଇଡିସି ରେଞ୍ଜ ସହ ଆସୁଛି। ସେହିଭଳି ନୂଆ ଏସ୍‌୧ ଏୟାର ଏକ ୨ ଟୋନ୍ ବଡି କଲର ସ୍କିମ୍ ସହ ଏକ ରିଫ୍ରେଶିଂ ଡିଜାଇନ୍ ଟ୍ୱିଷ୍ଟ ହାସଲ କରିଛି। ଅପରପକ୍ଷରେ ଏହି ମଡେଲ ୫ଟି ରଙ୍ଗରେ ଉପଲବ୍ଧ ହେଉଛି। ଓଲା ଏସ୍‌୧ ଏୟାର ପାଇଁ ପର୍‌ଚେଜ୍ ୱିଣ୍ଡୋ ଫେବୃୟାରୀ ୨୦୨୩ ପର୍ଯ୍ୟନ୍ତ ଖୋଲା ରହିବ ଏବଂ ଆସନ୍ତା ବର୍ଷ ଏପ୍ରିଲ ପହିଲାରୁ ଡେଲିଭରି ଆରମ୍ଭ ହେବ। ଏ ସମ୍ପର୍କରେ ଓଲାର ପ୍ରତିଷ୍ଠାତା ଓ ସିଇଓ ଭାବିଶ ଅଗ୍ରୱାଲ କହିଛନ୍ତି, ଓଲା ଏସ୍‌୧ ଏୟାରର ଶୁଭାରମ୍ଭ ସହ ଆମେ ବହୁ ଖୁସି ଅଛୁ। ସେହିଭଳି ଏହାକୁ ଏକ ନୂଆ ମୁଭ୍‌ଓଏସ୍ ଫିଚରଗୁଡ଼ିକ ସହ ଦୈନନ୍ଦିନ ସ୍କୁଟରକୁ କେବଳ ଫଙ୍କସନାଲ ହେବାଠାରୁ ଏକ ବିଳାସପୂର୍ଣ୍ଣ ଓ ଟେକ୍ନୋଲୋଜି ଦୃଷ୍ଟିରୁ ଅତ୍ୟାଧୁନିକ ଉତ୍ପାଦରେ ରୂପାନ୍ତର କରିଛୁ। ଭାରତର ସମସ୍ତ ୨ଚକିଆ ଯାନକୁ ୨୦୨୫ ସୁଦ୍ଧା ଇଲେକ୍‌ଟ୍ରିକ୍ କରିବା ସୁନିଶ୍ଚିତ ନେଇ ଆମର ଲକ୍ଷ୍ୟ ଠିକ୍ ଦିଗରେ ଆଗକୁ ବଢୁଛି।

## ଖସିଲା ବଜାର କାରବାର

ନୂଆଦିଲ୍ଲୀ,୨୫।୧୦

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନର ପ୍ରଭାବ ଶେୟାର ବଜାର କାରବାର ଉପରେ ପଡ଼ିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଏକ ପ୍ରକାର ଅସ୍ଥିରତା ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୨ୟ ଦିନର ବଜାର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ୨୮୮ (୨୮୭.୭୦) ପଏଣ୍ଟ ଖସି ୫୯,୫୪୪ (୫୯,୫୪୩.୯୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ ୭୪ (୭୪.୪୦) ପଏଣ୍ଟ ହ୍ରାସ ଘଟି ୧୭,୬୫୬ (୧୭,୬୫୬.୩୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ଦଲାଲ ଷ୍ଟ୍ରିଟ୍‌ରେ ବ୍ୟାଙ୍କ, ଆଇଟି, ଏଫ୍‌ଏମ୍‌ସିଜି ଏବଂ ଅଟୋଶିଳ୍ପ ଓ ମେଟାଲ ଭଳି କ୍ଷେତ୍ରର ନିବେଶକଙ୍କ ପାଇଁ ବଜାର ଫଳାଫଳ ତଳମୁହାଁ ରହିଥିଲା।

## ଶିବ ନାଦାରଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

ନୂଆଦିଲ୍ଲୀ,୨୫।୧୦

ଅନ୍ତଃରାଷ୍ଟ୍ରୀୟ ସାମାଜିକ ଅନୁଷ୍ଠାନ ୟୁଏସ୍-ଇଣ୍ଡିଆ ଷ୍ଟ୍ରାଟେଜିକ୍ ପାର୍ଟନରଶିପ୍ ଫୋରମ୍ (ୟୁଏସ୍‌ଆଇଏସ୍‌ପିଏଫ୍) ପକ୍ଷରୁ ଏଚ୍‌ସିଏଲ୍ ଏବଂ ଶିବ ନାଦାର ଫାଉଣ୍ଡେଶନର ପ୍ରତିଷ୍ଠାତା ଶିବ ନାଦାରଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ବିଶେଷକରି ୟୁଏସ୍‌ଆଇଏସ୍‌ପିଏଫ୍ ହେଉଛି ଏକ ବାଇଲାଟେରାଲ୍ ଅଣ-ଲାଭଜନକ ଅନୁଷ୍ଠାନ, ଯାହାକି ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ କୌଶଳଗତ ସମ୍ପର୍କର ନିର୍ମାଣ କରିବାରେ ଧ୍ୟାନ ଦେଉଛି। ଉକ୍ତ ଅନୁଷ୍ଠାନ ନିକଟରେ ଏଚ୍‌ସିଏଲ୍ ଏବଂ ଶିବ ନାଦାର ଫାଉଣ୍ଡେଶନର ପ୍ରତିଷ୍ଠାତା ଶିବ ନାଦାରଙ୍କୁ ପ୍ରଯୁକ୍ତି ଉଦ୍ୟୋଗ କ୍ଷେତ୍ର ଓ ଲୋକ ଉପକାର କ୍ଷେତ୍ରରେ ତାଙ୍କର ବଳିଷ୍ଠ ଅବଦାନ ପାଇଁ ୟୁଏସ୍‌ଆଇଏସ୍‌ପିଏଫ୍ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ସମ୍ମାନରେ ସମ୍ମାନିତ କରିଛି। ତାଙ୍କର ଏହି ଜନମଙ୍ଗଳକାରୀ ପଦକ୍ଷେପ ମାଧ୍ୟମରେ ଅନେକ ପିଲା ଶିକ୍ଷାର ସୁଯୋଗ ପାଇପାରିଛନ୍ତି। ଏ ସମ୍ପର୍କରେ ଶିବ ନାଦାର କହିଛନ୍ତି, ଏହି ପୁରସ୍କାର ଗ୍ରହଣ କରିବାର ସୁଯୋଗ ମିଳିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଏଚ୍‌ସିଏଲ୍ ଟେକ୍ ହେଉଛି ବିଶ୍ୱର ଟପ୍ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏହା ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛି। ସେହିଭଳି ୟୁଏସ୍‌ଆଇଏସ୍‌ପିଏଫ୍‌ର ସଭାପତି ତଥା ସିଇଓ ଡା. ମୁକେଶ ଅଘି କହିଛନ୍ତି,ଏଚ୍‌ସିଏଲ୍ ଗ୍ରୁପ୍‌ର ଅଭିନବ କାର୍ଯ୍ୟ ଯୋଗୁ ଉଭୟ ୟୁଏସ୍ ଓ ଭାରତରେ ଅନେକ ସମନ୍ୱିତ ବିକାଶ ଏବଂ ସାମାଜିକ ଉନ୍ନତି ସମ୍ଭବ ହୋଇପାରିଛି।

## ଫୁର୍‌ସତ

# ବିଶ୍ୱର ସବୁଠୁ ଅପରିଚ୍ଛନ୍ନ ବ୍ୟକ୍ତିଙ୍କ ବିୟୋଗ

ତେହେରାନ୍



### ମୃତ୍ୟୁର କିଛିମାସ ପୂର୍ବରୁ ଗାଧୋଇଥିଲେ

ସୁସ୍ଥ ଶରୀର ପାଇଁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହିବା ନିହାତି ଦରକାର। ଏଥିଲାଗି ନିୟମିତ ଗାଧୋଇବା ଜରୁରୀ। କିନ୍ତୁ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଗାଧୋଇବାକୁ ଭଲ ପାଆନ୍ତି ନାହିଁ। ଇରାନ୍‌ର ଆମୋଉ ହାଜି, ଯେ ବିଶ୍ୱର ସବୁଠାରୁ ଅପରିଷ୍କାର ଲୋକ ଭାବେ ଜଣାଯାନ୍ତି ୯୪ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି। ମାସେ କି ଦୁଇମାସ ନୁହେଁ, ୫୦ ବର୍ଷରୁ ଅଧିକ ଦିନ ପର୍ଯ୍ୟନ୍ତ ସେ ଅଗାଧୁଆ ରହିଛନ୍ତି। ଇରାନ୍‌ର ଦକ୍ଷିଣାଞ୍ଚଳରେ ଥିବା ଦେଜ୍‌ଗାନ୍‌ରେ ଆମୋଉଙ୍କ ଘର। ଅସୁସ୍ଥ ହୋଇ ପଡ଼ିବା ଡରରେ ସେ ଗାଧୋଉ ନଥିଲେ। କିନ୍ତୁ ମୃତ୍ୟୁ ହେବାର କିଛିମାସ ପୂର୍ବରୁ ଗ୍ରାମବାସୀ ତାଙ୍କୁ ଗାଧୋଇ ଦେଇଥିବା ସ୍ଥାନୀୟ ଗଣମାଧ୍ୟମ ଇରନା ନ୍ୟୁଜ୍‌ରେ ଖବର ପ୍ରକାଶ ପାଇଛି।

ହାଜିଙ୍କ ଜୀବନଶୈଳୀ ଥିଲା ସାଧାରଣ ଲୋକଙ୍କଠାରୁ ଭିନ୍ନ। ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ପଶୁଙ୍କୁ ଖାଉଥିଲେ ହାଜି। ସେହିପରି ଧୂମପାନ ପ୍ରତି ତାଙ୍କର ଅଧିକ ରୁଚି ଥିବାବେଳେ ପଶୁଙ୍କ ମଳକୁ ଏକ ପାଇପ୍‌ରେ ଭର୍ତ୍ତି କରି ସେ ସିଗାରେଟ୍ ଭଳି ଟାଣୁଥିବା ମଧ ଅନେକ ସମୟରେ ଦେଖିବାକୁ ମିଳିଛି। ତେବେ ୨୦୧୩ରେ 'ଦ ଷ୍ଟ୍ରେଞ୍ଜ୍ ଲାଇଫ୍ ଅଫ୍ ଆମୋଉ ହାଜି' ନାମରେ ଏକ ଡକ୍ୟୁମେଣ୍ଟ ତିଆରି କରାଯାଇଥିଲା।

ଭାରତର ପବିତ୍ର ସହର ବାରାଣସୀରେ ରହୁଥିବା କୈଳାସ ସିଂ (କାଲୁଆ) ଦୀର୍ଘ ୩୦ ବର୍ଷ ଧରି ଗାଧୋଇ ନାହାନ୍ତି। ତେବେ ଦେଶର ସମସ୍ତ ଅସୁବିଧା ଦୂର କରିବା ଉଦ୍ଦେଶ୍ୟରେ କାଲୁଆ ନ ଗାଧୋଇବାର ପ୍ରତିଜ୍ଞା ନେଇଛନ୍ତି। ପାଣି ବ୍ୟତୀତ ନିଆଁରେ ଗାଧୋଇବା ଦ୍ୱାରା ତାଙ୍କ ଶରୀରରେ ଥିବା ସମସ୍ତ ଜୀବାଣୁ ମରିଯିବେ ବୋଲି କାଲୁଆ କୁହନ୍ତି। ପ୍ରତ୍ୟେକଦିନ ସନ୍ଧ୍ୟାରେ କାଲୁଆଙ୍କ ପାଖରେ ଗ୍ରାମବାସୀ ରୁଣ୍ଡ ହୋଇଥାନ୍ତି। ଅଗ୍ନିସ୍ନାନ ପାଇଁ ସେ ସନ୍ଧ୍ୟାରେ ନିଆଁ ଜାଳିବା ସହ ଗଞ୍ଜେଇ ପିଇ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ ମହାଦେବଙ୍କୁ ଧ୍ୟାନ କରନ୍ତି।

## ଅନେକ ଭୁଲ୍ ନିଷ୍ପତ୍ତି ନେଇଛନ୍ତି ରାଧିକା



**ମୁମ୍ବାଇ:** କ୍ୟାରିୟର୍‌ରେ ବହୁ ଭୁଲ୍ ନିଷ୍ପତ୍ତି ନେଇଥିବା କହିଛନ୍ତି ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍‌ଟେ। ୨୦୧୦ରେ ଫିଲ୍ମ ନିର୍ଦ୍ଦେଶକ ରାମ ଗୋପାଳ ବର୍ମାଙ୍କ ଚଳଚ୍ଚିତ୍ର 'ରକ୍ତ ଚରିତ୍ର'ରେ କାମ କରିବା ତାଙ୍କ ଜୀବନର ବଡ଼ ଭୁଲ ବୋଲି ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି। ଫିଲ୍ମରେ କାମ କରିବା ପୂର୍ବରୁ ସେ ରାମ ଗୋପାଳ ବର୍ମାଙ୍କ ବଡ଼ ପ୍ରଶଂସକ ଥିଲେ। କିନ୍ତୁ ତାଙ୍କ ସହ କାମ କରିବା ପରେ ତାଙ୍କଠାରୁ ନିଜ ପାଇଁ ସେତିକି ସମ୍ମାନ ଓ ଉତ୍ତମ ବ୍ୟବହାର ପାଇ ନ ଥିଲେ। ଏପରି ଭାବେ ସେ ନିଜ କ୍ୟାରିୟର୍‌ରେ ଅନେକ ଭୁଲ୍ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ଶେଷ ଥର ପାଇଁ ଫିଲ୍ମ 'ବିକ୍ରମ ବେଦା'ରେ ରାଧିକା ଦେଖାଯାଇଥିଲେ। ଏଥିରେ ସେ ଜଣେ ଓକିଲ ଭୂମିକାରେ ନଜରକୁ ଆସିଥିଲେ।



ମାଲିକଙ୍କ ପ୍ରତି ପୋଷା କୁକୁରର ଥିବା ନିଷ୍ଠାପରଭାବକୁ ଦର୍ଶାଇବା ପାଇଁ ନେପାଳରେ 'କୁକୁର ତିହାର' ପାଳନ କରାଯାଏ। ଲଳିତପୁରରେ ଥିବା କୁକୁର ଆଶ୍ରୟସ୍ଥଳୀରେ ସୋମବାର ଆୟୋଜନ କାର୍ଯ୍ୟକ୍ରମରେ ବହୁ ଲୋକ ସାମିଲ ହୋଇଥିଲେ। ଏ ଅବସରରେ କୁକୁରଙ୍କୁ ଫୁଲମାଳ, ସିନ୍ଦୂର ଦେଇ ପୂଜା କରାଯାଏ।

## ଆଖି ଭିତରୁ ଡୋଳା ବାହାର କରି ରେକର୍ଡ



**ବ୍ରାସିଲିଆ:** ପ୍ରତ୍ୟେକ ଲୋକଙ୍କ ପାଖରେ କିଛି ନା କିଛି ଅନ୍ତର୍ନିହିତ ଗୁଣ ରହିଛି। ଅନେକ ଲୋକ ବିସ୍ମୟ କଳାଭଳି ପ୍ରତିଭା ପ୍ରଦର୍ଶନ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ ମଧ ହାତେଇଛନ୍ତି। ସେହିପରି ବ୍ରାଜିଲ୍‌ର ସିଡନି ଡେ କାର୍‌ଭାଲହୋ ମେସ୍‌କ୍ୱିଟା ନିଜ ଆଖି ଭିତରୁ (ଆଇ ଶଟର୍) ଡୋଳାକୁ ୧୮.୨ ଏମ୍.ଏମ୍ (୦.୭୧ ଇଞ୍ଚ) ବାହାରକରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ସେ ଟିଓ ଟିକୋ ଭାବେ ବେଶ୍ ଜଣାଶୁଣା। ମାତ୍ର ୯ ବର୍ଷ ବୟସରେ ଟିଓ ତାଙ୍କର ଏହି ବିରଳ ପ୍ରତିଭା ବିଷୟରେ ଜାଣିବାକୁ ପାଇଥିଲେ। ପିଲାବେଳେ ସାଙ୍ଗ ଓ ପରିବାର ସଦସ୍ୟଙ୍କ ସହ ଏକାଠି ଥିବାବେଳେ ହସଖୁସି ମାହୋଲରେ ଟିଓ ବିକୃତ ମୁହଁ କରି ପରିବାରର ମନୋରଞ୍ଜନ କରନ୍ତି। ଏମିତି କରୁ କରୁ ସେ ଦିନେ ଆଖି ଡୋଳାକୁ ବାହାରକୁ ବାହାର କରିଦେଲେ, ଯାହା ସାଧାରଣ ଲୋକଙ୍କ ପକ୍ଷେ ସହଜ ନ ଥିଲା। ଏହା ଦେଖି ପରିବାର ଲୋକେ ତାଙ୍କୁ ଖୁବ୍ ପ୍ରଶଂସା କରିଥିଲେ। ଏହା ପରେ ସେ ଗିନିଜ୍ ୱାର୍ଲ୍ଡରେକର୍ଡ ପାଇଁ ପ୍ରୟାସ କରିଥିଲେ। ୨୦ରୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଟିଓ ଆଖିଡୋଳାକୁ ବାହାରକରି ରଖିପାରିବେ। ତେବେ ଏହା କରିସାରିବାର କିଛି ସେକେଣ୍ଡ ପର୍ଯ୍ୟନ୍ତ ତାଙ୍କୁ ଦେଖାଯାଉ ନ ଥିବା ଟିଓ କହିଛନ୍ତି। କିନ୍ତୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମକୁ ସାମିଲ କରିବା ପରେ ସେ ବେଶ୍ ଖୁସି ଥିବା କହିଛନ୍ତି। ଟିଓ 'ଗ୍ଲୋବ୍ ଲୁକ୍ସାଶନ୍'ରୋଗରେ ପୀଡ଼ିତ। ରୋଗର ଲକ୍ଷଣ ଅନୁସାରେ ଅପ୍ରାକୃତିକ ଭାବେ ଆଖି ଭିତରୁ ଡୋଳା ବାହାରି ଆସିଥାଏ। ଏହି ବିରଳ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଆଖି ଡୋଳା ଅପ୍ଟିକାଲ ନର୍ଭରୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ବିଚ୍ୟୁତ ହୋଇଥାଏ ବୋଲି ଗୁରୁଗ୍ରାମ ପାରସ ହସ୍ପିଟାଲର ଡା. ଋଷି ଭରଦ୍ୱାଜ କହିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ, ପିଏମ୍‌ଜି ଛକ ନିକଟସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଓଡ଼ିଶା ରାଜ୍ୟସ୍ତରୀୟ ବିଜ୍ଞାନ ଡ୍ରାମା, ରିଜିଓନାଲ ସାଇନ୍ସ ସେଣ୍ଟର ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା।
- ଆରାଧ୍ୟା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୋଟିପୁଅ ଉତ୍ସବ ଓ ସେମିନାର, ଭଞ୍ଜକଳା ମଣ୍ଡପ, ସେମିନାର- ପୂର୍ବାହ୍ନ ୧୦ଟା, ଉତ୍ସବ- ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ଏନ୍‌ଭାଇରନମେଣ୍ଟାଲ ସୋସାଇଟିର ୪୧ତମ ପ୍ରତିଷ୍ଠା ଦିବସ, ଓଇଏସ୍ ପ୍ରେମିସେସ୍, ପୂର୍ବାହ୍ନ ୧୧ଟା।
- ପରିଚୟ- ଜାତୀୟ ଜନଜାତି ଉତ୍ସବ, ସ୍ୱାବଲମ୍ବନ ଆଦିବାସୀ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା।
- ସୁରେଶ ବଳବନ୍ତରାୟ ଫାଉଣ୍ଡେଶନ ପକ୍ଷରୁ ବଳବନ୍ତରାୟଙ୍କ ଜୟନ୍ତୀ ଉପଲକ୍ଷେ 'ସୁରେଶ ସମାବେଶ', ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ୪୩ତମ ଶାରଳା ପୁରସ୍କାର ଉତ୍ସବ, ମେ' ଫେୟାର କନ୍‌ଭେନ୍‌ଶନ ହଲ୍, ସନ୍ଧ୍ୟା ୬ଟା ୩୦।
- ଦକ୍ଷିଣକାଳୀଙ୍କ ପୀଠରେ ୪୩ତମ ମହାକାଳୀ ପୂଜା, ବିଶ୍ୱଶାନ୍ତି ମହାଯଜ୍ଞ, ଭଜନ ସମାରୋହ, ରାତି ୮ଟା।

**କଟକ**

- ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ଅବସରରେ ଆଲୋଚନା ସଭା, ଶ୍ରୀରାମଚନ୍ଦ୍ର ଭବନ, ସକାଳ ୮ଟା ୩୦।
- ଭାଜପା କଟକ ନଗର ପକ୍ଷରୁ ଦୀପଦାନ ଓ ସାମୂହିକ ପ୍ରାର୍ଥନା, କଟକ ଚଣ୍ଡୀ ମନ୍ଦିର, ପୂର୍ବାହ୍ନ ୯ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।

**ତିଗିରିଆ**

- ଡି.ଏମ୍. ମ୍ୟୁଜିକର(ବଣମଲ୍ଲୀର ଆସର) ବାର୍ଷିକ ଉତ୍ସବ, ରାଜବାଟୀ, ନିଜିଗଡ଼, ଅପରାହ୍ନ ୪ଟା।
- ପୁରୁଣା ତିଗିରିଆ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା, ଚଷାଆଁରା ଶିବ ମନ୍ଦିରରୁ ଆରମ୍ଭ, ପୂର୍ବାହ୍ନ ୧୦ଟା।

# ଓଭରବ୍ରିଜ୍‌କୁ ବିପଦ ଗଛ

## ତୁରନ୍ତ ସମାଧାନ ଜରୁରୀ

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରର ଅନେକ ସ୍ଥାନର ଉନ୍ନତୀକରଣ ପାଇଁ ବଡ଼ ବଡ଼ ଗଛ କାଟି ପଦା କରିଦିଆଯାଉଛି। ହେଲେ ଯେଉଁ ସ୍ଥାନରେ ଗଛ ନ ଉଠିବା କଥା ସେଠାରେ ଉଠୁଥିଲେ ସୁଦ୍ଧା ଏହା ଉପରେ କାହାର ନଜର ପଡୁନାହିଁ। ଓଭରବ୍ରିଜ୍‌ର କାନ୍ଥରେ ବରଗଛ, କଦମ୍ବ ଓ ଅଶ୍ୱତ୍ଥ ଆଦି ଗଛ ଉଠିବାରେ ଲାଗିଲାଣି। ରାଜଧାନୀର ଜୟଦେବ ବିହାର, ରାଜମହଲ ଛକ, ବରମୁଣ୍ଡା ଆଦି ସ୍ଥାନରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟ ଓଭରବ୍ରିଜ୍‌ରେ ଏହା ଆଖିଦୃଶିଆ ଭାବେ ବଢ଼ିବାରେ ଲାଗିଛି। ଓଭରବ୍ରିଜ୍‌ର ଉଭୟ ପାର୍ଶ୍ୱରେ ଏହି ଗଛଗୁଡ଼ିକ ବଢ଼ିବାରେ ଲାଗିଛି। ବର, ଅଶ୍ୱତ୍ଥ ଭଳି ବୃକ୍ଷ ୧୫ଫୁଟରୁ ଅଧିକ ଉଚ୍ଚା ହେବା ସହ ଝଙ୍କାଳିଆ ହେବାରେ ଲାଗିଛି। ତେବେ ଏହି ଗଛଗୁଡ଼ିକ ଛୋଟଥିବା ପରିସ୍ଥିତିରୁ ସଫା କରା ନ ଗଲେ ଆଗାମୀ ଦିନରେ ଓଭର ବ୍ରିଜରେ ଫାଟ ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି। ଓଭରବ୍ରିଜରେ ଏପରି ଗଛ ଉଠିବା ଯଦିଓ ପ୍ରାକୃତିକ ପ୍ରକ୍ରିୟା ତେବେ ଓଭରବ୍ରିଜକୁ ଅଧିକ ଦିନ ସୁରକ୍ଷିତ ଓ କାର୍ଯ୍ୟକ୍ଷମ ରଖିବା ପାଇଁ ଏହି ଛୋଟ ଛୋଟ କାରକ ଉପରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏନେଇ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ଅଧିକାରୀ ରାମନାଥ ପଣ୍ଡାଙ୍କୁ ପଚରାଯିବାରେ ବରମୁଣ୍ଡା ସର୍ଭିସ୍ ରୋଡ୍ ମରାମତି ସମୟରେ ଉକ୍ତ ବୃକ୍ଷଗୁଡ଼ିକୁ ସଫା କରାଯିବା ସହ ଅନ୍ୟାନ୍ୟ ସ୍ଥାନର ତଦାରଖ କରାଯିବ ବୋଲି କହିଛନ୍ତି।



ବରମୁଣ୍ଡା ବସ୍‌ଷ୍ଟାଣ୍ଡ ସମ୍ମୁଖ ଓଭରବ୍ରିଜ୍ କାନ୍ଥରେ ଉଠିଥିବା ଗଛ।

### ସେମାନଙ୍କ ମତରେ...



ଅନେକ ସମୟରେ ଓଭରବ୍ରିଜ୍ ଉପରେ ଏପରି ଗଛ ଉଠୁଛି । ଯେଉଁଗୁଡ଼ିକ ଶିଶୁଗଛବେଳୁ ଉପାଡ଼ି ଦିଆଯିବା ଆବଶ୍ୟକ। ଏନ୍‌ଏଚ୍‌ଏଆଇ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଛୋଟ କଥା ଭାବି ଏହାକୁ ଅଣଦେଖା କଲେ ଏହା ବଡ଼ ବିପଦ ସୃଷ୍ଟି କରିପାରେ। ଗଛ ଯେତେ ବଡ଼ ହେବ ସେହି ଅନୁରୂପ ଚେର ମଧ ମୋଟା ହେବ ଯାହା ନିଶ୍ଚିତ ଭାବେ ନିର୍ମାଣ କାର୍ଯ୍ୟ ଉପରେ ବିପଦ ସୃଷ୍ଟି କରିବ। ଯେଉଁ ଅଧିକାରୀ ରକ୍ଷଣାବେକ୍ଷଣା ଦାୟିତ୍ୱରେ ଅଛନ୍ତି ସେମାନେ ଧ୍ୟାନଦେବା ଉଚିତ୍। ତେବେ କେବଳ ଫ୍ଲାଏଓଭର କାହିଁକି ସହରର ଅନେକ ବାସଗୃହରେ ମଧ ଏପରି ଗଛ ଉଠି ବଢ଼ିବାକୁ ଲାଗିଥାଏ। ତେଣୁ ନିୟମିତ ଏହାର ତଦାରଖ କରିବା ଉଚିତ।

**- ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**



ଓଭରବ୍ରିଜ୍‌ରେ ଗଛ ଉଠି ଏତେ ବଡ଼ ବଡ଼ ହେବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହାର ଅର୍ଥ ଜାଣିଜାଣି ବିପଦକୁ ଆମନ୍ତ୍ରଣ କରିବା। ବେଳହୁଁ ପଦକ୍ଷେପ ନ ନେଲେ କେତେବେଳେ ବି ଓଭର ବ୍ରିଜରେ ଫାଟ ସୃଷ୍ଟି ହୋଇ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏପରି କି ଭାରିଯାନ ଯାତାୟାତ ସମୟରେ ଅଘଟଣ ଘଟିପାରେ। ତେଣୁ ଛୋଟ ସମସ୍ୟା ଭାବି ଏହାକୁ ଅଣଦେଖା ନକରିବା ଉଚିତ।

**- ସୁଶାନ୍ତ କୁମାର ସାହୁ, ପରିବେଶବିତ୍**



ସହରରେ ସବୁଜିମା ସୃଷ୍ଟିପାଇଁ ବୃକ୍ଷରୋପଣର ଆବଶ୍ୟକତା ରହିଛି। ତେବେ ଯେଉଁ ସ୍ଥାନରେ ବୃକ୍ଷ ବଢ଼ିଲେ ପରିବେଶ ପ୍ରତି ବିପଦ ସୃଷ୍ଟି କରିବ ସେ ସ୍ଥାନରୁ ସମୟ ପୂର୍ବରୁ ବୃକ୍ଷ ଛେଦନ ଜରୁରୀ। ଓଭରବ୍ରିଜ୍‌ର ବିଭିନ୍ନ ସ୍ଥାନରେ ଉଠୁଥିବା ଗଛଗୁଡ଼ିକୁ ଛୋଟ ସମୟରୁ କାଟିଦେଲେ ଏହା ସ୍ୱଳ୍ପ ବ୍ୟୟରେ ହୋଇପାରିବ। ନଚେତ୍ ଏଥିପାଇଁ ପରବର୍ତ୍ତୀ ସମୟରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଉଚିତ୍।

**- ସୁରେଶ କୁମାର ପଣ୍ଡା, ଅଞ୍ଚଳବାସୀ**

### ମାଇକ୍ରୋସ୍କୋପିକ୍ ଫାଟ କ'ଣ?



ଏତେ ଉଚ୍ଚତାରେ ବିନା ପାଣି ଓ ମାଟିରେ କିପରି ଗଛ ଉଠିଥାଏ ଏବଂ ବଢ଼ିଥାଏ ସେନେଇ ଅନେକଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଥାଏ। ସାଧାରଣତଃ ପବନ, ପକ୍ଷୀ କିମ୍ବା ଅନ୍ୟାନ୍ୟ କୀଟପତଙ୍ଗଙ୍କ ମାଧମରେ ଏପରି ସ୍ଥାନରେ ଗଛ ଉଠିଥାଏ। ଏହି ସବୁ କାରକ ମାଧ୍ୟମରେ ମହାଦ୍ରୁମଗୁଡ଼ିକର ମଞ୍ଜି ଏତେ ଉଚ୍ଚସ୍ଥାନରେ ପହଞ୍ଚିଥାଏ। ବର୍ଷାଦିନରେ ଲଗାଣବର୍ଷା ଫଳରେ ଏହି ମଞ୍ଜି ଅଙ୍କୁରୋଦ୍ଗମ୍ କରିଥାଏ। ଏହା ଓଭରବ୍ରିଜ୍ ଫାଙ୍କରେ ଜମି ରହିଥିବା ପାଣି ଓ ମାଟିରୁ ପୋଷଣ ଗ୍ରହଣ କରି ବଢ଼ିଥାନ୍ତି। ତେବେ ଓଭରବ୍ରିଜରେ ଏମିତି ଅନେକ ଫାଟ ଥାଏ ଯାହାକୁ ମାଇକ୍ରୋସ୍କୋପିକ୍ ଫାଟ କୁହାଯାଏ। ଏହା ଜରିଆରେ ଚେର ଓଭର ବ୍ରିଜ୍‌ର ମଝିଭାଗକୁ ସହଜରେ ଯାଇପାରେ ଓଭରବ୍ରିଜ୍ ଭିତରକୁ ଚେର ଥରେ ପ୍ରବେଶ କରିବା ପରେ ଏହା ମଧ୍ୟରେ ଭର୍ତ୍ତି କରାଯାଇଥିବା ବାଲି ସଂସ୍ପର୍ଶରେ ଆସିଥାଏ। ଏଥିରେ ଜଳ ସଞ୍ଚିତ ହୋଇ ରହିଥାଏ। ତେଣୁ ଗଛ ଅନାୟାସରେ ବଢ଼ିବାକୁ ଲାଗିବା ସହ ଓଭରବ୍ରିଜ୍ ଏବଂ ଏହାର କାନ୍ଥକୁ ଫଟାଇ ଦେଇଥାଏ।

## ଆଜିଠୁ ଜାତୀୟ ଆଦିବାସୀ ମହୋତ୍ସବ

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ):** ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ବୁଧବାରଠାରୁ ଜାତୀୟ ଆଦିବାସୀ ମହୋତ୍ସବ ଆରମ୍ଭ ହେବ। ଏହା ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସା' ପରିଚୟ ଫାଉଣ୍ଡେଶନ ପକ୍ଷରୁ ଆୟୋଜନ ହେବାକୁ ଯାଉଥିବା ଏହି ଆଦିବାସୀ ମହୋତ୍ସବରେ ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ୧୧ଟି ଜିଲାରୁ ବିଭିନ୍ନ ଜନଜାତି ଯୋଗଦେଇ ସେମାନଙ୍କର କଳା, ସଂସ୍କୃତିକୁ ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶନ କରିବେ। ସେହିପରି ଆଦିବାସୀ କଳା, ସଂସ୍କୃତି, ଖାଦ୍ୟ, ହସ୍ତଶିଳ୍ପ, ଗହଣା ଓ ବୟନଶିଳ୍ପ ସାମଗ୍ରୀ ପ୍ରଭୃତି ପ୍ରଦର୍ଶନ କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ ହେବ। କାର୍ଯ୍ୟକ୍ରମରେ ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାୟକ ଅନନ୍ତ ନାରାୟଣ ଜେନା, ଫାଉଣ୍ଡେଶନର ସଭାପତି ତଥା କଟକ ମେୟର ସୁବାସ ସିଂ, ଉପସଭାପତି ଅଶୋକ କୁମାର ପାଙ୍ଗୀ, ସମ୍ପାଦକ ଶୁଭାଶିଷ ଦାସ, ଉପଦେଷ୍ଟା ହୃଦୟ ରଞ୍ଜନ ବେହେରା, କ୍ଷୀରୋଦ ଚରଣ ଦାସ ପ୍ରମୁଖ ଉପସ୍ଥିତ ରହିବେ। ଏହି ଅବସରରେ ଏକ ସ୍ୱତନ୍ତ୍ର ଆଦିବାସୀ ଫଟୋ ପ୍ରଦର୍ଶନୀ ଓ ଆଦିବାସୀ ଚିତ୍ର କର୍ମଶାଳା ଆୟୋଜନ କରାଯିବ ବୋଲି ଫାଉଣ୍ଡେଶନର ଗଣମାଧମ ସଂଯୋଜକ ଆଶିଷ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

# ରାଜ୍ୟ ଗ୍ରନ୍ଥାଗାର ଉପରେ ସ୍ୱତନ୍ତ୍ର ଡାକ ଲଫାପା



ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଉପରେ ପ୍ରକାଶିତ ସ୍ୱତନ୍ତ୍ର ଡାକ ଲଫାପାକୁ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏବଂ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଉନ୍ମୋଚନ କଲେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ବର୍ତ୍ତମାନ ଡିଜିଟାଲ ଯୁଗରେ ଛାତ୍ରୀଛାତ୍ରମାନେ ମୋବାଇଲ ଫୋନ୍ ଓ କମ୍ପ୍ୟୁଟର ମାଧ୍ୟମରେ ବହି ପଢ଼ିବାକୁ ପସନ୍ଦ କରୁଥିଲେ ମଧ ପାଠାଗାରର ଆଦୃତି ସବୁବେଳେ ରହିଛି। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମେତ ରାଜ୍ୟ ତଥା ଦେଶର ରାଜନୈତିକ କ୍ଷେତ୍ର ଓ ସାରସ୍ୱତ ସୃଷ୍ଟି ଦିଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ଅତୁଳନୀୟ ଅବଦାନ ରହିଥିଲା। ତାଙ୍କ ନାମରେ ସ୍ଥାପିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଆଜି ଅଗ୍ରଣୀ ପାଠାଗାର ଭାବେ ପାଠିକା ପାଠକ, ଗବେଷକଙ୍କ ପାଇଁ ପ୍ରମୁଖ ଅବଲମ୍ବନ ହୋଇଛି। ଏହି ପାଠାଗାର ନାମରେ ସ୍ୱତନ୍ତ୍ର ଲଫାପା ପ୍ରକାଶନ ପାଠାଗାର ଅବଦାନକୁ ସ୍ମରଣୀୟ କରିବ ବୋଲି ମଙ୍ଗଳବାର ରାଜ୍ୟ ଗ୍ରନ୍ଥାଗାର ଉପରେ ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚନ କରି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଉପସ୍ଥିତ ରହି ଏହି ପାଠାଗାରରେ ଏବେ ୧ଲକ୍ଷ ୬୦ ହଜାର ବହି ଉପଲବ୍ଧ ରହିଥିବା ଓ ସେସବୁକୁ କମ୍ପ୍ୟୁଟରୀକରଣ କାର୍ଯ୍ୟ ଜାରି ରହିଥିବା କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଗ୍ରନ୍ଥାଗାର ନାମରେ ପ୍ରକାଶ ପାଇଥିବା ସ୍ମରଣିକା ଅନୁଷ୍ଠାନର ମହନୀୟତା ଓ ଗରିମାକୁ ଜାତୀୟସ୍ତରରେ ପ୍ରତିଷ୍ଠିତ କରିବ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଡାକ ବିଭାଗର ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ବାରିକ, ଡାକ ବିଭାଗ ଓ ରାଜ୍ୟ ଗ୍ରନ୍ଥାଗାରର ଅଧିକାରୀ ଓ କର୍ମଚାରୀଙ୍କ ସମେତ ପ୍ରତିଷ୍ଠିତ ଫିଲାଟେଲିଷ୍ଟମାନେ ଉପସ୍ଥିତ ଥିଲେ। ବିଭାଗର ଅନୁସଚିବ ତଥା ପାଠାଗାରର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଅରୁନ୍ଧତୀ ଦେବୀ ପାଇବେ ୨୦୨୨ ଦୟାନଦୀ ସମ୍ମାନ

**ବାଲକାଟୀ,୨୫।୧୦(ଡି.ଏନ୍.ଏ.)**

କଳିଙ୍ଗ ଯୁଦ୍ଧର ମୂକ ସାକ୍ଷୀ ପୁଣ୍ୟତୋୟା ଦୟାନଦୀରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ପକ୍ଷରୁ ଚଳିତବର୍ଷ ୧୧ଶ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ ପାଳନ ହେବ। ଏହି ଅବସରରେ ମଙ୍ଗଳବାର ସାମନ୍ତାରପୁରସ୍ଥିତ କାପୋକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହାର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ସୂଚନା ଦେଇଛନ୍ତି। ଉତ୍ସବରେ ଭୋର ୪ଟାରୁ କଣ୍ଠଶିଳ୍ପୀ ପଙ୍କଜ ଝାଲ ଓ ସାଥୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ। ପରେ ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ ଓ ଶଙ୍କର ପ୍ରଧାନ ବୋଇତ ବନ୍ଦାଣ ଉତ୍ସବରେ ହାସ୍ୟରସ ଉପସ୍ଥାପନା କରିବେ। ସେହିଭଳି ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କାପୋକ ପକ୍ଷରୁ ଚଳିତବର୍ଷ ପାଇଁ ଡ. ଅରୁନ୍ଧତୀ ଦେବୀଙ୍କୁ ୧୧ତମ ଦୟାନଦୀ ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଅନୁଷ୍ଠାନ ତରଫରୁ ସାଧବ ସାଧବାଣୀ ପ୍ରକୃତ ଡଙ୍ଗାରେ ନଦୀରେ ଭ୍ରମଣ କରି ଉତ୍କଳୀୟ ନୌବାଣିଜ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରାଯିବ। ଦୟାନଦୀକୁ ପ୍ରଦୂଷଣମୁକ୍ତ କରିବାକୁ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ କଦଳିପାଟୁକା ନିର୍ମିତ ଡଙ୍ଗା ବଣ୍ଟନ କରାଯିବ। ଏହି ଅବସରରେ କାର୍ଯ୍ୟକ୍ରମ ସ୍ଥଳରେ ଓଡ଼ିଶା ଖଦି ଓ ଗ୍ରାମ୍ୟୋଦ୍ୟୋଗ ବୋର୍ଡ ପକ୍ଷରୁ ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ର ଖୋଲାଯିବ। ବୋଇତ ବନ୍ଦାଣ ପରଦିନ ସକାଳ ୭ଟା ସମୟରେ ଅନୁଷ୍ଠାନ ପକ୍ଷରୁ ଶ୍ରମଦାନ ମାଧ୍ୟମରେ ଦୟାନଦୀ ଘାଟ ସଫେଇ କରାଯିବ। ଏହି ଶ୍ରମଦାନ କାର୍ଯ୍ୟକ୍ରମକୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭବାନୀ ଶଙ୍କର ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଚିନ୍ମୟ



@ ନିବେଦିତା



@ ରାଜେଶ



@ ସାକ୍ଷୀ



@ ସନ୍ତୋଷ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଥେଣ୍ଟପୁର ଗାଁରେ ଗୁଳିମାଡ଼, ଜଣେ ମୃତ

**ପୁରୀ ଅଫିସ,୨୫।୧୦**

ସୋମବାର ରାତିରେ ଚନ୍ଦନପୁର ଥାନା ଅନ୍ତର୍ଗତ ଥେଣ୍ଟପୁର ଭାର୍ଗବୀ ହାଇସ୍କୁଲ ନିକଟ ରାସ୍ତା ରକ୍ତରଞ୍ଜିତ ହୋଇଛି। ଜଣେ ଅଜଣା ଲୋକଙ୍କ ଗୁଳିମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଚନ୍ଦନପୁର ଥାନା ଦଶମାଣସାହିର ଶଙ୍କର ବେହେରା(୧୯)। ଗୁରୁତର ଜଣକ ହେଲେ ଥେଣ୍ଟପୁରର ନିଲୁ ବରାଳ(୨୫)। ଉଭୟଙ୍କୁ ପ୍ରଥମେ ଚନ୍ଦନପୁର ହସ୍ପିଟାଲ ପରେ ପୁରୀ ବଡ଼ ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଶଙ୍କରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ନିଲୁ ଏବେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୨୬୧/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଚନ୍ଦନପୁର ଥାନାଧିକାରିଣୀ ସୁମତି ମହାନ୍ତିଙ୍କ କହିବା ଅନୁସାରେ, ଉଭୟେ ଗାଁର ଶେଷମୁଣ୍ଡରେ ରାତି ୯ଟାରୁ ସାଢ଼େ ୯ଟା ମଧ୍ୟରେ ଛିଡ଼ା ହୋଇଥିଲେ। ହଠାତ୍ ଜଣେ ଲୋକ ଆସି ସେମାନଙ୍କ ଉପରକୁ ଅତର୍କିତ ଭାବେ ଗୁଳି ମାଡ଼ କରିଥିଲା। ନିଲୁଙ୍କ ଗୋଡ଼ରେ ଗୁଳି ବାଜି ଥିବାବେଳେ ଶଙ୍କରଙ୍କ ପେଟରେ ଗୁଳି ବାଜିଥିଲା। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକ ଆସି ପୋଲିସକୁ ଜଣାଇବା ସହ ସେମାନଙ୍କୁ ମେଡିକାଲ ପଠାଇଥିଲେ। ମେଡିକାଲରେ ଶଙ୍କରଙ୍କୁ ମୃତ ଘୋଷଣା ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ପୂର୍ବ ଶତ୍ରୁତାରୁ ଗୁଳିମାଡ଼ ହୋଇଥିବା ପୋଲିସ ଅନୁମାନ କରୁଛି।




ଭାରତୀୟ ବଂଶୋଦ୍ଭବ ଋଷି ସୁନକ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କୁ ଅଭିନନ୍ଦନ ସ୍ୱରୂପ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।




ରବୀନ୍ଦ୍ର ମଣ୍ଡପଠାରେ ମଙ୍ଗଳବାର ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ସର୍ଦ୍ଦାର ସାଣ୍ଟୋକ ସିଂ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଜନାବ ନାମ ଭଲେରା ଗଜଲ ପରିବେଷଣ କରୁଛନ୍ତି।



ଦୀପାବଳି ଅବସରରେ ଶ୍ରୀମନ୍ଦିର ସମ୍ମୁଖରେ ସୋମବାର ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ ଜାଳି ବଡ଼ବଡୁଆ ଡ଼ାକୁଛନ୍ତି।

**ଦୀପାବଳି ପରେ ବାୟୁ ମାନରେ ହ୍ରାସ**

ନୂଆଦିଲ୍ଲୀ,୨୫।୧୦: ଦୀପାବଳିର ଦିନକ ପରେ ଦିଲ୍ଲୀ ସମେତ ଦେଶର ବିଭିନ୍ନ ସହରରେ ବାୟୁ ମାନ ହ୍ରାସ ପାଇଛି। ପୂର୍ବବର୍ଷମାନଙ୍କ ତୁଳନାରେ ଏଥର ଦିଲ୍ଲୀରେ ବାୟୁର ମାନ ଉନ୍ନତ ରହିଛି। ସୋମବାର ଦିଲ୍ଲୀ ବାୟୁ ମାନ ୩୧୦ ରହିଥିଲା। ମଙ୍ଗଳବାର ଏହା ୩୨୬କୁ ବୃଦ୍ଧି ଅପରାହ୍ନରେ ୩୧୨କୁ ଖସିଛି।ଉତ୍ତରପ୍ରଦେଶର ନୋଏଡ଼ାରେ ବାୟୁ ମାନ ୩୧୨ ରହିଥିବାବେଳେ ଫରିଦାବାଦରେ ୩୧୧, ଗୁରୁଗ୍ରାମରେ ୩୧୩ ରହିଛି।

**ଜଳିଗଲା ୭ ଶହ ଦୋକାନ**

ଗୁଆହାଟୀ, ୨୫।୧୦: ଅରୁଣାଚଳ ପ୍ରଦେଶର ଇଟାନଗର ନିକଟ ନହରଲାଗୁନ୍ ମାର୍କେଟରେ ମଙ୍ଗଳବାର ଭୋର୍ ସମୟରେ ଅଗ୍ନିକାଣ୍ଡ ଘଟି ୭ ଶହରୁ ଊର୍ଦ୍ଧ୍ୱ ଦୋକାନ ଜଳିଯାଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ପାଖରେ ପାଣି ଫିଲିଂ ଷ୍ଟେଶନ ନ ଥିବାରୁ ଶୀଘ୍ର ନିଆଁକୁ ଆୟତ୍ତ କରାଯାଇପାରି ନ ଥିଲା।

# ଜଣେ ଫାର୍ମାସିଷ୍ଟ, ଏକାଧିକ ଦୋକାନ

**ଯାଜପୁର ଅଫିସ,୨୫।୧୦**

ଡ୍ରଗ୍ସ ଏବଂ କସ୍‌ମେଟିକ୍ସ ଆକ୍ଟ-୧୯୪୦ର ଧାରା ୬୫(୨), ୬୩(୩)(୧) ଏବଂ ୬୫(୯)(ଏ)ର ଉଲ୍ଲଂଘନ କରି କେତେଜଣ ଖୁଚୁରା ଏବଂ ହୋଲ୍‌ସେଲର ଔଷଧ ବିକ୍ରି କରୁଛନ୍ତି। ଏଥିରେ ସମ୍ପୃକ୍ତ ଡ୍ରଗ୍ସ ଇନ୍ସପେକ୍ଟରମାନେ ଜାଣିଶୁଣି ହାତବାନ୍ଧି ବସିଛନ୍ତି। ଏପରି କି ଫାର୍ମାସିଷ୍ଟମାନଙ୍କ ମିଥ୍ୟା ପ୍ରମାଣପତ୍ରରେ ଲାଇସେନ୍ସ ଏବଂ ନବୀକରଣ କରାଯାଇ ଔଷଧ ଦୋକାନ ଖୋଲାଯାଇଛି। ଯେଉଁ ଫାର୍ମାସିଷ୍ଟମାନେ ସରକାରୀ ଓ ଅନ୍ୟ ସେକ୍ଟରରେ ନିୟୋଜିତ ଅଛନ୍ତି କିମ୍ବା ରାଜ୍ୟ ବାହାରେ ରହୁଛନ୍ତି ସେମାନଙ୍କ ନାମରେ ମଧ୍ୟ ଔଷଧ ଦୋକାନଗୁଡ଼ିକ ପଞ୍ଜୀକରଣ ହେଉଛି। ଏଭଳି ଭାବେ କେତେଜଣ ଅଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ବିକ୍ରୀ ହେଉଥିବାରୁ ଦୁର୍ବଳ ଶ୍ରେଣୀର ଲୋକେ ତଳିତଳାନ୍ତ ହେଉଛନ୍ତି। ଏହିକ୍ରମରେ ନକଲି ଔଷଧ ମଧ୍ୟ ଅଯୋଗ୍ୟ ବ୍ୟକ୍ତି ହାତରେ ବିକ୍ରି ହେଉଛି। ଓଡ଼ିଶା ଜନଶୁଣାଣୀ ପୋର୍ଟାଲରେ ଅକ୍ଷୟ କିଶୋର ଦାସଙ୍କ ଉପରୋକ୍ତ ଅଭିଯୋଗକୁ ଭିତ୍ତି କରି ଡ୍ରଗ୍ସ କଣ୍ଟ୍ରୋଲ ଡାଇରେକ୍ଟୋରେଟ ରାଜ୍ୟର ସମସ୍ତ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର୍ସ ଏବଂ ଡ୍ରଗ୍ସ ଇନ୍ସପେକ୍ଟରମାନଙ୍କୁ ଆଇନ ଖିଲାପକାରୀ ଔଷଧ ଦୋକାନଗୁଡ଼ିକୁ ତଦନ୍ତ



କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଯାଜପୁର ଜିଲାରେ ଏହି ନିର୍ଦ୍ଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହୋଇଛି।

୨୦୦୭ ଜୁଲାଇ ୨୦ରେ ପ୍ରଥମେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ ଏକ ନକଲି ଔଷଧ ତିଆରି କାରଖାନା ଠାବ ହୋଇଥିଲା । ଏହି ଘଟଣାଟି ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଉକ୍ତ କାରଖାନାରେ ଚଢ଼ାଉ ପରେ ସେଥିରୁ ଅନେକ ନାମୀଦାମୀ କମ୍ପାନୀ ନାମରେ ପ୍ରସ୍ତୁତ ଏଲୋପାଥି ଓ ଆୟୁର୍ବେଦ ଔଷଧ ଜବତ ହୋଇଥିଲା । ପ୍ରଶାସନକୁ ହାତକରି ଦୀର୍ଘବର୍ଷ ଧରି କଣ୍ଟାବାଞ୍ଜି ସହରର ଜଣେ ବ୍ୟବସାୟୀ ନିଜ ପୁଅ ତଥା ସମ୍ପର୍କୀୟମାନଙ୍କ ଜରିଆରେ ଏହି ଅସାଧୁ ବ୍ୟବସାୟ ଚଳାଇ ଆସିଥିବା ଲୋକଲୋଚନକୁ ଆସିଥିଲା । ସେହିପରି ସେପ୍ଟେମ୍ବର ୭ରେ କଟକ ପୁରୀଘାଟ ଥାନା ଅନ୍ତର୍ଗତ ମାଣିକ ଘୋଷ ବଜାରସ୍ଥିତ ୨ ମେଡିସିନ ଗୋଦାମରେ ନାମୀ ମେଡିସିନ କମ୍ପାନୀର ଲୋଗୋକୁ ପୂରା ନକଲ କରାଯାଇଥିବା ଚଢାଉରେ ଜଣାପଡିଥିଲା। ଏଭଳି ଭାବେ ଯେଉଁଟା ତଦନ୍ତରେ ଜଣାପଡୁଛି ତାହା ଲୋକଲୋଚନକୁ ଆସୁଥିବାବେଳେ ଅନେକ ନକଲି ଔଷଧ ଖୋଲାଖୋଲି ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଭାରତରେ ୨୦୨୦-୨୧ରେ ଯାଞ୍ଚ କରାଯାଇଥିବା ୮୪,୮୭୪ ନମୁନାରୁ ୨,୬୫୨ ଉପଯୁକ୍ତ ମାନର ଔଷଧ ହୋଇ ନ ଥିବା ଜଣାପଡିଛି। ଅର୍ଥାତ୍ ରୋଗ ଉପଶମ କରୁ ନ ଥିବା ଔଷଧଗୁଡିକୁ ଲୋକେ ସେବନ କରି କେତେକାଂଶରେ ମୃତ୍ୟୁମୁଖରେ ପଡୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏଥିପାଇଁ

- **ଅଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଔଷଧ ବିକ୍ରି**
- **ପରିଚାଳନାରେ ଆଇନର ଉଲ୍ଲଂଘନ**
- **କ୍ୟାମ୍ପସ ଔଷଧ ଦୋକାନକୁ ପରୋକ୍ଷରେ ସୁରକ୍ଷା**
- **ଅଭିଯୋଗ ଆଧାରରେ ଚାଲିଛି ତଦନ୍ତ : ସ୍ୱାସ୍ଥ୍ୟ ବିଭାଗ**

ଅଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଔଷଧ ଦୋକାନ ଚାଲିବା ମଧ୍ୟ କେତେକାଂଶରେ ଦାୟୀ ବୋଲି କୁହାଯାଇପାରେ। ସମସ୍ତଙ୍କୁ ନିରାମୟ ଯୋଜନାରେ ମାଗଣାରେ ଔଷଧ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗର ଯୁଗ୍ମସଚିବ ୨୭।୨।୨୦୧୫ ତାରିଖରୁ ପତ୍ରସଂଖ୍ୟା ୪୫୩୮ରେ କ୍ୟାମ୍ପସ ମେଡିକାଲ ଷ୍ଟୋରକୁ ବାରଣ କରିଥିଲେ। ହେଲେ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ନିର୍ଦ୍ଦେଶନାମା ଯାଜପୁର ଜିଲାରେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରୋକ୍ଷରେ କ୍ୟାମ୍ପସ ମେଡିକାଲ ଷ୍ଟୋରକୁ ସୁରକ୍ଷା ଦିଆଯାଇ ଆସୁଛି। ନିରାମୟ ଯୋଜନାର ସଫଳତା ନେବାକୁ ଆସୁଥିବା ଗରିବ ଲୋକେ ଏଥିରୁ ଶୋଷଣର ଶିକାର ହେଉଛନ୍ତି। ଜିଲାର ୧୦ଟି ବ୍ଲକର ଗ୍ରାମାଞ୍ଚଳରେ ପ୍ରାୟ ୧୫୦ ନକଲି ଔଷଧ ଦୋକାନ ରହିଛି ବୋଲି ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। କେତେଜଣ ଫାର୍ମାସିଷ୍ଟଙ୍କ ପ୍ରମାଣପତ୍ରକୁ ଏକାଧିକ ଔଷଧ ଦୋକାନ ନାମରେ ପଞ୍ଜୀକୃତ କରାଯାଇଛି। ଏହି ନକଲି ଦୋକାନଗୁଡିକରେ ପାଠ ପଢିଥିବା ଫାର୍ମାସିଷ୍ଟମାନେ ଔଷଧ ବିକ୍ରି କରୁନାହାନ୍ତି। ଫଳରେ ଅଧିକାଂଶ ଦେକାନୀ ଅଳ୍ପ ଅଭିଜ୍ଞତାକୁ ପାଥେୟ କରି ବିନା ଡାକ୍ତରଙ୍କ ପରାମର୍ଶରେ ଔଷଧ ବିକ୍ରି କରୁଛନ୍ତି ।

ତେବେ ଏଭଳି ଅଭିଯୋଗକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗୁରୁତ୍ୱର ସହ ଗ୍ରହଣ କରିଛି। ବିଭାଗୀୟ ସ୍ୱତନ୍ତ୍ର ଅଧିକାରୀ ବିନୋଦ ବିହାରୀ ଦାଶ ଅଭିଯୋଗକାରୀଙ୍କୁ ଦେଇଥିବା ପତ୍ରରେ ଅଣଫାର୍ମାସିଷ୍ଟ ଔଷଧ ଦୋକାନଗୁଡିକ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ଦର୍ଶାଇଛନ୍ତି। ଏହାସହ ନିୟମିତ ଭାବେ ଚଢାଉ କରି ଆଇନ ଖିଲାପକାରୀ ଔଷଧ ଦୋକାନଗୁଡିକ ବିରୋଧରେ କାରଣ ଦର୍ଶାଅ ନୋଟିସ ହେଉଛି, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଜଣେ ଫାର୍ମାସିଷ୍ଟଙ୍କ ସାର୍ଟିଫିକେଟରେ ଚାଲୁଥିବା ଏକାଧିକ ଔଷଧ ଦୋକାନ ସମ୍ପର୍କରେ ତଦନ୍ତ ଚାଲିଛି, ଔଷଧଗୁଡିକର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହେଉଥିବା ସେ ସଫେଇ ଦେଇଛନ୍ତି।

## ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ

ଭଦ୍ରକ ଅଫିସ, ୨୫।୧୦: ୧୬ନଂ. ଜାତୀୟ ରାଜପଥର ଭଦ୍ରକ ଗେଲପୁର ଛକ ନିକଟରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଭଦ୍ରକ ବ୍ଲକ ବିଜେଗଙ୍ଗାଧରପୁରର ମୀନକେତନ ବିନ୍ଧାଣୀ(୨୫) ଓ ଗ୍ରାମାଞ୍ଚଳ ଥାନା ଅଧୀନ ମୌଦା ଗ୍ରାମର ଜୟପ୍ରକାଶ ପ୍ରଧାନ(୩୦)। ସୂଚନା ଅନୁଯାୟୀ, ମୀନକେତନ ଓ ଜୟପ୍ରକାଶ ଏକ ବାଇକ୍‌ରେ ଭୁବନେଶ୍ୱରରୁ ଭଦ୍ରକ ଫେରୁଥିଲେ। ରାତି ପ୍ରାୟ ୯ଟା ବେଳେ ଗେଲପୁର ଛକ ନିକଟରେ ରାସ୍ତା ପାର୍ ହେଉଥିବା ବେଳେ ବାଲେଶ୍ୱର ଅଭିମୁଖେ ଆସୁଥିବା ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ଟାୟାର ଜାଳି କିଛି ସମୟ ପାଇଁ ଉକ୍ତ ରାସ୍ତା ଅବରୋଧ କରିଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

## ଋଷିକୁଲ୍ୟାରେ ଭାସିଗଲେ ୨ ଭାଇ, ସାନ ଉଦ୍ଧାର

ପୁରୁଷୋତ୍ତମପୁର, ୨୫।୧୦ (ଡି.ଏନ.ଏ.): ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶୋଳଘର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ବାପା ସନ୍ତୋଷ ମହାନ୍ତିଙ୍କ ସମ୍ମୁଖରେ ୨ ପୁଅ କୃଷ୍ଣଚନ୍ଦ୍ର (୧୫) ଓ କାହ୍ନୁ (୧୨) ଋଷିକୁଲ୍ୟା ନଦୀରେ ଭାସି ଯାଇଛନ୍ତି। କାହ୍ନୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ କୃଷ୍ଣ ନିଖୋଜ ଅଛନ୍ତି। ପ୍ରକାଶ ଯେ, ସନ୍ତୋଷ ବ୍ରହ୍ମପୁରରେ ରହୁଥିଲେ। ସୋମବାର ଦୀପାବଳି ଲାଗି ଗାଁକୁ ଆସିଥିଲେ। ସକାଳେ ଦୁଇ ପୁଅଙ୍କୁ ସାଙ୍ଗରେ ଧରି ଋଷିକୁଲ୍ୟା ନଦୀକୁ ଗାଧୋଇ ଯାଇଥିଲେ। କୃଷ୍ଣ ଓ କାହ୍ନୁ ନଦୀପଠାରେ ଖେଳୁଥିବା ବେଳେ ସନ୍ତୋଷ ଶୌଚ ଲାଗି କିଛି ଦୂରକୁ ଯାଇଥିଲେ। ଏହି ସମୟରେ କାହ୍ନୁ ପାଣି ମଧକୁ ଖସିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ କୃଷ୍ଣ ଚେଷ୍ଟା କରୁଥିବା ବେଳେ ସେ ମଧ ଭାସି ଯାଇଥିଲେ। ନିକଟରେ ଗାଧୋଉଥିବା ଜଣେ ମହିଳା କାହ୍ନୁଙ୍କୁ ଉଦ୍ଧାର କରିଥିଲେ। ଓଡ୍ରାଫ ଓ ଦମକଳ ବାହିନୀ ପହଞ୍ଚି ନଦୀରେ ପଶି ଦିନତମାମ ଖୋଜାଖୋଜି କରିଥିଲେ ମଧ କୃଷ୍ଣଚନ୍ଦ୍ରଙ୍କ ପତ୍ତା ମିଳିନାହିଁ।

## କଏଦୀ ଫେରାର

ନୟାଗଡ଼ ଅଫିସ/ ଦଶପଲ୍ଲା,୨୫।୧୦ (ଡି.ଏନ୍.ଏ.): ନୟାଗଡ଼ ଜିଲା ଦଶପଲ୍ଲା ସବ୍‌ଜେଲର କର୍ମଚାରୀଙ୍କୁ ଚକ୍‌ମା ଦେଖାଇ ହିମାଂଶୁ ଶେଖର ନାୟକ(୩୭) ନାମକ ଜଣେ ବିଚାରାଧୀନ କଏଦୀ ମଙ୍ଗଳବାର ଫେରାର ହୋଇଯାଇଛନ୍ତି। କଏଦୀ ଖସିଯିବା ପରେ ଦଶପଲ୍ଲା ସବ୍‌ଜେଲର ସୁରକ୍ଷା ନେଇ ଉଠିଛି ପ୍ରଶ୍ନ। ଏ ସଂକ୍ରାନ୍ତରେ ଦଶପଲ୍ଲା ସବ୍‌ଜେଲର ଜେଲର ମାନସ ରଞ୍ଜନ ସାମନ୍ତଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୨୪୩/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ହିମାଂଶୁଙ୍କ ଘର କଟକ ଜିଲା ନରସିଂହପୁର ଅଞ୍ଚଳରେ। ସେ ଗଣିଆ ଥାନାର ଛାମୁଣ୍ଡିଆରେ ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ୨୦୨୦ ଡିସେମ୍ବର ୨୮ରୁ ସେ ଜେଲଦଣ୍ଡ ଭୋଗୁଥିଲେ। ମଙ୍ଗଳବାର ଦଶପଲ୍ଲା ସବ୍‌ଜେଲର ମୁଖ୍ୟ ଦରଜା ଝାଡୁ କରିବା ପାଇଁ ଖୋଲା ଯାଇଥିଲା। ଏହି ସମୟରେ ୱାର୍ଡର ଅନ୍ୟମନସ୍କ ଥିବାବେଳେ ହିମାଂଶୁ ଶେଖର ଫେରାର ହୋଇଯାଇଥିବା କୁହାଯାଉଛି।



**Happy Birthday**

**JYOTINI**

Hope, you have a great day today and the year ahead is full of many blessings.... many many happy returns of the day, happy birthday JYOTINI...

ଧ-୧୮୪୬

## ରେଳଷ୍ଟେଶନ ନିକଟରୁ ୪ ମୃତଦେହ ଜବତ

**ବାଲେଶ୍ୱର ଅଫିସ, ୨୫।୧୦**

ବାଲେଶ୍ୱର ରେଳଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳରୁ ୪ମୃତଦେହ ଜବତ ହୋଇଛି। ଆନନ୍ଦବଜାର ଲେଭଲକ୍ରସିଂ ନିକଟରୁ ୨ଟି ମୃତଦେହ ଜବତ କରାଯାଇଥିବା ବେଳେଷ୍ଟେଶନ ନିକଟରୁ ଗୋଟିଏ ଏବଂ ଅଙ୍ଗାରଗଡ଼ିଆ ଲେଭଲକ୍ରସିଂ ନିକଟରୁ ଅନ୍ୟ ଏକ ମୃତଦେହ ଜବତ କରାଯାଇଛି। ଏଗୁଡ଼ିକୁ ରେଲୱେ ପୋଲିସ ଜବତ କରି ୪ଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଛି। ସୋମବାର ବିଳମ୍ବିତ ରାତିରେ ଆନନ୍ଦବଜାର ଲେଭଲକ୍ରସିଂ ନିକଟରେ ଯାତ୍ରୀବାହୀ ଟ୍ରେନ୍ ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ପରିଚୟ ମିଳିଛି। ସେ ହେଲେ ରେମୁଣା ବଗଲପୁର ଗାଁର କାଳୀ ଚରଣ ଦେ। ସେ ବାଲେଶ୍ୱର ଫାଣ୍ଡି ଛକ ନିକଟରେ ଫଳ ଦୋକାନରେ କାମ କରୁଥିଲେ। ସେହିଭଳି ଜଣେ ବୃଦ୍ଧ ଭିକ୍ଷୁକଙ୍କ ମୃତଦେହ ରେଳଷ୍ଟେଶନ ନିକଟରୁ ଜବତ ହୋଇଛି। ଅନ୍ୟ ଏକ ମୃତଦେହ ଅଙ୍ଗାରଗଡ଼ିଆ ଲେବଲ କ୍ରସିଂ ନିକଟରୁ ମିଳିଛି। ସେ ହେଲେ ଜୋତା ମରାମତି କରୁଥିବା ୱାଇ. ଭେଙ୍କଟରାଓ। ସମସ୍ତ ମୃତଦେହକୁ ଜିଆର୍‌ପି ପୋଲିସ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି।

## ମୃତ ଗାଈକୁ ଘୋଷାଡ଼ିଲା ଏନ୍‌ଏଚ୍‌ଏଆଇ ଗାଡ଼ି



- **ସୁପରଭାଇଜର, ଚାଳକ ବହିଷ୍କୃତ**

**ଛତ୍ରପୁର,୨୫।୧୦(ଡି.ଏନ୍.ଏ.)**

ହିନ୍ଦୁ ଧର୍ମରେ ଗୋମାତାଙ୍କୁ ପୂଜା କରାଯାଉଥିବା ବେଳେ ଏକ ମୃତ ଗାଈକୁ ଗାଡ଼ି ପଛରେ ବାନ୍ଧି ଘୋଷାଡ଼ି ନିଆଯିବା ଦୃଶ୍ୟ ଆଘାତ ଦେଇଛି। ଗଞ୍ଜାମ ଜିଲା ଛତ୍ରପୁର ବାଇପାସ୍ ଜାତୀୟ ରାଜପଥରେ ଏପରି ଦୃଶ୍ୟ ଦେଖାଯାଇଛି। ଏହାର ଭିଡିଓ ପାଇବା ପରେ ଗାଡ଼ି ଚାଳକ ଓ ରାଜପଥ ସଫେଇ ଦାୟିତ୍ୱ ନେଇଥିବା ସୁପରଭାଇଜରଙ୍କୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ବହିଷ୍କାର କରିଛନ୍ତି। ଛତ୍ରପୁର ବାଇପାସ୍ ଜାତୀୟ ରାଜପଥରେ ରବିବାର ରାତିରେ କୌଣସି ଗାଡି ଧକ୍କାରେ ଏକ ଗାଈର ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ରାସ୍ତାରୁ ମୃତ ଗାଈ ହଟାଇବା ପାଇଁ ହାଇୱେ ପାଟ୍ରୋଲିଂ ଗାଡ଼ି ଆସିଥିଲା। ଉକ୍ତ ଗାଡ଼ି ପଛପଟେ ଦଉଡ଼ିରେ ମୃତ ଗାଈ ବାନ୍ଧି ଜାତୀୟ ରାଜପଥରେ ପ୍ରାୟ ୫୦୦ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନିଆଯାଇଥିଲା। ଏହାକୁ ବୁଦ୍ଧିଜୀବୀ ଓ ବଜରଙ୍ଗ ଦଳ ପକ୍ଷରୁ ବିରୋଧ କରାଯିବାରୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଗକୁ ଏପରି ଘଟଣାର ପୁନରାବୃତ୍ତି ହେବନି ବୋଲି ସେ କହିଛନ୍ତି।

## ୮ବର୍ଷ ନାବାଳିକାଙ୍କୁ ବଳାତ୍କାର, ସମ୍ପର୍କୀୟ ଜେଜେବାପା ଗିରଫ

**ଗଣିଆ,୨୫।୧୦(ଡି.ଏନ୍.ଏ.)**

ଜଣେ ତୃତୀୟ ଶ୍ରେଣୀର ଛାତ୍ରୀ(୮)ଙ୍କୁ ତାଙ୍କ ସମ୍ପର୍କୀୟ ଜେଜେବାପା ବଳାତ୍କାର କରି ଗିରଫ ହେବା ଘଟଣା ନୟାଗଡ଼ ଜିଲା ଗଣିଆ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗତ ୧ ମାସ ମଧ୍ୟରେ ଅଭିଯୁକ୍ତ ତାଙ୍କୁ ୪ ଥର ବଳାତ୍କାର କରିଥିଲେ । ନାବାଳିକା ଜଣଙ୍କ ନିଜ ଜେଜେମା'ଙ୍କ ଆଗରେ ଏକ କଥା କହିବା ପରେ ସମସ୍ତ ଘଟଣା ସାମ୍ନାକୁ ଆସିଛି । ନାବାଳିକାଙ୍କ ମା'ଗତ ରବିବାର ଅପରାହ୍ନରେ ଗଣିଆ ଥାନାରେ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୋଲିସ ସୋମବାର ନାବାଳିକାଙ୍କ ସମ୍ପର୍କୀୟ ଜେଜେବାପା(୫୫)ଙ୍କୁ ଗିରଫ କରିଛି । ଏଥିସହିତ ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି। ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ସେହିପରି ରବୀନ୍ଦ୍ରଙ୍କ ଡାକ୍ତରୀମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ତରଫରୁ ସୂଚନା ମିଳିଛି।

## ଛୁରାମାଡ଼ରେ ଯୁବକ ମୃତ

**ନୟାଗଡ଼ ଅଫିସ/ ଦଶପଲ୍ଲା,୨୫।୧୦(ଡି.ଏନ୍.ଏ.)**

ନୟାଗଡ଼ ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଥିବା ଜଣାଶୁଣା ଅଭିଯୁକ୍ତ ଦଶପଲ୍ଲା ଥାନା ମହାନ୍ତିପଲ୍ଲୀ ଗାଁର ବିକାଶ ବେହେରା(୩୫)ଙ୍କ ଛୁରାମାଡ଼ରେ ମୃତ୍ୟୁ ଘଟିଛି। ବିକାଶ ମଧଖଣ୍ଡର ଜଣେ ସରପଞ୍ଚଙ୍କୁ ମାରପିଟ୍ କରିଥିବାବେଳେ ଗଣିଆ ଥାନା ଅଧୀନ ଆଡକଟାଠାରେ ଜଣେ ପିଇଓଙ୍କୁ କିଛିଦିନ ତଳେ ମାରପିଟ୍ କରିଥିଲେ। ସେହିପରି ବିଭିନ୍ନ ଥାନା ଅଞ୍ଚଳରେ ମାରପିଟ୍ ଘଟଣାରେ ସମ୍ପୃକ୍ତ ଥିଲେ ମଧ ପୋଲିସ ତାଙ୍କୁ ଗିରଫ କରିପାରୁ ନ ଥିଲା। ସୋମବାର ରାତିରେ ଏକ ଦଶାହ ଭୋଜିରେ ଯୋଗଦେବାକୁ ସେ ତେନ୍ତୁଳିଆପଲ୍ଲୀ ଅଭିମୁଖେ କାର ଯୋଗେ ଯାଉଥିଲେ। ତେନ୍ତୁଳିଆପଲ୍ଲୀ ଗାଁ ନିକଟରେ ଦୀପାବଳି ଅବସରରେ ବାଣ ଫୁଟୁଥିଲା। ବିକାଶ ବାଣ ଫୁଟାଇବାକୁ ପ୍ରତିବାଦ କରିଥିଲେ। ଏପରିକି ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କେତେଜଣ ଲୋକ ବିକାଶଙ୍କୁ କାବୁକରି ଛୁରା ମାଡ଼ କରିଥିଲେ। ଅନ୍ତବୁଜୁଳା ବାହାରି ପଡିବାରୁ ନିଜ ପେଟରେ ଗାମୁଛା ବାନ୍ଧି ସେ କାର ଚଳାଇ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲେ। ହେଲେ କାରଟି ମହାନ୍ତିପଲ୍ଲୀ ନିକଟସ୍ଥ ଏକ ପୋଲର ସୁରକ୍ଷା ପ୍ରାଚୀରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ବିକାଶ ଆହୁରି ଗୁରୁତର ହୋଇ ପଡିଥିଲେ। ତେବେ ତାଙ୍କୁ କିଏ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ଜଣାପଡିନି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଗୋଷ୍ଠୀ ସଂଘର୍ଷ, ୮ ଗୁରୁତର

**ବାରିପଦା ଅଫିସ,୨୫।୧୦**

ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠ ରଘୁନାଥପୁର ଗଣେଶ ମଣ୍ଡପଠାରେ ମଙ୍ଗଳବାର ରାତିରେ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟ ପକ୍ଷର ୮ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ପୂର୍ବରୁ ଏକ ବାଇକ୍ ଦୁର୍ଘଟଣାର ଭିଡିଓ ଭାଇରାଲ୍‌କୁ ନେଇ ଏହି ଗଣ୍ଡଗୋଳ ଘଟିଥିବା ସୂଚନା ମିଳିଛି। ପ୍ରାୟ ୪୦ରୁ ଅଧିକ ଯୁବକ ବିଭିନ୍ନ ମାରଣାସ୍ତ୍ର ସହ ରଘୁନାଥପୁରସ୍ଥିତ ଗଣେଶ ମଣ୍ଡପଠାରେ ପହଞ୍ଚି ହଠାତ୍ ଆକ୍ରମଣ କରିଥିଲେ। ଆହତମାନେ ହେଲେ ସ୍ଥାନୀୟ ଅଞ୍ଚଳର ଏସ୍‌କେ ଜମିର, ଏସ୍‌କେ ଇଶାକ, ଏସ୍‌କେ ବାବୁ, ଏସ୍‌କେ ରାଜା,ଆଜାଦ ହସନ, ଏସ୍‌କେ ରଜାକ, ଏସ୍‌କେ ନାସିର, ଏସ୍‌କେ ସୁଗାଇ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ: ଚାଲିଗଲା ଜୀବନ

**ନୂଆଗାଁ,୨୫।୧୦(ଡି.ଏନ୍.ଏ.)**

ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ହେଲେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତରେ ରାସ୍ତା ନ ଥିବାରୁ ଗାଁକୁ ୧୦୮ ଆମ୍ବୁଲାନ୍ସ ଆସିପାରି ନ ଥିଲା । ବହୁ କଷ୍ଟରେ ଉକ୍ତ ପଞ୍ଚାୟତ ଅଧୀନ କୋଶଲାଙ୍ଗ ଗ୍ରାମର ଫକୀର ପ୍ରଧାନଙ୍କୁ ଏକ ଖଟରେ ବାନ୍ଧି ଡାକ୍ତରଖାନା ନିଆଯାଇଥିଲା।। ହେଲେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

## କାଠଫାଳିଆରେ ପିଟି ଯୁବକଙ୍କୁ ହତ୍ୟା

**ସୁନ୍ଦରଗଡ଼, ୨୫।୧୦ (ଡି.ଏନ.ଏ)**

ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ ଭେଡାବାହାଲ ବଘିଆପଡା ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ଦେବୀଦାଶ ସେଠ(୨୩)। ସ୍ଥାନୀୟ କଲୋନୀପଡାରେ ତାଙ୍କ ଘର। ତାଙ୍କୁ କେହି କାଠ ଫାଳିଆରେ ପିଟି ଓ ଇଟାରେ ମୁହଁକୁ ଛେଚି ହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ସେ ଘରୁ ବାହାରକୁ ଯାଇଥିବା ବେଳେ ରାତିରେ ଫେରି ନ ଥିଲେ । ସକାଳେ ତାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଦେବୀଦାଶଙ୍କ ମୁଣ୍ଡ ଓ ବାମ ପଟ ମୁହଁରେ ଗଭୀର କ୍ଷତ ଦେଖିବାକୁ ମିଳିଥିଲା। ସେ ଅବିବାହିତ ଥିଲେ। ତାଙ୍କର କାହା ସହିତ ଶତ୍ରୁତା ନ ଥିବା ମୃତ ଯୁବକଙ୍କ ବଡ଼ଭାଇ ଗୌତମ ସେଠ କହିଛନ୍ତି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି । ଏ ନେଇ ସଦର ଥାନାରେ ନଂ.୨୭୪/୨୨ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି ।

## ପୋଲିସ ଇନ୍‌ଫର୍ମର ସନ୍ଦେହରେ ଯୁବକଙ୍କୁ ହତ୍ୟା

**ବାଲିଗୁଡ଼ା/କୋଟଗଡ଼ (ଡି.ଏନ୍.ଏ.) ଫୁଲବାଣୀ ଅଫିସ,୨୫।୧୦**

**ମହିଳା ମାଓବାଦୀ ମୃତ୍ୟୁର ପ୍ରତିଶୋଧ**

- **ଠିକାଦାରଙ୍କ ଗାଡ଼ି ପୋଡ଼ିଲେ**

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ସୁଦ୍ରା ପଞ୍ଚାୟତର ଆମ୍ବାବାଡ଼ି ଗାଁରେ ସୋମବାର ମାଓବାଦୀମାନେ ଜଣେ ଯୁବକଙ୍କୁ ହତ୍ୟା କରିଥିବା ବେଳେ ଠିକା ସଂସ୍ଥାର ୨୦ରୁ ଅଧିକ ଗାଡ଼ି ଜାଳି ଦେଇଛନ୍ତି। ମୃତକ ହେଲେ କୁନାସଲୁ ନିକଟସ୍ଥ କ୍ଲାମ୍ବାଜକି ଗ୍ରାମର ନୀଳକଣ୍ଠ ମଲ୍ଲିକ। ପ୍ରକାଶ ଯେ, ଗତ ୧୧ତାରିଖରେ କୁନାସେଲ ଜଙ୍ଗଲରେ ପୋଲିସ ଗୁଳିରେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଏହାର ପ୍ରତିଶୋଧ ନେବା ପାଇଁ ମାଓବାଦୀମାନେ ନୀଳକଣ୍ଠଙ୍କୁ ଘରୁ ଡାକି ନେଇଥିଲେ। ପରେ ତାଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା କରିଥିଲେ। ସେହିପରି କ୍ଲାମ୍ବାଜକି ଗାଁଠାରୁ ୧୦ କିଲୋମିଟର ଦୂରରେ ଥିବା ସୁଦ୍ରା ପଞ୍ଚାୟତ କାତେଭଟା ଛକଠାରୁ ପିପାଲି ଗ୍ରାମ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା କାମ ଚାଲିଥିଲା। ଏହି ଯୋଜନାରେ କାମ କରୁଥିବା ଠିକାଦାରଙ୍କ କ୍ୟାମ୍ପରେ ସନ୍ଧ୍ୟାରେ ୧୫ରୁ ଊର୍ଦ୍ଧ୍ୱ ମାଓବାଦୀ ପଶି ୨ ଜେସିବି, ୨ ଟ୍ରାକ୍ଟର, ଦୁଇଟି ମିକ୍ସର୍ ମେସିନ ଜାଳି ଦେଇଛନ୍ତି। ଏହି କାଣ୍ଡ କେକେବିଏନ ମାଓ ସଙ୍ଗଠନ କରିଛନ୍ତି ବୋଲି ଛାଡି ଯାଇଥିବା ପୋଷ୍ଟର ଓ ବ୍ୟାନରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ପୋଲିସ ଗୁଳିରେ ନିହତ ମହିଳା ମାଓବାଦୀଙ୍କ ମୃତ୍ୟୁକୁ ବିରୋଧ କରି ମଙ୍ଗଳବାର ମାଓବାଦୀ ସଙ୍ଗଠନ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ। ଏହାକୁ ସଫଳ କରିବା ପାଇଁ ପୋଷ୍ଟରରେ ଉଲ୍ଲେଖ କରାଯାଇଛି।



ମାଓବାଦୀମାନେ ମାରିଥିବା ପୋଷ୍ଟର।

# ମାଓବାଦୀ-ଯବାନ ଗୁଳି ବିନିମୟ

**ନୂଆପଡ଼ା ଅଫିସ,୨୫।୧୦**

ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ରବିବାର ୨ଥର ଗୁଳି ବିନିମୟ ହୋଇଛି। ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତ୍ୟୁଷ ଦିବାକର ଏବଂ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଜୋଷ ମିଳିତ ଭାବେ ସୂଚନା ଦେଇଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ ୨୧ ତାରିଖରେ ବୋଡେନ ଥାନା ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ରହିଥିବା ନେଇ ପୋଲିସକୁ ଗୋଇନ୍ଦା ବିଭାଗରୁ ଖବର ମିଳିଥିଲା। ଏସ୍‌ପି ଦିବାକରଙ୍କ ନିର୍ଦ୍ଦେଶକ୍ରମେ ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ଏସଓଜି, ଡିଭିଏଫ ଓ ସିଆର୍‌ପିଏଫ୍ ଯବାନଙ୍କ ମିଳିତ ଟିମ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ରବିବାର ପୂର୍ବାହ୍ନରେ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ସୁରକ୍ଷା ବାହିନୀଙ୍କୁ ମୁକାବିଲା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷା ବାହିନୀ କୋମ୍ବିଂ ଅପରେଶନ କରୁଥିବା ସମୟରେ ମଧ୍ୟାହ୍ନରେ ପୁଣିଥରେ ମାଓବାଦୀମାନେ ସୁରକ୍ଷା ବାହିନୀ ଉପରେ ଗୁଳି ଚାଳନା କରିଥିଲେ। ସୁରକ୍ଷା ବାହିନୀ ପାଲଟା ଗୁଳି ଚାଳନା କରିବାରୁ ମାଓବାଦୀମାନେ କ୍ୟାମ୍ପ ଛାଡି ଚାଲିଯାଇଥିଲେ। ଉକ୍ତ କ୍ୟାମ୍ପରୁ ୨ଟି ଏଲଇଡି, ୩ଟି ଡିଟୋନେଟର, ୨ଟି ଅଫୁଟା ଗୁଳି, ଟାଙ୍ଗିଆ, ବିଭିନ୍ନ ପ୍ରକାର ମାଓବାଦୀ ପୋଷାକ, ରନ୍ଧା ସାମଗ୍ରୀ ଜବତ କରିଥିଲେ। ପ୍ରଥମ ଗୁଳିବିନିମୟ ବେଳେ ୨୦ ରୁ ୨୫ଜଣ ମାଓବାଦୀ ଥିବା ଅନୁମାନ କରାଯାଇଥିବା ବେଳେ ଦ୍ୱିତୀୟ ଗୁଳି ବିନିମୟ ସମୟରେ ୧୦ରୁ ୧୫ଜଣ ମାଓବାଦୀ ଥିବା ଅନୁମାନ କରାଯାଉଛି ବୋଲି ଏସ୍‌ପି ଓ ସିଆରପିଏଫ କମାଣ୍ଡାଣ୍ଟ ଏକ ମିଳିତ ପ୍ରେସ ବିବୃତିରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ଏସପି ଓ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଜବତ ମାଓବାଦୀ ସାମଗ୍ରୀ ଖବରଦାତା ସମ୍ମିଳନୀରେ ଦେଖାଉଛନ୍ତି।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ**



**ଁପଦ୍ମାବତୀ ଦାଶ**

ଆବିର୍ଭାବ- ତା୦୫।୦୧।୧୯୫୫
ତିରୋଧାନ- ତା୧୫।୧୦।୨୦୨୨

କାଳର କରାଳ ଗତିରେ ତୁମେ ଆମ୍ଭମାନଙ୍କୁ ଚିର ଦିନ ପାଇଁ ଛାଡିଚାଲିଗଲ। ସଶରୀରେ ତୁମ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ବୋଉ । ତଥାପି ତମର ସ୍ନେହବୋଳା କଥା, ପରକୁ ଆପଣାର କରିବା, ତ୍ୟାଗ ଓ ନୀତି ଆଦର୍ଶ ଜୀବନରେ ଚିରସ୍ମରଣୀୟ ହୋଇ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ବନ୍ଧୁ ପରିବାରବର୍ଗ ।

ଧ-୧୮୪୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଁତିଲୋତ୍ତମା ପ୍ରଧାନ**

ସ୍ଥାନ- ଲୁଣିସରା, ନୂଆଗାଁ, ନୟାଗଡ଼
ଆବିର୍ଭାବ-୦୧।୦୧।୫୮
ତିରୋଧାନ: ୦୫।୧୧।୨୦୨୧

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

ଧ-୧୮୪୭

IN LOVING MEMORY OF



**Smt. Leelawanti Motiwala**

(1947-2022)

With Profound grief we inform the demise of purest soul of our family who left for her heavenly abode on Thursday, 13th, October, 2022.

Paath Aarambh- 20.10.22 (10:00 A.M.)
Paath Sampurna- 26.10.22 (7.00 A.M.)
Bhog- 26.10.22 (1 P.M. onwards)

**Bereaved**

Shankar Ram, Sushil Kumar Motiwala, Suraj Kumar Motiwala, Prem Kumar Motiwala (Son) and Motiwala family

ଧ-୭୧୩୫୮

# ସୋରିଷ ଚାଷ



**ସୋ**ରିଷ ଚାଷରେ ପାଉଁଶିଆ ରୋଗ ଦମନ ଲାଗି ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି.-୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ସକାଶେ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସୋରିଷ ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଧିକ ଅମଳକ୍ଷମ ସୋରିଷ ଚାଷ ସକାଶେ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ରୋଗପୋକ ବିଷୟରେ ସଚେତନ ରୁହନ୍ତୁ।

# ମଲ୍ଲୀ ଗଛ ପାଇଁ ମନ୍ଦା ପ୍ରସ୍ତୁତି

**ମ**ଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଆବଶ୍ୟକ। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମି କିମ୍ବା ଗୁଟି କଲମି ଦ୍ୱାରା ହୁଏ। କଟା କଲମି ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମିଗୁଡ଼ିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।



# ଅଧିକ ଅମଳକ୍ଷମ କାଜୁ

**କା**ଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବି.ପି.ପି, ଭୁବନେଶ୍ୱର -୧,ଭି.ଆର.ଇ-୨,ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟପ୍ରାପ୍ତ ଜମି ସକାଶେ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦/୮୦ଟି ଗଛ ଏବଂ ନିରୋଗ କଲମି ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ ସାର ପ୍ରୟୋଗ କରନ୍ତୁ।





ଡା. ବୀର କିଶୋର ପରିଡ଼ା

# ଗୋ ସମ୍ବର୍ଦ୍ଧନା



**ଗୋ**ମାତା ଆମର ଚଳନ୍ତି ଦେବତା ଓ ସକଳ ସୁଖ ସମୃଦ୍ଧିର ପ୍ରତୀକ। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଗୋସଂପଦ ଉପରେ ହିଁ ପର୍ଯ୍ୟବସିତ। ସୁସ୍ଥ ସମାଜ ଗଠନରେ ଗୋମାତାର ଦାନ ଅତୁଳନୀୟ। ଗୋ-ବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀକୁ ସଂଶ୍ଳିଷ୍ଟ କରାଯାଇ ୧୯୫୨ ମସିହାଠାରୁ ଗିରି ଗୋବର୍ଦ୍ଧନ ଓ ଗୋମାତାର ପୂଜାବିଧି ପାଳନ ପୂର୍ବକ ଆମ ରାଜ୍ୟ ତଥା ଦେଶରେ ଏହାକୁ "ଗୋ-ସମ୍ବର୍ଦ୍ଧନା ସପ୍ତାହ" ଭାବରେ ପାଳନ କରାଯାଇ ଆସୁଅଛି। ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହିତ ଗୋମାତା ଓତଃପ୍ରୋତ ଭାବେ ଜଡ଼ିତ। ଏହିଦିନ ଗୋରୁଙ୍କୁ ଗାଧୋଇ ଦିଆଯାଇ ମଥାରେ ଅଭିର, ସିନ୍ଦୂର ଓ ବେକରେ ଫୁଲମାଳ ଲଗାଇ ପୂଜା କରାଯାଇଥାଏ ଏବଂ ସେମାନଙ୍କୁ ଶସ୍ୟଜାତୀୟ ଖାଦ୍ୟ, ସବୁଜ ଘାସ ଓ ଗୁଡ଼ ଆଦି ଖାଇବାକୁ ଦିଆଯାଏ । ଏହି ଉତ୍ସବ କାର୍ତ୍ତିକମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସମାହିତ ହୋଇଥିବାରୁ ଏହାକୁ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ଆଖ୍ୟା ଦିଆଯାଇଛି ଏବଂ ସେଦିନ ଠାରୁ ଗୋପୂଜାର ପରମ୍ପରା ରହିଆସିଛି। ବର୍ତ୍ତମାନ ଆମ ରାଜ୍ୟରେ ଗୋସଂପଦର ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ଅନେକ ଯୋଜନା ପ୍ରଣୟନ କରାଯାଇଛି। ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା ଗୋପାଳକଙ୍କ ଦ୍ୱାରଦେଶରେ ପହଞ୍ଚାଇ ଦିଆଯାଉଅଛି। ଏହି କାର୍ଯ୍ୟକ୍ରମ ଆମ ରାଜ୍ୟର ୩୧୪ଟି ବ୍ଲକରେ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇଅଛି ଏବଂ ଏହି ସେବା ମାଧ୍ୟମରେ କୃତ୍ରିମ ପ୍ରଜନନ, ଟିକାକରଣ, ଅସ୍ତ୍ରୋପଚାର, ଜନସଚେତନ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ସେହିପରି ସବୁଜ ଗୋଖାଦ୍ୟର ଚାହିଦା ମେଣ୍ଟାଇବାପାଇଁ ଖରିଫ୍ ଓ ରବି ଋତୁରେ ଘାସ ମଞ୍ଜି ଯୋଗାଣ ସହିତ ସବୁଦିନିଆ ଘାସ ଚାଷ ପାଇଁ ଘାସମୂଳ, କାଣ୍ଡ, ଚାରା ଆଦି ଯୋଗାଇ ଦିଆଯାଉଅଛି। ଜାତୀୟ ପ୍ରାଣୀଧନ ମିଶନ ଯୋଜନାରେ ଜଣେ ଗୋପାଳକ ଅନ୍ୟୁନ ଅଧଏକର ଜମିରେ ସବୁଦିନିଆ ଘାସ ଚାଷ ନିମନ୍ତେ

> 'ଆଜିଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି 'ଗୋସମ୍ବର୍ଦ୍ଧନା ସପ୍ତାହ'। ସେ ସମ୍ପର୍କିତ କେତେକ ବିଷୟକୁ ନେଇ ଉପସ୍ଥାପନା...'

୬ହଜାର ଟଙ୍କାରୁ ଆରମ୍ଭ କରି ଅଢ଼େଇ ଏକର ପର୍ଯ୍ୟନ୍ତ ଜମିରେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଗୋପାଳକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଅଛି। ସେହିପରି ତିରୋଟ ସମୟରେ ଆଜୋଲା ଚାଷ, ଫଡ଼ର ବ୍ଲକ ପ୍ରସ୍ତୁତି, ମାଟି ନଥାଇ ଘାସଚାଷ, ଜଳଶୁଷ୍କ ଅଞ୍ଚଳରେ ମରୁଡ଼ି ସହନଶୀଳ ଘାସଚାଷ ଆଦି କରିବା ନିମନ୍ତେ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦିଆଯାଉଅଛି। ସବୁଜ ଗୋଖାଦ୍ୟର ସୁବିନିଯୋଗ ନିମନ୍ତେ ଘାସକଟା ଯନ୍ତ୍ର ମଧ୍ୟ ଯୋଗାଇ ଦିଆଯାଉଅଛି।

ଆମ ରାଜ୍ୟର ଜାତୀୟ ମାନ୍ୟତାପ୍ରାପ୍ତ ଗାଈ ତଥା ବିଞ୍ଝାରପୁରୀ, ଘୁମୁସରି, ଖରିଆଳ, ମୋଟୁ ଏବଂ ମଇଁଷି ପ୍ରଜାତି ଯଥା - ଚିଲିକା ଓ କଳାହାଣ୍ଡି ଆଦିର ସଂରକ୍ଷଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଅଛି। ପ୍ରାଥମିକ ପର୍ଯ୍ୟାୟରେ ବିଞ୍ଝାରପୁରୀ ଗୋପ୍ରଜାତିର ସଂରକ୍ଷଣ ଓ ବିକାଶ ନିମନ୍ତେ ଆଞ୍ଚଳିକ ବ୍ରିଡ଼ର ଆସୋସିଏଶନ୍ ଗଠନ ଏବଂ ପଦକ୍ଷେପ ଗ୍ରହଣ ସହିତ ଏହି ପ୍ରଜାତିର ଉନ୍ନତ ଷଣ୍ଢ ବାଛୁରିପାଳନ କରାଯିବା ସହିତ ଷଣ୍ଢଙ୍କଠାରୁ ବିହନ ସଂଗ୍ରହ କରାଯାଇ କୃତ୍ରିମ ପ୍ରଜନନରେ ବ୍ୟବହାର କରାଯାଉଛି। ବିଭିନ୍ନ ସଂକ୍ରାମକ ରୋଗ ଦାଉରୁ ଗୋ-ସଂପଦକୁ ମୁକ୍ତ ରଖିବାପାଇଁ ସାହାଣା, ବଜବଜିଆ, ଆନ୍ଥ୍ରାକ୍ସ, ଫାଟୁଆ ଆଦି ରୋଗର ଟିକା ପ୍ରତ୍ୟେକ ପ୍ରାଣୀଚିକିତ୍ସା କେନ୍ଦ୍ରରେ ମହଜୁଦ୍ ସହ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିଛି।

ପ୍ରାଣୀ ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ ସମ୍ବନ୍ଧୀୟ ସୂଚନା ବ୍ୟବସ୍ଥା ବା ଇନାଫ୍ କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ଉପାଦେୟ ତଥ୍ୟ ଯଥା - କୃତ୍ରିମ ପ୍ରଜନନ, ଦୁଗ୍ଧ ଉତ୍ପାଦନ, ପ୍ରାଣୀ ସ୍ୱାସ୍ଥ୍ୟରକ୍ଷା, ଗୋଖାଦ୍ୟ ପରିଚାଳନା ଇତ୍ୟାଦି ଲିପିବଦ୍ଧ କରାଯାଇ ଗୋ-ବିକାଶ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବାର ବ୍ୟବସ୍ଥା ହୋଇଛି। ସେଥିପାଇଁ ପ୍ରତ୍ୟେକ ଗୃହପାଳିତ ପ୍ରାଣୀଙ୍କୁ କାନନୋଳି ଦ୍ୱାରା ଚିହ୍ନଟ କରାଯାଉଛି।

ଆମ ରାଜ୍ୟରେ ଗୋ-ସଂପଦର ସାମୂହିକ ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଗୋ-ମହିଷାଦି ନୀତି - ୨୦୧୫ ପ୍ରଣୟନ କରାଯାଇଛି। ଏହି ନୀତି ଅନୁଯାୟୀ, ପ୍ରାଣୀ ଚିକିତ୍ସା ସେବା ଏବଂ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ଦୁଗ୍ଧ ବିକ୍ରି କରିବାପାଇଁ ସୁବିଧା ନ ଥିବା ଅଞ୍ଚଳରେ ଭାରତୀୟ ପ୍ରଜାତିର ଯଥା - ଗିର୍, ସାହିୱାଲ୍, ଥାର୍‌ପାରକର, ବିଞ୍ଝାରପୁରୀ ଆଦି ଷଣ୍ଢଙ୍କଠାରୁ ବିହନ ଉତ୍ପାଦନ କରାଯାଇ ଦେଶୀ ଗାଈଙ୍କର ଗୁଣାତ୍ମକ ମାନ ବୃଦ୍ଧି କରାଯାଉଛି। ଅନ୍ୟାନ୍ୟ ଅଞ୍ଚଳରେ ଜର୍ସି ଓ ହଲଷ୍ଟିନ୍ ପ୍ରଜାତିର ଷଣ୍ଢମାନଙ୍କର ବିହନ କୃତ୍ରିମ ପ୍ରଜନନରେ ବ୍ୟବହାର କରାଯାଇ ଦୁଧିଆଳୀ ଗାଈଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଉଛି। ଦେଶୀ ମଇଁଷିଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ମୁରା ପ୍ରଜାତିର ମଇଁଷି ଷଣ୍ଢ ବ୍ୟବହାର କରାଯାଉଛି। ଏତଦ୍‌ବ୍ୟତୀତ, ରାଜ୍ୟରେ ଜାତୀୟ ମାନ୍ୟତାପ୍ରାପ୍ତ ଗାଈଙ୍କ ସଂରକ୍ଷଣ ଓ ବିକାଶ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହିସବୁ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଆମ ରାଜ୍ୟରେ ୨୦୧୪-୧୫ରେ ଦୁଗ୍ଧ ଉତ୍ପାଦନ ୧୯୦୩ ହଜାର ମେଟ୍ରିକ୍ ଟନ୍ ହୋଇଥିବା ବେଳେ ୨୦୨୦-୨୧ ରେ ଏହା ୨୩୭୩ ହଜାର ମେଟ୍ରିକ୍‌ଟନ୍‌କୁ ବୃଦ୍ଧି ପାଇପାରିଛି । ତଦନୁଯାୟୀ ଆମର ଦୈନିକ ମୁଣ୍ଡିପିଛା ଉପଲବ୍ଧ ହେଉଥିବା ଦୁଗ୍ଧର ପରିମାଣ ୧୧୪ ଗ୍ରାମ୍‌ରୁ ବୃଦ୍ଧି ପାଇ ୧୩୮ ଗ୍ରାମ୍‌ରେ ପହଞ୍ଚି ପାରିଛି ।

ଏତଦ୍‌ବ୍ୟତୀତ ବୁଲା ଗୋରୁ ଓ ଷଣ୍ଢଙ୍କ ଥଇଥାନ ନିମନ୍ତେ ସରକାର ପ୍ରତ୍ୟେକ ଜିଲାରେ ଗୋଶାଳାମାନ ପ୍ରତିଷ୍ଠା କରୁଛନ୍ତି । ଏହାସହିତ ରାଜ୍ୟରେ ଥିବା ଗୋଶାଳାଗୁଡ଼ିକର ଭିତ୍ତିଭୂମିର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି । ମାଲିକବିହୀନ ଏହି ବୁଲା ଗୋରୁଙ୍କୁ ଆଶୁଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ଆନିମଲ୍ ହେଲ୍ପଲାଇନ୍ ବା ରାଜ୍ୟବ୍ୟାପୀ ପ୍ରାଣୀଚିକିତ୍ସା ସହାୟତା ସେବା ବ୍ୟବସ୍ଥା କରିଛନ୍ତି । ସେଥିପାଇଁ ଗୋଟିଏ ଦେୟମୁକ୍ତ ନମ୍ବର ୧୯୬୨ କାର୍ଯ୍ୟ କରୁଛି, ଯେଉଁଥିରେ ପ୍ରାଣୀପ୍ରେମୀମାନେ ଏହି ଫୋନ୍ ନମ୍ବରରେ ଫୋନ୍ କଲେ ଅଳ୍ପ ସମୟ ମଧ୍ୟରେ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ସେହିପରି ପ୍ରାଥମିକ ପ୍ରାଣୀ ଚିକିତ୍ସା, ପ୍ରାଣୀ ପାଳନ, ପ୍ରଜନନ, ଗୋଖାଦ୍ୟ ପରିଚାଳନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ବା ପରାମର୍ଶ ଫୋନ୍ ମାଧ୍ୟମରେ ପ୍ରାଣୀ ଚିକିତ୍ସା ସହାୟତା ସେବା ଯୋଗାଇ ଦିଆଯାଉଛି। ଏହି ପବିତ୍ର ଗୋସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ରାଜ୍ୟସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପାଣୀଚିକିତ୍ସା ଶିବିର, ପ୍ରଶିକ୍ଷଣ, ଗୋପୂଜନ, ସଭା, ଶ୍ରେଷ୍ଠ ଗୋପାଳକମାନଙ୍କୁ ସମ୍ବର୍ଦ୍ଧନା ଆଦିର ଆୟୋଜନ କରାଯାଇଛି। ସେହିପରି ଜିଲାଗୁଡ଼ିକରେ ଗୋପାଳକମାନଙ୍କୁ ଉତ୍ସାହିତ କରିବା ସହିତ ଗୋପାଳନ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଜିଲାସ୍ତରରେ ମଧ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଉଅଛି। ପ୍ରକୃତରେ କହିବାକୁ ଗଲେ, ସମଗ୍ର ମନୁଷ୍ୟ ସମାଜର ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବାର ମୂଳ ଉତ୍ସ ହେଉଛି ଗୋମାତା।

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର,
ମୋ - ୯୪୩୭୬୦୭୩୧୨



# ସ୍ୱାବଲମ୍ବୀ କରିଛି ପାମ୍ ଚାଷ

**ସଫଳ ଚାଷୀ**
**ଶଙ୍କର୍ଷଣ ମଲ୍ଲିକ**

**କାଂ**ଶବାଂଶ ନଈକୂଳରେ ୪ ଏକର ଜମିରେ ଲାଗିଛି ୨୫୦ ପାମ୍ ଗଛ। ଗୋଟିଏ ଗୋଟିଏ ଗଛରେ ଫଳିଛି ୫ରୁ ୭ କାନ୍ଦି ଫଳ। ପ୍ରତ୍ୟହ ଗଛରୁ ଫଳ ତୋଳିବା, ପାଣିଦେବା ସହ ଗଛର ଯତ୍ନନେବା ପାଇଁ ୫ ଜଣ ଅଛନ୍ତି । ବୁଲି ବୁଲି ଗଛଗୁଡ଼ିକର ରକ୍ଷଣାବେକ୍ଷଣର ତଦାରଖ କରୁଛନ୍ତି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୂଡ଼ାମଣି ଗ୍ରାମର ଶଙ୍କର୍ଷଣ ମଲ୍ଲିକ। ବାସୁଦେବପୁର ପଞ୍ଚାୟତ ସମିତିଠାରୁ ୪ କି.ମି. ଦୂରରେ ଅବସ୍ଥିତ ତାଙ୍କର ଏହି ଫାର୍ମ ନଦୀକୂଳ ଖାଲୁଆ ଅଞ୍ଚଳରେ ରହିଥିବାରୁ ପ୍ରତିବର୍ଷ ବନ୍ୟାପାଣିରେ ଧାନଚାଷ ନଷ୍ଟ ହୋଇଯାଏ। ବହୁ ବର୍ଷ ଧରି ଚାଷରେ କ୍ଷତି ସହିବା ପରେ ସ୍ଥାନୀୟ ଉଦ୍ୟାନ ବିଭାଗର ପରାମର୍ଶକ୍ରମେ ୨୫୦ ପାମ୍ ଗଛ ଆଣି ଜମିରେ ୫ ବର୍ଷ ପୂର୍ବେ ଲଗାଇଥିଲେ। ୨୦୨୧ ମସିହାରେ ଏଥିରେ ଫଳ ଆସିଥିଲା। ସ୍ଥାନୀୟ ରାଣୀତାଳସ୍ଥିତ ଏକ ତେଲ କମ୍ପାନୀ ତାଙ୍କଠାରୁ ପାମ୍ କିଣି ନେଇଥିଲା। ଏ ବାବଦରେ ତାଙ୍କୁ ଖର୍ଚ୍ଚ ପରେ ଲକ୍ଷାଧିକ ଟଙ୍କାର ଲାଭ ମିଳିଥିଲା। ଚଳିତ ବର୍ଷ ଏହି ଗଛଗୁଡ଼ିକରେ ଫଳିବା ଆରମ୍ଭ ହୋଇଛି। ୪୦ରୁ ୫୦ କୁଇଣ୍ଟାଲ ଫଳ ବିକ୍ରି ସରିଥିବା ବେଳେ ଆହୁରି ୨ ଶହ କୁଇଣ୍ଟାଲ ଫଳ ଅମଳ ହେବ ବୋଲି ଶଙ୍କର୍ଷଣ ଆଶା ରଖିଛନ୍ତି। ପାମ୍ ଫଳ କୁଇଣ୍ଟାଲ ପ୍ରତି ୨ହଜାରରୁ ୨୨ ଶହ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏଥିରୁ ଉନ୍ନତ ମାନର ଖାଇବାତେଲ ପ୍ରସ୍ତୁତ କରାଯାଏ । ଚଳିତ ବର୍ଷ ୪ରୁ ୫ ଲକ୍ଷ ଟଙ୍କାର ଲାଭ ମିଳିବ ବୋଲି ଆଶା ରହିଥିବା ସେ କହିଛନ୍ତି। ଏହି ଗଛ ୩୦ ବର୍ଷ ଧରି ବଞ୍ଚିରହିବା ସହ ଫଳିବ। ଫାର୍ମରେ ବିଜୁଳି ଯୋଗାଣ ହୋଇପାରୁ ନ ଥିବା ବେଳେ ଜଳସେଚନ ପାଇଁ ଡିଜେଲଚାଳିତ ପମ୍ପ ସେଟ୍‌ରେ ଅଧିକ ଖର୍ଚ୍ଚ ହେଉଛି। ଏଥିପ୍ରତି ଦୃଷ୍ଟିଦେଇ କୃଷି ବିଭାଗ ପକ୍ଷରୁ ତାଙ୍କୁ ରିହାତିରେ ବିଦ୍ୟୁତ୍ ସଂଯୋଗ ପାଇଁ ବ୍ୟବସ୍ଥା କରାଇଲେ ସେ ଉପକୃତ ହେବେ ବୋଲି କହିଛନ୍ତି। ପାମ୍ ଛଡ଼ା ୨ ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଆମ୍ବଗଛ ସହ ଫାର୍ମରେ ମାଛଚାଷ ମଧ୍ୟ କରିଛନ୍ତି। ସରକାରଙ୍କ ପକ୍ଷରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳିଲେ ଆହୁରି ଉନ୍ନତ ଧରଣର ଚାଷ କରିପାରିବେ ବୋଲି ଶଙ୍କର୍ଷଣ କୁହନ୍ତି।



**- କାଳୀପଦ ରାୟ**

## ଅଳ୍ପରେ...

- ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ। ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିୟର ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଂ ଷ୍ଟାର, ସୁପର ଜ୍ୟାଣ୍ଟ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।
- ଲେମ୍ବୁଗଛରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ। ଗଛ ଗଣ୍ଡିର ନିମ୍ନଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟାଜାଗାରେ ପ୍ରଲେପ ଦିଅନ୍ତୁ । ୧ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ।
- ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ସକାଶେ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍ + ମାଙ୍କୋଜେବ୍ (ରିଡୋମିଲ୍ ଏମ୍‌ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛମୂଳରେ ମାଟିଭିଜା କରନ୍ତୁ।
- ଆଳୁ ପାଇଁ ହେକ୍ଟର ପ୍ରତି ୨୦ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର ହୁଏ। ଓଡ଼ିଶା ଜଳବାୟୁ ଲାଗି ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଏବଂ ଆଳୁ ଲଗାଇ ଦିଅନ୍ତୁ।
- କପାଚାଷରେ ହେଲିକୋଭର୍ପା ବା ଆମେରିକୀୟ ବକରା ପୋକ ଆକ୍ରମଣ ଆରମ୍ଭ ହେଲେ ଏହି ପୋକର ପର୍ଯ୍ୟବେକ୍ଷଣ ନିମନ୍ତେ ଏକର ପ୍ରତି ୨ଗୋଟି ଫେରୋମନ୍ ବା ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ । ଏହି ପୋକ ଅଣ୍ଡା ପ୍ରଥମ ବା ଦ୍ୱିତୀୟ ଶୁକ ଅବସ୍ଥା ହେଲେ ଥାୟୋମେଥୋକ୍‌ଜାମ୍ ୧ ଗ୍ରାମ୍, ୪ ଲିଟର ପାଣିରେ କିମ୍ବା ସ୍ପିନୋସାଡ୍ ୦.୫ ମି.ଲି./ଲିଟର ଗୋଳାଇ ହେକ୍ଟର ପିଛା ୫୦୦ ଲିଟର ଦ୍ରବଣ ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ ।



# ଧାନ ଚାଷରେ ରୋଗପୋକ ଦମନ

**ବି**ଳମ୍ବରେ ରୁଆ ଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋର୍‌ପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ଏଠାରେ ପ୍ରଦତ୍ତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଏବଂ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ, ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୬/୨୦୨୨ Bhubaneswar, Wednesday, October 26/ 2022





ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍ ଖେଳିବା ପାଇଁ ଭୁବନେଶ୍ୱରରେ ପହଞ୍ଚିଥିବା ନ୍ୟୁଜିଲାଣ୍ଡ ଓ ସ୍ପେନ୍ ହକି ଦଳ।

# ଭୁବନେଶ୍ୱରରେ ସ୍ପେନ୍, ନ୍ୟୁଜିଲାଣ୍ଡ ହକି ଦଳ

**ଭୁବନେଶ୍ୱର,୨୫।୧୦**

ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍ ପାଇଁ ପହଞ୍ଚିଛନ୍ତି ସ୍ପେନ୍ ଓ ନ୍ୟୁଜିଲାଣ୍ଡ ହକି ଦଳ। ଉଭୟ ଦଳ ଭାରତ ସହିତ ଦୁଇଟି ଲେଖାଏ ମ୍ୟାଚ ଖେଳିବେ ଓ ପରସ୍ପର ସହିତ ମଧ୍ୟ ଦୁଇଟି ଲେଖାଏ ମ୍ୟାଚ ଖେଳିବେ। ଭୁବନେଶ୍ୱରରେ ପହଞ୍ଚିବାକୁ ନେଇ ଉତ୍ସାହ ପ୍ରକାଶ କରିଛନ୍ତି ସ୍ପେନ୍ ଦଳର କୋଚ୍ ମ୍ୟାକ୍ସ କାଲଡାସ୍। ସ୍ପେନରୁ ଭାରତ ବେଶ୍ ଲମ୍ବା ଯାତ୍ରା, ମାତ୍ର ଭାରତରେ ତଥା ଭୁବନେଶ୍ୱରରେ ପହଞ୍ଚିବାକୁ ନେଇ ଆମେ ବହୁତ ଖୁସି ବୋଲି ସେ କହିଛନ୍ତି। ଭୁବନେଶ୍ୱରର ପିଚ୍ ଏବଂ ପରିସ୍ଥିତି ସହିତ ଆମେ ପରିଚିତ । ତେଣୁ ବିଜୟୀ ହେବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। ସ୍ପେନ୍ ଅକ୍ଟୋବର ୩୦ ଓ ନଭେମ୍ବର ୬ରେ ଭାରତ ବିପକ୍ଷରେ ଓ ଅକ୍ଟୋବର ୨୯ ଓ ନଭେମ୍ବର ୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ସମାନ ଭାବରେ ନ୍ୟୁଜିଲାଣ୍ଡ ମୁଖ୍ୟ କୋଚ୍ ଗ୍ରେଗ୍ ନିକୋଲ ମଧ୍ୟ ଭୁବନେଶ୍ୱରରେ ଖେଳିବାକୁ ନେଇ ଉତ୍ସାହିତ ଅଛନ୍ତି। ଭାରତରେ ୩ ମାସ ମଧ୍ୟରେ ବିଶ୍ୱକପ ଖେଳାଯିବ। ବିଶ୍ୱକପ ପ୍ରସ୍ତୁତି ପାଇଁ ପ୍ରୋ ଲିଗ୍ ମ୍ୟାଚ୍ ବେଶ ଜରୁରୀ ବୋଲି ନିକୋଲ କହିଛନ୍ତି।

# ଅଷ୍ଟ୍ରେଲିଆର ସହଜ ବିଜୟ



ଦ୍ରୁତ ଅର୍ଦ୍ଧଶତକ ହାସଲକାରୀ ମାର୍କସ ଷ୍ଟୋଇନିସ୍।

**ପର୍ଥ,୨୫।୧୦(ପି.ଟି.)**

ଟି୨୦ ବିଶ୍ୱକପ୍ ସୁପର-୧୨ରେ ପ୍ରଥମ ବିଜୟ ହାସଲ କରିଛି ଆୟୋଜକ ଅଷ୍ଟ୍ରେଲିଆ। ପର୍ଥରେ ଖେଳାଯାଇଥିବା ମ୍ୟାଚରେ ଲୋକାଲ ବୟ ମାର୍କସ୍ ଷ୍ଟୋଇନିସଙ୍କ ଧୂଆଁଧାର ଅର୍ଦ୍ଧଶତକ ବଳରେ ୭ ଉଇକେଟରେ ଜିତି ପ୍ରଥମ ବିଜୟ ହାସଲ କରିଛି ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୬ ଉଇକେଟରେ ୧୫୭ ରନ୍ କରିଥିଲା। ଷ୍ଟୋଇନିସଙ୍କ ଅପରାଜିତ ୫୯ ରନ୍ ବଳରେ ଅଷ୍ଟ୍ରେଲିଆ ୧୬.୩ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଶ୍ରୀଲଙ୍କା ପକ୍ଷରୁ ପାଥୁମ୍ ନିଶଙ୍କା ୪୦ ରନ୍ କରିଥିଲେ। ଧନଞ୍ଜୟ ଡି ସିଲ୍‌ଭା ୨୬ ଓ ଚରିଥ୍ ଅସଲଙ୍କା ୩୮ଙ୍କ ଅବଦାନ ଫଳରେ ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୬ ଉଇକେଟରେ ୧୫୭ ରନ୍ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ହାଜେଲଉଡ୍, କମିନ୍ସ, ଷ୍ଟାର୍କ, ଆଷ୍ଟନ୍ ଆଗର ଓ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଅଷ୍ଟ୍ରେଲିଆର ଆରମ୍ଭ ବେଶ ଧୀମା ରହିଥିଲା। ତେବେ ଷ୍ଟୋଇନିସ୍ ମାତ୍ର ୧୮ ବଲରୁ ୫୯ ରନ୍ ସ୍କୋର କରି ଦଳକୁ ସହଜ ବିଜୟ ଦେଇଥିଲେ। ଏହି ଇନିଂସରେ ୪ ଚୌକା ଓ ୬ ଛକା ସାମିଲ ଥିଲା। ଷ୍ଟୋଇନିସ ଶ୍ରୀଲଙ୍କା ସ୍ପିନର ୱାନିନ୍ଦୁ ହସରଙ୍ଗାଙ୍କୁ ଟାର୍ଗେଟ୍ କରିଥିବା ବେଳେ ସେ ୩ ଓଭରରେ ୫୩ ରନ ବ୍ୟୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିଞ୍ଚ ୪୨ ବଲ୍ ଖେଳି ୩୧ ରନରେ ଅପରାଜିତ ଥିଲେ। ଶ୍ରୀଲଙ୍କା ପକ୍ଷରୁ ମହୀଷ

**ଟି୨୦ ବିଶ୍ୱକପ୍ ସୁପର୧୨**

ଥିକ୍ସାନା, ଧନଞ୍ଜୟ ଡି ସିଲ୍‌ଭା ଓ ଚାମିକା କରୁଣାରତ୍ନେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଷ୍ଟୋଇନିସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୧୫୭/୬ (ପାଥୁମ୍ ନିଶଙ୍କା-୪୦, ଚରିଥ୍ ଅସଲଙ୍କା-୩୮*, ଧନଞ୍ଜୟ ଡି ସିଲଭା-୨୬, ଗ୍ଲେନ୍ ମ୍ୟାକ୍ସୱେଲ-୧/୫, ମିଚେଲ ଷ୍ଟାର୍କ-୧/୨୫, ଆଷ୍ଟନ ଆଗର-୧/୨୬)। ଅଷ୍ଟ୍ରେଲିଆ ୧୬.୩ ଓଭରରେ ୧୫୮/୩ (ମାର୍କସ ଷ୍ଟୋଇନିସ୍-୫୯*, ଆରୋନ୍ ଫିଞ୍ଚ-୩୧*, ଗ୍ଲେନ୍ ମ୍ୟାକ୍ସୱେଲ-୨୩, ମହୀଷ ଥିକ୍ସାନା-୧/୨୩, ଧନଞ୍ଜୟ ଡି ସିଲ୍‌ଭା-୧/୧୮, ଚାମିକା କରୁଣାରତ୍ନେ-୧/୨୦)।

# ହରମନ୍‌ପ୍ରୀତଙ୍କୁ ଅଧିନାୟକ ଦାୟିତ୍ୱ

**ଭୁବନେଶ୍ୱର,୨୫।୧୦**

ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍ ପାଇଁ ୨୨ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ସ୍ପେନ୍ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ମିନି ଟୁର୍ନାମେଣ୍ଟ ପାଇଁ ନିୟମିତ ଅଧିନାୟକ ମନ୍‌ପ୍ରୀତଙ୍କ ସ୍ଥାନରେ ହରମନପ୍ରୀତ୍ ସିଂଙ୍କୁ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅପରପକ୍ଷରେ ମନ୍‌ପ୍ରୀତଙ୍କୁ ତାଙ୍କ ଡେପୁଟି ଚୟନ କରାଯାଇଛି। ପ୍ରୋ ଲିଗ୍ ହକିର ଏହି ପରିବର୍ତ୍ତିତ ରୂପରେଖ ଅନୁସାରେ ଭାରତ ଉଭୟ ନ୍ୟୁଜିଲାଣ୍ଡ ଓ ସ୍ପେନ୍ ସହିତ ଦୁଇଟି ଲେଖାଏ ମ୍ୟାଚ ଖେଳିବ। ଅକ୍ଟୋବର ୨୮ ଓ ନଭେମ୍ବର ୪ରେ ନ୍ୟୁଜିଲାଣ୍ଡ ଏବଂ ଅକ୍ଟୋବର ୩୦ ଓ ନଭେମ୍ବର ୬ରେ ସ୍ପେନ୍ ବିପକ୍ଷରେ ଖେଳିବ ଭାରତ। ଭାରତୀୟ ଟିମ୍ ଖେଳାଳିଙ୍କ ମଧ୍ୟରେ



ହରମନପ୍ରୀତ୍ ସିଂ

ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି କରିବାକୁ ଚାହୁଁଛି । ଏହି କାରଣରୁ ଟିମ୍ ମ୍ୟାନେଜମେଣ୍ଟ ପ୍ରୋ ଲିଗ୍ ହକିର ପ୍ରଥମ ୪ ମ୍ୟାଚ ପାଇଁ ହରମନ୍‌ପ୍ରୀତଙ୍କୁ ଅଧିନାୟକ ଦାୟିତ୍ୱ ପ୍ରଦାନ କରିଛି ବୋଲି କହିଛନ୍ତି କୋଚ୍ ଗ୍ରାହାମ ରିଡ୍। ଏହା ସହ ଭାରତୀୟ ଦଳରେ ଏକାଧିକ ନୂତନ ଚେହେରା ଦେଖିବାକୁ ମିଳିବ। ଏଫ୍‌ଆଇଏଚ୍-୫ ଟୁର୍ନାମେଣ୍ଟରେ ହାଇଏଷ୍ଟ ସ୍କୋରର ରହିଥିବା

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି**

ମହମ୍ମଦ ରାହିଲ୍ ମୌସିନଙ୍କୁ ପ୍ରଥମ ଥର ଭାରତୀୟ ଦଳକୁ ଡକରା ମିଳିଥିବା ବେଳେ ଶେଷ ଥର ପାଇଁ ଜାକାର୍ତ୍ତାରେ ଏସିଆ କପ୍ ଖେଳିଥିବା ଏସ୍ କର୍ଥିଙ୍କୁ ମଧ୍ୟ ଡକରା ମିଳିଛି। ଲାଉସାନ୍ନେରେ ଜୁନ୍‌ରେ ଖେଳା ଯାଇଥିବା ଏଫ୍‌ଆଇଏଚ୍-୫ ଟୁର୍ନାମେଣ୍ଟ ଓ ଚଳିତ ରାଜକୋଟ ଜାତୀୟ କ୍ରୀଡାରେ ରାହିଲ ସର୍ବାଧିକ ସ୍କୋରର ରହିବା ସହିତ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। କଳିଙ୍ଗ ଷ୍ଟାଡିୟମରେ ଏହି ୪ଟି ଯାକ ମ୍ୟାଚ୍ ଖେଳାଯିବ। ସମାନ ଷ୍ଟାଡିୟମରେ ଜାନୁୟାରୀ ୨୦୨୩ରେ ହକି ବିଶ୍ୱକପ୍ ମଧ୍ୟ ଖେଳାଯିବ।

**ଭାରତୀୟ ଦଳ**

**ଗୋଲକିପର:** ପି. ଆର. ଶ୍ରୀଜେସ୍, କ୍ରିଶନ୍ ବାହାଦୁର ପାଠକ। **ଡିଫେଣ୍ଡର:** ଜରମନପ୍ରୀତ ସିଂ, ସୁରେନ୍ଦର କୁମାର, ହରମନପ୍ରୀତ ସିଂ, ଅମିତ ରୋହିଦାସ, ଯୁଗରାଜ ସିଂ, ମନଦୀପ୍ ମୋର ଓ ନୀଲମ ସଞ୍ଜୀପ ଖେସ୍। **ମିଡଫିଲ୍ଡର:** ସୁମିତ, ମନପ୍ରୀତ ସିଂ, ହାର୍ଦ୍ଦିକ୍ ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ସମଶେର ସିଂ, ରାଜକୁମାର ପାଲ ଓ ମହମ୍ମଦ ରାହିଲ ମୌସିନ୍। **ଫରୱାର୍ଡ:** ମନଦୀପ୍ ସିଂ, ଦିଲପ୍ରୀତ୍ ସିଂ, ଅଭିଷେକ, ଏସ୍. କର୍ଥି ଓ ସୁଖଜିତ ସିଂ।

# ଭର୍ଷ୍ଟାପେନ୍ ରେକର୍ଡ ସମକକ୍ଷ

**ଅଷ୍ଟିନ୍, ୨୫।୧୦ (ଏପି):** ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ୟୁଏସ୍ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ମୋଟର ରେସ୍ ଜିତିଛନ୍ତି। ଏହି ରେସ୍‌ରେ ମର୍ସିଡିଜର ଲୁଇସ୍ ହାମିଲଟନଙ୍କଠାରୁ ତାଙ୍କୁ କଡ଼ା



ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି ବିଜୟକୁ ସେ ଅଷ୍ଟ୍ରେଲିଆର ଅନ୍ୟତମ ଧନୀ ବ୍ୟକ୍ତି ତଥା ରେଡ୍‌ବୁଲ ଏନର୍ଜି ଡ୍ରିଙ୍କ୍‌ର ସହପ୍ରତିଷ୍ଠାତା ଓ ରେଡ୍‌ବୁଲ୍ ଟିମ୍‌ର ମାଲିକ ଡିଟ୍ରିଜ୍ ମାଟେସ୍କିଜ୍‌ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ମାଟେସ୍କିଜ୍‌ଙ୍କର କିଛି ଦିନ ତଳେ ୭୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ଚଳିତବର୍ଷ ଭର୍ଷ୍ଟାପେନ୍‌ଙ୍କ ଏହା ଥିଲା ୧୩ତମ ଟାଇଟଲ। ଏହାଦ୍ୱାରା ସେ ମାଇକେଲ ସୁମାକର ଓ ସେବାଷ୍ଟିଆନ ଭେଟେଲଙ୍କ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। କେବଳ ସେତିକି ନୁହେଁ ୨୦୧୩ ପରେ କନ୍‌ଷ୍ଟ୍ରକ୍ଟର୍ସ ଟାଇଟଲ ହାସଲ କରିବାରେ ରେଡ୍‌ବୁଲ୍ ପାଇଁ ଏହି ବିଜୟ ଯଥେଷ୍ଟ ଥିଲା। ଭର୍ଷ୍ଟାପେନ୍ ପୂର୍ବରୁ ଜାପାନରେ ଡ୍ରାଇଭର୍ସ ଟାଇଟଲ ହାସଲ କରିଥିଲେ। ରେସ୍‌ରେ ଯଥାକ୍ରମେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ଓ ମର୍ସିଡିଜ୍‌ର ଜର୍ଜ ରସେଲଙ୍କଠାରୁ ଆଗରେ ରହି ଫେରାରି ଚାର୍ଲ୍ସ ଲେକ୍‌ରେକ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ଜାତୀୟ ସିନିୟର ଉସୁରେ ଅଂଶଗ୍ରହଣ କରିବ ଓଡ଼ିଶା



ଓଡ଼ିଶା ଉସୁ ଦଳ।

**ଭୁବନେଶ୍ୱର,୨୫।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଜମ୍ମୁ-କଶ୍ମୀରର ଶ୍ରୀନଗରସ୍ଥିତ ଏସ୍.କେ. ଇନ୍‌ଡୋର ଷ୍ଟାଡିୟମରେ ହେବାକୁ ଥିବା ଜାତୀୟ ସିନିୟର ଉସୁ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବ ଓଡ଼ିଶା। ମଙ୍ଗଳବାର ୨୯ ଜଣିଆ ଓଡ଼ିଶା ଦଳ ଜମ୍ମୁ-କଶ୍ମୀର ଯାତ୍ରା କରିଛି। ୨୮ ଅକ୍ଟୋବରରୁ ନଭେମ୍ବର ୨ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଖେଳାଯିବ। ଓଡ଼ିଶା ଦଳରେ ୨୨ ଜଣ ଖେଳାଳି ଓ ୭ ଜଣ ଅଫିସିଆଲ ରହିଛନ୍ତି। ଅନ୍ତର୍ଜାତୀୟ ବିଚାରପତି ଇଂ. ସୁଧାଂଶୁ ଶେଖର ହରିଚନ୍ଦନଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଯାଇଥିବା ବେଳେ ଅନ୍ୟତମ ବିଚାରପତି ଭାବେ ପ୍ରଦ୍ୟୁମ୍ନ ବେହେରା ଓ ଅନୁରାଧା ବେହେରା ରହିଛନ୍ତି। ପଙ୍କଜ ମହାନ୍ତ ଓ ସୁଜନ ରଥ କୋଚ୍ ରହିଥିବା ବେଳେ ଟିମ୍ ମ୍ୟାନେଜର ରହିଛନ୍ତି ନଟବର ସେଠୀ ଓ ଈଶ୍ୱର ମହାନ୍ତ। ନଭେମ୍ବର ୭ ତାରିଖରେ ଦଳ ଜମ୍ମୁ କଶ୍ମୀରରୁ ପ୍ରତ୍ୟାବର୍ତ୍ତନ କରିବ। ଓଡ଼ିଶା ଉସୁ ଆସୋସିଏଶନ୍ ସଭାପତି ଇଂ. ସୁଧାଂଶୁ ଶେଖର ହରିଚନ୍ଦନ, ଉପସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଜାତୀୟ କ୍ରୀଡ଼ା ପଦକ ବିଜେତାଙ୍କୁ ୩.୧୬ କୋଟି

**ଭୁବନେଶ୍ୱର,୨୫।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଗୁଜରାଟରେ ଅନୁଷ୍ଠିତ ୩୬ ତମ ଜାତୀୟ କ୍ରୀଡାରେ ପଦକ ବିଜେତା ଆଥଲେଟ ମାନଙ୍କୁ ପୁରସ୍କୃତ କରିଛନ୍ତି ଓଡ଼ିଶା ସରକାର। କ୍ରୀଡା ଓ ଯୁବସେବା ବ୍ୟାପାର ପକ୍ଷରୁ ଆଥଲେଟ ମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ପ୍ରମୋଶନ କାଉନସିଲ୍ ଚେୟାରମ୍ୟାନ ଦିଲୀପ ତିର୍କି ଓ କ୍ରୀଡା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଉପସ୍ଥିତ ରହିଥିଲେ। ସର୍ଭିସେସର ପ୍ରତିନିଧିତ୍ୱ କରି ପଦକ ହାସଲ କରିଥିବା ଦୀନେଶ କୁମାର (ସାଇକ୍ଲିଙ୍ଗ, ୩ ସ୍ୱର୍ଣ୍ଣ) ଓ ମୁନା ନାୟକ (ଭାରୋତ୍ତୋଳନ, ୧ ରୌପ୍ୟ)ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ କ୍ରୀଡାରେ ସ୍ୱର୍ଣ୍ଣ ବିଜେତାଙ୍କୁ ୫ ଲକ୍ଷ,




ପଦକ ବିଜେତା ଆଥଲେଟଙ୍କ ସହିତ କ୍ରୀଡା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ପ୍ରମୋଶନ କାଉନସିଲ୍ ଚେୟାରମ୍ୟାନ ଦିଲୀପ ତିର୍କୀ ଓ କ୍ରୀଡା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା।

ରୌପ୍ୟ ବିଜେତାଙ୍କୁ ୩ ଲକ୍ଷ ଏବଂ ବ୍ରୋଞ୍ଜ ପଦକ ପାଇଁ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ୧୦୦ ଜଣ ଆଥଲେଟଙ୍କୁ ୩.୧୬ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

ରାଜ୍ୟର ଯୁବ ଆଥଲେଟ ମାନଙ୍କୁ ସମ୍ମାନିତ କରିବା ଅବସରରେ ମୁଁ ନିଜକୁ ଅତ୍ୟନ୍ତ ଗୌରବାନ୍ୱିତ ମନେ କରୁଛି ବୋଲି ତୁଷାରକାନ୍ତି ବେହେରା ପ୍ରକାଶ କରିଥିଲେ। କ୍ରୀଡାବିତଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ଜାତୀୟ କ୍ରୀଡାରେ ରାଜ୍ୟକୁ ସଫଳତା ପ୍ରଦାନ କରିଛି ବୋଲି ସେ କହିଥିଲେ। ଏହି ଖେଳାଳି ମାନଙ୍କୁ ଆଗକୁ ଆହୁରି ସଫଳତା ପାଇଁ ଓଡ଼ିଶା ସରକାର ସର୍ବଦା ତତ୍ପର ବୋଲି ସେ କହିଥିଲେ। ସେହିପରି ପଦକ ବିଜତା ଆଥଲେଟ ମାନେ ରାଜ୍ୟ ସରକାରଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ହକି ପ୍ରମୋଶନ କାଉନସିଲ୍ ଚେୟାରମ୍ୟାନ ଦିଲୀପ ତିର୍କି ଖେଳାଳି ମାନଙ୍କ ସହିତ ଆଲୋଚନା କରିଥିଲେ। କାୟାକିଙ୍ଗ ଆଣ୍ଡ କାନୋୟିଙ୍ଗ ଓ ନୌଚାଳନାରୁ ଓଡ଼ିଶା ସର୍ବାଧିକ ପଦକ ହାସଲ କରିଛି। ସ୍ୱର୍ଣ୍ଣ ବିଜୟିନୀ ମହିଳା ରଗବୀ ଦଳକୁ ୬୦ ଲକ୍ଷ ଏବଂ ରୌପ୍ୟ ବିଜୟିନୀ ମହିଳା ଖୋ ଖୋ ଦଳକୁ ୪୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

# ଗ୍ରିନରଙ୍କ ଆବେଦନକୁ ରୁଷୀୟ କୋର୍ଟଙ୍କ ଖାରଜ

**ମସ୍କୋର, ୨୫।୧୦ (ଏପି)**

ଆମେରିକାର ମହିଳା ଷ୍ଟାର ବାସ୍କେଟବଲ ଖେଳାଳି ବ୍ରିଟ୍‌ନୀ ଗ୍ରୀନରଙ୍କ ଆବେଦନକୁ ଏକ ରୁଷୀୟ କୋର୍ଟ ଖାରଜ କରିଦେଇଛନ୍ତି। ମସ୍କୋର ସେରେମେତ୍‌ୟୋଭ ବିମାନ ବନ୍ଦରରେ ପୋଲିସ ବ୍ରିଟ୍‌ନୀଙ୍କ ଲଗେଜରୁ ଡ୍ରଗ୍ସ ଜବତ କରିଥିଲା। ଏହି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଅଗଷ୍ଟ ୪ତାରିଖରେ ତାଙ୍କୁ ୯ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ୟୁକ୍ରେନକୁ ରୁଷିଆର ସୈନ୍ୟ ପ୍ରେରଣର କିଛି ଦିନ ପୂର୍ବରୁ ଦୁଇଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଗ୍ରିନରଙ୍କୁ ଫେବୃୟାରୀରେ ଗିରଫ କରାଯାଇଥିଲା। ସେତେବେଳେ ମସ୍କୋ ଓ ୱାଶିଂଟନ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଗ୍ରୀନର ୟୁଏସ୍ ଲିଗ୍‌ର ଅଫ୍ ସିଜନରେ ଖେଳିବା ଲାଗି ରୁଷିଆ ଆସିଥିଲେ। ସେ ସଫେଇ ଦେଇଛନ୍ତି ଯେ, ତାଙ୍କ ନିକଟରୁ ଜବତ ହୋଇଥିବା ଡ୍ରଗ୍ସକୁ ସେ କୌଣସି ମନ୍ଦ ଉଦ୍ଦେଶ୍ୟରେ ଆଣି ନ ଥିଲେ। ଏହା ଏକ ଯନ୍ତ୍ରଣା ନିବାରକ ଔଷଧ। ଗ୍ରୀନରଙ୍କର ଭିଡିଓ



ବ୍ରିଟ୍‌ନୀ ଗ୍ରିନର

କଲ୍ ଜରିଆରେ ମସ୍କୋ ରିଜିଓନାଲ କୋର୍ଟରେ ଶୁଣାଣି ହୋଇଥିଲା। ସେ ମସ୍କୋ ଉପକଣ୍ଠସ୍ଥିତ ଏକ ପେନାଲ କଲୋନୀରେ ଥାଇ ଏଥିରେ ଅଂଶଗ୍ରହଣ କରିଥିଲେ, ଯେଉଁଠାରେ କି ସେ ବର୍ତ୍ତମାନ ବନ୍ଦୀ ଅଛନ୍ତି।

ସୂଚନାଯୋଗ୍ୟ, ୟୁଏସ୍ ଓ ରୁଷିଆ ମଧ୍ୟରେ ବନ୍ଦୀ ଆଦାନ ପ୍ରଦାନ ହୋଇଥାଏ। ଏହି ପ୍ରକ୍ରିୟା ଜରିଆରେ ଗ୍ରୀନର ରିଲିଜ୍ ହୋଇପାରିବେ। ଗତ ଏପ୍ରିଲରେ ମସ୍କୋ ଆମେରିକାର ଭେଟେରାନ ଟ୍ରେଭର ରିଡ୍‌ଙ୍କୁ ରୁଷୀୟ ପାଇଲଟ କୋନଷ୍ଟାନଟିନ୍ ୟାରୋସେଙ୍କୋଙ୍କ ବଦଳରେ ରିଲିଜ କରିଥିଲା, ଯିଏକି ଏକ ଡ୍ରଗ୍ ଟ୍ରାଫିକିଙ୍ଗ୍ ଷଡ଼ଯନ୍ତ୍ର ଘଟଣାରେ ଦଣ୍ଡିତ ହୋଇଥିଲେ। ଆମେରିକା ହେପାଜତରେ ଥିବା ଅନ୍ୟ ବନ୍ଦୀମାନଙ୍କୁ ରିଲିଜ କରିବା ଲାଗି ରୁଷିଆ ପକ୍ଷରୁ ଉଦ୍ୟମ ଚାଲିଛି।

**ସୁଲ୍‌ତାନ ଅଫ୍ ଜୋହର କପ୍**

# ଜାପାନକୁ ୫-୧ରେ ହରାଇଲା ଭାରତ

**ଜୋହର (ମାଲେସିଆ), ୨୫।୧୦ (ପି.ଟି.):** ସୁଲ୍‌ତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଭାରତର ଜୁନିୟର ପୁରୁଷ ହକି ଦଳ ବିଜୟ ପଥକୁ ଫେରିଛି। ଦଳ ମଙ୍ଗଳବାର ୫-୧ ଗୋଲରେ ଜାପାନକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଅଧିନାୟକ ଉତ୍ତମ ସିଂ (୩ୟ ମିନିଟ), ରୋହିତ (୧୨ତମ), ଜନସନ ପୂର୍ତ୍ତି(୨୧ତମ), ବବିସିଂ ଧାମି (୩୧ତମ) ଓ ଅମନଦୀପ ଲାକ୍ରା (୫୧ତମ) ଗୋଲ ସ୍କୋର କରିଥିଲେ। ଜାପାନ ତରଫରୁ ଏକମାତ୍ର ଗୋଲ୍ ଇକୁମି ସାଏକି (୧୫ତମ ମିନିଟ) ପେନାଲ୍ଟି କର୍ନରରୁ ସ୍କୋର କରିଥିଲେ। ଭାରତ ଟୁର୍ନାମେଣ୍ଟରେ ଏହାର ଚତୁର୍ଥ ମ୍ୟାଚ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଜଳିଗଲା ବାଇକ୍, ବର୍ତ୍ତିଲେ ଚାଳକ

**ଯାଁଳା,୨୫।୧୦(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଓଗାଳପଡା ଗ୍ରାମର ଶିବରାମଙ୍କ ବାଇକ୍ ହଠାତ୍ ଜଳିଯାଇଥିଲା। ହେଲେ ସେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ମୁତାବକ, ଶିବରାମ ସୋମବାର ଅପରାହ୍ନରେ ତଳଖେତା ଛକସ୍ଥିତ ପେଟ୍ରୋଲ ପମ୍ପରେ ପେଟ୍ରୋଲ ପକାଇ ଘରକୁ ଫେରିବା ବେଳେ ଗାଡିଟି ଷ୍ଟାଟ ହୋଇନଥିଲା। ଫଳରେ ଗାଡିକୁ ପେଲି ଷ୍ଟାର୍ଟ କରିବା ସହ ୫୦୦ ମିଟର ଯିବା ପରେ ଗାଡିଟି ହଠାତ୍ ଜଳି ଉଠିଥିଲା। ସଙ୍ଗେ ସଙ୍ଗେ ଶିବରାମ ଗାଡିରୁ ଓହ୍ଲାଇ ପଡ଼ିଥିଲେ। ଶିବରାମ ଓ ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ଫଳରେ ଗାଡିଟି ଜଳି ନଷ୍ଟ ହୋଇଯାଇଥିଲା।

### ହାତୀ ଆକ୍ରମଣରେ ଯୁବତୀ ଗୁରୁତର

**ନିରାକାରପୁର,୨୫।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ବେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏପରିକି ପାଚେରି ଓ ଘର ଭାଙ୍ଗୁଥିବା ନଜିର ରହିଛି। ଗତ ରବିବାର ରାତିରେ ହାତୀ ଆକ୍ରମଣରେ ଏହି ବନାଞ୍ଚଳ ଅଧୀନ ନୂଆଗଡ ପଞ୍ଚାୟତ ପାତ୍ରପଡା ଆଦିବାସି ସାହିର ଜସ୍ମିତା ଜେନା ଗୁରୁତର ଆହତ ହୋଇଥିଲେ। ଚାନ୍ଦପୁର ମେଡିକାଲରେ ଚିକିତ୍ସା ପରେ ସେ ଘରକୁ ଫେରିଛନ୍ତି। ସୂଚନା ମୁତାବକ, କୌଣସି କାମ ପାଇଁ ଜସ୍ମିତା ଘର ବାରିପଟକୁ ରାତିରେ ଯାଇଥିଲେ। ହଠାତ୍ ହାତୀକୁ ଦେଖି ଭୟଭୀତ ହେବା ସହ ଘରକୁ ଦୌଡ଼ି ପଳାଇ ଆସିବା ସମୟରେ ତଳେ ପଡ଼ିଯାଇଥିଲେ। ହାତୀଟି ଅନ୍ଧାରରେ ନ ଜାଣିପାରି ଯୁବତୀଙ୍କ ପାଦ ଉପରେ ତାର ଗୋଡ ପକାଇଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତେବେ ହାତୀଟି ଆଗକୁ ଯାଇ ପୁଣି ଆସିବାରୁ ଉପସ୍ଥିତ ବୁଦ୍ଧି ଯୋଗୁ କୌଶଳକ୍ରମେ ସେ ଅନ୍ୟ ଏକ ଘରେ ପଶିଯାଇଥିଲେ। ଫଳରେ ହାତୀଟି ଫେରିଯାଇଥିଲା। ଅନ୍ୟପଟେ ସରକାରୀ ନିୟମ ଅନୁଯାୟୀ ଆହତଙ୍କୁ ଆର୍ଥିକ ସହାୟତା ମିଳିବ ବୋଲି ଭୂଷଣ୍ଡପୁର ଫରେଷ୍ଟର ରାକେଶ ପଣ୍ଡା କହିଛନ୍ତି।

### ଚୋରି ସାମଗ୍ରୀ ଜବତ, ୨ ଗିରଫ

**ବାଲୁଗାଁ,୨୫।୧୦(ଡି.ଏନ୍.ଏ.):** ପୃଥକ୍ ଚୋରି ଘଟଣାରେ ବାଲୁଗାଁ ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରି ସାମଗ୍ରୀ ଏକ ବାଇକ୍ ଏବଂ ମୋବାଇଲ ଫୋନ ଜବତ କରିଛି। ଏ ସମ୍ପର୍କରେ ମଙ୍ଗଳବାର ପୋଲିସ୍ ଦୁଇଟି ମାମଲା (୨୧୮, ୨୧୯/୨୨) ରୁଜୁକରି ଅଭିଯୁକ୍ତ ବଡ଼କୂଳ ଅଞ୍ଚଳର ବିକାଶ ପ୍ରଧାନ ଓ ଡଗରଙ୍କୁ କୋର୍ଟଚାଲାଣ କରିଛି। ସୂଚନାଥାଉ କି, ଗତ ୧୧ତାରିଖରେ ନାଚୁଣି ଅଞ୍ଚଳର ରଘୁନାଥ ସ୍ୱାଇଁ କାଳିଜାଈ ଦର୍ଶନ ନିମନ୍ତେ ଆସିଥିବା ବେଳେ ବାଇକକୁ ବଡ଼କୂଳ ପାନ୍ଥନିବାସ ପାଖରେ ରଖିଥିଲେ। ମନ୍ଦିରରୁ ଫେରି ଦେଖିବା ବେଳକୁ ଗାଡ଼ିଟି ନ ଥିଲା। ଖୋଜାଖୋଜି କରି କୌଣସି ସନ୍ଧାନ ନ ପାଇବାରୁ ଘଟଣା ସମ୍ପର୍କରେ ସ୍ଥାନୀୟ ନାଭାଲ ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ। ବାଲୁଗାଁ ଥାନା ଅଧିକାରୀ ରଶ୍ମୀ ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ କରି ବଡ଼କୂଳ ଅଞ୍ଚଳରୁ ଉକ୍ତ ବାଇକକୁ ଜବତ କରିବା ସହ ବିକାଶଙ୍କୁ ଗିରଫ କରିଥିଲେ। ଏହି ଚୋରି ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟ ସଦସ୍ୟଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଆଇଆଇସି ଦାଶ କହିଛନ୍ତି। ସେହିପରି ୬୪ ହଜାର ଟଙ୍କାର ମୋବାଇଲ ଫୋନ୍ ଚୋରି ଘଟଣାର ତଦନ୍ତ କରି ପୋଲିସ ଡଗରଙ୍କୁ ଗିରଫ କରିବା ସହ ମୋବାଇଲ ଜବତ କରିଥିଲା। ପ୍ରକାଶ ଯେ, ଗତ ୪୫ଦିନରେ ଚୋରି, ରାହାଜାନି ଏବଂ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଓ ଦୀର୍ଘ ଦିନ ଧରି ଫେରାର ଥିବା ପ୍ରାୟ ୧ଶହରୁ ଉର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରିଛି ବାଲୁଗାଁ ପୋଲିସ।

### ବାଲୁଗାଁରେ ଶ୍ୟାମାକାଳୀ ପୂଜା

**ବାଲୁଗାଁ,୨୫।୧୦(ଡି.ଏନ୍.ଏ.):** ପ୍ରତିବର୍ଷ ପରି ଚଳିତ ବର୍ଷ ବାଲୁଗାଁ-ବାଣପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମା' ଶ୍ୟାମାକାଳୀଙ୍କ ପୂଜା ପାରମ୍ପରିକ ରୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି। ସୋମବାର ସନ୍ଧ୍ୟାରେ କୁମ୍ଭାଭିଷେକ ପରେ ମା'ଙ୍କୁ ଆବାହନ କରାଯାଇଥିଲା। ଦୀପାବଳି ଅମାବାସ୍ୟା ସକାଳେ ପାରମ୍ପରିକ ପୂଜାନୀତି ଅନୁଷ୍ଠିତ ହେବା ସହ ସନ୍ଧ୍ୟାରେ ପୂଜାମଣ୍ଡପଗୁଡ଼ିକ ଆଲୋକମାଳାରେ ଝଲସି ଉଠିଥିଲା। ବାଲୁଗାଁ ରାଜନ ମାର୍କେଟ, ଅଶୋକନଗର ରିଫ୍ୟୁଜ କଲୋନୀ, ଚିଲିକାକୂଳ ସ୍ଥିତ ଶାନ୍ତିନଗର, ଗୋପବନ୍ଧୁ କଲୋନୀ ଆଦି ବଙ୍ଗୀୟବସ୍ତିରେ ଆଡ଼ମ୍ବରରେ ଶ୍ୟାମାକାଳୀ ପୂଜା ପାଳିତ ହେଉଛି। ସନ୍ଧ୍ୟାରେ ମା'ଙ୍କ ଦର୍ଶନ ନିମନ୍ତେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି।

# ବିନା ଅନୁମତିରେ ଚାଲିଛି ବ୍ଲାଷ୍ଟିଂ

**ଖୋର୍ଦ୍ଧା ଅଫିସ,୨୫।୧୦**

- ପ୍ରଶାସନିକ ଅଧିକାରୀ ଦୃଷ୍ଟିଦେବାକୁ ଦାବି
- କେତେଜଣ ସରକାରୀ କର୍ମଚାରୀ ଓ ମାଫିଆଙ୍କ ମଧୁଚନ୍ଦ୍ରିକାରେ ଚାଲିଛି କାରବାର

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ବଢ଼ିବାରେ ଲାଗିଛି। ଫଳରେ ସରକାର ରାଜସ୍ୱ ହରାଉଛନ୍ତି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଛାଟ ପରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଥର ଖଣିରେ ଚଢ଼ାଉ ଜାରି ରହିଛି। ତେବେ କରୋନା ପରଠାରୁ ଖଣିରୁ ପଥର ଉତ୍ତୋଳନ ଲାଗି ପ୍ରଶାସନ ପକ୍ଷରୁ ଅନୁମତି ନ ଥିବା ସତ୍ତ୍ୱେ କେତେଜଣ ମାଫିଆ ରୀତିମତ ଭାବେ ବ୍ଲାଷ୍ଟିଂ କରୁଛନ୍ତି। ହାତିଆ ପରେ ଶଙ୍ଖାରୀ ପାହାଡ଼ରେ ନିୟମିତ ଭାବେ ମେଶିନ ସାହାଯ୍ୟରେ ବ୍ଲାଷ୍ଟିଂ କରାଯାଉଛି। ଏନେଇ ପ୍ରଶାସନ ଏବଂ ପୋଲିସ ନିକଟରେ ଖବର ରହିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ନିଜିଗଡ ତାପଙ୍ଗ, ଝିଙ୍କିଝାରୀ, ଅଣ୍ଡା ଆଦି ସରକାରୀ ଜମି, କାଜୁ ଜଙ୍ଗଲ, ଗୋଚର ଜମି, ଶ୍ରୀମନ୍ଦିର ପ୍ରଶାସନ ଜମି, ପାହାଡରୁ ବେଆଇନ ଭାବେ ପଥର ଚାଲାଣ ହେଉଥିବା ନେଇ ଅଭିଯୋଗକୁ ଗ୍ରୀନ ଟ୍ରିବ୍ୟୁନାଲ ଗୁରୁତର ସହିତ ନେବା ସହ ଜିଲା ପ୍ରଶାସନକୁ ସତ୍ୟପାଠ ଦାଖଲ କରିବାକୁ ତାଗିଦ୍ କରିଥିଲା। ଏପରିକି ଗତ ବର୍ଷ ଜିଲା ପ୍ରଶାସନର ସତ୍ୟପାଠକୁ ଟ୍ରିବ୍ୟୁନାଲ ଅଗ୍ରାହ୍ୟ କରିବା ସହ ଭର୍ତ୍ସନା କରିଥିଲା। ପରେ ପ୍ରଶାସନ ବେଆଇନ ମୋରମ ଓ ପଥର ଚାଲାଣକୁ ସ୍ୱୀକାର କରିଥିଲା। ଏହାକୁ ରୋକିବା ପାଇଁ ଟ୍ରିବ୍ୟୁନାଲ ପ୍ରଦୂଷଣ ବୋର୍ଡ, ପୋଲିସ ଏବଂ ଜିଲାପ୍ରଶାସନ, ଶ୍ରୀମନ୍ଦିର ସ୍ଥାନୀୟ ପ୍ରଶାସନ ଅଧିକାରୀଙ୍କୁ ନେଇ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲା। ବେଆଇନ ଚାଲାଣ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଥିଲା। ପରେ ଜିଲା ପ୍ରଶାସନ ପକ୍ଷରୁ ଦୁଇଟି ଉପଖଣ୍ଡ ସ୍ତରରେ ପ୍ରଶାସନ ଏବଂ ପୋଲିସକୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ପ୍ରାୟ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ଚୋରାଚାଲାଣରେ ବ୍ୟବହୃତ ଗାଡ଼ି ଜବତ କରାଯାଇଥିଲା। ତେବେ କିଛି ଦିନ ପରେ ବେଆଇନ ଭାବେ ଚାଲିଥିବା ପଥର ଖଣି ଚୋରାଚାଲାଣ ପଛରେ ତହସିଲ କର୍ମଚାରୀଙ୍କ ସମ୍ପୃକ୍ତି ଏବଂ ବଟି ନେଇ ପ୍ରୋତ୍ସାହିତ କରାଯାଉଥିବା ଅଭିଯୋଗ ଆସିଥିଲା। ଇତିମଧ୍ୟରେ ତତ୍କାଳୀନ ଜଟଣୀ ତହସିଲଦାରଙ୍କ ନାଁରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜିଲାପାଳ ଏବଂ ଭିଜିଲାନ୍ସ ନିକଟରେ ଅଭିଯୋଗ ଆଣିଥିଲେ। ତେବେ ପ୍ରଶାସନ ପକ୍ଷରୁ ଏହି ଘଟଣାକୁ ଚାପି ଦିଆଗଲା। ଏପରି ଅନେକ ଅଭିଯୋଗକୁ ସରକାରୀ ନାଲି ଫିତା ତଳେ ଚାପି ଦିଆଯାଉଛି। ଦୈନିକ ବିଭିନ୍ନ ଅଞ୍ଚଳରୁ ବେଆଇନ ଭାବେ ମାଙ୍କଡ଼ା ପଥର, ମୋରମ ଚାଲାଣ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେଉଛି। କେବଳ ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ବର୍ଷ ବର୍ଷ ଧରି ଖୋର୍ଦ୍ଧାର ବହୁ ଲଘୁ ଖଣିଜ ସମ୍ପଦ ହରିଲୁଟ ହେବାରେ ଲାଗିଛି। କେତେଜଣ ଅସାଧୁ ଅଧିକାରୀ ଓ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚୋରାଚାଲାଣ ବଢ଼ିଚାଲିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ପୂର୍ବରୁ ଏସଟିଏଫର ବାରମ୍ବାର ଚଢ଼ାଉ ଯୋଗୁ କିଛି ମାସ ଚୋରାଚାଲାଣ ବନ୍ଦ ରହିଥିଲା। ପରେ ଏସ୍‌ଟିଏଫ ଚଢ଼ାଉରେ ଶିଥିଳତା ପଡିଗଲା। ପରେ ଧୀରେ ଧୀରେ ପୁଣି ଆରମ୍ଭ ହୋଇଗଲା। ଦୈନିକ ଖୋର୍ଦ୍ଧା ତଥା ଆଖପାଖ ଅଞ୍ଚଳ ପଥର ଖଣିରୁ ପ୍ରାୟ କୋଟିଏ ଟଙ୍କାର ବେଆଇନ ଭାବେ ପଥର, ମୋରମ, ମାଙ୍କଡା ପଥର ଚାଲାଣ ହେଉଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏନେଇ ଅତିରିକ୍ତ ଜିଲାପାଳ ମନୋଜ ପାଢୀ କୁହନ୍ତି, ସିଟି କ୍ରାଇଟେରିଆ, ପ୍ରଦୂଷଣ ବୋର୍ଡର ଅନୁମତି ନ ଥିବା ସମସ୍ତ ଖଣି, କ୍ରଶର ୟୁନିଟ୍‌କୁ ବନ୍ଦ କରାଯାଇଛି। ଏଥିଲାଗି ଏକ ସ୍ୱତନ୍ତ୍ର ଫର୍ମାଟରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଆବେଦନ କରିଥିବା ବ୍ୟକ୍ତିଙ୍କ ତର୍ଜମା କରାଯାଇ ଅନୁମତି ଦିଆଯିବ। କୌଣସି ପଥର ଖଣିରୁ ବ୍ଲାଷ୍ଟିଙ୍ଗ ଅନୁମତି ଦିଆଯାଇନାହିଁ। କୌଣସି ସ୍ଥାନରେ ବେଆଇନ ଭାବେ ବ୍ଲାଷ୍ଟିଙ୍ଗ କରାଯାଉଥିବା ଦୃଷ୍ଟିକୁ ଆସିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



କୃଷ୍ଣପ୍ରସାଦ: ଇପିଙ୍ଗରେ ମା' ଶ୍ୟାମାକାଳୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

## ଇପିଙ୍ଗରେ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା

**କୃଷ୍ଣପ୍ରସାଦ,୨୫।୧୦(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତର ଇପିଙ୍ଗ ଶ୍ୟାମାକାଳୀ ପୂଜା କମିଟି ଆନୁକୂଲ୍ୟରେ ୨୬ତମ ଶ୍ୟାମାକାଳୀ ପୂଜା ଆରମ୍ଭ ହୋଇଛି। ପଣ୍ଡିତ ଗଙ୍ଗାଧର କରଙ୍କ ତତ୍ତ୍ୱାବଧାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ପୂଜା ମଣ୍ଡପରେ ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି, ଆକର୍ଷଣୀୟ ସାଜସଜ୍ଜା, ରଙ୍ଗବେରଙ୍ଗର ଆଲୋକମାଳା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ପୂଜା କମିଟି ସଭାପତି ସୁବ୍ରତ କୁମାର ପଣ୍ଡା, ସମ୍ପାଦକ ଅଜିତ କୁମାର ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ସେହିପରି ସାମୁଦ୍ରିକ ମତ୍ସ୍ୟଜୀବୀ ଗ୍ରାମ ଖିରିସାହିଠାରେ ମଧ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା କରାଯାଉଛି।





ଖୋର୍ଦ୍ଧା: ପାତ୍ରପଡାସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ 'ଆମ ଘର'ରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପିଲାମାନଙ୍କ ସହ ଦୀପାବଳି ପାଳନ କରୁଛନ୍ତି।

## ବିଲରୁ ଯୁବକଙ୍କ ମୃତଦେହ ଜବତ

**ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର, ୨୫।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଟାଙ୍ଗୀ-ମଙ୍ଗଳାଯୋଡ଼ି ରାସ୍ତା ପାର୍ଶ୍ୱ ବିଲରୁ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ଏହି ଥାନା ଅଧୀନ ମଙ୍ଗଳାଯୋଡି ଗ୍ରାମ ଗୋପାଳପୁର ଶାସନର ନୀହାର ରଞ୍ଜନ ଦାଶ(୨୪)। ସୂଚନା ମୁତାବକ, ରାସ୍ତା ପାର୍ଶ୍ୱ ବିଲରେ ଏକ ବାଇକ୍ ଜଣେ ଯୁବକଙ୍କ ଉପରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଯୁବକକୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରୁ ବାଇକ୍ ସହ ମୋବାଇଲ୍ ଫୋନ ଜବତ କରି ଏକ ମାମଲା (ନଂ.୬୨୧/୨୨)ରୁଜୁ କରି ତଦନ୍ତ ଚଳାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଅଶୋକ ମହାପାତ୍ର କହିଛନ୍ତି।

## କୃଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବୋଲଗଡ଼,୨୫।୧୦(ଡି.ଏନ୍.ଏ.)**

ଆଜାଦୀ କା ଅମୃତ ମହୋତ୍ସବ ଯୋଜନାରେ ଏଫ୍‌ପିଓ ଜରିଆରେ ଅନୁଷ୍ଠିତ କୃଷକ ପ୍ରଶିକ୍ଷଣ ଶିବିର ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ସେବା ସମବାୟ ସମିତି ସଭାଗୃହରେ ଉଦ୍‌ଯାପିତ ହୋଇଯାଇଛି। ୧୦ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପର୍ଯ୍ୟାୟକ୍ରମେ ବୋଲଗଡ଼ ବ୍ଲକର ସଂପୁର, କଳାଙ୍ଗ, ଫିରିଫିର ଗ୍ରାମ ଓ ନୟାଗଡ ଜିଲାର ଭାପୁର, ବାଘୁଆପଲ୍ଲୀ ଗ୍ରାମ ସମେତ ବିଭିନ୍ନ ଅଞ୍ଚଳର ଶତାଧିକ କୃଷକ ଯୋଗଦେଇ ନୂତନ ଚାଷ ପଦ୍ଧତି, କୃଷିଜାତ ସାମଗ୍ରୀ ବିକ୍ରି ଆଦି ସମ୍ପର୍କରେ ଅବଗତ ହୋଇଥିଲେ। କୃଷକ କଲ୍ୟାଣ ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସଙ୍କଳ୍ପ ସାମାଜିକ ବିକାଶ ସଂସ୍ଥା ଭୋପାଳର ସଂଯୋଜକ ରବୀନ୍ଦ୍ର କୁମାର ଚୌଧୁରୀ ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତିରେ ଦେଶର ପ୍ରଗତି ସମ୍ଭବ ହୋଇପାରିବ ବୋଲି କହିଥିଲେ। ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀର କାର୍ଯ୍ୟକାରୀ ଅଧକ୍ଷ ଅଭୟ ଜୟସିଂହଙ୍କ ସମେତ ସମ୍ବିତ୍ ଭୂଷଣ ରାଉତରାୟ, ହାଡୁବନ୍ଧୁ ନାୟକ, ପ୍ରଭାତ ସ୍ୱାଇଁ, କନକଲତା ପ୍ରଧାନ, ଭଗବାନ ସ୍ୱାଇଁ, ନିରଞ୍ଜନ ନାୟକ, ଭଗବାନ ସ୍ୱାଇଁ, ଅର୍ଜୁନ ନିଶଙ୍କ ପ୍ରମୁଖ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଦୀପାବଳିରେ ଅଘଟଣ: ଜଳିଗଲା ୯ ବଖରା

**ବେଗୁନିଆ,୨୫।୧୦(ଡି.ଏନ୍.ଏ.)**

ଆଲୋକର ପର୍ବ ଦୀପାବଳିରେ ବେଗୁନିଆ ବ୍ଲକ ହଜ ପଞ୍ଚାୟତ ଅନ୍ତର୍ଗତ କଲରାଝର ଗାଁରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୯ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ବିଶ୍ୱମ୍ଭର ଦାଶଙ୍କ ୬ ବଖରା, ଦଣ୍ଡୁ ପ୍ରଧାନଙ୍କ ୨ ବଖରା ଏବଂ ବସନ୍ତ ଦାଶଙ୍କ ଗୋଟିଏ ବଖରା ପୋଡିଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ରଣପୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସିକୋ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ଏଥିସହ ବିପନ୍ନ ପରିବାରଙ୍କୁ ୩ଟି ପଲିଥିନ ଯୋଗାଇ ଦିଆଯାଇଛି। ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ବଡ଼ଜେନା ମଧ ପହଞ୍ଚି ୩ ବିପନ୍ନ ପରିବାରଙ୍କୁ ୫ହଜାର ଟଙ୍କା ଲେଖାଏ ଓ ସାମଗ୍ରୀ ପ୍ରଦାନ କରିଛନ୍ତି। ଅନ୍ୟପଟେ ଘର ନ ଥିବାରୁ ପଡ଼ୋଶୀଙ୍କ ବାରଣ୍ଡାରେ ସମୟ କାଟିବେ ବୋଲି ବିଶ୍ୱମ୍ଭର କହିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ବିପନ୍ନ ପରିବାରଙ୍କୁ ଆର୍ଥିକ ସହାୟତା ସହ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## 'କାର୍ତ୍ତିକ ପୂର୍ଣ୍ଣିମୀ ସୁଦ୍ଧା ରାସ୍ତା କାମ ସାର'

**ବୋଲଗଡ଼,୨୫।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଅନ୍ତର୍ଗତ ମଣ୍ଡନଗିରି (ମୁଣ୍ଡିଆପଡା) ପର୍ଯ୍ୟଟନସ୍ଥଳୀର ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରି ଏହାକୁ କାର୍ତ୍ତିକ ପୂର୍ଣ୍ଣିମୀ ମଧ୍ୟରେ ଶେଷ କରିବା ପାଇଁ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକ ସାହୁ ମଣ୍ଡନଗିରି ପର୍ବତ ଶିଖରରେ ଥିବା ଶ୍ରୀରାମଙ୍କ ମନ୍ଦିର ଦର୍ଶନ କରିବା ସହ କାର୍ତ୍ତିକ ପୂର୍ଣ୍ଣିମୀ ଅବସରରେ ଏଠାରେ ଅନୁଷ୍ଠିତ ଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୧୯୯୮ ମସିହାରୁ ଏହା ପର୍ଯ୍ୟଟନକ୍ଷେତ୍ରର ମାନ୍ୟତା ପାଇଥିଲେ ମଧ ସରକାରୀ ଅନୁଦାନ ଅଭାବରୁ ଏହାର ଉନ୍ନତୀକରଣରେ ବାଧା ଉପୁଜିଥିଲା। ଏହି ସ୍ଥାନରେ ପହଞ୍ଚିବା ପାଇଁ ୩ଟି ପାଦଚଲା ରାସ୍ତା ରହିଛି। ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ଏବଂ ସାଗରଗୁଆଁ ଓ ନୟାଗଡ ଜିଲା ଓଳାସଠାରୁ ଏହି ରାସ୍ତା ଥିବାବେଳେ ଗତ ପ୍ରାୟ ୧ ବର୍ଷ ମଧ୍ୟରେ ବିଧାୟକ ସାହୁ ସାଗରଗୁଆଁ ଓ ସଂପୁର ପଟୁ ରାସ୍ତା ନିର୍ମାଣ ପାଇଁ କିଛି ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି। ବିଧାୟକ ସାହୁ ରାସ୍ତା କାମ ତ୍ୱରାନ୍ୱିତ ନେଇ ନିର୍ଦ୍ଦେଶ ଦେବାପରେ ଆଗାମୀ ଦିନରେ ଏହି କ୍ଷେତ୍ର ବିକାଶରେ ସହାୟକ ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶା କରିଛନ୍ତି। ଏହି ଅବସରରେ ବିଧାୟକଙ୍କ ସହିତ ବିଜେଡି ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବାପୁ ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକ ଗ୍ରାମୀଣ ଉଦ୍ୟାନରେ ଚାରାରୋପଣ

**କୃଷ୍ଣପ୍ରସାଦ,୨୫।୧୦(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋମୁଣ୍ଡିଆ ପଞ୍ଚାୟତ ସ୍ଥିତ ବିଜୁ ପଟ୍ଟନାୟକ ଗ୍ରାମୀଣ ଉଦ୍ୟାନରେ ଗ୍ରୀନ ପାରିକୁଦ ପକ୍ଷରୁ ଦୀପାବଳି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ବ୍ଲକ ଭାଜପା ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ପ୍ରସାଦ ବେହେରା, ସାମାଜିକକର୍ମୀ ଶଙ୍କର୍ଷଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରୀନ ପାରିକୁଦର ସଦସ୍ୟା ଅମିତା ତରେଇ ଏବଂ କଳାବତୀ ସାହୁଙ୍କ ନେତୃତ୍ୱରେ ଚନ୍ଦନ, ପିସ୍ତାବାଦାମ, କଦମ୍ବ, ନିମ୍ବ, ଅଁଳା, ହରିଡା ଆଦି ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଥିଲା।

## ଗଛକୁ ଧକ୍କାଦେଲା କାର୍: ୫ ଗୁରୁତର



**ବାଲୁଗାଁ,୨୫।୧୦(ଡି.ଏନ୍.ଏ.)**

ବାଲୁଗାଁ-ବାଣପୁର ୧୬ନମ୍ବର ଜାତୀୟ ରାଜପଥର ଗୋପୀନାଥପୁର ଛକଠାରେ ସୋମବାର ଏକ କାର୍ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେବାରୁ ୫ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଯାତ୍ରୀ ବ୍ରହ୍ମପୁର ଅଞ୍ଚଳର ହୋଇଥିବା ବେଳେ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗୋପୀନାଥପୁର ଛକ ଓଭରବ୍ରିଜ୍ ଠାରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା କାର୍ (ଓଡ଼ି୦୨ ଏୱାଇ ୦୩୯୩) ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। କାରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ସେଥିରେ ଥିବା ୫ଜଣ ଯାତ୍ରୀ ଆହତ ହୋଇଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ଆହତଙ୍କୁ ବାଲୁଗାଁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ରାଜପଥରେ ଗତ ଏକ ବର୍ଷ ମଧ୍ୟରେ ୨୫ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଗୁରୁତର ହୋଇ ଅକର୍ମଣ୍ୟ ହୋଇପଡ଼ିଛନ୍ତି। ତେବେ ଏହି ରାଜପଥ ଦୁର୍ଘଟଣାପ୍ରବଣ ଅଞ୍ଚଳ ପାଲଟିଥିବା ବେଳେ ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ନିରାକରଣ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଲୋକଙ୍କ ଅଧିକାର ପାଇଁ ଲଢ଼ିବ ଜନ ଅଧିକାର ମଞ୍ଚ

**ବୋଲଗଡ଼/ବେଗୁନିଆ, ୨୫।୧୦(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଦେଉଳି ଗ୍ରାମସ୍ଥିତ ପଶ୍ଚିମେଶ୍ୱର ଦେବଙ୍କ ମନ୍ଦିର ପରିସରରେ ସାମାଜିକକର୍ମୀ ଅକ୍ଷୟ ରାଉତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଜନ ଅଧିକାର ମଞ୍ଚ ସଙ୍ଗଠନ ପ୍ରତିଷ୍ଠା କରାଯାଇଛି। ଏଥିରେ ମଞ୍ଚର ନୀତି ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧାରଣ ଜନତାଙ୍କ ମୌଳିକ ଓ ନ୍ୟାଯ୍ୟ ଅଧିକାର, ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧାକୁ ପହଞ୍ଚାଇବା ପାଇଁ ସାହାଯ୍ୟ କରିବାକୁ ମଞ୍ଚର କର୍ମକର୍ତ୍ତା ଶପଥ ନେଇଥିଲେ। ବିଭିନ୍ନ ଅଞ୍ଚଳରେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ମହେଶ୍ୱର ପାଣି, ସନ୍ତୋଷ ବେହେରା, ଅକ୍ଷୟ ରାଉତରାୟ, ଶିବ କୁମାର ମୁନି, ଦୀନବନ୍ଧୁ ବିଶ୍ୱାଳ, ତ୍ରିନାଥ ବିଶ୍ୱାଳ, କୃଷ୍ଣଚନ୍ଦ୍ର ସାହୁ, ଗଙ୍ଗାଧର ସାହୁ, ଭାସ୍କର ଚୌଧୁରୀ, ରାଜା ରାଉତ, ସୁଶାନ୍ତ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ଜନ ଅଧିକାର ମଞ୍ଚ ସଙ୍ଗଠନର କର୍ମକର୍ତ୍ତା।

# ପରିବା ଦରକୁ ନେଇ ଗ୍ରାହକ ଅସନ୍ତୁଷ୍ଟ

**ଖୋର୍ଦ୍ଧା ଅଫିସ/ବୋଲଗଡ଼, ୨୫।୧୦(ଡି.ଏନ୍.ଏ.)**



କାର୍ତ୍ତିକ ମାସରେ ପରିବା ଦରକୁ ନେଇ ହବିଷିଆଳିଙ୍କ ଚିନ୍ତା ବଢିଥିବା ବେଳେ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି। ଆଳୁ କିଲୋଗ୍ରାମ ପିଛା ୨୪ରୁ ୨୫ ଟଙ୍କା ଏବଂ ପିଆଜ ଦର ୨୫ରୁ ୩୦ଟଙ୍କା ରହିଛି। ସେହିପରି ହବିଷ ପାଇଁ ଦରକାର ହେଉଥିବା କନ୍ଦମୂଳ ଓ ପାଳୁଅ କିଲୋ ପିଛା ଯଥାକ୍ରମେ ୬୦ ଓ ୭୦ ଟଙ୍କା ରହିଛି। ଖମ୍ବଆଳୁ, ଟମାଟୋ, ପୋଟଳ ଏବଂ ବିଟ୍ ତଥା ଗାଜର ମୂଲ୍ୟ ୬୦ ଟଙ୍କାରୁ ଉର୍ଦ୍ଧ୍ୱ ରହିଛି। ସାରୁ ଦର କେଜି ପିଛା ୫୦/୬୦ ଟଙ୍କା ରହିଛି। ଭେଣ୍ଡି ଓ କଲରା ଦର ମଧ ୫୦ ରୁ ୬୦ ଟଙ୍କା ରହିଛି। ବନ୍ଧାକୋବି କିଲୋଗ୍ରାମକୁ ୫୦ ଟଙ୍କା ଓ ଫୁଲକୋବି ଗୋଟାକୁ ୭୦ ଟଙ୍କା, ଦେଶୀ କାଙ୍କଡ଼ ୧୦୦ ରୁ ୧୨୦ ଟଙ୍କା, ସଜନା ଛୁଇଁ କେଜି ପିଛା ୧୦୦ ଟଙ୍କା ରହିଛି। ଏପରିକି କଞ୍ଚା ଲଙ୍କା କେଜି ଶହେ ଟଙ୍କା ଓ ଶାଗ ବିଡା ୧୫ ଟଙ୍କା ରହିଛି। ଲେମ୍ବୁ ଓ ଖଟା କମଳା (କାନ୍ଧିଆ) ଗୋଟାକୁ ୫/୭ ଟଙ୍କା, କଞ୍ଚା କଦଳୀ ଗୋଟା ୧୦ ରୁ ୧୨ ଟଙ୍କା ରହିଥିବା ବେଳେ ପାଚିଲା କଦଳୀ ଡଜନ ୫୦ ରୁ ୭୦ ଟଙ୍କା ରହିଛି। ରାସନ ସାମଗ୍ରୀ ମଧ୍ୟରେ ଗୁଡ଼, ଚିନି ଅଟା, ସୁଜି ଓ ଚୁଡ଼ା କିଲୋଗ୍ରାମ ପିଛା ୩୫ ରୁ ୪୨ ଟଙ୍କା ଓ ପୂଜା ଘିଆ/ରିଫାଇନ ତେଲ ୧୫୦ ପାର କରିଛି। ସେହିପରି ଅରୁଆ ଚାଉଳ ଦର କେଜି ସର୍ବନିମ୍ନ ୨୭/୨୮ ଟଙ୍କା ରହିଛି। ପରିବା ଓ ରାସନ୍ ଦର ଲଗାମହୀନ ହୋଇ ପଡିଥିବା ବେଳେ ଏନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା ଯୋଗୁ ପରିବା ଉତ୍ପାଦନ କମିଥିବା ବେଳେ କାର୍ତ୍ତିକରେ ପରିବା ଚାହିଦା ବଢୁଥିବାରୁ ଦର ବୃଦ୍ଧି ପାଇଥିବା ପରିବା ବ୍ୟବସାୟୀ ବିଜୁ ସିଂ କହିଛନ୍ତି। ତେବେ ଖାଉଟି ଓ ଯୋଗାଣ ବିଭାଗର ଅବହେଳାକୁ ଦରଦାମ ବୃଦ୍ଧି ପାଉଥିବା ସାଧାରଣରେ ଆଲୋଚନା ହେଉଛି।




୨୫।୧୦।୨୦୨୨

| | |
|---|---|
| ୨,୪୮,୭୫୭ ଟଙ୍କା | |
| ସୁନା | ୫୦୦ମିଲି ଗ୍ରାମ |
| ରୁପା | ୩.୫୦୦ ଗ୍ରାମ |

# ପୂର୍ବ ଶତ୍ରୁତାକୁ ନେଇ ଗୁଳି, ବୋମାମାଡ଼

ପିପିଲି,୨୫।୧୦(ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀ ଜିଲା ପିପିଲି ଅଞ୍ଚଳରେ ସୋମବାର ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁଳିକାଣ୍ଡ ଓ ବୋମାମାଡ଼ ହୋଇଛି। ପ୍ରଥମେ ପିପିଲି ଏନ୍ଏସି ଅଞ୍ଚଳରେ ଗୁଳିକାଣ୍ଡ ଘଟିଥିବାବେଳେ ଏଥିରେ ସ୍ଥାନୀୟ ଉଜାଣିପଡା ଗ୍ରାମର ସନାତନ ପ୍ରଧାନ ଓରଫ ସାନୁ ଗୁରୁତର ଆହତ ହୋଇଥିଲେ। ସାନୁଙ୍କ ଜଙ୍ଘରେ ଗୁଳି ବାଜିଥିବା ବେଳେ ତାଙ୍କୁ ପ୍ରଥମେ ପିପିଲି ମେଡିକାଲ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ଜିଲା ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପିପିଲି ଥାନାରେ ପହଞ୍ଚି ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କ ସହ ଆଲୋଚନା କରି ଘଟଣାର ତଦନ୍ତ ଜାରି ରଖିଛନ୍ତି। ଗୁଳିକାଣ୍ଡର କିଛି ସମୟ ପରେ ନରସିଂହପୁର ଗ୍ରାମରେ ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ବୋମାମାଡ଼ ହୋଇଥିଲା। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଥିବାବେଳେ ପିପିଲିରେ ଆଖପାଖ ଥାନାର ୬ଜଣ ଇନ୍ସପେକ୍ଟର ୪ଟି ପାଟ୍ରୋଲିଂ ଭ୍ୟାନରେ ପାଟ୍ରୋଲିଂ କରିଥିବା ବେଳେ ୨ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଖବରପାଇ ମଙ୍ଗଳବାର ଏସ୍‌ପି କନୱର ବିଶାଲ ସିଂ ପିପିଲି ଅଞ୍ଚଳରେ ପହଞ୍ଚି ଘଟଣାର ଅନୁଧ୍ୟାନ



ପିପିଲିର ନରସିଂହପୁର ସାହିରେ ପୋଲିସ ମୁତୟନ ରହିଛନ୍ତି ।


ଜବତ ବୋମା ।

କରିବା ସହ ଅଭିଯୁକ୍ତଙ୍କୁ ଶୀଘ୍ର ଧରିବା ସହ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**■ ଜଣେ ଗୁରୁତର, ବୋମା ଜବତ**
**■ ୬ ଅଫିସର, ୨ ପ୍ଲାଟୁନ୍ ଫୋର୍ସ ମୁତୟନ**

ପୋଲିସ ସୂଚନା ଅନୁଯାୟୀ, ଗତ ୧୯ ତାରିଖରେ ପିପିଲି କଲେଜର ଜଣେ ଛାତ୍ରୀଙ୍କୁ ଜଣେ ଅଣଛାତ୍ର କମେଣ୍ଟ ମାରିବା ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି ଘଟଣା ସହ ଅଞ୍ଚଳର ନରସିଂହପୁର ଓ ଉଜାଣିପଡ଼ା ଗ୍ରାମର ୨ ଗୋଷ୍ଠୀ ପକ୍ଷରୁ ପୂର୍ବ ଶତ୍ରୁତା ଥିବାରୁ ସେହିଦିନ ଗୋଟିଏ ଗୋଷ୍ଠୀ ଉଜାଣିପଡ଼ା ଗ୍ରାମର କାଲୁ ପ୍ରଧାନଙ୍କୁ ଚାପଡ଼ରେ ଆକ୍ରମଣ କରିଥିଲେ। ପରେ ରାତିରେ ପୁଣି ଗୋଟିଏ ଗୋଷ୍ଠୀ ପକ୍ଷରୁ ବୋମାମାଡ଼ ମଧ୍ୟ ହୋଇଥିଲା। ଏହି ସବୁ ଘଟଣାକୁ ନେଇ ପୋଲିସ ପୃଥକ ୩ଟି ମାମଲା(ନଂ.୫୪୭, ୫୫୦, ୫୫୧/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ସୋମବାର ଏନ୍ଏସି ୭ନଂ. ୱାର୍ଡ ନରସିଂହପୁର ସାହିରେ ଉଭୟ ଗୋଷ୍ଠୀ ପୁଣି ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଗୁଳିମାଡ଼ରେ ଉଜାଣିପଡ଼ାର ସନାତନଙ୍କୁ ଗୁଳି ବାଜିଥିଲା। ଏହି ଘଟଣାର କିଛି ସମୟ ପରେ ଅନ୍ୟ ଗୋଷ୍ଠୀ ପକ୍ଷରୁ ବୋମାମାଡ଼ ହୋଇଥିଲା। ତେବେ ବୋମାମାଡ଼ ନରସିଂହପୁର ସାହିର ଏକ ମସ୍‌ଜିଦ୍ ନିକଟରେ ହୋଇଥିବାରୁ ମସଜିଦ୍ କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଫଳରେ ପୋଲିସ ଗୁଳିକାଣ୍ଡ ଓ ବୋମାମାଡ଼କୁ ନେଇ ୨ଟି ପୃଥକ ମାମଲା (ନଂ.୫୫୯, ୫୬୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ ଏକ ବୋମା ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଅନ୍ୟପଟେ ଛାତ୍ରୀଙ୍କୁ କମେଣ୍ଟମରା ଘଟଣା ସହ ଅଞ୍ଚଳର ୨ ଗୋଷ୍ଠୀ ମଧ୍ୟରେ ବିଭିନ୍ନ କାରଣକୁ ନେଇ ପୂର୍ବବିବାଦ ଲାଗିରହିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ ନିୟୋଜିତ କରାଯାଇଛି, ତୁରନ୍ତ ସେମାନଙ୍କୁ ଧରାଯିବ ବୋଲି ଜିଲା ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଥିବା ବେଳେ ଉଭୟ ଗୋଷ୍ଠୀର ମୁରବିଙ୍କୁ ନେଇ ଶାନ୍ତି କମିଟି ମାଧ୍ୟମରେ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି।

# ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ନୀତି ସମ୍ପନ୍ନ

ପୁରୀ ଅଫିସ,୨୫।୧୦

ଧର୍ମ ମାସ କାର୍ତ୍ତିକ ଅମାବାସ୍ୟା ମଙ୍ଗଳବାର ଅବସରରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ରୀତିନୀତି ଅନୁସାରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସକାଳଧୂପ ସମ୍ପନ୍ନ ହୋଇ ପାଣି ପଡିବା ପରେ ଭୋଗମଣ୍ଡପ, ବାଲଧୂପ ଉଠି ମଇଲମ ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା, ବାଦ୍ୟ ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରିଥିଲେ। ସେଠାରେ ଅମାବାସ୍ୟା ନାରାୟଣ ପହଞ୍ଚିବା ପରେ ପାଳିଆ ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣା ଭୋଗ ମଣୋହି କରାଯାଇଥିଲା। ପରେ ଆରତି ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ହରିଦାସ ମଠ ଗୋହରୀ ରାସ୍ତା ଦେଇ ଯମେଶ୍ୱର ମନ୍ଦିର ଦେଇ ଠାକୁର ବାହୁଡା ବିଜେ କରିଥିଲେ। ତେବେ ମଙ୍ଗଳବାର କେତୁଗ୍ରସ୍ତ ଆଂଶିକ ସୂର୍ଯ୍ୟୋପରାଗ ହେତୁ ଶ୍ରୀମନ୍ଦିରରେ ଶୀଘ୍ର ନୀତି ଅନୁଷ୍ଠିତ ହୋଇଥିଲା। ରାତି ୨ଟା ୫୦ରେ ସକାଳଧୂପ ହୋଇଥିଲା ପରେ ଅନ୍ୟାନ୍ୟ ନୀତି ହୋଇ ଭୋର ୪ଟାରେ ଅମାବାସ୍ୟା ନାରାୟଣ ନୀତି ନିମନ୍ତେ ସାଗର ବିଜେ କରିଥିଲେ।

# ଶ୍ରୀମନ୍ଦିର ପରିସରରୁ ପୁଣି ଧଳାପେଚା ଉଦ୍ଧାର


ଶ୍ରୀମନ୍ଦିର ପରିସରରୁ ଉଦ୍ଧାର ପେଚାକୁ ଜଣେ ସେବାୟତ ବାହାରକୁ ଆଣୁଛନ୍ତି ।

ପୁରୀ ଅଫିସ,୨୫।୧୦

ଶ୍ରୀମନ୍ଦିର ମା' ମହାଲକ୍ଷ୍ମୀ ମନ୍ଦିରରୁ ରବିବାର ଜଣେ ସେବାୟତ ଧଳାପେଚା ଉଦ୍ଧାର କରିଥିବା ବେଳେ ଦୀପାବଳି ସୋମବାର ପୁଣି ଏକ ଧଳାପେଚା ଶ୍ରୀମନ୍ଦିରରୁ ଉଦ୍ଧାର କରାଯାଇଛି। ଧଳା ପେଚାଟିକୁ ଶ୍ରୀମନ୍ଦିର ଭିତରେ ଲକ୍ଷ୍ମୀଙ୍କ ମନ୍ଦିର ନିକଟରୁ ଉଦ୍ଧାର କରାଯାଇଛି। ରବିବାର ମା'ପେଚାଟିକୁ ଲକ୍ଷ୍ମୀଙ୍କ ମନ୍ଦିର ନିକଟରୁ ଉଦ୍ଧାର କରାଯାଇଥିବା ବେଳେ ସୋମବାର ଛୁଆ ପେଚାଟି ତଳକୁ ଗଳିପଡିଥିବାବେଳେ ମାଙ୍କଡ଼ ଆକ୍ରମଣ କରିବାକୁ ଗୋଡ଼ାଉଥିବା ସମୟରେ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଥିବା ସୁବେଦାର ଯୋଗେଶ ଚନ୍ଦ୍ର ସ୍ୱାଇଁ ଉଦ୍ଧାର କରିଥିଲେ। ପରେ କେତେଜଣ ସେବାୟତଙ୍କ ସହଯୋଗରେ ଏକ ବାସ୍କେଟରେ ଧରି ଧଳାପେଚାଟିକୁ ଶ୍ରୀମନ୍ଦିର ବାହାରକୁ ଆଣିଥିଲେ। ଏହାପରେ ଉକ୍ତ ଛୁଆ ପେଚାକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ତେବେ ଧଳାପେଚା ମହାଲକ୍ଷ୍ମୀଙ୍କ ବାହନ ବୋଲି ପୌରାଣିକ କିମ୍ବଦନ୍ତୀ ରହିଛି। ମହାଲକ୍ଷ୍ମୀଙ୍କ ପାଦ ନିକଟରେ ପେଚା ରହିଥାଏ। ଏଣୁ ଶ୍ରୀମନ୍ଦିରର ମହାଲକ୍ଷ୍ମୀଙ୍କ ମନ୍ଦିର ନିକଟରୁ ଧଳା ପେଚା ଉଦ୍ଧାର ହେବାକୁ ନେଇ ଭକ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

ପୁରୀ ଅଫିସ,୨୫।୧୦: ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ(ଏସ୍‌ସିଏସ୍) କଲେଜର ସୁକନ୍ୟା ହଷ୍ଟେଲରୁ ସୋମବାର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହକୁ ଟାଉନ ଥାନା ପୋଲିସ ଜବତ କରିଛି। ସେ ବଲାଙ୍ଗୀ ଥାନା ଅଞ୍ଚଳର ହୋଇଥିବା ବେଳେ ଏଠି ରହି ଯୁକ୍ତ ଦୁଇ(କଳା)ର ଦ୍ୱିତୀୟ ବର୍ଷରେ ପଢୁଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ-୨୫/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇ ବ୍ୟବଚ୍ଛେଦ ସରିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ, ହଷ୍ଟେଲରେ ଛାତ୍ରୀ ଜଣକ ଥିବାବେଳେ ରବିବାର ରାତିରେ ଘରଲୋକଙ୍କ ସହ ଶେଷଥର କଥା ହୋଇଥିଲେ। ସୋମବାର ସକାଳେ ଘର ଲୋକ ଫୋନ କରିଥିଲେ ବି ସେ ଉଠାଇ ନ ଥିଲେ। ତେଣୁ ସେମାନେ ହଷ୍ଟେଲ ୱାର୍ଡେନଙ୍କୁ ଫୋନ କରି ଜଣାଇବାରୁ ୱାର୍ଡେନ ଓ ଅନ୍ତେବାସୀ ଯାଇ ଡାକିଥିଲେ ବି ସମ୍ପୃକ୍ତ ଛାତ୍ରୀ କବାଟ ଖୋଲି ନ ଥିଲେ। ତେଣୁ ସେମାନେ ସନ୍ଦେହରେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗିବାବେଳେ ଛାତ୍ରୀ ଜଣକ ବେକରେ ଓଢ଼ଣି ଲଗାଇ ଫ୍ୟାନରେ ଝୁଲୁଥିଲେ। ପରେ ତାଙ୍କୁ ତଳକୁ ଓହ୍ଲାଇବା ସହ ୨ଜଣ ଡାକ୍ତର ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଏଥିସହ ସାଇଣ୍ଟିଫିକ ଟିମ୍ ପହଞ୍ଚିଥିଲା। ପରେ ସାଇଣ୍ଟିଫିକ ଟିମ୍ ଯାଇ ଯାଞ୍ଚ କରିବା ସହ ସେଠାରୁ ଏକ ସୁଇସାଇଡ୍ ନୋଟ ଓ ଛାତ୍ରୀଙ୍କ ମୋବାଇଲ ଫୋନ ଜବତ କରିଥିଲା। ସୁଇସାଇଡ୍ ନୋଟ୍‌ରେ ଛାତ୍ରୀ ଜଣକ ପ୍ରେମ ସମ୍ପର୍କରେ ତିକ୍ତତା କାରଣ ଦର୍ଶାଇଥିବା ପୋଲିସ ସୂଚନା ଦେଇଛି।

### ଦୀପାବଳିରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

କାକଟପୁର,୨୫।୧୦(ଡି.ଏନ୍.ଏ.)- କାକଟପୁର ବ୍ଲକ ଅଧୀନ ଗୋରୋଡ଼ିତୋଟା ଗାଁରେ ଏକ ନିଆରା ଢଙ୍ଗରେ ଦୀପାବଳି ପାଳନ କରାଯାଇଛି। ଦେଶର ସୁରକ୍ଷା ପାଇଁ ସୀମା ଓ ବିଭିନ୍ନ ଅଞ୍ଚଳରେ ବୀର ଯବାନମାନେ ବୀରତ୍ୱର ସହ ସୁରକ୍ଷା ପ୍ରଦାନ କରୁଥିବାବେଳେ ଅନେକେ ଯବାନ ଦେଶକୁ ବଞ୍ଚାଇବାକୁ ଯାଇ ଶହୀଦ ମଧ୍ୟ ହେଉଛନ୍ତି। ସେହି ବୀର ଶହୀଦ ଅମର ଯବାନଙ୍କ ସହିତ ଗ୍ରାମର ଶହୀଦ ଯବାନ ସୁଶାନ୍ତ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗ୍ରାମବାସୀ ଗ୍ରାମର ମହାବୀରଙ୍କ ମନ୍ଦିର ପରିସରରେ ସମୂହ ଭାବେ ଦୀପ ଜାଳି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବାଣ ଫୁଟାଇଲେ ପରିବେଶ ଦୂଷିତ ହେଉଛି । ତେଣୁ ଆମ୍ଭେମାନେ ବାଣ ନ ଫୁଟାଇ ଦୀପଜାଳି ପରିବେଶକୁ ସୁସ୍ଥ ରଖିବା ସହିତ ବୀର ଯବାନଙ୍କ ସ୍ମୃତିଚାରଣ କରୁଛୁ ବୋଲି ଗ୍ରାମର ସ୍ମିତା ବିଶ୍ୱାଳ କହିଛନ୍ତି। ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ଲକ୍ଷ୍ମୀଧର ରାଉତ, ଧର୍ମାନନ୍ଦ ବିଶ୍ୱାଳ, ଭକ୍ତବନ୍ଧୁ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ସୁଶାନ୍ତ ମହାନ୍ତି, ମାନସ ଦଳାଇ, ସୁକାନ୍ତ ବିଶ୍ୱାଳ, ଦୁଃଶାସନ ପ୍ରଧାନ, ଦେବେନ୍ଦ୍ର ମହାନ୍ତିଙ୍କ ସମେତ ଗ୍ରାମବାସୀ ଆୟୋଜନ କରିଥିଲେ।

# ୩ ଦିନରେ ୨୫୩ଜଣଙ୍କୁ ୧୮.୬ ଲକ୍ଷ ଜରିମାନା

ପୁରୀ ଅଫିସ,୨୫।୧୦

**ପୋଲିସ, ଆଞ୍ଚଳିକ ପରିବହନ ବିଭାଗର ସ୍ପେଶାଲ ଡ୍ରାଇଭ**

ରାଜ୍ୟ ପରିବହନ ବିଭାଗ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସ୍‌ପି ଡ. କନୱର ବିଶାଲ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପୁରୀ ବାସେଲି ସାହି ଓ ସଦର ଥାନା ଛକ ସମେତ ସହରର ବିଭିନ୍ନ ଛକରେ ସ୍ପେଶାଲ ଡ୍ରାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ପେଶାଲ ଡ୍ରାଇଭରେ ଶତାଧିକରୁ ଉର୍ଦ୍ଧ୍ୱ ଗାଡ଼ିର ଯାଞ୍ଚ କରାଯାଇଥିଲା। ଚଳିତ ମାସ ୧୮ଠାରୁ ୨୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସ୍ପେଶାଲ ଡ୍ରାଇଭ ଅଭିଯାନରେ ଗାଡି ଚାଳକଙ୍କ ଡିଏଲ୍, ସିଟ୍ ବେଲ୍ଟ, ହେଲ୍‌ମେଟ୍ ଚେକିଂ କରାଯାଇ ୯ଟି ଗାଡ଼ି ଜବତ କରିବା ସହ ପ୍ରାୟ ୨୫୩ଜଣଙ୍କ ନାମରେ ଇ-ଚାଲାଣ କରାଯାଇ ସମୁଦାୟ ୧୮ ଲକ୍ଷ ୬ ହଜାର ୫୯୩ ଟଙ୍କା ଜରିମାନା କରାଯାଇଛି। ସେହିପରି ଅନେକ ଡିଏଲ୍‌କୁ ବାତିଲ କରାଯାଇ ଗାଡ଼ି ଚାଳକଙ୍କ ନାଁରେ ବିଭିନ୍ନ ମାମଲା ରୁଜୁ ହୋଇଛି। ସହର ତଥା ଜିଲ୍ଲାରେ ଦୁର୍ଘଟଣାହାର ଓ ମୃତ୍ୟୁହାର ବୃଦ୍ଧି ପାଇଥିବାରୁ ଜିଲ୍ଲାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସାଧାରଣ ଲୋକ ଓ ପର୍ଯ୍ୟଟକଙ୍କ ଧନ ଜୀବନ ସୁରକ୍ଷା ଲାଗି ଆଗକୁ ଏ ଅଭିଯାନକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ କହିଛନ୍ତି। ତେଣୁ ନିୟମ ମାନିବା ସହ ସୁରକ୍ଷିତ ଭାବେ ଗାଡ଼ି ଚଳାଇବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ସହର ତଥା ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜ ଛାତ୍ରୀଛାତ୍ର, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପୋଲିସ ସହାୟତାରେ ଆହୁରି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଆରଟିଓ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଅଭିଯାନରେ ଆରଟିଓ ପଟ୍ଟନାୟକଙ୍କ ସମେତ ଏମ୍‌ଭିଆଇ, ଆସିଷ୍ଟାଣ୍ଟ ଏମ୍‌ଭିଆଇ, ଟିଆଇ ଓ ବିଭିନ୍ନ ପୋଲିସ ଅଧିକାରୀ ପ୍ରମୁଖ ଉଭୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

# ଇପିଙ୍ଗରେ ଶ୍ୟାମାକାଳୀ ପୂଜା

କୃଷ୍ଣପ୍ରସାଦ,୨୫।୧୦(ଡି.ଏନ୍.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତର ଇପିଙ୍ଗ ଶ୍ୟାମାକାଳୀ ପୂଜା କମିଟି ଆନୁକୂଲ୍ୟରେ ୨୬ତମ ଶ୍ୟାମାକାଳୀ ପୂଜା ଆରମ୍ଭ ହୋଇଛି। ପଣ୍ଡିତ ଗଙ୍ଗାଧର କରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଉଛି। ପୂଜା ମଣ୍ଡପରେ ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି, ଆକର୍ଷଣୀୟ ସାଜସଜ୍ଜା, ରଙ୍ଗବେରଙ୍ଗର ଆଲୋକମାଳା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ପୂଜା କମିଟି ସଭାପତି ସୁବ୍ରତ ପଣ୍ଡା, ସମ୍ପାଦକ ଅଜିତ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ସାମୁଦ୍ରିକ ମତ୍ସ୍ୟଜୀବୀ ଗ୍ରାମ ଖିରିସାହିଠାରେ ମଧ୍ୟ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା କରାଯାଉଛି।

# କୋଣାର୍କରେ ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା


କୋଣାର୍କର ମା' ଶ୍ୟାମାକାଳୀ ।


ପୁରୀର ମା'ଶ୍ୟାମାକାଳୀଙ୍କ ମହାକାଳୀ ବେଶ ।

କୋଣାର୍କ,୨୫।୧୦(ଡି.ଏନ୍.ଏ.)

କୋଣାର୍କ ଏନ୍ଏସି ଅଧୀନ ବାଣପଦାରେ ଥିବା ମା' ଶ୍ୟାମାକାଳୀ ମନ୍ଦିର ପରିସରରେ ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଦୀପାବଳି ଅବସରରେ ଅନୁଷ୍ଠିତ ହୋଇଯାଇଛି। ମହାମାୟା ମହାକାଳୀ ଜଗତରୁ ପାପ ଓ ଦୁର୍ନୀତିର ନାଶ କରି ଧାର୍ମିକ ଗୈରିକ ଧ୍ୱଜା ଉଡ଼ାଇ ସଂସାରକୁ ଆଲୋକର ବର୍ତ୍ତୀ ଦେଖାଇ ଧର୍ମ ସ୍ଥାପନ ପାଇଁ ଦୀପାବଳି ଅମାବାସ୍ୟା ଅବସରରେ ଧରାବତରଣ କରିଥାନ୍ତି। କୋଣାର୍କସ୍ଥିତ ଶ୍ୟାମାକାଳୀ ମନ୍ଦିର ପରିଚାଳନା କମିଟି ସଭାପତି ଦୁଃଶାସନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା' ଶ୍ୟାମାକାଳୀ ଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା କାର୍ଯ୍ୟରେ କମିଟିର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଦୁର୍ଯ୍ୟୋଧନ ପରିଡା, ଅଜୟ କୁମାର ଦାଶ, କାଶୀନାଥ ପ୍ରଧାନ, ୫ନଂ. ୱାର୍ଡର କାଉନସିଲର ନୀହାର ରଞ୍ଜନ ବେଉରା, ସଭ୍ୟ ନୃସିଂହ ପ୍ରସାଦ ନାୟକ, ରମେଶ ଚନ୍ଦ୍ର ଜେନା ଓ ନୃସିଂହ ମୁଦୁଲି ପ୍ରମୁଖ ପୂଜାର୍ଚ୍ଚନା କାର୍ଯ୍ୟରେ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ।

# ମା' ଦକ୍ଷିଣକାଳୀଙ୍କ ମହାଭୈରବୀ ବେଶ

ସାକ୍ଷୀଗୋପାଳ, ୨୫।୧୦(ଡି.ଏନ.ଏ./ସ୍ୱ.ପ୍ର.)

**ସୂର୍ଯ୍ୟୋପରାଗ ଯୋଗୁ ଶ୍ରଦ୍ଧାଳୁଙ୍କ ଭିଡ଼ କମିଲା**



ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଗ୍ରାମରେ ବର୍ଷକୁ ଗୋଟିଏ ଦିନ କାଳୀପୂଜା ଅବସରରେ ମହାଭୈରବୀ ବେଶରେ ମା' ଦକ୍ଷିଣକାଳୀ ଦର୍ଶନ ଦେଇଛନ୍ତି। ବର୍ଷତମାମ ଦେବୀଙ୍କ ପଟିପୂଜା ବିଧି ରହିଥିବାବେଳେ କାଳୀପୂଜାରେ ଶ୍ମଶାନ ମାଟିରେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ବିଗତ ଦୁଇବର୍ଷ କରୋନା କଟକଣା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ବାରଣ କରାଯାଇଥିଲା। ଚଳିତବର୍ଷ ମହାଭୈରବୀ ବେଶ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସୁଯୋଗ ରହିଥିଲେ ହେଁ ସୂର୍ଯ୍ୟୋପରାଗ ଯୋଗୁ ଶ୍ରଦ୍ଧାଳୁଙ୍କ ଭିଡ଼ କମିଯାଇଥିଲା। ପରମ୍ପରାକ୍ରମେ ସୋମବାର ସନ୍ଧ୍ୟାରେ ଦେବୀଙ୍କ ପୂଜା ନିମନ୍ତେ ଜଳକଳସ ସଂଗ୍ରହ, ଘଟ ସ୍ଥାପନ, ପଞ୍ଚ ଦେବ ପୂଜା, ନିଶାର୍ଦ୍ଧରେ କାଳୀପୂଜା, ହୋମ, ମୃଣ୍ମୟୀ ମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା, ଜପ, ଜୀବନ୍ୟାସ, ବଳି, ଆଳତି, ଖେଚୁଡି ଭୋଗ, ପଣାଭୋଗ ଓ ମହାପ୍ରସାଦ ସମର୍ପଣ କରାଯାଇଥିଲା। ମଙ୍ଗଳବାର ସକାଳୁ ଦେବୀଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିଥିଲା। ଶାନ୍ତିଶୃଙ୍ଖଳାରେ ଯାତ୍ରା ନିୟନ୍ତ୍ରଣ ନିମନ୍ତେ ଜିଲା ପ୍ରଶାସନ ପ୍ରସ୍ତୁତିକ୍ରମେ ଜଣେ ଅତିରିକ୍ତ ଏସ୍‌ପି, ୩ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର, ୨୩ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ହାବିଲଦାର, କନ୍‌ଷ୍ଟେବଳ, ଟ୍ରାଫିକ ପୋଲିସ, ହୋମଗାର୍ଡଙ୍କ ସହିତ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଅଗ୍ନିଶମ କର୍ମଚାରୀ, ଆଶୁ ଚିକିତ୍ସାକେନ୍ଦ୍ର, ସ୍ୱେଚ୍ଛାସେବୀ ଉପସ୍ଥିତ ରହି ସହଯୋଗ କରିଥିଲେ। ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ଲୋଚନ ଦାସ, ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ଏସ୍‌ଡିପିଓ ଦେବଦତ୍ତ ବରାଳ, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ପ୍ରମୁଖ ଉପସ୍ଥିତ ରହି ଦେବନୀତି ଓ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଗୋପାଳକୃଷ୍ଣ ଯୁବକ ସଂଘ ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ ସମାରୋହ କରାଯାଇଥିଲା। ଗ୍ରାମର ମହାଜନ କୋଠ ପକ୍ଷରୁ ଦେବୀଙ୍କ ପୂଜାନୀତି ସମ୍ପାଦନ ସହିତ ବିସର୍ଜନ ଶୋଭାଯାତ୍ରାରେ ଗ୍ରାମବାସୀ ସାମିଲ ହୋଇ ଚନ୍ଦନପୁର ଯାଇଥିଲେ। ସେଠାରେ ବୀରଗୋବିନ୍ଦପୁର ଦକ୍ଷିଣକାଳୀ, ସମଜାଜପୁରର ଉଗ୍ରତାରା ଓ ବୀରପ୍ରତାପପୁରର କାମରୂପା ତିନି ଭଉଣୀଙ୍କ ମିଳନ ପରେ ଆଳତି ଓ ପଣାଭୋଗ କରାଯାଇ ଭାର୍ଗବୀ ନଦୀର କାଳୀଘାଟରେ ଦେବୀମାନଙ୍କୁ ବିସର୍ଜନ କରାଯାଇଥିଲା। ଅନୁରୂପ ଭାବେ ବୀରନରସିଂହପୁରରେ ଦକ୍ଷିଣକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ହୋଇଥିଲା।


ପୁରୀର ଗୌଡବାଡ ସାହିରେ ବିଧବା ଆଶ୍ରମ ଛକ ସଂଘ ପକ୍ଷରୁ ଅନୁଷ୍ଠିତ ମା' କାଳୀପୂଜା ।


ପୁରୀ ରେଲୱେ ଷ୍ଟେଶନ ଅଟୋ ଚାଳକ ସଂଘ ପକ୍ଷରୁ ପୂଜା ପାଉଥିବା ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ।


ପୁରୀର ସ୍ୱର୍ଗଦ୍ୱାର ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ ମା' କାଳୀ ପୂଜା ।

## ବାଣଫୁଟାକୁ ନେଇ ମାରପିଟ୍, ୫ ଆହତ

ସାଲେପୁର,(ଡି.ଏନ୍.ଏ.): ବାଣଫୁଟାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ମାରପିଟ୍ ହୋଇ ୫ଜଣ ଆହତ ହୋଇଛନ୍ତି। ଉଭୟଙ୍କ ପକ୍ଷରୁ ଜପକୁଦ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଛି। ପ୍ରକାଶ ଯେ, ଜପକୁଦ ଫାଣ୍ଡି ଅନ୍ତର୍ଗତ ବୈରୋଗୀପଡ଼ା ଗ୍ରାମର ରମେଶ ନାୟକ ଓ ସୁରେଶ ଜେନାଙ୍କ ପରିବାର ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଛି। ସୋମବାର ଉଭୟ ପରିବାର ଲୋକ ବାଣ ଫୁଟାଉ ଥିବାବେଳେ ବଚସା ହୋଇଥିଲା। ପରେ ଉଭୟ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ୫ଜଣ ଆହତ ହୋଇଥିଲେ। ରମେଶ ନାୟକ ଓ ତାଙ୍କ ଦୁଇ ପୁଅ ଆହତ ହୋଇଥିବାବେଳେ ଅନ୍ୟ ପରିବାରର ସୁରେଶ ଓ ତାଙ୍କ ଭାଇ ଆହତ ହୋଇଥିବା ଜପକୁଦ ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ର ପ୍ରକାଶ କରିଛନ୍ତି। ରମେଶ ଓ ସୁରେଶଙ୍କ ପତ୍ନୀ ଫାଣ୍ଡିରେ ଦୁଇଟି ପୃଥକ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କ ଚୋରି ବାଇକ୍ ପୋଖରୀରୁ ଉଦ୍ଧାର

ତିଗିରିଆ, ୨୫।୧୦(ଡି.ଏନ.ଏ): ତିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତସ୍ଥିତ ହରିସରଣପୁର ଗ୍ରାମକୁ ଗତ ସେପ୍ଟେମ୍ବର ୧୯ରେ ଜଣେ ଫାଇନାନ୍ସ କର୍ମଚାରୀ ଟଙ୍କା ଆଦାୟ କରିବା ପାଇଁ ଆସିଥିଲା ବେଳେ ତାଙ୍କ ବାଇକ ଚୋରି ହୋଇଥିବା ନେଇ ସେ ତିଗିରିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ବାଇକ୍‌ଟି ଏକ ପୋଖରୀରୁ ଉଦ୍ଧାର ହୋଇଥିବା ତିଗିରିଆ ଥାନା ଆଇଆଇସି ସୁଚିତ୍ରା ଜେନା ସୂଚନା ଦେଇଛନ୍ତି। ପ୍ରକାଶ ଯେ ଯାଜପୁର ଜିଲା ସଦର ବରୁଆ ଥାନା ଅନ୍ତର୍ଗତ ରିଷିପୁର ଗ୍ରାମର ବାସିନ୍ଦା ଅଭିଲାଷ ପ୍ରଧାନ (୨୩) ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରନ୍ତି। ଗତ ସେପ୍ଟେମ୍ବର ୧୯ରେ ହରିସରଣପୁର ଗ୍ରାମକୁ ବାଇକ (ଓଡ଼ି୩୪ଏମ୦୬୧୬)ରେ ଟଙ୍କା ଆଦାୟ ପାଇଁ ଆସିଥିଲେ। ଟଙ୍କା ଆଦାୟ କରି ବାହାରିଲା ବେଳକୁ ବାଇକଟିକୁ ପାଇନଥିଲେ। ଗତ ୮ ତାରିଖରେ ଅଭିଲାଷ ତିଗିରିଆ ଥାନାରେ ଗାଡି ଚୋରି ନେଇ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ଉକ୍ତ ବାଇକଟି ମାନପୁର ଗ୍ରାମର ଏକ ପୋଖରୀ ମଧ୍ୟରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଏଏସଆଇ ସୁନୀଲ ପାହାଡ଼ ସିଂହ ଉକ୍ତ ଗାଡିକୁ ପୋଖରୀରୁ ଉଦ୍ଧାର କରି ଥାନାକୁ ଆଣିଥିବା ଜଣାପଡିଛି।

### ସୂର୍ଯ୍ୟୋପରାଗ ପାଇଁ ସ୍ୱତନ୍ତ୍ର ନମାଜ ପାଠ

ତିଗିରିଆ, ୨୫।୧୦(ଡି.ଏନ.ଏ): ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦୀୟା ପଙ୍କାଲ ଜାମା ମସଜିଦ ସମେତ ୪ଟି ମସଜିଦରେ ମଙ୍ଗଳବାର ଅପରାହ୍ନ ୫ଟାରେ ସୂର୍ଯ୍ୟୋପରାଗ ପାଇଁ ସ୍ୱତନ୍ତ୍ର ନମାଜ (ନଫିଲ) ପାଠ କରାଯାଇଛି। ପଙ୍କାଲ ଜାମା ମସଜିଦଠାରେ ମୌଲାନା ଏସ.କେ କାଦିର, ସୁରତ ନଗର ମସଜିଦଠାରେ ମୌଲାନା ଗୁଲାମ ହାଇଦର ଖାଁ, କୁଦରତ ନଗର ମସଜିଦଠାରେ ମୌଲାନା ଏହେସନ ଖାଁ ଓ ତାହେର ନଗର ମସଜିଦରେ ମୌଲାନା ଏସ. କେ ସମସୁଲ ସମବେତ ମହିଳା ଓ ପୁରୁଷଙ୍କୁ ନମାଜ ପାଠ କରାଇବା ସହିତ ସୂର୍ଯ୍ୟଙ୍କୁ ଉପରାଗ ଲାଗିଥିବା ଯୋଗୁ କଷ୍ଟରୁ ଉଦ୍ଧାର ପାଇଁ ପ୍ରାର୍ଥନା କରିଥିଲେ। ଜାମା ମସଜିଦ ମୌଲାନା ଏସ. କେ କାଦିର କହିଛନ୍ତି, ସୂର୍ଯ୍ୟ ସକାଳ ଶକ୍ତିର ଆଧାର। ତାଙ୍କୁ ଗ୍ରହଣ ଲାଗିଥିବାରୁ ସେ କଷ୍ଟ ଅନୁଭବ କରୁଛନ୍ତି। ଏ ସମୟରେ ପୃଥିବୀକୁ କୌଣସି ବିପଦ ନ ଆସୁ, ସେଥିପାଇଁ ସ୍ୱତନ୍ତ୍ର ନମାଜ ପାଠ ସହିତ ନିରବ ପ୍ରାର୍ଥନା କରାଯାଇଛି।

### ପୂର୍ବତନ କାଉନସିଲରଙ୍କ ପରଲୋକ

ଚୌଦ୍ୱାର,୨୫।୧୦(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକାର ପୂର୍ବତନ କାଉନସିଲର ମିନତି ସାହୁ(୫୫)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଖବରପାଇ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ନୂଆସାହିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ କଟକସ୍ଥିତ ଶ୍ମଶାନରେ ଦାହ କରାଯାଇଥିଲା। ପୁତ୍ର ଶାସ୍ୱତ ସାହୁ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ମିନତି ସ୍ଥାନୀୟ ଅଞ୍ଚଳରେ ଜଣେ ନାରୀନେତ୍ରୀ ଭାବେ ପରିଚିତ ଥିଲେ।

### ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଦିବସ ପାଳିତ

ବଡ଼ମ୍ବା,୨୫।୧୦(ଡି.ଏନ.ଏ): ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୧୩୯ତମ ନିର୍ବାଣ ଦିବସ ମଙ୍ଗଳବାର ପାଳିତ ହୋଇଛି। ମାଣିଆବନ୍ଧସ୍ଥିତ ଆର୍ଯ୍ୟ ସମାଜ ଓ ବଡ଼ମ୍ବାସ୍ଥିତ ପ୍ରାଣଯୋଗ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆର୍ଯ୍ୟ ସମାଜ ଯଜ୍ଞ ମଣ୍ଡପଠାରେ ଏହା ପାଳିତ ହୋଇଥିଲା। ଆର୍ଯ୍ୟ ସମାଜ ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନ ଓ ପ୍ରାଣଯୋଗ ପ୍ରତିଷ୍ଠାନ ଅଧକ୍ଷ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କାନପୁର ଆର୍ଯ୍ୟ ସମାଜ ସଭାପତି ସତ୍ୟାନନ୍ଦ ବାନପ୍ରସ୍ତୀ, ବାନପ୍ରସ୍ତୀ ଆଦିକନ୍ଦ ଆର୍ଯ୍ୟ, କଟକ ଜିଲା ଆର୍ଯ୍ୟ ସଂଗଠନ ଉପସଭାପତି ପ୍ରମୋଦ ମହାରଣା, ପ୍ରତିଷ୍ଠାନ ସାଧାରଣ ସମ୍ପାଦକ ଅଶୋକ କୁମାର ଧଳ, ସଞ୍ଚାଳିକା ପ୍ରବୀଣା ମହାନ୍ତି ଓ କର୍ମକର୍ତ୍ତା ବାଲୁକେଶ୍ୱର ରାଉତ ପ୍ରମୁଖ ଯୋଗଦେଇ ପ୍ରାଚୀନ ଆର୍ଯ୍ୟ ସଂସ୍କୃତିରେ ମୂଲ୍ୟବୋଧ ଆବିଷ୍କାର, ସତୀଦାହ ପ୍ରଥା, ବାଲ୍ୟବିବାହ, ଅନ୍ଧ ବିଶ୍ୱାସ ଓ ଜାତିଭେଦର ବିରୋଧୀ ଭାବରେ ମହର୍ଷିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସେହିପରି ଓମ୍‌ପ୍ରକାଶ ପ୍ରଧାନ, ରବୀନ୍ଦ୍ରନାଥ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ସମରଜିତ ସାହୁ, ବିଳାସିନୀ ଦେବତା, ବାଉରୀବନ୍ଧୁ ଦାସ, ଖବରଦାତା ବଟକୃଷ୍ଣ ପ୍ରଧାନ, ଆର୍ତ୍ତବନ୍ଧୁ ସାହୁ, ସୌଦାମିନୀ ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସ୍ୱର୍ଣ୍ଣଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୦ କୋଟିର ହିସାବ ଦେବେ ଅର୍ଚ୍ଚନା- ଜଗବନ୍ଧୁ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)



**ବେଆଇନ ଅର୍ଥ କାରବାରର ତଦନ୍ତ କରୁଛି ଇଡି**

- କମିଶନରେଟ ପୋଲିସଠାରୁ ତଥ୍ୟ ନେଇଛି
- ଜେରା ହେବେ ବହୁ କ୍ଷମତାଶାଳୀ ବ୍ୟକ୍ତି

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ମାୟାଜାଲରେ ଫସାଇ ଟଙ୍କା ହଡ଼ପ କରିଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ ଥିବା ବେଳେ ଏହି ମାମଲାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଅର୍ଚ୍ଚନା ଓ ଜଗବନ୍ଧୁ ଗତ ୫ ବର୍ଷ ମଧ୍ୟରେ ୩୦ କୋଟି ଟଙ୍କା ରୋଜଗାର କରିଥିବା କୁହାଯାଉଛି। ତେବେ ଏହି ଆର୍ଥିକ କାରବାରର ଉତ୍ସ ସମ୍ପର୍କରେ ଜାଣିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଆରମ୍ଭ କରିଛି। ଇଡି ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଜଣେ ବରିଷ୍ଠ ଅଧିକାରୀଙ୍କ ପକ୍ଷରୁ ଏନେଇ ସୂଚନା ମିଳିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କମିଶନରେଟ ପୋଲିସଠାରୁ ଅର୍ଚ୍ଚନା ମାମଲା ସମ୍ପର୍କିତ ସମସ୍ତ ଅଭିଯୋଗର ଏତଲା କପି ନେଇଛି ଇଡି। ଏଥିସହ ଇଡି ପକ୍ଷରୁ ଅର୍ଚ୍ଚନାଙ୍କ ବ୍ୟାଙ୍କ ସମ୍ପର୍କିତ ଆର୍ଥିକ ନେଣଦେଣ ତଥ୍ୟ ପ୍ରଦାନ ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)କୁ ଚିଠି ଲେଖାଯାଇଛି। ଅର୍ଚ୍ଚନାଙ୍କ ବ୍ୟାଙ୍କ ଆକାଉଣ୍ଟକୁ କିଏ ଟଙ୍କା ପଠାଉଥିଲେ, କେତେ ଟଙ୍କା ଆକାଉଣ୍ଟକୁ ଆସିଥିଲା, ନଗଦ ଅର୍ଥର କାରବାର କିଭଳି କରାଯାଉଥିଲା ଏସବୁ ଉତ୍ସକୁ ଇଡି ଖୋଜିବା ଆରମ୍ଭ କରିଛି। ଇଡି ଏହି ମାମଲାରେ ତଦନ୍ତ ଆରମ୍ଭ କରିଥିବାରୁ ଜେଲରେ ଥିବା ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଖୁବ୍‌ଶୀଘ୍ର ଜେରା ହୋଇପାରନ୍ତି ବୋଲି ସୂଚନା ମିଳିଛି। ବହୁ ବଡ଼ବଡ଼ିଆ ବ୍ୟକ୍ତି ଅର୍ଚ୍ଚନାଙ୍କୁ ସାହାଯ୍ୟ କରୁଥିଲେ। ଏପରି କି ତାଙ୍କୁ ବହୁ ସମୟରେ ଆର୍ଥିକ ସହଯୋଗ କରୁଥିଲେ। ତେଣୁ ସେମାନେ ମଧ୍ୟ ଇଡି ଦ୍ୱାରା ଜେରା ହେବେ ବୋଲି ଜଣାପଡ଼ିଛି। ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ନାମରେ ଡରାଇବା, ବ୍ଲାକ୍‌ମେଲିଂ, ଦାଦାବଟି ଆଦାୟ ଆଦି ବିଭିନ୍ନ ଅଭିଯୋଗ ରହିଥିବାବେଳେ ପୋଲିସ ୧୬ଟି ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅର୍ଚ୍ଚନାଙ୍କ କଳା କାରନାମାରେ ସମ୍ପୃକ୍ତି ନେଇ ଠୋସ୍ ପ୍ରମାଣ ମିଳିବା ପରେ ଜଗବନ୍ଧୁଙ୍କୁ ଗିରଫ କରାଯାଇଛି। ତାଙ୍କର ଅନ୍ୟତମ ସହଯୋଗୀ ଖଗେଶ୍ୱର ପାତ୍ର ଏବେ କେଉଁଠି ଓ ତାଙ୍କୁ ପୋଲିସ କେବେ ଗିରଫ କରିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅର୍ଚ୍ଚନା ଓ ଜଗବନ୍ଧୁ ଜେଲରେ ରହଣି କାଳ ମଧ୍ୟରେ ଜେଲ୍ ମାନୁଆଲ ଅନୁଯାୟୀ ସପ୍ତାହକୁ ଥରେ ପରସ୍ପରକୁ ଭେଟିପାରିବେ ବୋଲି ନିର୍ଦ୍ଦେଶ ରହିଛି। ଗତ ରବିବାର ଉଭୟ ୧୫ ମିନିଟ୍ କଥା ହୋଇ ପରସ୍ପରକୁ ସାନ୍ତ୍ୱନା ଦେଇଥିଲେ।

## ପୂର୍ବ ଶତ୍ରୁତାରୁ ଘର ଉପରକୁ ବୋମାମାଡ଼

ସାଲେପୁର,୨୫।୧୦(ଡି.ଏନ୍.ଏ.)



ବୋମା ମାଡ଼ ପରେ ଘର ଛାତ ଉପରେ ପଡ଼ିଥିବା ବିସ୍ଫୋରକ ସାମଗ୍ରୀ।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ବିଳମ୍ବିତ ରାତ୍ରିରେ ଜଣେ ମହିଳାଙ୍କ ଘର ଉପରକୁ ବୋମା ମାଡ଼ କରାଯାଇଥିବା ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଏଥିରେ ଘରର ଛାତ ଫାଟିଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ପିକୋଳ ଗ୍ରାମର ବିଷ୍ଣୁପ୍ରିୟା ନାୟକଙ୍କ ଘର ଉପରକୁ କେହି ଦୁର୍ବୃତ୍ତ ୨ଟି ବୋମା ମାଡ଼ କରିଥିଲେ। ପରିବାର ସଦସ୍ୟ ଘରେ ଶୋଇଥିବା ବେଳେ ପ୍ରଚଣ୍ଡ ଶବ୍ଦ ଶୁଣି ବାହାରି ଆସିଥିଲେ। ଗତ ୧୦ତାରିଖ ରାତିରେ ବୋଦାମୁଣ୍ଡାଇ ବଜାରରେ ଦଶହରା ଭସାଣି ଚାଲିଥିବାବେଳେ ବିଷ୍ଣୁପ୍ରିୟାଙ୍କ ସ୍ୱାମୀ ପ୍ରଫୁଲ୍ଲ ନାୟକ ଓ ପୁଅ ପତିତପାବନଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଚମାରିଗୋଳ ଗ୍ରାମର ରଣଜିତ ଦାସ ଓ ତାଙ୍କର ସହଯୋଗୀ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଯିବାରୁ ଆକ୍ରମଣକାରୀମାନେ ଖସି ପଳାଇଯାଇଥିଲେ। ସେହିଦିନ ରାତି ପ୍ରାୟ ୧୨ଟା ସମୟରେ ଆକ୍ରମଣକାରୀମାନେ ପୁଣି ବିଷ୍ଣୁପ୍ରିୟାଙ୍କ ଘରେ ପହଞ୍ଚି ତାଙ୍କ ସ୍ୱାମୀ ଓ ପୁଅକୁ ବୋମା ପକାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ବିଷ୍ଣୁପ୍ରିୟାଙ୍କ ପୁଅ ସେତେବେଳେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋମବାର ହୋଇଥିବା ବୋମାମାଡ଼ ଘଟଣାରେ ସେହି ଆକ୍ରମଣକାରୀମାନେ ସଂପୃକ୍ତ ଥିବା ବିଷ୍ଣୁପ୍ରିୟା ସାଲେପୁର ପୋଲିସକୁ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ଅଭିଯୋଗକୁ ଗ୍ରହଣ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

- ନିର୍ଯାତନାରୁ ସୁଶ୍ରୀ ଆତ୍ମହତ୍ୟା କରିଥିବା ସନ୍ଦେହ
- ମାମଲା ରୁଜୁ; ଶ୍ୱଶୁର, ସ୍ୱାମୀ, ନଣନ୍ଦ ଫେରାର



ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗନଗରରେ ଜଣେ ନବବଧୂଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ସୁଶ୍ରୀ ସଙ୍ଗୀତା ବସ୍ତିଆ (୨୬)। ସୁଶ୍ରୀଙ୍କ ମୃତଦେହକୁ ଏମ୍‌ସରେ ବ୍ୟବଚ୍ଛେଦ ପରେ ମଙ୍ଗଳବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ସୁଶ୍ରୀଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ଯୌତୁକ ନିର୍ଯାତନା ଦେଇ ହତ୍ୟା କରିଥିବା ଭାଇ ବିଶ୍ୱରଞ୍ଜନ ବସ୍ତିଆ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଦଫା ୪୯୮ ଏ, ୩୦୪ ବି, ୩୦୬, ୩୪ ଆଇପିସି ଏବଂ ୪ ଡିପି ଆକ୍ଟରେ ଏକ ମାମଲା (ନଂ. ୨୫୬/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଥାନାଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି, ପ୍ରାଥମିକ ତଦନ୍ତରୁ ସୁଶ୍ରୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତେବେ ତାଙ୍କ ଶ୍ୱଶୁର ଜିତେନ୍ଦ୍ର ନାୟକ, ଶାଶୁ ସାବିତ୍ରୀ, ସ୍ୱାମୀ ପ୍ରବୀଣ, ନଣନ୍ଦ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଉଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୨୧ ଜାନୁୟାରୀ ୨୦ରେ ନିଆଳି ଥାନା ଅନ୍ତର୍ଗତ ବାହାରଣା ଗ୍ରାମର ସୁଶ୍ରୀ ଗୋବିନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ପ୍ରବୀଣ ନାୟକଙ୍କୁ ବିବାହ କରିଥିଲେ। ବିବାହ ବେଳେ ବରପକ୍ଷ ଦାବି ଅନୁଯାୟୀ ୨ଲକ୍ଷ ଟଙ୍କା ସମେତ ସୁନା ଅଳଙ୍କାର ସମେତ ଅନ୍ୟ ସାମଗ୍ରୀ ସୁଶ୍ରୀଙ୍କ ପରିବାର ଲୋକେ ଦେଇଥିଲେ। ପ୍ରବୀଣ ବେଙ୍ଗାଲୁରୁରେ ଏକ ସଫ୍ଟୱେୟାର କମ୍ପାନୀରେ ଇଞ୍ଜିନିୟର ଭାବେ କାମ କରୁଥିଲେ। ପରିବାର ଲୋକ ଭୁବନେଶ୍ୱର କଳିଙ୍ଗନଗର କେ-୯ ଅଞ୍ଚଳରେ ଭଡ଼ା ରହୁଥିଲେ। ସୁଶ୍ରୀ ଏଠାରେ ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାମ କରୁଥିଲେ। ତେବେ କିଛିଦିନ ତଳେ ପ୍ରବୀଣ ଭୁବନେଶ୍ୱର ଚାଲିଆସି ବ୍ୟବସାୟ ଆରମ୍ଭ କରିଥିଲେ। କୌଣସି କାରଣକୁ ନେଇ କିଛିମାସ ହେବ ପରିବାରରେ ଝଗଡ଼ା ଲାଗି ରହୁଥିଲା। ସୋମବାର ସନ୍ଧ୍ୟାରେ ସୁଶ୍ରୀ ଘର ଫ୍ୟାନରେ ଶାଢ଼ି ଦ୍ୱାରା ଝୁଲି ପଡ଼ିବା ପରେ ତାଙ୍କୁ ଉଦ୍ଧାର କରାଯାଇ ଏମ୍‌ସ ନିଆଯାଇଥିବା ପ୍ରବୀଣ ଥାନାକୁ ଖବର ଦେଇଥିଲେ। ଏପରି କି ପ୍ରବୀଣ ମଧ୍ୟ ସୁଶ୍ରୀଙ୍କ ପରିବାର ଲୋକଙ୍କୁ ଏ ନେଇ ଜଣାଇଥିଲେ। ପୋଲିସ ପହଞ୍ଚି ହସ୍ପିଟାଲରେ ସୁଶ୍ରୀଙ୍କ ମୃତଦେହ ଜବତ କରିବା ସହ ଭଡ଼ାଘରକୁ ଯାଇ ତଦନ୍ତ ଆରମ୍ଭ କରିଥିଲା।

## ସାଲେପୁରର ବିଭିନ୍ନ ସ୍ଥାନରେ କାଳୀପୂଜା

ସାଲେପୁର,୨୫।୧୦(ଡି.ଏନ୍.ଏ.)

ସାଲେପୁର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମା' ଯୋଗମାୟା କାଳୀଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରୋଧପୁର ଶାରଳା ମଣ୍ଡପଠାରେ ମା'କାଳୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ପ୍ରଥମେ ମା'ଙ୍କ ଘଟ ସ୍ଥାପନ କରାଯାଇ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ପଦ୍ମପୁର, ନଇଗୁଆଁ, ଅଲିପୁର ସମେତ ବିଭିନ୍ନ ସ୍ଥାନରେ ମା' କାଳୀଙ୍କ ରୀତିନୀତି ଓ ବିଧିବିଧାନରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି।

## ଭାଜପା ଜିଲା ସମ୍ପାଦକଙ୍କ ସ୍ତ୍ରୀଙ୍କ ବିୟୋଗ

ଚୌଦ୍ୱାର,୨୫।୧୦(ଡି.ଏନ୍.ଏ.)

ଚୌଦ୍ୱାର ଭାଜପା ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନଙ୍କ ସ୍ତ୍ରୀ ସ୍ନେହଲତା ପ୍ରଧାନ(୫୯)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ନୁଆସାହିସ୍ଥିତ ବାସଭବନକୁ ନିଆଯିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଦଳୀୟ କର୍ମୀ ଶେଷଦର୍ଶନ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଦୀପକ ପ୍ରଧାନ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସ୍ନେହଲତା ଜଣେ ଧର୍ମପରାୟଣା, ମେଳାପୀ ଓ ପରୋପକାରୀ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ।

## ପ୍ରଶାନ୍ତଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ



ମାହାଙ୍ଗା, ୨୫।୧୦(ସ୍ୱ.ପ୍ର)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୋଡ଼ାମରାଇ ପଞ୍ଚାୟତ ଗୋରତାଙ୍ଗ ଗ୍ରାମର ପ୍ରଶାନ୍ତ କୁମାର ଜେନା (୪୨) ଦୀର୍ଘ ୭ ମାସ ହେବ ମୁଖ କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ସେ ଦିନ ମଜୁରିଆ ଭାବେ କାମ କରନ୍ତି । ଫଳରେ ଘର ଚଳାଇବା ବହୁ କଷ୍ଟକର ହେଉଛି । ବର୍ତ୍ତମାନ ଔଷଧ ପାଇଁ ମାସକୁ ୧୦ ହଜାର ଟଙ୍କାରୁ ଅଧିକ ଆବଶ୍ୟକ ଥିବାବେଳେ ପରିବାର ପ୍ରତିପୋଷଣ କରିବା ମଧ୍ୟ କଷ୍ଟକର ହୋଇପଡୁଛି । ତେଣୁ ପ୍ରଶାସନ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ତାଙ୍କର ଚିକିତ୍ସା ନିମନ୍ତେ ସହାୟତା କରିବାକୁ ତାଙ୍କ ପରିବାର ପକ୍ଷରୁ ନିବେଦନ କରାଯାଇଛି।

## ରୋଗରେ ପୀଡ଼ିତ କାର୍ତ୍ତିକଙ୍କୁ ସହାୟତା

ମାହାଙ୍ଗା,୨୫।୧୦(ସ୍ୱ.ପ୍ର)



ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ସିପୁରା ଗ୍ରାମର କାର୍ତ୍ତିକ ଜେନା ଗତ ଆଠ ମାସ ତଳେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ। ଏବେ ତାଙ୍କର ଦୁଇଟି ଗୋଡ ଫୁଲିଯିବା ସହ ମଧୁମେହ ଓ ହାଇଡ୍ରୋଲେସିସି ରୋଗରେ ପୀଡ଼ିତ ଅଛନ୍ତି। ତେଣୁ ସେ ପରିବାର ପ୍ରତିପୋଷଣ କରିବାକୁ ଅସମର୍ଥ। ପତ୍ନୀଙ୍କ ଉପରେ ଘରର ସମସ୍ତ ଦାୟିତ୍ୱ। ସେ ଧାର କରଜ କରି ପରିବାର ପ୍ରତିପୋଷଣ ସହ ସ୍ୱାମୀଙ୍କ ଚିକିତ୍ସା କରାଉଛନ୍ତି । ଏ ବିଷୟରେ ସ୍ୱେଚ୍ଛାସେବୀ ସଂଗଠନ 'ପିତାମାତା ସେବକ ସଂଘ' ଜାଣିବାକୁ ପାଇଥିଲା । ସଂଘର ବରିଷ୍ଠ ଉପଦେଷ୍ଟା ରଞ୍ଜନ କୁମାର ରାଉତଙ୍କ ନିର୍ଦ୍ଦେଶ କ୍ରମେ ସଂଗଠନ ସମ୍ପାଦକ ତଥା ଖବରଦାତା ରମେଶ ଚନ୍ଦ୍ର ସାହୁ କାର୍ତ୍ତିକଙ୍କ ଘରକୁ ଯାଇ ଆର୍ଥିକ ସହାୟତା କରିଛନ୍ତି। ସଂଘର ସଭାପତି ବିନୟ ରଞ୍ଜନ ପ୍ରଧାନ, ସମ୍ପାଦକ ସଞ୍ଜୟ କୁମାର ରାଉତ, ଉପଦେଷ୍ଟା ଶିବଚରଣ ଜେନା, ଉପସଭାପତି ଅଶୋକ କୁମାର ଦାଶ, ପ୍ରକାଶ କୁମାର ନାୟକ ସଂଘର ଉପସଭାପତି ଅରୁଣ କୁମାର ଲେଙ୍କା, ଉପଦେଷ୍ଟା ଅଭୟ ଚରଣ ପଣ୍ଡା, ରଜନୀକାନ୍ତ ପରିଡା, ରବୀନ୍ଦ୍ର ପୃଷ୍ଟି, ସହସମ୍ପାଦକ ଚିରଞ୍ଜିବୀ ଜେନା, ଖବରଦାତା ଦାମୋଦର ପରିଡା, ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗର ହାତ ବଢାଇଥିଲେ।

## ଅଗ୍ନିକାଣ୍ଡରେ ୭ ବଖରା ଜଳିଗଲା

ତିଗିରିଆ,୨୫।୧୦(ଡି.ଏନ.ଏ)



ଶର୍ଟ ସର୍କିଟ୍‌ରେ ଜଳି ଯାଇଥିବା ଘର।

ତିଗିରିଆ ତହସିଲ ଅନ୍ତର୍ଗତ ଭୀରୁଡ଼ା ପଣସପାଟଣା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ବିଦ୍ୟୁତ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ୨ଟି ପରିବାରର ୭ ବଖରା ଚାଳ ଛପର ଘର ପୋଡି ପାଉଁଶ ହୋଇଯାଇଥିବା ବେଳେ ଗୋଟିଏ ବଖରା ଘର ଆଂଶିକ କ୍ଷତି ହୋଇଛି। ଗ୍ରାମର ଶ୍ରୀଧର ସାହୁଙ୍କ ଘରେ ରାତି ୧୧.୪୦ ରେ ଅଗ୍ନିକାଣ୍ଡ ଘଟି ତାଙ୍କର ୪ ବଖରା ଓ ଅଭୟ କୁମାର ସାହୁଙ୍କ ୩ ବଖରା ଚାଳ ଛପର ଘର ପୋଡିଯାଇଛି। ନିଆଁକୁ ଆୟତ୍ତ କଲାବେଳେ କାଳନ୍ଦୀ ଚରଣ ସାହୁଙ୍କ ଗୋଟିଏ ବଖରା ଚାଳ ଘର ସାମାନ୍ୟ କ୍ଷତି ହୋଇଛି। ସମସ୍ତଙ୍କ ଘରେ ଥିବା ଧାନ, ଚାଉଳ, ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଛି। ତିଗିରିଆ ଦମକଳ ବାହିନୀ ପହଞ୍ଚି ନିଆଁ ଆୟତ କରିଥିଲା। ତହସିଲଦାର ପ୍ରମୋଦ ବାସ୍କେ, ନିଜିଗଡ଼ ରାଜସ୍ୱ ନିରୀକ୍ଷକ ରାମନାଥ ଗୁରୁ କ୍ଷୟକ୍ଷତି ଆକଳନ କରି ଦୁଇ ପରିବାରକୁ ପଲିଥିନ ପ୍ରଦାନ କରିଛନ୍ତି। ରିଲିଫ କୋଡ଼ ଅନୁଯାୟୀ ପରବର୍ତ୍ତୀ ସମୟରେ ସାହାଯ୍ୟ କରାଯିବ ବୋଲି ତହସିଲଦାର କହିଛନ୍ତି।

## ଫାର୍ମାସୀ କଲେଜର ପୁରାତନ ଛାତ୍ରୀଛାତ୍ରଙ୍କ ସମାବେଶ

ସାଲେପୁର,୨୫।୧୦(ଡି.ଏନ୍.ଏ)

ସାଲେପୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ପୁରାତନ ଛାତ୍ରୀଛାତ୍ରମାନଙ୍କ ଏକ ସମାବେଶ 'ମିତ୍ରୋତ୍ସବ' କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଅଧାପକ ପ୍ରଫେସର ଡ. ସୁନୀଲ କୁମାର କାନୁନ୍‌ଗୋ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଅଧାପକ ଡଃ ପ୍ରବୀର କୁମାର ସିହ୍ନାମହାପାତ୍ର ଆଲୁମନି ମିଟ୍ ପାଳନ କରାଯିବାର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। କଲେଜ ପରିଚାଳନା କମିଟିର ସମ୍ପାଦକ ରବୀନ୍ଦ୍ରନାଥ କର ଓ ସଭ୍ୟ ଅଶୋକ କୁମାର ମହାନ୍ତି ନିଜର ବକ୍ତବ୍ୟ ରଖିଥିଲେ। ଆଲୁମିନି କମିଟିର ଚେୟାରମ୍ୟାନ୍ ଡ. ଏଚ. କେ. ସନ୍ଦିପ କୁମାର ଧନ୍ୟବାଦ ଜଣାଇଥିଲେ। ଆଲୁମନି କମିଟିର ସମ୍ପାଦକ ଡଃ ପ୍ରଭାତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ପୁରାତନ ଛାତ୍ରୀଛାତ୍ରଙ୍କ ସମାବେଶ 'ମିତ୍ରୋତ୍ସବ'ରେ ମଞ୍ଚାସୀନ ଅତିଥି।

## ୨ ଅଭିଯୁକ୍ତ ଗିରଫ, ୬ ଫେରାର

ମଙ୍ଗୁଳି, ୨୫।୧୦(ଡି.ଏନ.ଏ):

- ଦୋକାନରୁ ଟାଣିଆଣି ଯୁବକଙ୍କୁ ହାଣିବା ଘଟଣା
- ବାଲିଘାଟ ବନ୍ଦ କରିବାକୁ ପୂର୍ବତନ ବିଧାୟକଙ୍କ ଦାବି

ବେଆଇନ ବାଲିଘାଟକୁ କେନ୍ଦ୍ରକରି ଟାଙ୍ଗୀ ଗୋବିନ୍ଦପୁର ଛକରେ ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଟାଙ୍ଗୀ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରସିକନଗରର ସୁଶାନ୍ତ ବେହେରା ଓରଫ ମିଟୁ ଏବଂ ଦିପୁଆ ରାଉତ।

ସୂଚନା ମୁତାବକ, ରବିବାର ସକାଳ ପ୍ରାୟ ସାଢ଼େ ୧୧ଟା ସମୟରେ ଜରିପଡା ଗ୍ରାମ ମହାନ୍ତିସାହିର ବିଜ୍ଞାନ ଭୂଷଣ ମହାନ୍ତି ଓରଫ ହାପି ଏବଂ କୁମ୍ଭାରସାହିର ଦୀପକ ବେହେରା ଗୋବିନ୍ଦପୁର ଛକ ନିକଟ ଏକ ଜଳଖିଆ ଦୋକାନରେ ବସିଥିବା ବେଳେ ରସିକନଗରର ୮ ଜଣ ଯୁବକ ଏକ ବୋଲେରୋ ଗାଡିରେ ଆସି ଉଭୟଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଦୋକାନ ଭିତରେ ମାଡ଼ ମାରିବା ସହ ଉଭୟଙ୍କୁ ଦୋକାନ ଭିତରୁ ଟାଣି ଆଣି ରାଜପଥ ପାର୍ଶ୍ୱରେ ହାଣି ପକାଇଥିଲେ। ହାପିଙ୍କର କଟକ ବଡ଼ ମେଡିକାଲରେ ମୃତ୍ୟୁ ଘଟିଥିବା ବେଳେ ଦୀପକ ଚିକିତ୍ସାଧୀନ ଅଛନ୍ତି। ମୃତ ହାପିଙ୍କ ସ୍ତ୍ରୀ ଶୁଭସ୍ମିତା ସୋମବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ ୨୧୮/୨୨) ରୁଜୁ କରି ଦଫା ୩୪୧,୨୯୪, ୫୦୬, ୩୨୩, ୩୨୫, ୩୦୭, ୩୦୨, ୩୭୯/୩୪ ଆଇପିସିରେ ସେମାନଙ୍କୁ ଗିରଫ କରିଥିଲା। ଏସ୍‌ଡ଼ିପିଓ ସତ୍ୟବ୍ରତ ଲେଙ୍କା କହିଛନ୍ତି, ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ନିଆଯାଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୬ ଜଣଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବାଲିଘାଟରୁ ଏବେ ବି ବାଲି ଉଠାଯାଉଛି। ଟାଙ୍ଗୀ ପୋଲିସ କେବଳ ଦୁଇଜଣଙ୍କୁ ଗିରଫ କରି ଅନ୍ୟ ଅଭିଯୁକ୍ତମାନଙ୍କୁ ଖସାଇଦେବା ଭଳି ଷଡ଼ଯନ୍ତ୍ର କରି ନିଜ ମୁଣ୍ଡରୁ ବୋଝ କାଢି ଦେବାକୁ ଚାହୁଁଛି । ତୁରନ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବାଲିଘାଟକୁ ବନ୍ଦ କରନ୍ତୁ ବୋଲି ସେ ଦାବି କରିଛନ୍ତି।



ଦୁଇ ଅଭିଯୁକ୍ତଙ୍କୁ ଗାଡ଼ିରେ ନେଉଛନ୍ତି ପୋଲିସ ଅଧିକାରୀ

## ସଂକ୍ଷେପରେ

### ଜୁଏଲେରି ମାଲିକଙ୍କ ଘରୁ ୨ ଲକ୍ଷର ସୁନାଗହଣା ଚୋରି

ନିମାପଡ଼ା,୨୫।୧୦(ଡି.ଏନ୍.ଏ.)- ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଗୁହାଳପଡା ଗ୍ରାମର ଜଣେ ଜୁଏଲେରି ଦୋକାନୀଙ୍କ ଘରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସୁନାଗହଣା ଚୋରି ହୋଇଥିବା ସୋମବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୩୫୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ପୁରୀରୁ ସହକାରୀ ସାଇଣ୍ଟିଫିକ୍ ଅଫିସର (ଓଏସ୍ଓ) ଆଦିତ୍ୟ ରଞ୍ଜନ ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସୂଚନା ମୁତାବକ, ଜୁଏଲେରି ଦୋକାନ ମାଲିକ ଗଙ୍ଗାଧର ସାହୁଙ୍କ ପୁଅବୋହୂଙ୍କ ରୁମ୍‌ରେ ପଶି କେହି ଦୁର୍ବୃତ୍ତ ସୁନାଗହଣା ସହ ୧୫ ହଜାର ଟଙ୍କା ଲୁଟି ନେଇଛନ୍ତି। ତାଙ୍କ ପୁଅ ଘରେ ନ ଥିବା ସୁଯୋଗରେ ବିଳମ୍ବିତ ରାତିରେ ଦୁର୍ବୃତ୍ତ ଲୁହାଗ୍ରୀଲ ତାଡି ଝରକା ଭାଙ୍ଗି ଘରେ ପଶିଥିଲେ। ଲୁହା ଗଡରେଜ୍ ଆଲମାରୀ ଭାଙ୍ଗି ୫୦ ଗ୍ରାମ ଓଜନର ୨ଟି ସୁନାହାର, ୧୫ ଗ୍ରାମ ଓଜନର ଗୋଟିଏ ସୁନାଚେନ୍, ୩ ହଳ ରୁପା ପାଉଁଜି ନେଇଯାଇଛନ୍ତି। ତେବେ ଏହି ଚୋରି ଥାନାଠାରୁ ମାତ୍ର ଅଳ୍ପ ବ୍ୟବଧାନରେ ହୋଇଥିବା ନେଇ ବିସ୍ମୟ ସୃଷ୍ଟି କରିଛି। ସେହିପରି କିଛିଦିନ ତଳେ ସ୍ଥାନୀୟ ଥାନା ନିକଟସ୍ଥ ଅମଲାପଡା ଗ୍ରାମର ୨ ଜଣ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡାକଡି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦୃଢ ଦାବି କରିଛନ୍ତି।

### ପୁରୀ ବସ୍‌ଷ୍ଟାଣ୍ଡରେ ଦୀପ ଜଳାଇ ବେଦପାଠ

କାକଟପୁର,୨୫।୧୦(ଡି.ଏନ୍.ଏ.)- ସ୍ୱଚ୍ଛ ସବୁଜ ପୁରୀ ବସଷ୍ଟାଣ୍ଡ ଅଭିଯାନରେ ଦୀପାବଳି ଅବସରରେ ପୁରୀ ବସଷ୍ଟାଣ୍ଡ ପରିସରରେ ଏକ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯାତ୍ରୀ ଆସିଲେ ପ୍ରଥମେ ଜଗନ୍ନାଥ ଧାମର ବସଷ୍ଟାଣ୍ଡରେ ପାଦ ପକାଇଥାଏ। ତେଣୁ ଏହି ସ୍ଥାନରେ ଆଧାତ୍ମିକ ପରିବେଶ ସୃଷ୍ଟି ପାଇଁ ଦୀପ ଜଳାଇ ଏକ ବେଦପାଠ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ବୈଦିକ ବ୍ରାହ୍ମଣମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରି ବେଦପାଠ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଯାତ୍ରୀମାନେ ମଧ ଏହି ପରିବେଶ ଦେଖି ବହୁତ ଖୁସି ହୋଇଥିଲେ। ତେବେ ଦୀପାବଳି ସନ୍ଧ୍ୟାରେ ବସଷ୍ଟାଣ୍ଡ ପରିସରରେ ବେଦ ଧ୍ୱନିରେ ମହାପ୍ରଭୁଙ୍କ ଆଧାତ୍ମିକତା ସୃଷ୍ଟି ହୋଇଥିଲା। ଏଥିରେ ଘରୋଇ ବସ୍ ମାଲିକ ସଂଘ, ନୀଳଗିରି କର୍ମଚାରୀ ସଂଘ, ନୀଳାଚଳ ଅଟୋ ଚାଳକ ସଂଘ, ମା' ତାରିଣୀ ଅଟୋ ଚାଳକ ସଂଘ, ପୁରୀ ଅଟୋ ଚାଳକ ୟୁନିୟନ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆସୋସିଏଶନ ଅଫ୍ ଟୁରଟର ଆକ୍ଟିଭିଷ୍ଟ ଆୟୋଜନ କରିଥିଲା।

### ଝୋଟି ପକାଇ ଦୀପାବଳି ପାଳିଲେ ଦିବ୍ୟାଙ୍ଗ ପିଲା

କଣାସ,୨୫।୧୦(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ପୂର୍ଣ୍ଣବାସ ଚିକିତ୍ସା ସେବା କେନ୍ଦ୍ରରେ ଦିବ୍ୟାଙ୍ଗ ପିଲାମାନେ ଦୀପାବଳି ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ଦିନତମାମ ପିଲାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା କରାଯାଇ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ପିଲାମାନେ ଦୀପଦାନ କରି ପୂର୍ବ ପୁରୁଷଙ୍କୁ ମନେ ପକାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ କିଶୋର ଚନ୍ଦ୍ର ହାତୀ, ସୁଚରିତା ରାଉତ, ମାମାଲି ପରିଡା ପ୍ରମୁଖ ପରିଚାଳନା କରିଥିଲେ।

# ସିଂହଦ୍ୱାର ଆଗରେ ବଡ଼ବଡୁଆ ଡାକିଲେ ଭକ୍ତ

ପୁରୀ ଅଫିସ,୨୫।୧୦

## ବାଣ ଫୁଟାଇ ଦୀପ ଜାଳି ପାଳିଲେ ଦୀପାବଳି

ଦୀପାବଳି ଅମାବାସ୍ୟା ଅବସରରେ ମହାପ୍ରଭୁଙ୍କ ଦର୍ଶନ ଲାଭ କରିବା ସହ ପିତୃପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଭକ୍ତ ଶ୍ରୀକ୍ଷେତ୍ରକୁ ସୋମବାର ଛୁଟିଆସିଥିଲେ। ଶ୍ରୀମନ୍ଦିର ସମ୍ମୁଖ ସିଂହଦ୍ୱାରରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳି ବଡ଼ବଡୁଆ ଡାକିଛନ୍ତି। ଦୀର୍ଘ ଦୁଇବର୍ଷ ପରେ କୋଭିଡ୍ କଟକଣା ହଟିଥିବାରୁ ଚଳିତ ବର୍ଷ ପବିତ୍ର ଦୀପାବଳିରେ ଅଗଣିତ ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ଆସି ଶ୍ରୀମନ୍ଦିର ନିକଟରେ ପୂର୍ବପୁରୁଷଙ୍କ ପାଇଁ କାଉଁରିଆ ଜାଳି ବଡ଼ବଡୁଆ ଡାକିବା ସହ ଶ୍ରାଦ୍ଧ ଦେଇ ମହାପ୍ରଭୁଙ୍କ ଦର୍ଶନ ସାନ୍ନିଧ ପାଇଛନ୍ତି। ତେବେ କରୋନା ମହାମାରୀଜନିତ କଟକଣା କାରଣରୁ ଅତ୍ୟଧିକ ଭିଡ଼କୁ ଦୃଷ୍ଟିରେ ରଖାଯାଇ ଶ୍ରୀମନ୍ଦିର ସମ୍ମୁଖ ଏବଂ ଆଖପାଖ ସ୍ଥାନରେ କାଉଁରିଆ କାଠି ଜାଳିବା ଉପରେ ପ୍ରଶାସନ ପକ୍ଷରୁ ଗତ ଦୁଇବର୍ଷ ହେବ କଟକଣା ଜାରି କରାଯାଇଥିଲା। କିନ୍ତୁ ଚଳିତବର୍ଷ କଟକଣା ନ ଥିବାରୁ ଦିନତମାମ ଶ୍ରଦ୍ଧାଳୁଙ୍କ ସମାଗମ ବଢ଼ିବାରେ ଲାଗିଥିଲା। ପୌରାଣିକ ମତବାଦ ଅନୁଯାୟୀ, ପିତୃପକ୍ଷ ଏବଂ ମହାଳୟାରେ ଯେଉଁମାନେ ନିଜ ପିତୃପୁରୁଷଙ୍କୁ ପିଣ୍ଡଦାନ କୌଣସି କାରଣରୁ ଦେଇପାରି ନ ଥାନ୍ତି, ସେମାନେ ଦୀପାବଳି ଅମାବାସ୍ୟା ତିଥିରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବାର ପରମ୍ପରା ରହିଛି। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳି ବଡ଼ବଡୁଆ ଡାକିବା ସହ ପୟା ଶ୍ରାଦ୍ଧ ଦେଇଥାନ୍ତି। ତେବେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ଏବଂ ପୋଲିସ ବିଭାଗ ପକ୍ଷରୁ କାଉଁରିଆ ଜାଳିବା ନିମନ୍ତେ ବିଶେଷ ବ୍ୟବସ୍ଥା କରାଯାଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପୋଲିସ ପ୍ରଶାସନ ପକ୍ଷରୁ ଏକ ବ୍ୟାରିକେଡର ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁମାନେ ସେହି ବ୍ୟାରିକେଡ ଭିତରେ କାଉଁରିଆ ଜାଳି ବଡ଼ବଡୁଆ ଡାକିଥିଲେ। ସେହିପରି ଅଘଟଣକୁ ଏଡାଇବା ପାଇଁ ଅଗ୍ନିଶମ ବିଭାଗର କର୍ମଚାରୀ ବ୍ୟାରିକେଡ ନିକଟରେ ନିୟୋଜିତ ରହିଥିଲେ। ଗହଳିକୁ ନିୟନ୍ତ୍ରଣ କରିବା ନିମନ୍ତେ ପୋଲିସ ନିୟୋଜିତ ରହିବା ସହ ସମୁଦ୍ରକୂଳରେ ଲାଇଫ୍ ଗାର୍ଡ ନିୟୋଜିତ କରାଯାଇଥିଲା। ଶ୍ରଦ୍ଧାଳୁମାନେ କାଉଁରିଆ ଜାଳିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସେହିପରି ପୁରୀବାସୀ ସେମାନଙ୍କ ସାହିର ସାହି ଠାକୁର ଏବଂ ଠାକୁରାଣୀଙ୍କ ନିକଟରେ କାଉଁରିଆ ଜାଳି ବଡ଼ବଡୁଆ ଡାକିଥିଲେ। ସନ୍ଧ୍ୟାରେ ପୁରୀବାସୀ ବାଣ ଫୁଟାଇ ଓ ଦୀପ ଜାଳି ଦୀପାବଳିକୁ ପାଳିଥିଲେ। ବିଭିନ୍ନ ବାଣ ଶବ୍ଦରେ ସହରର ଗଳିକନ୍ଦି କମ୍ପି ଉଠିଥିଲା। ଲୋକମାନେ ବିଭିନ୍ନ ଆଲୋକମାଳାରେ ଘରକୁ ସଜାଇଥିଲେ।



ପୁରୀ ବାଳାଶ୍ରମର ଅନ୍ତେବାସୀମାନେ ଝୋଟି ପକାଇବା ସହ ବାଣ ଫୁଟାଇ ଦୀପାବଳି ପାଳନ କରୁଛନ୍ତି ।

# ବାଣ ପଡ଼ି ଗୋପବନ୍ଧୁଙ୍କ ଷଠିଘରେ ଅଗ୍ନିକାଣ୍ଡ



ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଷଠିଘରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଉଛି ।

ସାକ୍ଷୀଗୋପାଳ, ୨୫।୧୦(ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଷଠିଘରେ ଦୀପାବଳି ସନ୍ଧ୍ୟାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଦୀପାବଳିରେ ଏହି ଅଘଟଣକୁ ନେଇ ଗ୍ରାମବାସୀ ଦୁଃଖ ପ୍ରକାଶ କରିଛନ୍ତି। ଦୀପାବଳି ସନ୍ଧ୍ୟାରେ ବାଣ ଫୁଟୁଥିବା ବେଳେ ହଠାତ୍ ଗୋଟିଏ ଆକାଶଦୀପରୁ ବାଣ ଆସି ଷଠିଘର ଏକ ଚାଳ ଉପରେ ଖସିପଡି ଅଗ୍ନିକାଣ୍ଡ ଘଟିଥିଲା। ଘରର ଗୋଟିଏ ବଖରା ଅଗ୍ନିକାଣ୍ଡରେ ଜଳିଯାଇଥିବା ବେଳେ ଅନ୍ୟ ବଖରାଗୁଡ଼ିକୁ ମଧ ନିଆଁ ବ୍ୟାପିଛି। ନିଆଁ ଯୋଗୁ ଘରର ଚାଳଛପର କୁହୁଳିବା ଦେଖି ଗ୍ରାମବାସୀ ନିଆଁ ଲିଭାଇବାରେ ଲାଗିଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ବ୍ୟାପିଯିବା ଭୟରେ ପଡୋଶୀମାନଙ୍କ ଚାଳ ଛପର ନଡା ବାହାର କରିଦିଆଯାଇଥିଲା।

## ସ୍ୱର୍ଗଦ୍ୱାରରେ ଥିବା ସେବକଙ୍କୁ ବାର୍ଷିକ ପ୍ରୋତ୍ସାହନ ରାଶି ପ୍ରଦାନ

ପୁରୀ ଅଫିସ ୨୫।୧୦

ଦୀପାବଳି ଅବସରରେ ସ୍ୱର୍ଗଦ୍ୱାରରେ ସେବା ଯୋଗାଉଥିବା ସେବକମାନଙ୍କୁ ନୂତନ ପୋଷାକ ଓ ବାର୍ଷିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସୋମବାର ସ୍ୱର୍ଗଦ୍ୱାର ପରିସରରେ ସ୍ୱର୍ଗଦ୍ୱାର ସେବା ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲାପାଳ ତଥା ସ୍ୱର୍ଗଦ୍ୱାର ସେବା ସମିତି ଅଧ୍ୟକ୍ଷ ସମର୍ଥ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗଦ୍ୱାରର ବିକାଶ କାର୍ଯ୍ୟରେ ସବୁ ବାଧାବିଘ୍ନକୁ ଅତିକ୍ରମ କରି ସେବକମାନେ ବର୍ଷତମାମ ଉତ୍ସର୍ଗୀକୃତ ଭାବେ ସେବା ଯୋଗାଇଥିବାରୁ ସମସ୍ତଙ୍କୁ ପ୍ରଶଂସା କରିବା ସହିତ ସ୍ୱର୍ଗଦ୍ୱାର ଭଳି ପବିତ୍ର ସ୍ଥାନରେ କୌଣସି ପ୍ରକାର ଗଣ୍ଡଗୋଳ ଓ ମାଦକ ଦ୍ରବ୍ୟ ସେବନକୁ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ତଥା ସ୍ୱର୍ଗଦ୍ୱାର ସେବା ସମିତିର ଆବାହକ ସମ୍ପାଦକ ଭବତାରଣ ସାହୁ ସ୍ୱଚ୍ଛତା ଉପରେ ଅଧିକ ଧ୍ୟାନ ଦେବା ପାଇଁ ସେବକଙ୍କୁ ଉପଦେଶ ଦେବା ସହିତ ଖୁବ୍‌ଶୀଘ୍ର ସ୍ୱର୍ଗଦ୍ୱାର ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ଡିଜିଟାଲ୍ ପ୍ଲାଟଫର୍ମର ବ୍ୟବସ୍ଥା ଲାଗୁ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗଦ୍ୱାର ସେବା ସମିତିର କାର୍ଯ୍ୟକାରୀ ତଥା ପରିଚାଳନା ସଦସ୍ୟ ସିଦ୍ଧାର୍ଥ ରାୟ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଓ ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ୱର୍ଗଦ୍ୱାର ସେବା କେନ୍ଦ୍ରର ମୁଖ୍ୟ ସେବକ ବ୍ରଜକିଶୋର ସାହୁ, କନିଷ୍ଠ ସେବକ ବିଶ୍ୱନାଥ ହରିଚନ୍ଦନ, ସନ୍ତୋଷ ଶେଖର ମହାନ୍ତି, ସୁମନ୍ତ ମିଶ୍ର, ରାଜେନ୍ଦ୍ର ଦାସ ପ୍ରଭୃତି ପରିଚାଳନା କରିଥିଲେ। ଏହି ଅବସରରେ ଜିଲାପାଳ ବର୍ମା ସଂସ୍କାର ସେବକ ଅଭୟ ନାୟକ, ବନ୍ଧୁ ନାୟକ, ଗଙ୍ଗୁ ନାୟକ, ସୁକାନ୍ତ ନାୟକ ଓ ଗଣେଶ ମୁଖୀଙ୍କୁ ସେମାନଙ୍କ ଉତ୍ତମ ସେବା ପାଇଁ ପୁରସ୍କୃତ କରିବା ସହିତ ସେବା କେନ୍ଦ୍ରର ପ୍ରତ୍ୟେକ ସେବକଙ୍କୁ ବାର୍ଷିକ ପ୍ରୋତ୍ସାହନ ରାଶି ସହିତ ନୂତନ ପୋଷାକ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗଦ୍ୱାର ପରିଚାଳନା ଭାର ସ୍ୱର୍ଗଦ୍ୱାର ସେବା ସମିତି ନେବା ପରଠାରୁ ବର୍ତ୍ତମାନ ସୁଦ୍ଧା ୩୨୦୦୦ରୁ ଉର୍ଦ୍ଧ୍ୱ ଶବ ସ୍ୱର୍ଗଦ୍ୱାରରେ ଦାହ କାର୍ଯ୍ୟ ହୋଇଛି।

# ସୂର୍ଯ୍ୟୋପରାଗ ଲାଗି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି

ପୁରୀ ଅଫିସ,୨୫।୧୦



ମଙ୍ଗଳବାର ରାଜ୍ୟରେ କେତୁଗ୍ରସ୍ତ ଆଂଶିକ ସୂର୍ଯ୍ୟୋପରାଗ ଅନୁଷ୍ଠିତ ହୋଇଛି। ସୂର୍ଯ୍ୟୋପରାଗକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଭୋର ୪ଟା ୫୭ରେ ପାକ ତ୍ୟାଗ ଓ ଦେବନୀତି ନିଷେଧ ଥିବାରୁ ଭୋର ୪ଟା ୫୫ମିନିଟ୍‌ରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭୋଗ ମଣ୍ଡପ ନୀତି କରାଯାଇ ସମସ୍ତ ନୀତି ବନ୍ଦ ରହିଥିଲା। ତେବେ ସୂର୍ଯ୍ୟୋପରାଗ ଥିବାରୁ ସୋମବାର ସନ୍ଧ୍ୟାରେ ମହାପ୍ରଭୁଙ୍କ ରାତ୍ର ପହୁଡ ଅନୁଷ୍ଠିତ ହୋଇଥିଲା। ସୋମବାର ସନ୍ଧ୍ୟା ୬ଟା ୪୦ରେ ଶ୍ରୀବିଗ୍ରହଙ୍କ ବଡ଼ ସିଂହାର ବେଶ ହୋଇ ସନ୍ଧ୍ୟା ୭ଟା ୫ରେ ବଡ଼ସିଂହାର ଭୋଗ କରାଯାଇ ସନ୍ଧ୍ୟା ୭ଟା ୩୫ରେ ରାତ୍ରପହୁଡ କରାଯାଇଥିଲା। ଅପରପକ୍ଷେ ମଙ୍ଗଳବାର ପରାଗକୁ ଦୃଷ୍ଟିରେ ରଖି ସୋମବାର ରାତି ୧୨ଟା ୧୦ରେ ମହାପ୍ରଭୁଙ୍କ ମଙ୍ଗଳବାର ନୀତି ନିମନ୍ତେ ଦ୍ୱାର ଫିଟିଥିଲା। ପରେ ରାତି ୧୨ଟା ୫୦ରେ ମଙ୍ଗଳ ଆଳତି, ୧୨ଟା ୫୫ରେ ମଇଲମ, ୧ଟା ୧୦ରେ ତଡ଼ପ ଲାଗି, ରୋଷ ହୋମ ଓ ଅବକାଶ ପୂଜା ୧ଟା ୧୫, ମଇଲମ ୧ଟା ୩୫, ସୂର୍ଯ୍ୟପୂଜା ୨ଟା, ରାଧା ଦାମୋଦର ବେଶ ଶେଷ ୨ଟା ୧୫, ଦ୍ୱାରପାଳ ୨ଟା ୨୦, ଗୋପାଳ ବଲ୍ଲଭ ୨ଟା ୨୫ରୁ ୨ଟା ୩୫, ସକାଳ ଧୂପ ଶେଷ ୩ଟା ୨୫, ବାଳଧୂପ ୩ଟା ୩୫ରୁ ୩ଟା ୫୦, ମଇଲମ ୪ଟାରେ କରାଯାଇ ଅମାବାସ୍ୟା ଶ୍ରୀ ନାରାୟଣ ସାଗରବିଜେ ନୀତି ଭୋର ୪ଟାରେ ହୋଇଥିଲା। ପରେ ଭୋଗ ମଣ୍ଡପ ୪ଟା ୩୦ରୁ ୪ଟା ୪୦ ଶେଷ ହୋଇଥିଲା। ୪ଟା ୫୫ ମିନିଟ ସୁଦ୍ଧା ନୀତି ସରିବା ପରେ ଅନ୍ୟ ସମସ୍ତ ନୀତିକୁ ସ୍ଥଗିତ ରଖାଯାଇଥିଲା। ତେବେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଯାଇ ଦିନତମାମ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଗ୍ରହଣ ସମୟ ଅନୁଯାୟୀ ଅପରାହ୍ନ ୪ଟା ୫୭ ମିନିଟ୍ ୪୫ ସେକେଣ୍ଡରେ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ୧୬ମିନିଟ୍ ୩୩ ସେକେଣ୍ଡରେ ଗ୍ରହଣ ମୋକ୍ଷ ହୋଇଥିଲା। ପରେ ସନ୍ଧ୍ୟା ୫ଟା ୪୫ ମିନିଟ୍‌ରେ ମଇଲମ, ୫ଟା ୫୦ରେ ତଡପଲାଗି, ସନ୍ଧ୍ୟା ୬ଟା ୨୦ରେ ମହାସ୍ନାନ ନୀତି ଶେଷ କରାଯାଇ ମଇଲମ, ରୋଷହୋମ କରାଯାଇ ୬ଟା ୫୦ରେ ଗ୍ରହଣ ଗଭାଲାଗି ବେଶ କରାଯାଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ଦ୍ୱିତୀୟ ଭୋଗ ମଣ୍ଡପ, ମଧ୍ୟାହ୍ନ ଧୂପ ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ପୁରୀରେ ସୂର୍ଯ୍ୟୋପରାଗ

ପୁରୀ ଅଫିସ,୨୫।୧୦

ରାଜ୍ୟ ସମେତ ପୁରୀରେ ମଙ୍ଗଳବାର କେତୁଗ୍ରସ୍ତ ଆଂଶିକ ସୂର୍ଯ୍ୟୋପରାଗ ହୋଇଛି। ସୂର୍ଯ୍ୟୋପରାଗକୁ ଦୃଷ୍ଟିରେ ରଖି ମଙ୍ଗଳବାର ଭୋର ୪ଟା ୫୭ରେ ପାକତ୍ୟାଗ ଓ ଦେବନୀତି ନିଷେଧ ଥିବାରୁ ଜନସାଧାରଣ ବିଳମ୍ବିତ ରାତିରୁ ଉଠି ଦେବ ପୂଜା କରିବା ସହ ଅନ୍ୟାନ୍ୟ କାର୍ଯ୍ୟ ଶେଷ କରିଥିଲେ। ପରେ ଦିନତମାମ ଲୋକମାନେ ରନ୍ଧାଖାଦ୍ୟ ନ ଖାଇ ଶୁଖିଲା ଖାଦ୍ୟ ଖାଇଥିଲେ। ତେବେ ଅପରାହ୍ନରେ ବାହାରେ ଲୋକମାନଙ୍କ ଚଳପ୍ରଚଳ କମଥିବା ଦେଖିବାକୁ ମିଳିଥିଲା। ଏପରିକି ଅନେକ ଲୋକ ଦୋକାନ ବଜାର ବନ୍ଦ କରିଦେଇ ଘରେ ରହିଥିଲେ। ଅପରାହ୍ନରେ ସୂର୍ଯ୍ୟୋପରାଗ ଦେଖିବା ପାଇଁ ସମୁଦ୍ରରେ ଅନେକ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଅନେକ ଲୋକ ସମୁଦ୍ରରେ ବୁଡ଼ ପକାଉଥିବା ଦେଖିବାକୁ ମିଳିଥିଲା। ସେହିପରି ସନ୍ଧ୍ୟାରେ ମଧ ବଡ଼ଦାଣ୍ଡରେ ଅନେକ ଦୋକାନ ବନ୍ଦ ରହିବା ସହ ଲୋକମାନଙ୍କ ଚଳାଚଳ କମ୍ ରହିଥିଲା।

# କଣାସ-ଡେଲାଙ୍ଗ ମୁଖ୍ୟରାସ୍ତା ମରଣଯନ୍ତା

କଣାସ,୨୫।୧୦(ସ୍ୱ.ପ୍ର.)



କଣାସ-ଡେଲାଙ୍ଗ ରାସ୍ତାରେ ଖାଲ ହୋଇଯାଇଛି ।

କଣାସଠାରୁ ଡେଲାଙ୍ଗ ପର୍ଯ୍ୟନ୍ତ ଯାଇଥିବା ୧୩କି.ମି ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ଦୃଷ୍ଟି ପଡୁ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇଛି।

ସୂଚନା ମୁତାବକ, ରାସ୍ତା କଡରେ ଥିବା ବୁଦା ଗଛ ସବୁ ବଢି ରାସ୍ତା ଉପରକୁ ମାଡି ଆସିଛି। ସେଠାରେ ଚରୁଥିବା ଗାଈଗୋରୁ, ଛେଳି-ମେଣ୍ଢା, କୁକୁର ହଠାତ୍ ବୁଦା ମଧ୍ୟରୁ ବାହାରି ରାସ୍ତା ଉପରକୁ ଆସିଯାଉଛନ୍ତି। ଫଳରେ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଚଳିତ ବନ୍ୟା ପ୍ରଭାବରୁ ଉକ୍ତ ରାସ୍ତାରେ ବଡବଡ ଖାଲସୃଷ୍ଟି ହୋଇଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଖାଲରେ ନାଲିଗୋଡି ପକାଯାଇ ପୂରଣ କରାଯାଇଥିଲା। ପୁନଶ୍ଚ ସେହି ରାସ୍ତାରେ ଅନେକ ଖାଲ ହୋଇଯିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଥିବାବେଳେ ଅଧିକାରୀମାନେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବା ପାଇଁ କଣାସ ଓ ଡେଲାଙ୍ଗ ଅଞ୍ଚଳବାସୀ ଦାବି କରିଛନ୍ତି।





କଣାସ ବ୍ଲକ ଦୟାବିହାରରେ ଥିବା ପୂର୍ଣ୍ଣବାସ ଚିକିତ୍ସା ସେବା କେନ୍ଦ୍ରରେ ଦିବ୍ୟାଙ୍ଗ ପିଲାମାନେ ରଙ୍ଗୋଲି ପକାଇ ଦୀପାବଳି ଉତ୍ସବ ମନାଉଛନ୍ତି ।

# ନିର୍ମାଣ କାର୍ଯ୍ୟ ମାସେ ନ ପୂରୁଣୁ ରାସ୍ତାରେ ଫାଟ

ନିମାପଡ଼ା,୨୫।୧୦(ଡି.ଏନ୍.ଏ.)



ନିର୍ମାଣ କାର୍ଯ୍ୟ ମାତ୍ର ୧ ମାସ ନ ପୂରୁଣୁ ରାସ୍ତା ଫାଟି ଦୁଇ ଫାଳ ହୋଇଯାଇଥିବା ଦେଖିବାକୁ ମିଳିଛି। ରାସ୍ତା କାର୍ଯ୍ୟ ନିମ୍ନମାନର ଏବଂ ଏଥିରେ ବ୍ୟାପକ ଅନିୟମିତତା କରାଯାଇଥିବା ନେଇ ନିମାପଡ଼ା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ବ୍ଲକ ସୂଚନା ଅଧିକାର ଅଭିଯାନ ଆବାହକ ସନ୍ତୋଷ ପ୍ରଧାନ ଓ ସ୍ଥାନୀୟ ପଞ୍ଚାୟତ ସମିତି ସଭ୍ୟ ସନ୍ତୋଷ ମେକାପଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଏହି ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଉକ୍ତ ବ୍ଲକ ଅନ୍ତର୍ଗତ ବାହାରେଣା ପଞ୍ଚାୟତର କଦଳିବାରି ଗ୍ରାମଠାରେ ମାସେ ତଳେ କରାଯାଇଥିବା କଂକ୍ରିଟ୍ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହୋଇଛି। ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଛି। ଉକ୍ତ ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ୧୫୦ ଫୁଟ ରାସ୍ତା ନିର୍ମାଣ ପାଇଁ ଇଷ୍ଟିମେଟ୍ କରାଯାଇଥିବାବେଳେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ହେଲେ ଏହି କାର୍ଯ୍ୟରେ ସମସ୍ତ ପ୍ରକାର ସରକାରୀ ନୀତି ନିୟମ, ଇଷ୍ଟିମେଟ୍‌କୁ ଉଲ୍ଲଙ୍ଘନ କରାଯାଇ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଜଣେ ଯୁବ ଠିକାଦାର ମନମୁଖି ଭାବେ ଅଧିକ ଅର୍ଥ ପାଇବା ଆଶାରେ ୧୫୦ ଫୁଟ ବଦଳରେ ୨୫୦ ଫୁଟ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ଏହି କଂକ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ଭିଜିଲାନ୍ସ

## ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ

ତଦନ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ପୁରୀ ଜିଲାପାଳ, ଉପଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ବ୍ଲକ କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ସାହୁଙ୍କୁ ପଚାରିବାରେ, ଉକ୍ତ କାର୍ଯ୍ୟ କରିବା ସମ୍ପର୍କରେ ମତେ କେହି ଅବଗତ କରିନାହାନ୍ତି କି ସେହି କାର୍ଯ୍ୟକୁ ଆଦୌ ଅନୁଧ୍ୟାନ କରି ନ ଥିବା ସେ କହିଛନ୍ତି। ବିଡିଓ ବସନ୍ତ ମଲ୍ଲିକଙ୍କୁ ପଚାରିବାରେ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟର ତଦାରଖ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ ଯାହା ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ୩୦ କୋଟିର ହିସାବ ଦେବେ ଅର୍ଚ୍ଚନା- ଜଗବନ୍ଧୁ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)




ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ମାୟାଜାଲରେ ଫସାଇ ଟଙ୍କା ହଡ଼ପ କରିଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ ଥିବା ବେଳେ ଏହି ମାମଲାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଅର୍ଚ୍ଚନା ଓ ଜଗବନ୍ଧୁ ଗତ ୫ ବର୍ଷ ମଧ୍ୟରେ ୩୦ କୋଟି ଟଙ୍କା ରୋଜଗାର କରିଥିବା କୁହାଯାଉଛି। ତେବେ ଏହି ଆର୍ଥିକ କାରବାରର ଉତ୍ସ ସମ୍ପର୍କରେ ଜାଣିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଆରମ୍ଭ କରିଛି। ଇଡି ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଜଣେ ବରିଷ୍ଠ ଅଧିକାରୀଙ୍କ ପକ୍ଷରୁ ଏନେଇ ସୂଚନା ମିଳିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କମିଶନରେଟ ପୋଲିସଠାରୁ ଅର୍ଚ୍ଚନା ମାମଲା ସମ୍ପର୍କିତ ସମସ୍ତ ଅଭିଯୋଗର ଏତଲା କପି ନେଇଛି ଇଡି। ଏଥିସହ ଇଡି ପକ୍ଷରୁ ଅର୍ଚ୍ଚନାଙ୍କ ବ୍ୟାଙ୍କ ସମ୍ପର୍କିତ ଆର୍ଥିକ ନେଣଦେଣ ତଥ୍ୟ ପ୍ରଦାନ ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)କୁ ଚିଠି ଲେଖାଯାଇଛି। ଅର୍ଚ୍ଚନାଙ୍କ ବ୍ୟାଙ୍କ ଆକାଉଣ୍ଟକୁ କିଏ ଟଙ୍କା ପଠାଉଥିଲେ, କେତେ ଟଙ୍କା ଆକାଉଣ୍ଟକୁ ଆସିଥିଲା, ନଗଦ ଅର୍ଥର କାରବାର କିଭଳି କରାଯାଉଥିଲା ଏସବୁ ଉତ୍ସକୁ ଇଡି ଖୋଜିବା ଆରମ୍ଭ କରିଛି। ଇଡି ଏହି ମାମଲାରେ ତଦନ୍ତ ଆରମ୍ଭ କରିଥିବାରୁ ଜେଲରେ ଥିବା ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଖୁବ୍‌ଶୀଘ୍ର ଜେରା ହୋଇପାରନ୍ତି ବୋଲି ସୂଚନା ମିଳିଛି। ବହୁ ବଡ଼ବଡ଼ିଆ ବ୍ୟକ୍ତି ଅର୍ଚ୍ଚନାଙ୍କୁ ସାହାଯ୍ୟ କରୁଥିଲେ। ଏପରି କି ତାଙ୍କୁ ବହୁ ସମୟରେ ଆର୍ଥିକ ସହଯୋଗ କରୁଥିଲେ। ତେଣୁ ସେମାନେ ମଧ୍ୟ ଇଡି ଦ୍ୱାରା ଜେରା ହେବେ ବୋଲି ଜଣାପଡ଼ିଛି। ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ନାମରେ ଡରାଇବା, ବ୍ଲାକ୍‌ମେଲିଂ, ଦାଦାବଟି ଆଦାୟ ଆଦି ବିଭିନ୍ନ ଅଭିଯୋଗ ରହିଥିବାବେଳେ ପୋଲିସ ୧୬ଟି ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅର୍ଚ୍ଚନାଙ୍କ କଳା କାରନାମାରେ ସମ୍ପୃକ୍ତି ନେଇ ଠୋସ୍ ପ୍ରମାଣ ମିଳିବା ପରେ ଜଗବନ୍ଧୁଙ୍କୁ ଗିରଫ କରାଯାଇଛି। ତାଙ୍କର ଅନ୍ୟତମ ସହଯୋଗୀ ଖଗେଶ୍ୱର ପାତ୍ର ଏବେ କେଉଁଠି ଓ ତାଙ୍କୁ ପୋଲିସ କେବେ ଗିରଫ କରିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅର୍ଚ୍ଚନା ଓ ଜଗବନ୍ଧୁ ଜେଲରେ ରହଣି କାଳ ମଧ୍ୟରେ ଜେଲ୍ ମାନୁଆଲ ଅନୁଯାୟୀ ସପ୍ତାହକୁ ଥରେ ପରସ୍ପରକୁ ଭେଟିପାରିବେ ବୋଲି ନିର୍ଦ୍ଦେଶ ରହିଛି। ଗତ ରବିବାର ଉଭୟ ୧୫ ମିନିଟ୍ କଥା ହୋଇ ପରସ୍ପରକୁ ସାନ୍ତ୍ୱନା ଦେଇଥିଲେ।

**ବେଆଇନ ଅର୍ଥ କାରବାରର ତଦନ୍ତ କରୁଛି ଇଡି**

- କମିଶନରେଟ ପୋଲିସଠାରୁ ତଥ୍ୟ ନେଇଛି
- ଜେରା ହେବେ ବହୁ କ୍ଷମତାଶାଳୀ ବ୍ୟକ୍ତି

## ଯୌତୁକ ପାଇଁ ବଧୂଙ୍କୁ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗ ନଗରରେ ଜଣେ ନବବଧୂଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ସୁଶ୍ରୀ ସଙ୍ଗୀତା ବହିଆ (୨୬)। ସୁଶ୍ରୀଙ୍କ ମୃତଦେହକୁ ଏମ୍ସରେ ବ୍ୟବଚ୍ଛେଦ ପରେ ମଙ୍ଗଳବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ସୁଶ୍ରୀଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ଯୌତୁକ ନିର୍ଯାତନା ଦେଇ ହତ୍ୟା କରିଥିବା ଭାଇ ବିଶ୍ୱରଞ୍ଜନ ବହିଆ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୨୫୬/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି। ଥାନାଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି, ପ୍ରାଥମିକ ତଦନ୍ତରୁ ସୁଶ୍ରୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତେବେ ତାଙ୍କ ଶ୍ୱଶୁର, ଶାଶୁ, ସ୍ୱାମୀ, ନଣନ୍ଦ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

## ସଂକ୍ଷେପରେ

### ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ନୀତି ସମ୍ପନ୍ନ

ପୁରୀ ଅଫିସ,୨୫।୧୦: କାର୍ତ୍ତିକ ଅମାବାସ୍ୟା ଅବସରରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ରୀତିନୀତି ଅନୁସାରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସକାଳଧୂପ ସମ୍ପନ୍ନ ହୋଇ ପାଣି ପଡିବା ପରେ ଭୋଗମଣ୍ଡପ, ବାଲଧୂପ ଉଠି ମଇଲମ ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା, ବାଦ୍ୟ ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରିଥିଲେ। ସେଠାରେ ଅମାବାସ୍ୟା ନାରାୟଣ ପହଞ୍ଚିବା ପରେ ପାଳିଆ ଗରାବଡୁ ସେବକ ରୂପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣା ଭୋଗ ମଣୋହି କରାଯାଇଥିଲା। ପରେ ଆରତି ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡ଼ା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ହରିଦାସ ମଠ ଗୋହରୀ ରାସ୍ତା ଦେଇ ଯମେଶ୍ୱର ମନ୍ଦିର ଦେଇ ଠାକୁର ବାହୁଡ଼ା ବିଜେ କରିଥିଲେ। ତେବେ ମଙ୍ଗଳବାର କେତୁଗ୍ରସ୍ତ ଆଂଶିକ ସୂର୍ଯ୍ୟୋପରାଗ ହେତୁ ଶ୍ରୀମନ୍ଦିରରେ ଶୀଘ୍ର ନୀତି ଅନୁଷ୍ଠିତ ହୋଇଥିଲା। ରାତି ୨ଟା ୫୦ରେ ସକାଳଧୂପ ହୋଇଥିଲା ପରେ ଅନ୍ୟାନ୍ୟ ନୀତି ହୋଇ ଭୋର ୪ଟାରେ ଅମାବାସ୍ୟା ନାରାୟଣ ନୀତି ନିମନ୍ତେ ସାଗର ବିଜେ କରିଥିଲେ।

### ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

ପୁରୀ ଅଫିସ,୨୫।୧୦: ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ(ଏସ୍‌ସିଏସ୍) କଲେଜର ସୁକନ୍ୟା ହଷ୍ଟେଲରୁ ସୋମବାର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହକୁ ଟାଉନ ଥାନା ପୋଲିସ ଜବତ କରିଛି। ସେ ବଲାଙ୍ଗୀର ଥାନା ଅଞ୍ଚଳର ହୋଇଥିବା ବେଳେ ଏଠି ରହି ଯୁକ୍ତ ଦୁଇର ଦ୍ୱିତୀୟ ବର୍ଷରେ ପଢୁଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ-୨୫/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇ ବ୍ୟବଚ୍ଛେଦ ସରିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ, ସୋମବାର ସକାଳେ ଘର ଲୋକ ଫୋନ କରିଥିଲେ ବି ଛାତ୍ରୀ ଜଣଙ୍କ ଉଠାଇ ନ ଥିଲେ। ତେଣୁ ସେମାନେ ହଷ୍ଟେଲ ୱାର୍ଡେନଙ୍କୁ ଫୋନ କରି ଜଣାଇବାରୁ ୱାର୍ଡେନ ଓ ଅନ୍ତେବାସୀ ଯାଇ ଡାକିଥିଲେ ବି ସମ୍ପୃକ୍ତା ଛାତ୍ରୀ କବାଟ ଖୋଲି ନ ଥିଲେ। ଖବରପାଇ ପୋଲିସ ପହଞ୍ଚି କବାଟ ଭାଙ୍ଗି ଛାତ୍ରୀଙ୍କୁ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରିଥିଲା।

# ପଲାଶୁଣୀରେ ହେବ ମେଗା ଏମ୍‌ସିସି



ବିଡିଏ ଅଧିକାରୀମାନେ ସ୍ଥାନ ନିରୀକ୍ଷଣ କରୁଛନ୍ତି।

ଭୁବନେଶ୍ୱର, ୨୫।୧୦ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ ରଖିବା ସହ ସ୍ମାର୍ଟସିଟିକୁ ୧ ନମ୍ବରରେ ପରିଣତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବହୁ ପ୍ରଚେଷ୍ଟା ଜାରି ରଖିଛି। ପ୍ରତିଦିନ ସହରରୁ ଟନ୍ ଟନ୍ ଅଳିଆ ବାହାରୁଥିବାବେଳେ ଏହାର ସୁପରିଚାଳନା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ସ୍ଥାପନ କରାଯାଇଛି। ତେବେ ଖୁବ୍ ଶୀଘ୍ର ପଲାଶୁଣୀଠାରେ ମେଗା ଏମ୍‌ସିସି ସ୍ଥାପନ ହେବାକୁ ଯାଉଛି। ଏଥିପାଇଁ ସ୍ଥାନ ମଧ୍ୟ ଚିହ୍ନଟ ହୋଇସାରିଛି। ଏହି ମେଗା ଏମ୍‌ସିସିର କ୍ଷମତା ୫୦ ଟିପିଡି (ଟନ୍ ପର୍ ଡେ’) ରହିବ ବୋଲି ସୂଚନା ଦିଆଯାଇଛି। ଏ ନେଇ ମଙ୍ଗଳବାର ବିଏମ୍‌ସି ଏବଂ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ) ପକ୍ଷରୁ ସ୍ଥାନ ନୀରିକ୍ଷଣ କରାଯାଇଥିଲା। ପୂର୍ବରୁ ଏହି ସ୍ଥାନରେ କେତେଜଣ ବ୍ୟକ୍ତି ଜବରଦଖଲ କରି ରହିଥିବାବେଳେ ସେମାନଙ୍କୁ ସେଠାରୁ ଉଚ୍ଛେଦ କରାଯାଇଛି। ଯଥାଶୀଘ୍ର ଏହି ପ୍ରୋଜେକ୍ଟ ଆରମ୍ଭ ହେବ ବୋଲି କୁହାଯାଇଛି। ସହରରୁ ବାହାରୁଥିବା ଅଳିଆର ସୁପରିଚାଳନା ପାଇଁ ମୋଟ୍ ୫୦ଟି ଏମ୍‌ସିସି କରାଯିବାର ଲକ୍ଷ୍ୟ ରଖାଯାଇଥିବାବେଳେ ଏବେ ପ୍ରାୟ ୩୫ଟିର ନିର୍ମାଣ କାର୍ଯ୍ୟ ସରିଛି। ଖୁବ୍ ଶୀଘ୍ର ଅନ୍ୟ ଏମ୍‌ସିସି ନିର୍ମାଣ ହେବା ପରେ ସହରରେ ଆବର୍ଜନା ପରିଚାଳନା ସୁଗମ ହୋଇପାରିବ। କ୍ଷେତ୍ର ପରିଦର୍ଶନ ସମୟରେ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ସିଟି ଇଞ୍ଜିନିୟର ଅରୁଣ ନାୟକ, ବିଡିଏ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଅମ୍ବିକା ମହାନ୍ତି ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୮ରୁ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ଓଡ଼ିଶୀ ନୃତ୍ୟଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଗୁରୁ ଦେବ ପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ଅକ୍ଟୋବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ପ୍ରସିଦ୍ଧ ନୃତ୍ୟାଙ୍ଗନା ତଥା ନୃତ୍ୟ ସଂଯୋଜିକା ପଦ୍ମବିଭୂଷଣ ଡ. ସୋନାଲ ମାନସିଂହଙ୍କୁ ଗୁରୁ ଦେବପ୍ରସାଦ ଜୀବନବ୍ୟାପୀ ସାଧନା ସମ୍ମାନ-୨୦୨୨ ପ୍ରଦାନ କରାଯିବ। କୁଚିପୁଡ଼ି ନୃତ୍ୟ କ୍ଷେତ୍ରରେ ବିଦୁଷୀ ଦୀପିକା ରେଡ୍ଡୀ ଓ କଥକ ନୃତ୍ୟ କ୍ଷେତ୍ରରେ ପ୍ରେରଣା ଶ୍ରୀମୋଲୀଙ୍କୁ ଗୁରୁ ଦେବପ୍ରସାଦ ସମ୍ମାନ-୨୦୨୨ ଦିଆଯିବ। ସେହିଭଳି ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ-୨୦୨୨ରେ ମାଲେସିଆର ଓଡ଼ିଶୀ ନୃତ୍ୟଶିଳ୍ପୀ ତାମ୍ ମେୟୀ ମେୟୀ ଏବଂ ପ୍ରସିଦ୍ଧ ସଖୀ ଓ ଘୁଡୁକି ନାଚର ଗୁରୁ ରାଧାଶ୍ୟାମ ତରାଇଙ୍କୁ ସମ୍ମାନିତ କରାଯିବ। ମାଲେସିଆର କୁନି ଓଡ଼ିଶୀ ନୃତ୍ୟଶିଳ୍ପୀ ଐଶର୍ଯ୍ୟା ଲକ୍ଷ୍ମୀ ଏରିସନ୍ ଏବଂ ପୁରୀର କୁନି ଓଡ଼ିଶୀ ନୃତ୍ୟ ଶିଳ୍ପୀ ସୁହାନା ମିଶ୍ରଙ୍କୁ ଗୁରୁ ଦେବପ୍ରସାଦ ଶିଶୁ ପ୍ରତିଭା ସମ୍ମାନ-୨୦୨୨ ପ୍ରଦାନ କରାଯିବ। ସମ୍ମାନ ପ୍ରଦାନ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ଦଳଗତ ନୃତ୍ୟ ସହିତ ବିଶ୍ୱମୋହନ ଭଟ୍ଟଙ୍କ ଦ୍ୱାରା ମୋହନ ବୀଣା ବାଦନ, ଦ୍ୱିତୀୟ ସନ୍ଧ୍ୟାରେ ଆୟାକ ସକିନା ଓ ମଞ୍ଜୁଙ୍କ ଦ୍ୱାରା ଦ୍ୱୈତ୍ୟ ଓଡ଼ିଶୀ ନୃତ୍ୟ, ହାନାମୋମିୟ ୟୁମିକୋ ଚଟାନୀଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ, ଦୀପିକା ରେଡ୍ଡୀଙ୍କ ଦ୍ୱାରା ଏକକ କୁଚିପୁଡ଼ି ନୃତ୍ୟ, ବାଗମିଶ୍ରୀ ଦାସଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ଏବଂ ଶେଷରେ କଳା ବିକାଶ କେନ୍ଦ୍ର ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ ହେବ। ଉଦଯାପନୀ ସନ୍ଧ୍ୟାରେ ପୁରସ୍କାର ପ୍ରଦାନ ସହିତ ପ୍ରେରଣା ଶ୍ରୀମୋଲୀଙ୍କ ଦ୍ୱାରା କଥକ ନୃତ୍ୟ ଏବଂ ମାଲେସିଆର ସୂତ୍ର ଫାଉଣ୍ଡେଶନ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଉପସ୍ଥାପନ କରାଯିବ। ଏ ନେଇ ଅନୁଷ୍ଠାନର ନିର୍ଦ୍ଦେଶକ ଗଜେନ୍ଦ୍ର ପଣ୍ଡା ମଙ୍ଗଳବାର ପାନ୍ଥନିବାସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ପରାଗ ସ୍ନାନ କଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର, ୨୫।୧୦ (ଡି.ଏନ୍.ଏ.)

କେତୁଗ୍ରସ୍ତ ସୂର୍ଯ୍ୟୋପରାଗ ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜ ପରାଗ ସ୍ନାନ କରିଛନ୍ତି। ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସ୍ଥିରୀକୃତ ପରାଗ ନୀତି ଅନୁଯାୟୀ ପରାଗ ଲାଗିଥିବା ସମୟରେ ଶ୍ରୀଲିଙ୍ଗରାଜ, ମା’ପାର୍ବତୀ, ଦୁର୍ଗା, ବସୁଦେବ ବିମାନ ଓ ପାଲିଙ୍କିରେ ବସି ବିନ୍ଦୁସାଗର କୂଳରେ ଥିବା ବ୍ରହ୍ମାଘାଟ ନିକଟକୁ ଯାତ୍ରା କରିଥିଲେ। ସେଠାରେ ଖଟୁଲିରେ ଅବସ୍ଥାନ କରିବା ପରେ ପତ୍ରୀସେବକ ଏକ ଗଡୁ ପାଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ଉକ୍ତ ପାଣିକୁ ପାଳିଆ ପୂଜାପଣ୍ଡା ସେବକ ସଂସ୍କାର କରିସାରିବା ପରେ ଶ୍ରୀଜୀଉଙ୍କୁ ସ୍ନାନ କରାଇଥିଲେ। ମନ୍ଦିର ମେକାପ ନେଇଥିବା ନୂତନ ବସ୍ତ୍ରକୁ ଶ୍ରୀଜୀଉଙ୍କୁ ପରିଧାନ କରାଯାଇଥିଲା। ଏହାପରେ ଶ୍ରୀଜୀଉ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ପାଳିଆବଡୁ ସେବକ ବିନ୍ଦୁ ସାଗରରୁ ଆଣିଥିବା ପାଣିରେ ମନ୍ଦିରରେ ଥିବା ଶ୍ରୀଜୀଉଙ୍କୁ ସ୍ନାନ କରିଥିଲେ। ଏହା ପରେ ଠା’ କରାଯାଇ ବିଶୋଇ ଦେଇଥିବା ଖଇକୁ ରୁପା ଥାଳିରେ ରଖାଯାଇ ପୂଜାପଣ୍ଡା ସେବକ ପଞ୍ଚ ଉପଚାରରେ ଭୋଗ ନୈବେଦ୍ୟ କରିଥିଲେ।

## ରାସ୍ତା ବିପର୍ଯ୍ୟସ୍ତ, ଯାତାୟାତ ବାଧାପ୍ରାପ୍ତ



ଜଟଣୀ,୨୫।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ବଜାର, ମାଲଗୋଦାମ ଛକଠାରେ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଯାତାୟାତ କରିବାରେ ଲୋକେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ରାସ୍ତା ରହିଥିବା ବେଳେ ଏଥିରେ ପ୍ରତିଦିନ ହଜାର ହଜାର ଯାନବାହନ ଯାତାୟାତ କରିଥାଏ। ବଲାଙ୍ଗୀର, ବ୍ରହ୍ମପୁର ଏବଂ ଖୋର୍ଦ୍ଧାରୁ ଜଟଣୀ ଦେଇ ପୁରୀ, କୋଣାର୍କ, କାକଟପୁର ଏବଂ ନିମାପଡା ଆଦି ସ୍ଥାନକୁ ଜଟଣୀ ରାସ୍ତା ପାଖ ହୋଇଥିବାରୁ ବହୁ ଯାତ୍ରୀ ଯାତାୟାତ କରିଥାନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳବାସୀ ମେଡିକାଲ, ଥାନା, ରେଳଷ୍ଟେଶନ ସହିତ ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟକୁ ଯାତାୟାତ କରିଥାନ୍ତି। ତେବେ କୁଦିଆରୀ ବଜାର ରାସ୍ତା ଖାଲଖମା ହୋଇ ରହିଥିବାରୁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ ଅବହେଳା ଯୋଗୁ ରାସ୍ତା ମରାମତି ହୋଇପାରୁ ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କୁଦିଆରୀ ଗ୍ରାମର ଆଇନଜୀବୀ ଅକ୍ଷୟ କୁମାର ଦାସ ଉକ୍ତ ରାସ୍ତା ମରାମତି ପାଇଁ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ନେତା ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଛନ୍ତି।

# ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ଭରତପୁର ଥାନା ଅନ୍ତର୍ଗତ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ପୋଲିସ ମଙ୍ଗଳବାର ସକାଳେ ସନ୍ଦେହଜନକ ଅବସ୍ଥାରେ ପଡ଼ିରହିଥିବା ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜଗଡ଼ ଗ୍ରାମର ଲିଙ୍ଗରାଜ ଡାଲୁଆ (୩୭)। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୨୫/୨୦୨୨ ) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଲିଙ୍ଗରାଜଙ୍କୁ ତାଙ୍କ ସ୍ତ୍ରୀ ଛାଡ଼ି ପଳାଇ ଯାଇଥିବାରୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସେ ଭୁବନେଶ୍ୱର ଚାଲି ଆସିଥିଲେ। ଏଠାରେ ରହି ଏକ ହୋଟେଲରେ ମିସ୍ତ୍ରି ଭାବେ କାମ କରୁଥିଲେ। ତେବେ ଗତ ୨ବର୍ଷ ହେବ ସେ କୌଣସି ସ୍ଥାନରେ କାମ କରୁ ନ ଥିଲେ। ବରମୁଣ୍ଡା ଅଞ୍ଚଳରେ କେବଳ ବୁଲାବୁଲି କରୁଥିଲେ। ସୋମବାର ବିଳମ୍ବିତ ରାତିରେ ଲିଙ୍ଗରାଜ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟ ରାସ୍ତାପାର୍ଶ୍ୱରେ ମୁହଁମାଡ଼ି ପଡ଼ିରହିଥିଲେ।

## ଇନ୍‌ଡୋର ଗେମ୍ସ ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଯୋଗ ଦେଇଥିବା ଅତିଥିମାନେ।

ଜଟଣୀ,୨୫।୧୦(ଡି.ଏନ୍.ଏ.)

ଇଷ୍ଟ କୋଷ୍ଟ ରେଲୱେ ସ୍ପୋର୍ଟସ୍ ଆସୋସିଏଶନ ଖୋର୍ଦ୍ଧାରୋଡ୍ ପକ୍ଷରୁ ଇନ୍‌ଡୋର ଗେମ୍ସ-୨୦୨୨ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ରେଲୱେ ଷ୍ଟାଡିୟମ ବ୍ୟାଡମିଣ୍ଟନ ହଲ୍ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ ଏବଂ ମହିଳା କଲ୍ୟାଣ ସଙ୍ଗଠନର ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା ଉଦ୍‌ଘାଟନ କରିଥିଲେ। ରେଳ କର୍ମଚାରୀ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ବ୍ୟାଡମିଣ୍ଟନ୍, ଚେସ୍, କ୍ୟାରମ୍ ଏବଂ ଟେବୁଲ୍ ଟେନିସ୍ ଆଦି ପ୍ରତିଯୋଗିତା ହେବ। ଏଥିରେ ମୋଟ ୧୧୦ ଜଣ ଖେଳାଳି ଅଂଶଗ୍ରହଣ କରୁଥିବା ବେଳେ ସେଥିମଧ୍ୟରୁ ୪୮ଜଣ ବିଭିନ୍ନ ରେଳ ଷ୍ଟେଶନରେ କାର୍ଯ୍ୟ କରୁଥିବା ରେଳ କର୍ମଚାରୀ ରହିଛନ୍ତି। ଇନ୍‌ଡୋର ଗେମ୍ସ-୨୦୨୨ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର କ୍ରୀଡା ଅଧିକାରୀ ଏଚ୍.ବି.ବିଶ୍ୱାଳଙ୍କ ନେତୃତ୍ୱରେ ପରିଚାଳିତ ହେଉଛି। କ୍ରୀଡ଼ା ସଚିବ ଏମ୍.ଡି.ଜାକିରୁଦ୍ଦିନ ଏବଂ ଖୋର୍ଦ୍ଧାରୋଡ୍ କ୍ରୀଡ଼ା ସଙ୍ଗଠନର ସଦସ୍ୟମାନେ ଟୁର୍ନାମେଣ୍ଟର ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରୁଥିବା ମଣ୍ଡଳ ରେଳ ପ୍ରଶାସନ ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନୀ ଅବସରରେ ରେଳ ମଣ୍ଡଳ ଶାଖା ଅଧିକାରୀ ଏବଂ କ୍ରୀଡ଼ା ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।

# ପୁଣି ୱାନ୍‌ମ୍ୟାନ୍ ଗ୍ୟାଙ୍ଗ୍ ‘ସଞ୍ଜୀୟ’ ଗିରଫ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଏକା ଚୋରି କରି ‘ୱାନ୍‌ମ୍ୟାନ୍ ଗ୍ୟାଙ୍ଗ’ ବନିଥିବା ପେସାଦାର ଚୋର ପୁଣି କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ଚୋରି ଉଦ୍ୟମ ବେଳେ ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସର ମିଳିତ ଟିମ୍ ତାଙ୍କୁ ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ସୌଭାଗ୍ୟ ନଗରରେ ରହୁଥିବା ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଧୀନ ଶରଧାପୁର ଗ୍ରାମର ସଞ୍ଜୟ କୁମାର ନିଶଙ୍କ (୩୩)। ତାଙ୍କ ଠାରୁ ୪୨୩ ଗ୍ରାମର ସୁନା ଅଳଙ୍କାର, ୬୦୬ ଗ୍ରାମ ରୁପା ଅଳଙ୍କାର, ୨ଟି ଲ୍ୟାପଟପ୍, ୨ଟି ମୋବାଇଲ ଫୋନ୍ ଏବଂ ଗୋଟିଏ ବାଇକ୍ ଜବତ ହୋଇଛି। ସଞ୍ଜୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସଞ୍ଜୟଙ୍କୁ ଜେରା ପାଇଁ ରିମାଣ୍ଡରେ ଆଣିବାକୁ ପୋଲିସ ଯୋଜନା କରୁଛି। ତେବେ ସେ ଅଭ୍ୟାସଗତ ଭାବେ ଚୋରି କରୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ କହିଛି।



ଜବତ ସୁନା ରୁପା ଅଳଙ୍କାର।



ଅଭିଯୁକ୍ତ ସଞ୍ଜୟ କୁମାର ନିଶଙ୍କ।

**ମହିଳାଙ୍କ ଅନ୍ତଃବସ୍ତ୍ର ପ୍ରତି ଥିଲା ଦୁର୍ବଳତା**

- ଅଭ୍ୟାସଗତ ଭାବେ ଚୋରି କରୁଥିଲେ, ବିଭିନ୍ନ ଥାନାରେ ୧୨ ମାମଲା
- ୪୨୩ ଗ୍ରାମ ସୁନା, ୬୦୬ ରୁପା ଅଳଙ୍କାର, ଲାପଟପ୍, ବାଇକ ଜବତ

### ରହିଛି ୧୨ ମାମଲା, ୨୦୧୮ରେ ଗିରଫ ହୋଇ ଜେଲ ଯାଇଥିଲେ

ସଞ୍ଜୟ ୨ବର୍ଷ ତଳେ ଏଭଳି ଚୋରି କରୁଥିଲେ। ତାଙ୍କ ନାମରେ ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି, ନୟାପଲ୍ଲୀ ସମେତ ବିଭିନ୍ନ ଥାନାରେ ୧୨ଟି ଚୋରି ମାମଲା ରହିଛି। ୨୦୧୮ ଜୁଲାଇ ୨୬ରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ସଞ୍ଜୟଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଥିଲା। ସେତେବେଳେ ତାଙ୍କଠାରୁ ବହୁ ସୁନା ଓ ରୁପା ଅଳଙ୍କାର, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ୪୩ ମୋବାଇଲ ଫୋନ୍, ୨୬ଟି ଲାପଟପ୍, ୧୭ଟି ହାତଘଣ୍ଟା ଆଦି ଜବତ ହୋଇଥିଲା। ସେ ଇନ୍‌ଫୋସିଟି, ଚନ୍ଦ୍ରଶେଖରପୁର ଓ ନନ୍ଦନକାନନ ଆଦି ଅଞ୍ଚଳରେ ଚୋରି କରି ଆତଙ୍କ ସୃଷ୍ଟି କରିଥିଲେ।

### ଅଳଙ୍କାର ସମେତ ଅନ୍ତଃବସ୍ତ୍ର ମଧ୍ୟ ଚୋରି କରୁଥିଲେ

ମହିଳାଙ୍କ ଅନ୍ତଃବସ୍ତ୍ର ପ୍ରତି ସଞ୍ଜୟଙ୍କ ଦୁର୍ବଳତା ଥିଲା। ସେ ଯେଉଁ ଘରେ ପଶୁଥିଲେ ସେଠାରୁ ସୁନା ଅଳଙ୍କାର, ଟଙ୍କା ସହ ବିଭିନ୍ନ ଅନ୍ତଃବସ୍ତ୍ରକୁ ମଧ୍ୟ ଚୋରି କରି ନେଇଆସୁଥିଲେ। ସୌଭାଗ୍ୟ ନଗରସ୍ଥିତ ତାଙ୍କ ଭଡ଼ାଘରେ ଚଢ଼ାଉ ପରେ ସେଠାରୁ ବହୁ ଅନ୍ତଃବସ୍ତ୍ର ଜବତ ହେବା ପରେ ପୋଲିସ ଚକିତ ହୋଇଯାଇଥିଲା। ଏସବୁକୁ ସେ ଚୋରି କରି ଆଣୁଥିଲେ ବୋଲି ସଞ୍ଜୟ ପୋଲିସକୁ କହିଛନ୍ତି।

### ସଞ୍ଜୟଙ୍କ ପାଖରେ କେମିତି ପହଞ୍ଚିଲା ପୋଲିସ

ବିଭିନ୍ନ ସ୍ଥାନରେ ଏକାଧିକ ଚୋରି ଘଟଣାକୁ ଦେଖି ସ୍ପେଶାଲ ସ୍କ୍ୱାଡ୍‌କୁ ଦାୟିତ୍ୱ ଦିଆଯାଇଥିଲା। ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସର ଏକ ମିଳିତ ଟିମ୍ ଚୋରି ମାମଲାରେ ତଦନ୍ତ ଆରମ୍ଭ କରିଥିଲା। ତେବେ ୫ଟି ଚୋରି ଘଟଣାରେ ବିଭିନ୍ନ ଦିଗରୁ ଅନୁସନ୍ଧାନ ପରେ ଜଣେ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ସଞ୍ଜୟ ଅପରାହ୍ନ ୨ଟାରୁ ରାତି ୯ଟା ମଧ୍ୟରେ ଚୋରି କରୁଥିଲେ। ଏପରିକି ୨ଟି ସ୍ଥାନରୁ ସୁନା ଅଳଙ୍କାର ସମେତ ମହିଳାଙ୍କ ଅନ୍ତଃବସ୍ତ୍ର ଚୋରି ହୋଇଥିବା ବଡ଼ ପ୍ରମାଣ ମିଳିଥିଲା। ପୂର୍ବରୁ ଚୋରି କରି ଗିରଫ ହୋଇ ଜେଲ ଯାଇଥିବା ସଞ୍ଜୟଙ୍କ ସମ୍ପୃକ୍ତି ଥିବା ପ୍ରମାଣ ମିଳିବା ପରେ ତାଙ୍କୁ ଧରିବାକୁ ପୋଲିସ ଯୋଜନା ପ୍ରସ୍ତୁତ କରିଥିଲା। ସୋମବାର ନୟାପଲ୍ଲୀ ଏନ୍-୧ରୁ ସେ ଚୋରି ଉଦ୍ୟମ କରୁଥିବା ବେଳେ ସୂଚନା ପାଇ ପୋଲିସ ଟିମ୍ ତାଙ୍କୁ କାବୁ କରିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୬ ଅକ୍ଟୋବର, ୨୦୨୨



**୩୦ରେ ଭିକାରୀ ବଳ ଭଜନ ପ୍ରତିଯୋଗିତା**

**କଟକ ଅଫିସ:** ଭଜନ ସମ୍ରାଟ ଭିକାରୀ ବଳଙ୍କ ଦ୍ୱାଦଶ ପୁଣ୍ୟତିଥି ଉତ୍ସବ ଆସନ୍ତା ନଭେମ୍ବର ୨ରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ପାଳନ କରାଯିବ। ଏହି ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ଭିକାରୀ ବଳ ଭଜନ ପ୍ରତିଯୋଗିତା ଆସନ୍ତା ୩୦ ତାରିଖରେ ପୁରୀଘାଟ ରାସବିହାରୀ ମଠରେ ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀମାନଙ୍କୁ ବଳଙ୍କ ଶ୍ରାଦ୍ଧୋତ୍ସବରେ ପୁରସ୍କୃତ କରାଯିବ। ଆଗ୍ରହୀ ପ୍ରତିଯୋଗୀମାନେ ଉକ୍ତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗାଯୋଗ କରିବାକୁ ଅନୁଷ୍ଠାନର ସମ୍ପାଦକ ଡ. ସୁନାମଣି ରାଉତ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ନାବାଳିକା ଅପହରଣ, ଯୁବକ ଗିରଫ

**କଟକ ସଦର,୨୫।୧୦(ଡି.ଏନ୍.ଏ.):** ନାବାଳିକା ଅପହରଣ ଅଭିଯୋଗରେ କନ୍ଦରପୁର ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କେଶପୁର ଗ୍ରାମର ସଦାଶିବ ବେହେରା। ଗତ ୩ ତାରିଖରେ ସ୍ଥାନୀୟ ଅଞ୍ଚଳର ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିବାବେଳେ ସଦାଶିବ ତାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୮୧/୨୨) ରୁଜୁ କରିଥିଲା। ସୋମବାର ନାବାଳିକାଙ୍କୁ ପୋଲିସ ଭୁବନେଶ୍ୱରରୁ ଉଦ୍ଧାର କରି ଗଡିରାଉତପାଟଣାସ୍ଥିତ ବସୁନ୍ଧରାରେ ରଖିଛି।

### ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ଜୟନ୍ତୀ

**କଟକ ଅଫିସ, ୨୫।୧୦:** ଆନ୍ତର୍ଜାତିକ କବି ପଦ୍ମଶ୍ରୀ ପ୍ରଫେସର ଡ. ଜୟନ୍ତ ମହାପାତ୍ର ଜୟନ୍ତୀ ପାଳନ ହୋଇଛି। ଏହି ଅବସରରେ ସିଏମ୍‌ସି ମେୟର ସୁବାସ ସିଂ, ଡା. ରବି ରଞ୍ଜନ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ଡ. ମହାପାତ୍ରଙ୍କ ତିନିକୋଣିଆ ବଗିଚାସ୍ଥିତ ବାସଭବନରେ ଜନ୍ମ ଦିବସର ଶୁଭେଚ୍ଛା ଜଣାଇ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ଡ. ମହାପାତ୍ର ୧୯୨୮ ଅକ୍ଟୋବର ୨୨ରେ ପେଟିନ୍ ସାହିରେ ଜନ୍ମ ଗ୍ରହଣ କରିଥିଲେ। ବାଲ୍ୟକାଳରୁ ତାଙ୍କର କବିତା ପ୍ରତି ଆଗ୍ରହ ଥିଲା। ପରବର୍ତ୍ତୀ କାଳରେ ସେ ଶିକ୍ଷକତାକୁ ନିଜର ପେସା ଭାବେ ଗ୍ରହଣ କରି ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ପ୍ରଫେସର ପଦରେ ଅବସ୍ଥାପିତ ହୋଇଥିଲେ। କବି ଭାବେ ଡ. ମହାପାତ୍ର ଦେଶ, ବିଦେଶରେ ସୁପରିଚିତ। ସେ ଭାରତ ସମେତ ବିଦେଶରୁ ବହୁ ପୁରସ୍କାର ହାସଲ କରିଥିଲେ। ୨୦୧୨ରେ ଭାରତ ସରକାର ଡ. ମହାପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ଭୂଷିତ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଦେଶର ବିଭିନ୍ନ ପ୍ରଖ୍ୟାତ ସାହିତ୍ୟ ସଂଗଠନ ପକ୍ଷରୁ ତାଙ୍କୁ ସମ୍ବୋଧିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପାଷ୍ଟର ସାମୁଏଲ ସୋମଲିଙ୍ଗମ, ଦେବ କୁମାର ଦାସ, ଯୁବନେତା ଜଗନ୍ନାଥ ସ୍ୱାଇଁ, ଜନ ଆଶିଷ ବରାଳ, ଦେବେନ୍ଦ୍ର ପାଣିଗ୍ରାହୀ, ଦୀନବନ୍ଧୁ ରାଉତ, ମିହିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୯ ମାସରେ ୪୭ ମାମଲା

**ବଢୁଛି ନାବାଳିକା ନିର୍ଯାତନା**

କଟକ ଅଫିସ,୨୫।୧୦

ନାବାଳିକାଙ୍କୁ ସୁରକ୍ଷା ତଥା ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ପୋଲିସ ପକ୍ଷରୁ ପରୀ, ମୁସ୍କାନ ଭଳି କାର୍ଯ୍ୟକ୍ରମ କରାଯାଉଛି। ହେଲେ ନାବାଳିକା ନିର୍ଯାତନାଜନିତ ମାମଲା ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ପୋଲିସର ତଥ୍ୟ ଅନୁସାରେ, ମର୍କତନଗର ଫେଜ୍-୨ ଥାନା, ପୁରୀଘାଟ, କ୍ୟାଣ୍ଟନମେଣ୍ଟ, ମାଲଗୋଦାମ, ମଧୁପାଟଣା, ମଙ୍ଗଳାବାଗ ଆଦି ଥାନାରେ ଗତ ୯ ମାସ ମଧ୍ୟରେ ୪୭ ମାମଲା ରୁଜୁ ହୋଇଛି । ବିଶେଷକରି ବସ୍ତି ଅଞ୍ଚଳରେ ୭୦% ନାବାଳିକା ନିର୍ଯ୍ୟାତିତ ହେଉଛନ୍ତି। ଶିକ୍ଷାର ଅଭାବ, ଅସାମାଜିକଙ୍କ ଆଡ୍ଡାସ୍ଥଳୀ, ପାରିବାରିକ ଅନଗ୍ରସରତା ଭଳି କାରଣକୁ ପୋଲିସ ଦାୟୀ କରୁଛି ।

ମିଳିଥିବା ସୂଚନା ମୁତାବକ, ୨୦୨୧ରେ ସହରର ବିଭିନ୍ନ ଥାନାରେ ୭୮ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା। ଏଥିରେ ପୋଲିସ ୭୯ ଜଣଙ୍କୁ ଗିରଫ କରିଥିଲା। ସେଥିମଧ୍ୟରୁ ୪୪ଟି ମାମଲାରେ ନାବାଳିକା ଶୋଷଣର ଶିକାର ହୋଇଥିବା ଜଣାପଡିଛି। ଏହି ସମ୍ବେଦନଶୀଳ ମାମଲାଗୁଡ଼ିକୁ ଗମ୍ଭୀରତାର ସହିତ ବିଚାରକୁ ନିଆଯାଇ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। କମିଶନରେଟ ପୋଲିସ ଅଧୀନ ବିଭିନ୍ନ ଅଞ୍ଚଳରେ ଗତ ଅଗଷ୍ଟରେ ୧୩ ଜଣ ନାବାଳିକା ନିଖୋଜ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଉଦ୍ଧାର କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନାବାଳିକା ନିଖୋଜ, ବଳାତ୍କାର ଓ ହିଂସା ରୋକିବା ଦିଗରେ ଅନେକ ସ୍ପେଶାଲ ଡ୍ରାଇଭ୍ କରାଯାଉଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରୁନାହିଁ। ସଙ୍ଗୀନ ମାମଲାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ନ୍ୟାୟ ପ୍ରଦାନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ 'ଇଣ୍ଟିଗ୍ରେଟେଡ୍ ଆଣ୍ଟି ହ୍ୟୁମାନ୍ ୟୁନିଟ୍' କାର୍ଯ୍ୟକ୍ଷମ ହେଉଛି । ଡିସିପିଙ୍କ କାର୍ଯ୍ୟାଳୟରେ ଏହି ୟୁନିଟ୍ ରହିଛି। ଏହି ୟୁନିଟ୍ ସାଧାରଣ ଭାବେ ମହିଳାଙ୍କ ସୁରକ୍ଷା, ମହିଳା ଚାଲାଣ ଭଳି ମାମଲା ଉପରେ କାର୍ଯ୍ୟ କରିଥାଏ। ଯେଉଁ ଲକ୍ଷ୍ୟ ଓ ଆଭିମୁଖ୍ୟ ନେଇ ଏହି ୟୁନିଟ୍ ଗଠନ କରାଯାଇଥିଲା ତାହା ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବା ଅଭିଯୋଗ ହୋଇଛି। ଏହି ୟୁନିଟ୍‌ରେ ଦାୟିତ୍ୱରେ ମାତ୍ର ଜଣେ ଏସିପି ରହିଛନ୍ତି। ଅଫିସର ଓ ଅନ୍ୟ କର୍ମଚାରୀଙ୍କ ଅଭାବରୁ ଠିକ୍ ଭାବେ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଆବଶ୍ୟକ ପଦବୀ ପୂରଣ ହୋଇପାରିଲେ ଏହି ୟୁନିଟ୍ ଠିକ୍ ଭାବେ କାର୍ଯ୍ୟ କରିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ।

ସହରର କେତେକ ଥାନାରେ ମହିଳା ଓ ଶିଶୁଡେସ୍କ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ବିଭିନ୍ନ ସମୟରେ ପୋଲିସ-ପବ୍ଲିକ ବୈଠକରେ ପ୍ରଶ୍ନ ଉଠାଯାଇଛି। କର୍ମଚାରୀ ଅଭାବ କହି ପୋଲିସ ନିଜ ମୁଣ୍ଡରୁ ଦୋଷ ଖସାଇ ନେଉଛି। ମହିଳା ଓ ନାବାଳିକାଙ୍କ ସୁରକ୍ଷା କ୍ଷେତ୍ରରେ ହେଉଥିବା ପୋଲିସର ଅନେକ ଯୋଜନା ଏବେ ଅଧାପନ୍ତରିଆ ଭାବେ ପଡିରହିଛି। ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇପାରିଲେ ମହିଳା ଓ ନାବାଳିକାଙ୍କ ଉପରେ ହେଉଥିବା ନିର୍ଯାତନାକୁ ରୋକାଯାଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏନେଇ ଡିସିପି ପିନାକ ମିଶ୍ର କହିଛନ୍ତି, ଅଧିକାଂଶ ନାବାଳିକା ନିର୍ଯାତନା ମାମଲାରେ ସେମାନଙ୍କ ନିକଟତମ ଲୋକ ହିଁ ନିର୍ଯାତନା ଦେଉଥିବା ଜଣାପଡିଛି। ଏ ସମ୍ପର୍କିତ ମାମଲାଗୁଡ଼ିକୁ ଗୁରୁତର ସହ ବିଚାର କରି ତ୍ୱରିତ ତଦନ୍ତ ପାଇଁ ସବୁ ଥାନାର ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଯ୍ୟାତିତ ମହିଳା ଓ ଶିଶୁଙ୍କୁ ଯେପରି ଶୀଘ୍ର ନ୍ୟାୟ ମିଳିବ ସେନେଇ ପୋଲିସ ଯତ୍ନବାନ ରହିଛି ବୋଲି ଡିସିପି କହିଛନ୍ତି।

# ବାଣନିଆଁରୁ ୨ ଅଗ୍ନିକାଣ୍ଡ

**ଜଳିଗଲା କପଡ଼ା ଶୋ'ରୁମ, କାର୍‌ରେ ନିଆଁ ଲାଗିଲା**



କଟକ ଅଫିସ,୨୫।୧୦

କମିଶନରେଟ୍ ପୋଲିସ ପକ୍ଷରୁ ନିରାପଦ ଦୀପାବଳି ପାଳନ ନିମନ୍ତେ କଟକଣା ତଥା ସତର୍କତାମୂଳକ ପଦକ୍ଷେପ ନିଆଯିବା ସତ୍ତ୍ୱେ ସୋମବାର ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରାଙ୍କ ସୂଚନା ଅନୁସାରେ, ରାତି ପ୍ରାୟ ୯ଟା ୨୦ ମିନିଟ୍‌ରେ ନୟାସଡ଼କସ୍ଥିତ ଓଟିଏମ୍ ଶୋରୁମ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ କେହି ବ୍ୟକ୍ତି ରକେଟ୍ ବାଣରେ ଅଗ୍ନି ସଂଯୋଗ କରିବାରୁ ତାହା ଉକ୍ତ ଶୋରୁମ୍ ଆଡକୁ ଯାଇଥିଲା। ଫଳରେ ଉକ୍ତ ସୋରୁମ୍‌ର ସମ୍ମୁଖ ଭାଗ ଜଳିବାକୁ ଲାଗିଲା। କପଡ଼ା ଶୋରୁମ୍ ହୋଇଥିବାରୁ ଖୁବ୍‌ଶୀଘ୍ର ନିଆଁ ବ୍ୟାପିବାକୁ ଲାଗିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପ୍ରାୟ ଦେଢ଼ ଘଣ୍ଟା ପରିଶ୍ରମ କରି ନିଆଁ ଆୟତ୍ତ କରିଥିଲେ। ଉକ୍ତ ଶୋରୁମର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଭିତରେ ଥିବା ବହୁ ପରିମାଣର କପଡ଼ା ସାମଗ୍ରୀକୁ ରକ୍ଷା କରାଯାଇପାରିଛି। ଏଥିରେ ପ୍ରାୟ ୧ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଗ୍ନିଶମ ଅଧିକାରୀ କହିଛନ୍ତି। ସେହିପରି ବିଡ଼ାନାସୀ ଅଞ୍ଚଳରେ ରକେଟ ବାଣ ଏକ କାର ଉପରେ ପଡ଼ିବାରୁ ତାହା ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ସୂଚନାଯୋଗ୍ୟ, ଦୀପାବଳିରେ ବାଣ ଫୁଟାଇବା ନିମନ୍ତେ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ସମୟ ପୋଲିସ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। ସହର ଭିତରେ ବାଣ ନ ଫୁଟାଇବାକୁ କୁହାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ସହରରେ ୫୦ ପ୍ଲାଟୁନ୍ ଫୋର୍ସ ସମେତ ୩୦୦ରୁ ଅଧିକ ପୋଲିସ ଅଧିକାରୀ ନିୟୋଜିତ ଥିବାବେଳେ ସହର ଭିତରେ ବାଣ ଫୁଟୁଥିବା ଦେଖିବାକୁ ମିଳିଥିଲା।



ଦୀପାବଳି ଉପଲକ୍ଷେ କଟକ ଶିଖରପୁର ଶ୍ୟାମାକାଳୀ ମନ୍ଦିର ସମ୍ମୁଖରେ ଅଖଣ୍ଡ ଭଜନ ସମାରୋହ।

# ମନ୍ଦିରରେ ଦୀପଦାନ, ଭଜନ ସମାରୋହ

**ମା' କାଳୀଙ୍କ ପୂଜାର୍ଚ୍ଚନା**

କଟକ ଅଫିସ/ଚୌଦ୍ୱାର, ୨୫।୧୦(ଡି.ଏନ୍.ଏ.)

ସୂର୍ଯ୍ୟୋପରାଗ ଯୋଗୁ ପୂର୍ବ ନିର୍ଦ୍ଧାରିତ ନିୟମ ଅନୁଯାୟୀ କଟକ ସହରର ସମସ୍ତ ପୀଠ ଓ ପୂଜା ମଣ୍ଡପରେ କାଳୀପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଖାନ୍‌ନଗର ଦକ୍ଷିଣକାଳୀ ମନ୍ଦିର, ଶିଖରପୁର କାଳିଆବୁଦା ଦକ୍ଷିଣକାଳୀ ମନ୍ଦିର ସମେତ ରାଣୀହାଟ, ବାଖରାବାଦ, ମଙ୍ଗଳାବାଗ, ଚୌଧୁରୀବଜାର, ଚାନ୍ଦିନୀଚୌକ, ବାଲୁବଜାର ପୂଜା ମଣ୍ଡପରେ ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାର ସହ ପୂଜାର୍ଚ୍ଚନା କରିଥିଲେ। ଶିଖରପୁରସ୍ଥିତ ଶ୍ୟାମାକାଳୀ ମନ୍ଦିର ସମ୍ମୁଖରେ ଅଖଣ୍ଡ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ନେତା ବିଜୟ ମହାପାତ୍ର, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ଭାଜପା ନେତା ନୟନ କିଶୋର ମହାନ୍ତି, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ଶିଖରପୁର ପୂଜା କମିଟି ସଭାପତି ଜୟନ୍ତ ପ୍ରଧାନ, ବିଜେଡି ନେତା ରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ ନାୟକ, କର୍ପୋରେଟର ସୁବ୍ରତ ଘଡେଇ, ଚିରଞ୍ଜୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମା' ଶ୍ୟାମାକାଳୀ ମନ୍ଦିର ପରିଚାଳନା କମିଟି ସଭାପତି ସରୋଜ ମହାନ୍ତି, ଶିକ୍ଷାବିତ୍ ପ୍ରସନ୍ନ ମହାନ୍ତି, ଆଇନଜୀବୀ ଇଶାନ ମହାନ୍ତି, ଶରତ ଚନ୍ଦ୍ର ପ୍ରଧାନ, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ଅଶୋକ ମହାନ୍ତି, ଶିଖରପୁର ଉପରସାହି ଅଧିକାରୀ ଗଣେଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ କାଳୀପୂଜା ଅନୁଷ୍ଠିତ ହୋଇଥିଲା। ବଧି ପଡ଼ିଆସ୍ଥିତ ଶ୍ମଶାନ ନିକଟ କାଳୀ ମନ୍ଦିରରେ ଗତ ଶନିବାରଠାରୁ ମା'ଙ୍କ ବିଭିନ୍ନ ନୀତି ସହ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ, ନାମ ସଂକୀର୍ତ୍ତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୫ଦିନ ଧରି ଚାଲିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଆ ଭାଷା, ସାହିତ୍ୟ ସମୃଦ୍ଧି ପାଇଁ ସଚେତନତା ବାର୍ତ୍ତା

**ଉତ୍କଳ ସାହିତ୍ୟ ସମାଜର ସାରସ୍ୱତ ଯାତ୍ରା**

କଟକ ଅଫିସ, ୨୫।୧୦

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ସାରସ୍ୱତ ଯାତ୍ରା ଗତ ୨୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହିକା କମିଟିର ସଦସ୍ୟାସଦସ୍ୟମାନେ ଅନୁଷ୍ଠାନ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଚେତନତା ଯାତ୍ରା ଆରମ୍ଭ କରିଥିଲେ। ଅନୁଷ୍ଠାନର ପୃଷ୍ଠପୋଷକ ତଥା ଶିକ୍ଷାବିତ୍ ରବୀନ୍ଦ୍ର ନାଥ ମହାନ୍ତି ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କୁ ଅନୁଷ୍ଠାନର ପତାକା ପ୍ରଦାନ କରିଥିଲେ। ଏହି ଯାତ୍ରା ସମୟରେ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧି କରିବା ପାଇଁ ସଚେତନତା ବାର୍ତ୍ତା ଦିଆଯାଇଥିଲା। କଟକରୁ ଜଗତ୍‌ସିଂହପୁର ଜିଲାକୁ ହୋଇଥିବା ସାରସ୍ୱତ ଯାତ୍ରାରେ ବରପୁତ୍ରମାନଙ୍କ ଜନ୍ମ ଓ ସାଧନା କ୍ଷେତ୍ର ପରିଦର୍ଶନ କରି ପ୍ରତିନିଧି ମଣ୍ଡଳର ସଦସ୍ୟମାନେ ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀଙ୍କୁ ସାକ୍ଷାତ କରିଥିଲେ। ପ୍ରତିନିଧିମାନେ ଝଙ୍କଡ଼ରେ ମା' ଶାରଳାଙ୍କୁ ଦର୍ଶନ କରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରା ଶେଷ ହୋଇଥିଲା।

# ବାପା ଆଣିଲେ ହତ୍ୟା ଅଭିଯୋଗ

**ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ**

କଣ୍ଟାପଡା, ୨୫।୧୦(ଡି.ଏନ୍.ଏ.)

କଟକ ଜିଲା ଓଲଟପୁର ଥାନା ଅଧୀନ ଅଡଶପୁରସ୍ଥିତ ଏକ ଘରୋଇ ହଷ୍ଟେଲରୁ ରଶ୍ମିରେଖା ଖିଲାର ନାମ୍ନୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହକୁ ସୋମବାର ରାତିରେ ପୋଲିସ ଜବତ କରିଛି। ତାଙ୍କ ଘର ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ବଡକଇଁଚି(ବେଦମତୀ) ଗ୍ରାମରେ ହୋଇଥିବାବେଳେ ସେ ଉକ୍ତ ହଷ୍ଟେଲରେ ରହି ସ୍ଥାନୀୟ ୟୁ.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିଲେ। ତେବେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଦୀପାବଳୀ ଅବସରରେ ସୋମବାର ରଶ୍ମିରେଖାଙ୍କ ଦୁଇଜଣ ରୁମ୍‌ମେଟ୍ ହଷ୍ଟେଲ ଛାତ ଉପରକୁ ଦୀପ ଜାଳିବା ପାଇଁ ଯାଇଥିଲେ। ସେ ଏକୁଟିଆ ରୁମ୍ ଭିତରେ ଥିଲେ। କିଛି ଘଣ୍ଟା ପରେ ଛାତ୍ରୀଦ୍ୱୟ ରୁମ୍‌କୁ ଫେରି କବାଟ ବାଡେଇଥିଲେ। ହେଲେ ସେ କବାଟ ଖୋଲି ନ ଥିଲେ। ଖବରପାଇ ହଷ୍ଟେଲ ପରିଚାଳିକା ଏ ସମ୍ପର୍କରେ ଓଲଟପୁର ଥାନାକୁ ଜଣାଇଥିଲେ। ରାତି ପ୍ରାୟ ୧୧ଟାରେ ପୋଲିସ ପହଞ୍ଚି କବାଟ ଖୋଲିବା ପରେ ରୁମ୍ ଭିତରେ ଓଢ଼ଣୀରେ ଛାତ୍ରୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ତାଙ୍କ ପରିବାରକୁ ଜଣାଇବା ପରେ ବିଳମ୍ବିତ ରାତିରେ ରଶ୍ମିରେଖାଙ୍କ ବାପା ହୃଷୀକେଶ ହଷ୍ଟେଲରେ ପହଞ୍ଚିଥିଲେ। ତାଙ୍କ ଝିଅକୁ ହତ୍ୟାକରି ଝୁଲାଇ ଦିଆଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଦଫା ୩୦୨ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା(ନଂ.୧୧୪/୨୨) ରୁଜୁ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏ ସମ୍ପର୍କରେ ଓଲଟପୁର ଥାନା ଆଇଆଇସି ବିଜୟା ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ହତ୍ୟା ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ।

# ରୌପ୍ୟନଗରୀରେ ମା' କାଳୀଙ୍କ ଆରାଧନା



କାଳୀପୂଜା ଅବସରରେ କଟକ ବାଖରାବାଦରେ ପୂଜା ପାଉଥିବା ମା' ଛିନ୍ନମସ୍ତା।



କଟକ ଚାନ୍ଦିନୀଚୌକ।



ମଙ୍ଗଳାବାଗ।



ରାଣୀହାଟ।



ଚୌଧୁରୀ ବଜାର।



ଖାନ୍‌ନଗର ଦକ୍ଷିଣକାଳୀ ମନ୍ଦିରରେ ପୂଜା ପାଉଥିବା ମା'।



ବାଲୁ ବଜାର।



ଶିଖରପୁର କାଳିଆବୁଦା ଦକ୍ଷିଣକାଳୀ ମନ୍ଦିରରେ ମା'ଙ୍କ ପୂଜାର୍ଚ୍ଚନା।